

ତ୍ରିରଙ୍ଗାକୁ ଅପମାନ ବହୁ ମୂଲ୍ୟ ପଡ଼ିବ
ପୃଷ୍ଠା ୪

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 161 ଭାଗ ୩୪ | ସଂଖ୍ୟା ୧୬୧ | Tuesday 1 September 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର, ୧ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦେଶରେ ଦ୍ରୁତ ଅଭିବୃଦ୍ଧି

# ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୭.୮%

### ପ୍ରଭାବିତ କରିପାରିଲାନି ମଧ୍ୟପ୍ରାଚ୍ୟ ଯୁଦ୍ଧ

### ପ୍ରଥମ ତିନି ମାସରେ ନାମମାତ୍ର ଜିଡିପି ୧୦.୩%

### ନିନ୍ଦିତ ହେଲେ ଅଶୁଭବାଦୀ, ଭାରତ ଝଲସିଲା: ମୋଦି




ନୂଆଦିଲ୍ଲୀ,୩୧।୮: ଆମେରିକା-ଇରାନ ଯୁଦ୍ଧ ବି ଭାରତର ଦ୍ରୁତ ଅଭିବୃଦ୍ଧିଶାଳୀ ଅର୍ଥନୀତି ଆଗରେ ହାର ମାନିଛି। ବିଶ୍ୱ ଯୋଗାଣ ଶୃଙ୍ଖଳାରେ ସୃଷ୍ଟି ହୋଇଥିବା ସମସ୍ୟାକୁ ସଫଳତାର ସହ ମୁକାବିଲା କରି ଭାରତୀୟ ଅର୍ଥ ବ୍ୟବସ୍ଥା ନିଜ ଗତି ବଜାୟ ରଖିବାରେ ସଫଳ ହୋଇଛି। ଏହାର ଉଦାହରଣ ହେଉଛି, ଆର୍ଥିକ ବର୍ଷ ୨୦୨୬-୨୭ ପ୍ରଥମ ତ୍ରୈମାସିକ ଜିଡିପି (ମୋଟ ଘରୋଇ ଉତ୍ପାଦ) ତଥ୍ୟ। ସୋମବାର କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ଜିଡିପି ଡାଟା ଜାରି କରାଯାଇଛି।

ଭାରତୀୟ ଅର୍ଥନୀତି ଆର୍ଥିକ ବର୍ଷ ୨୦୨୭ର ଏପ୍ରିଲ-ଜୁନ୍ ତ୍ରୈମାସରେ ୭.୮ ପ୍ରତିଶତର ମଜବୁତ ଅଭିବୃଦ୍ଧି ରେକର୍ଡ କରିଛି। ଗତ ଆର୍ଥିକ ବର୍ଷର ସମାନ ଅବଧିରେ ରେକର୍ଡ ୬.୯ ପ୍ରତିଶତ ବୃଦ୍ଧି ତୁଳନାରେ ବହୁ ଅଧିକ ରହିଛି। ସେହିପରି ଏହି ଅବଧିରେ ଦେଶର ନୋମିନାଲ୍ ଜିଡିପିରେ ୧୦.୩ ପ୍ରତିଶତର ବୃଦ୍ଧି ଘଟିଛି। ଏହି ବୃଦ୍ଧି ମଜବୁତ ଖର୍ଚ୍ଚ ଏବଂ ରପ୍ତାନୀ କାରଣରୁ ହୋଇଛି। ସରକାରଙ୍କ ପୁଞ୍ଜିଗତ ବ୍ୟୟ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ଅର୍ଥ, ରିଅଲ ଇଷ୍ଟେଟ୍, ଆଇଟି, ବୃତ୍ତିଗତ ସେବା କ୍ଷେତ୍ରରେ ୧୨.୧% ଅଭିବୃଦ୍ଧି ଦେଖିବାକୁ ମିଳିଛି। ଏହାର ପ୍ରଭାବ ଟର୍ସିୟାରୀ ବା ତୃତୀୟକ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି କ୍ଷେତ୍ର ୧୦% ଅଭିବୃଦ୍ଧି ହାସଲ କରି ଅର୍ଥବ୍ୟବସ୍ଥାର ଦୃଢ଼ତାରେ ଉଲ୍ଲେଖନୀୟ ଯୋଗଦାନ ଦେଇଛି। ମାଧ୍ୟମିକ କ୍ଷେତ୍ରରେ ୮.୬% ଏବଂ ପ୍ରାଥମିକ କ୍ଷେତ୍ରରେ ୨.୯% ଅଭିବୃଦ୍ଧି ହୋଇଛି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ୩.୬% ଅଭିବୃଦ୍ଧି ରେକର୍ଡ କରାଯାଇଛି। ସେହିପରି ପୁଞ୍ଜି ବ୍ୟୟ କ୍ଷେତ୍ରରେ ଜିଏଫସିଏଫରେ ୧୧.୯% ପୃଷ୍ଠା-୬

### ଏସ୍‌ସି/ଏସ୍‌ଟି ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ବଡ଼ ଆଶ୍ୱସ୍ତି

## ଆଡମିଶନ୍‌ର ୬ ମାସ ପର୍ଯ୍ୟନ୍ତ ଜମା କରିବାକୁ ପଡ଼ିବନି ଫି'

ଭୁବନେଶ୍ୱର,୩୧।୮ (ସଂଚାର ବ୍ୟୁରୋ): ରାଜ୍ୟ ସରକାରୀ ମେଡିକାଲ ଓ ଇଞ୍ଜିନିଅରିଙ୍ଗ୍ କଲେଜରେ ଆଡମିଶନ୍ ବେଳେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ମେଧାବୀ ଗରିବ ଛାତ୍ରଛାତ୍ରୀମାନେ ଅନେକ ସମୟରେ ଆର୍ଥିକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ବର୍ଗର ମେଧାବୀ ଛାତ୍ରଛାତ୍ରୀମାନେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାନ୍ତି। କିନ୍ତୁ ଆଡମିଶନ୍ ବେଳେ ଅର୍ଥ ଜମା କରିବା ପାଇଁ ସେମାନଙ୍କ ପାଖରେ ସମ୍ବଳ ନଥାଏ। ଏଭଳି ଅନେକ ସମ୍ବାଦ ନିୟମିତ ଗଣମାଧ୍ୟମରେ ପ୍ରକାଶ ପାଉଛି। ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଗରିବ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଡମିଶନ୍ ସମୟରେ ଏବଂ ଆଡମିଶନ୍‌ର ୬ ମାସ ପର୍ଯ୍ୟନ୍ତ କୌଣସି ଫି' ଜମା କରିବାକୁ ପଡ଼ିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଏହି ବର୍ଗର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଶ୍ୱସ୍ତି ଆଣିଛି। ଏହି ଛାତ୍ରଛାତ୍ରୀମାନେ ସାଧାରଣତଃ ଉଭୟ ପୃଷ୍ଠା-୬

- ସ୍କଲାରସିପ୍ ଟଙ୍କା ପାଇଲେ ଦେବେ ଆଡ୍‌ମିଶନ୍ ଓ ଟିଉସନ୍ ଫି'
- ଖୁବ୍ ଶୀଘ୍ର ଜାରି ହେବ ମାର୍ଗଦର୍ଶିକା



### ରାଜଧାନୀରେ ଥମୁନି ନାରୀ ନିର୍ଯାତନା

## ନାବାଳିକାଙ୍କୁ ବସ୍‌ରେ ଗଣଦୁଷ୍କର୍ମ

### ବସ୍ ଡ୍ରାଇଭର୍ ଓ କଣ୍ଡକ୍ଟର ଗିରଫ



ନୂଆଦିଲ୍ଲୀ, ୩୧।୮: ଜାତୀୟ ରାଜଧାନୀ ଦିଲ୍ଲୀରେ ପୁଣି ଏକ ନିର୍ଭୟା ଘଟଣା ଲୋକଲୋଚନକୁ ଆସିଛି। ଗୋଟିଏ ଚଳନ୍ତା ସ୍ଲିପର ଏସି ବସ୍‌ରେ ଜଣେ ୧୭ ବର୍ଷିଆ ନାବାଳିକା ବସ୍‌ର ଡ୍ରାଇଭର ଓ କଣ୍ଡକ୍ଟର ଦ୍ୱାରା ଗଣଦୁଷ୍କର୍ମର ଶିକାର ହୋଇଥିବା ସୋମବାର ଦିଲ୍ଲୀ ପୁଲିସ୍ ପ୍ରକାଶ କରିଛି। ପୁଲିସ୍ ସୂଚନା ଅନୁଯାୟୀ, ଅଗଷ୍ଟ ୪ ତାରିଖରେ ବସ୍‌ଟି ଗ୍ରେଟର ନୋଏଡ଼ାର ପରୀ ଚୌକ୍‌ରୁ ନୋଇଡ଼ାର ସେକ୍ଟର ୬୩କୁ ଯାତ୍ରା କରୁଥିବା ବେଳେ ରାତି ପ୍ରାୟ ସାଢ଼େ ୧୧ଟା ବେଳେ ଏହି ଘଟଣା ଘଟିଥିଲା। ପରେ ବସ୍‌ଟି ଆଉଟର ରିଙ୍ଗରୋଡ ଆଡ଼କୁ ଯାଇ ନାବାଳିକାଙ୍କୁ ଫିଙ୍ଗିଦେଇଚାଲିଥିଲା। ଏ ଘଟଣାରେ ମୁଖ୍ୟ ଅଭିଯୁକ୍ତ ବସର ଡ୍ରାଇଭର କୁଲଦୀପ ଓ କଣ୍ଡକ୍ଟର ସନ୍ଦୀପ ପୁଲିସ୍ ଗିରଫ କରିଛି। ଏଥିସହ ବସକୁ ଜବତ କରି ଫୋରେନ୍ସିକ୍ ପରୀକ୍ଷା ପାଇଁ ପଠାଯାଇଛି। ପୁଲିସ କମିଶନର (ନର୍ଥ) ନିହାରିକା ଭଟ୍ଟ ପୃଷ୍ଠା-୬

### ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି

## ୩ରୁ ଭୁବନେଶ୍ୱରରେ ପାଇଲଟ ସର୍ଭେ



ଭୁବନେଶ୍ୱର,୩୧।୮ (ସଂଚାର ବ୍ୟୁରୋ): ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ ଓ ନିର୍ଭୁଲ ଏବଂ ବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭୋଟର ତାଲିକାରେ ଥିବା ତ୍ରୁଟିଗୁଡ଼ିକୁ ଦୂର କରିବା ଲକ୍ଷ୍ୟରେ ରାଜ୍ୟରେ ଏକ ବିଶେଷ ପାଇଲଟ୍ ସର୍ଭେ ଅଭିଯାନ ଭୁବନେଶ୍ୱର ମହାନଗର ନିଗମରେ (ବିଏମସି) ଆରମ୍ଭ ହେବ। ଆସନ୍ତା ୩ରୁ ୧୧ ତାରିଖ ପର୍ଯ୍ୟନ୍ତ ବିଏମସି ଅଧୀନରେ ଥିବା ୩ଟି ବିଧାନସଭା କ୍ଷେତ୍ରରେ ଭୁବନେଶ୍ୱର-ଉତ୍ତର ବିଧାନସଭା କ୍ଷେତ୍ରର ୱାର୍ଡ ନଂ ୧୦, ଭୁବନେଶ୍ୱର ମଧ୍ୟ ବିଧାନସଭା କ୍ଷେତ୍ରର ୱାର୍ଡ ନଂ.୩୫ ଏବଂ ଭୁବନେଶ୍ୱର -ଏକାମ୍ର ବିଧାନସଭା କ୍ଷେତ୍ରର ୱାର୍ଡ ନଂ.୫୨ରେ ଘରକୁ ଘର ସର୍ଭେ କାର୍ଯ୍ୟ ହାତକୁ ନିଆଯାଇଛି। ତେବେ ଆସନ୍ତା ଅକ୍ଟୋବର ୨୬ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଘରକୁ ଘର ସର୍ଭେ କରାଯାଇ ପଞ୍ଚାୟତ ଓ ପୌରାଞ୍ଚଳର ନିର୍ବାଚନ କ୍ଷେତ୍ରଗୁଡ଼ିକର ଭୋଟର ତାଲିକାକୁ ନିର୍ଭୁଲ ଓ ବ୍ୟବସ୍ଥିତ କରାଯିବ।

**ଅକ୍ଟୋବର ୨୬ରୁ ଘରକୁ ଘର ବୁଲିବେ ବୁଥ୍‌ସ୍ତରୀୟ ଅଧିକାରୀ**

ବର୍ତ୍ତମାନ ଗୋଟିଏ ପରିବାରର ସଦସ୍ୟମାନେ ଭିନ୍ନ ଭିନ୍ନ ବୁଥରେ ସାମିଲ ଅଛନ୍ତି। ତା'ସହ ଅସ୍ପଷ୍ଟ ଘର ନମ୍ବର ଭଳି ଜଟିଳ ସମସ୍ୟାର ପୃଷ୍ଠା-୬

### ଏମଏମଡିଆର ସଂଶୋଧନ ବିବାଦ: ସ୍ପଷ୍ଟୀକରଣ ଦେଲା କେନ୍ଦ୍ର

## ରାଜ୍ୟର ସବୁ ବର୍ଗକୁ ମିଳିବ ସଂଶୋଧନ ଫାଇଦା



### ରୟାଲଟି, ନିଲାମ ପ୍ରିମିୟମ, ଡିଏମଏଫ ଆଦୌ ପ୍ରଭାବିତ ହେବନି

### ଧାରା ୯-ଡି ଆର୍ଥିକ ଅନିଶ୍ଚିତତାକୁ ହ୍ରାସ କରିବ, ପ୍ରକଳ୍ପ କାର୍ଯ୍ୟକ୍ଷମତାକୁ ସୁରକ୍ଷା ଦେବ

ନୂଆଦିଲ୍ଲୀ,୩୧।୮: ଏମଏମଡିଆର ଆଇନରେ ସଂଶୋଧନକୁ ନେଇ ଦେଶରେ ବିଶେଷକରି ଓଡ଼ିଶାରେ ପ୍ରବଳ ବିରୋଧ ହେବା ପରେ କେନ୍ଦ୍ର ସରକାର ଏନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ଏଥିସହ ଏହି ସଂଶୋଧିତ ଆଇନ କାର୍ଯ୍ୟକାରୀ ହେଲେ ରାଜ୍ୟବାସୀଙ୍କୁ ମିଳିବାକୁ ଥିବା ଲାଭ ଓ ପୂର୍ବ ବ୍ୟବସ୍ଥାର ନକାରାତ୍ମକ ଦିଗକୁ ଦର୍ଶାଇଛନ୍ତି। କେନ୍ଦ୍ର ସରକାର କହିଛନ୍ତି ଯେ ଏହି ସଂଶୋଧନ ଦ୍ୱାରା ବଡ଼ବିଲର ସ୍କୁଲ ଶିକ୍ଷକ, ଯୋଡ଼ା-ବାମେବାରୀ ରାସ୍ତାର ଟିପର ଡ୍ରାଇଭର, ସୁଭଦ୍ରା କିସ୍ତି ପାଇଁ ଅପେକ୍ଷା କରୁଥିବା କୋରାପୁଟର ଆଦିବାସୀ ମହିଳା, ସୁନ୍ଦରଗଡ଼ରେ ପକ୍କା ଘର ତିଆରି କରୁଥିବା ରାଜମିସ୍ତ୍ରି ଓ କଳିଙ୍ଗ ନଗର କ୍ଲଷ୍ଟରରେ ନିଯୁକ୍ତି ଖୋଜୁଥିବା ଯାଜପୁରର ଯୁବ ସ୍ନାତକ ଲାଭ ପାଇବେ। ଏହାଦ୍ୱାରା ରାଜସ୍ୱ ହ୍ରାସ ପାଇବ ନାହିଁ। ଏନଡିଏ ସରକାରଙ୍କ ଅଧୀନରେ ଖଣି କ୍ଷେତ୍ର ସଂସ୍କାର ଏବଂ ସ୍ୱଚ୍ଛ ନିଲାମ ପରେ ଓଡ଼ିଶାର ଖଣିଜ ରାଜସ୍ୱ ବର୍ତ୍ତମାନ ପ୍ରାୟ ୫୦ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୧୪ ମସିହାରେ ଏହା ମାତ୍ର ୫,୦୦୦ କୋଟି ଟଙ୍କା ଥିଲା। ଏହି ସଂଶୋଧନ ମୁଖ୍ୟ ରାଜ୍ୟ ରାଜସ୍ୱ ଢାଞ୍ଚାକୁ ଉଚ୍ଛେଦ କରିବ ନାହିଁ। ପୃଷ୍ଠା-୬

## ବାଣ କାରଖାନାରେ ବିସ୍ଫୋରଣ: ୧୧ ମୃତ

କୌଶମ୍ବି,୩୧।୮: ଉତ୍ତରପ୍ରଦେଶ କୌଶମ୍ବି ଜିଲ୍ଲାର ଏକ ବାଣ ତିଆରି କାରଖାନାରେ ଆଜି ଏକ ବଡ଼ ଧରଣର ବିସ୍ଫୋରଣ ଘଟି ୧୧ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପିପ୍‌ରି ଥାନା ଅନ୍ତର୍ଗତ ମାନୋରି ଗ୍ରାମରେ ଥିବା ବାଣ ତିଆରି କାରଖାନାରେ ବିସ୍ଫୋରଣ ଘଟିଛି। ବିସ୍ଫୋରଣରେ ପୋଡ଼ି ଯାଇଥିବା ଶ୍ରମିକମାନଙ୍କୁ ପ୍ରୟାଗରାଜସ୍ଥିତ ଏସ୍‌ଆରଏନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୧ ଜଣ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ଏହି ଘଟଣାରେ ୧୮ରୁ ଶ୍ରମିକ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖ ପ୍ରକାଶ କରିବା ସହ ମୃତାହତଙ୍କ ଲାଗି ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମାନୋରି ପାୱାର ହାଉସ ନିକଟରେ ବିସ୍ଫୋରଣ ଘଟିଥିଲା ଓ ଏହା କାରଖାନା ଓ ନିକଟରେ ଥିବା ଘରଗୁଡ଼ିକୁ କ୍ଷତି ପହଞ୍ଚାଇଥିଲା ଡଜନେରୁ ଅଧିକ ଦମକଳ ବାହିନୀ ଓ ପାଖାପାଖି ଦୁଇ ଡଜନ ଆମ୍ବୁଲାନ୍ସକୁ ନିଆଁଳିଭା ଓ ଉଦ୍ଧାର କାର୍ଯ୍ୟରେ ମୃତୟନ କରାଯାଇଥିଲା। ସେହିପରି କାରଖାନା ନିକଟରେ ଥିବା ୫ରୁ ୬ଟି ଘର ବିସ୍ଫୋରଣରେ ଭୁଶୁଡ଼ି ପଡ଼ିଛି।

### ସ୍ୱାୟତ୍ତ ଶାସନ ଦିବସ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଭେଟି

## ୬୨ ପୌରାଞ୍ଚଳ ପାଇଁ ୩୨୩ କୋଟିର ୫୯୩ଟି ପ୍ରକଳ୍ପ

- ନବଗଠିତ ୨୮ ଏନଏସି ପାଇଁ ୫୬୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ୍
- 'ସହଯୋଗ' ଜରିଆରେ ସରକାରୀ ଯୋଜନାରେ ଯୋଡ଼ି ହେଲେ ୭୮୮୬ ପରିବାର
- ପ୍ରତି ନାଗରିକଙ୍କୁ ସମ୍ମାନର ସହ ସେବା ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ




ଭୁବନେଶ୍ୱର,୩୧।୮ (ସଂଚାର ବ୍ୟୁରୋ): ଆମ ସହର କେବଳ ବାସ ସ୍ଥାନ ନୁହେଁ, ସହର ହେଉଛି ରୋଜଗାର, ଉଦ୍ୟମ, ଶିକ୍ଷା ଓ ସମୃଦ୍ଧିର କେନ୍ଦ୍ର। ସହରଗୁଡ଼ିକୁ ଆମକୁ ଏଭଳି ଅର୍ଥନୈତିକ କେନ୍ଦ୍ର ଭାବେ ଗଢ଼ିବାକୁ ହେବ, ଯେଉଁଠି ଯୁବପିଢ଼ି ନୂଆ ସୁଯୋଗ ପାଇବେ, ଉଦ୍ୟୋଗୀମାନେ ଆଗକୁ ବଢ଼ିବେ ଏବଂ ନୂଆ ରୋଜଗାର ସୃଷ୍ଟି ହେବ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ପାଳନ ଅବସରରେ ମତ ବ୍ୟକ୍ତ କରିଛନ୍ତି। ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ସମାରୋହରେ ମୁଖ୍ୟମନ୍ତ୍ରୀ ନବଗଠିତ ୨୮ଟି ଏନଏସିରେ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ୫୬୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ପ୍ରତ୍ୟେକ ଏନଏସି ପାଇଁ ୨୦ କୋଟି ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ। ଏଥିରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ରାସ୍ତା, ଡ୍ରେନ୍, ମାର୍କେଟ ଓ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ସମ୍ପନ୍ନ ହେବ। ଏଥିସହ ୬୨ଟି ପୌରାଞ୍ଚଳ ପାଇଁ ୩୨୩ କୋଟି ଟଙ୍କା ବିନିଯୋଗରେ ୫୯୩ଟି ପ୍ରକଳ୍ପର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧିନରେ କାର୍ଯ୍ୟକାରୀ ହେବ। ଏଥିରେ ୧୦୨ କୋଟି ଟଙ୍କା ମୂଲ୍ୟର ୪୨୩ଟି ପ୍ରକଳ୍ପର ଉଦ୍‌ଘାଟନ ଥିବା ବେଳେ ୨୨୧ କୋଟି ଟଙ୍କା ମୂଲ୍ୟର ୧୭୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ରହିଛି। ପୌର ସଂସ୍ଥାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ନାଗରିକଙ୍କୁ ସମ୍ମାନର ପୃଷ୍ଠା-୬

## ଦମ୍ପତିଙ୍କ ସହ ଝିଅ-ପୁଅ ମୃତ



**ଜଳଖିଆ ଖାଉଥିବା ବେଳେ ମାଡ଼ିଆସିଲା ପାଣି**

ଭୁବନେଶ୍ୱର,୩୧।୮ (ସଂଚାର ବ୍ୟୁରୋ): ନେପାଳର ତ୍ରିଶୂଳୀ ନଦୀରେ ଘଟିଥିବା ଭୟଙ୍କର ବନ୍ୟା ବିଭୀଷିକାରୁ କେତେକ ଓଡ଼ିଆ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ ମଧ୍ୟ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ନିକଟସ୍ଥ ସାରୁ ଗ୍ରାମର ଏକ ପରିବାର ସେତେଟା ସୌଭାଗ୍ୟଶାଳୀ ହୋଇପାରିନାହାନ୍ତି। ବରଂ ବିଭୀଷିକାରେ ଉକ୍ତ ପରିବାରର ୪ ଜଣ ସଦସ୍ୟ ପ୍ରାଣ ହରାଇଛନ୍ତି। ସେମାନେ ହେଲେ ମନ୍ମଥ ପାଢ଼ୀଙ୍କ ଝିଅ ସୁରଭି (୪୪), ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲା ପାର୍ବତୀପୁରମ ନିବାସୀ ତାଙ୍କ ସ୍ୱାମୀ ସନ୍ତୋଷ ସାହୁ (୪୬), ପୁଅ ସ୍ପନ୍ଦନ ସାହୁ (୧୮) ଓ ଝିଅ ସ୍ୟାନା କୁମାରୀ ସାହୁ (୧୩)। ସନ୍ତୋଷ ପୃଷ୍ଠା-୬

## ନେପାଳ ବିଭୀଷିକା: ୯୦୦ ଟପିଲା ମୃତ୍ୟୁସଂଖ୍ୟା

କାଠମାଣ୍ଡୁ: ନେପାଳ-ଚୀନ୍‌ର ତିବ୍ବତ-ହିମାଳୟ ସୀମାନ୍ତରେ ଘଟିଥିବା ପ୍ରଳୟଙ୍କରୀ ଜଳ ପ୍ରଳୟର ମୃତ୍ୟୁସଂଖ୍ୟା ୯୩୯କୁ ବୃଦ୍ଧି ପାଇଛି। ବନ୍ୟା ବିଭୀଷିକାରେ ନିଖୋଜଙ୍କ ସଂଖ୍ୟା ୩,୯୨୫ ଛୁଇଁଛି। ଷଷ୍ଠ ଦିନରେ ବି ଉଭୟ ଚୀନ୍ ଓ ନେପାଳ ଉପାନ୍ତରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅପରପକ୍ଷରେ ଚୀନ ପାର୍ଶ୍ୱରେ ୧୬ ଜଣ ପ୍ରାଣ ହରାଇଥିବା ଓ ୫୪୬ ଜଣ ନିଖୋଜ ଥିବା ଚୀନର ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି। ନେପାଳର ନିଖୋଜ ତାଲିକାର ଏବେ ମଧ୍ୟ ୫୯୨ ଜଣ ବିଦେଶୀ ପୃଷ୍ଠା-୬



### କାନ ଡେରିଥା

ଲାଗୁଛି ଏଥର ନିର୍ବାଚନ ବେଳେ
କାହାକୁ ଯେ ଦେବା ଭୋଟ
କିଏ ବାଣ୍ଟୁଅଛି ଟଙ୍କିଆ ଚାଉଳ
କିଏ ଯେ ବାଣ୍ଟୁଛି ନୋଟ
ଦେଶୀ ରେ ପୁରିବ ପେଟ...
ଭୋଟ ପୂର୍ବରୁ ଗାଁ ଠୁ ସହର
ଚାଲୁଥାଏ ଏହି ନାଟ ।

■ ଦେବାଶିଷ

# ଛଦ୍ମବେଶୀ ଆପ୍ ରଚୁଛନ୍ତି ସାଇବର ଠକେଇର ମାୟାଜାଲ

### ଯୁବବର୍ଗ ଓ ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ୍ କରାଯାଉଛି

### ଆପ୍‌ର ତାଲିକା ଜାରି କଲେ କେନ୍ଦ୍ର ସରକାର



ନୂଆଦିଲ୍ଲୀ,୩୧।୮: ଦେଶରେ ବଢୁଛି ଛଦ୍ମବେଶୀ ଆପ୍। ଟାର୍ଗେଟ୍‌ରେ ଯୁବପିଢି ଓ ବରିଷ୍ଠ ନାଗରିକ। ଏମିତି କିଛି ନକଲି ଆଣ୍ଡ୍ରଏଡ୍ ଆପ୍ଲିକେସନ୍ ମାଧ୍ୟମରେ ଆର୍ଥିକ ଠକେଇ ବୃଦ୍ଧି ପାଇଛି, ଯାହା ଫେସବୁକ୍ ଏବଂ ଇନଷ୍ଟାଗ୍ରାମ ବିଜ୍ଞାପନ ମାଧ୍ୟମରେ ପ୍ରସାରିତ ହେଉଛି। 'ନାଇଟ୍ ପ୍ଲେ', 'ରିଲୁପ୍', 'କିସ୍', 'ଭିମୋ', 'ରିଭୋ', 'ନେକ୍ସୋ', 'ଭିକ୍ସା' ଭଳି ଆପ୍ ଏବେ ଲୋକଙ୍କ ପାଇଁ ବିପଦ ହୋଇଛି। ଏହାଛଡ଼ା ଅନ୍ୟାନ୍ୟ ସମାନ ପ୍ରକାର ନାମରେ ଆଉ କିଛି ଆପ୍ ମଧ୍ୟ କାର୍ଯ୍ୟ କରୁଛି।

ଏହି ଆପ୍ଲିକେସନଗୁଡ଼ିକ ମୁଖ୍ୟତଃ ଫେସବୁକ୍ ଏବଂ ଇନଷ୍ଟାଗ୍ରାମରେ ବିଜ୍ଞାପନ ମାଧ୍ୟମରେ ଆସୁଛି, ଯାହା ଅଶ୍ଳୀଳ ବିଷୟବସ୍ତୁ ପ୍ରଦାନ କରୁଥିବା ୱେବସାଇଟ୍‌କୁ ପୁନଃନିର୍ଦ୍ଦେଶିତ ହୋଇଥାଏ ଏବଂ ବ୍ୟବହାରକାରୀଙ୍କୁ ଏପିକେ ଡାଉନଲୋଡ୍ କରିବାକୁ କୁହାଯାଇଥାଏ। ଯାହା ଜରିଆରେ ସହଜରେ ଆର୍ଥିକ ଠକେଇ କରାଯାଇଥାଏ। କେତେକ ଆପ୍ ଏକ ଭିପିଏନ ମଧ୍ୟ ଇନଷ୍ଟଲ କରନ୍ତି, ଯାହା ଅଶ୍ଳୀଳ ଓ ଅପରାଧିକ କାର୍ଯ୍ୟକଳାପ ସମ୍ବନ୍ଧୀୟ ଇଣ୍ଟରନେଟ୍ ଟ୍ରାଫିକକୁ ମାର୍ଗରେ ରଖିବା ପାଇଁ ବ୍ୟବହୃତ ହୋଇପାରେ।

ଏହି ଅଶ୍ଳୀଳ ଆପ୍ଲିକେସନ୍ ପର୍ଣ୍ଣୋଗ୍ରାଫିକ୍ ବିଷୟବସ୍ତୁ ସମ୍ବନ୍ଧୀୟ ବିଜ୍ଞାପନ କିମ୍ବା ଫେସବୁକ୍ ଏବଂ ଇନଷ୍ଟାଗ୍ରାମରେ ଲିଙ୍କ ମାଧ୍ୟମରେ ବିତରଣ କରାଯାଉଛି। ଏହି ବିଜ୍ଞାପନଗୁଡ଼ିକ ଫିଶିଂ ୱେବସାଇଟକୁ ପୁନଃନିର୍ଦ୍ଦେଶିତ ହୋଇଥାଏ। ୱେବସାଇଟର ଡୋମେନ୍‌ଗୁଡ଼ିକ ମୁଖ୍ୟତଃ 'ଡଟ ଲାଇଭ'ର ଶ୍ରେଣୀଭୁକ୍ତ। ବ୍ୟବହାରକାରୀମାନେ ଗୁଗଲ୍ ପ୍ଲେ ଷ୍ଟୋର୍ ବାହାରେ ଥିବା ଉତ୍ସରୁ ଏପିକେ ଡାଉନଲୋଡ୍ ଏବଂ ଇନଷ୍ଟଲ୍ କରିବାକୁ ପ୍ରବର୍ତ୍ତିତ ହୁଅନ୍ତି।

ପ୍ରଥମ, ପ୍ରାରମ୍ଭିକ ଆପ୍ ଦ୍ୱାରା ଅପବ୍ୟବହାର କରାଯାଇଥିବା ଅନୁମତି ଉପରେ ଆଧାର କରି ଏକ ଆପ୍ ଅପଡେଟ୍ ବାହାନା କରି ଏକ ସେକେଣ୍ଡାରୀ ପ୍ୟାକେଜ୍ ଡାଉନଲୋଡ୍ ଏବଂ ଇନଷ୍ଟଲ୍ ହୋଇଥାଏ। ଇନଷ୍ଟଲ ହେବା ପରେ ଆପ୍ଲିକେସନ୍ ବ୍ୟବହାରକାରୀଙ୍କୁ କେତେକ ସମ୍ବେଦନଶୀଳ ଅନୁମତି ପ୍ରଦାନ କରିବାକୁ କୁହେ। ଥରେ ସକ୍ଷମ ହୋଇଗଲେ, ମାଲୱେର୍ ଉପକରଣର ନିୟନ୍ତ୍ରଣ ଲାଭ କରେ। କେତେକ ଆପ୍ ଡିଭାଇସରେ ଏକ ଭିପିଏନ ମଧ୍ୟ ଇନଷ୍ଟଲ କରିପାରେ, ଯାହାଦ୍ୱାରା ସାଇବର ଆକ୍ରମଣକାରୀ-ନିୟନ୍ତ୍ରିତ ସର୍ଭର ମାଧ୍ୟମରେ ସମସ୍ତ ଇଣ୍ଟରନେଟ୍ ଟ୍ରାଫିକ୍ ରୁଟ୍ ହୋଇଥାଏ। ଏହା ବ୍ୟବହାରକାରୀଙ୍କ ତଥ୍ୟ ସହ ଆପୋଷ ବୁଝାମଣା କରିଥାଏ, ଯାହା ପରବର୍ତ୍ତୀ ସମୟରେ କୁତ୍ସିତ କିମ୍ବା ଅପରାଧିକ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ହୋଇପାରେ। ଏଭଳି ଆପ୍ ଇନଷ୍ଟଲ କରିବା ଦ୍ୱାରା ଆର୍ଥିକ ଠକେଇ ହୋଇପାରେ।

ଏଭଳି ଠକେଇରୁ ବର୍ତ୍ତିବା ପାଇଁ ଏବେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବ୍ୟାପକ ସତର୍କତା ନେଇ ସଚେତନତା ସୃଷ୍ଟି କରୁଛି। ତଥାପି ଅଜ୍ଞାନତା ହେଉ କି ଅଶ୍ଳୀଳ ଭିଡିଓ ପାଇଁ ଲୋକେ ଏହିସବୁ ଆପ୍‌ର ଜାଲରେ ପଡୁଛନ୍ତି, ଯାହାକୁ ନେଇ ନ୍ୟାସନାଲ ସାଇବର କ୍ରାଇମ୍ ଥ୍ରେଟ୍ ଆନାଲିଟିକ୍ସ ୟୁନିଟ୍ (ଏନସିଟିଏୟୁ) ଛଦ୍ମବେଶୀ ଆପ୍‌ର ତାଲିକା ମଧ୍ୟ ଜାରି ପୃଷ୍ଠା-୬

# ଅଜଣା ରୋଗରେ ପୀଡିତ ସୁଧୀରଙ୍କୁ ସହାୟତା ଯୋଗାଇଦେଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



କେନ୍ଦ୍ରାପଡ଼ା,୩୧।୮(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ରାହାମା ବ୍ଲକ ଅନ୍ତର୍ଗତ ସାଇଲୋ ପଞ୍ଚାୟତ ଅନ୍ତର୍ଗତ ଛୋଟିବର ଗ୍ରାମ ର ସୁଧୀର କୁମାର ସାହୁ ତାଙ୍କ ସ୍ତ୍ରୀ ଓ ପୁଅ କୁ ନେଇ ପରିବାର ପ୍ରତିପୋଷଣ କରିଆସୁଥିଲେ। ହଠାତ୍ ସୁଧୀର ଏକ ଅଜଣା ରୋଗ ରେ ପୀଡିତ ହେଲେ। ଦୀର୍ଘ ବର୍ଷ କାଳ ଚିକିତ୍ସା ରେ ନିଜର ସବୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହରାଇ ସେ ଏବେ ଅସହାୟ। ଏବେ ବି ଆହୁରି ଅସ୍ତ୍ରପ୍ରଚାର ବାକି ରହିଛି। ଯାହା ପାଇଁ ଅର୍ଥର ଆବଶ୍ୟକ। ଏହି ପରିସ୍ଥିତିରେ ଘର ଚାଲିବା କଷ୍ଟକର।

ଏହି ଘଟଣା ଗଣମାଧ୍ୟମରେ ଜାଣିବାକୁ ପାଇ ସାହାଯ୍ୟର ହାତ ବଢ଼ାଇଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ। ଟ୍ରଷ୍ଟର କର୍ମକର୍ତ୍ତାମାନେ ସୁଧୀରଙ୍କ ପରିବାର ପାଇଁ ବସ୍ତ୍ର, ରାସନ ସାମଗ୍ରୀ ସହ ଅନ୍ୟାନ୍ୟ ସହାୟତା ଯୋଗାଇ ଦେଇଛନ୍ତି। ତାଙ୍କର ଅଜଣା ରୋଗର କିପରି ଚିକିତ୍ସା ଚାଲିଛି ବୁଝିବା ସହ ଏହି ଚିକିତ୍ସାର ପୂର୍ଣ୍ଣାଙ୍ଗ ପାଇଁ ଆଲୋଚନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ଟ୍ରଷ୍ଟର ପରାମର୍ଶଦାତା ନିମାଇଁ ଚରଣ କର, ଟ୍ରଷ୍ଟର ମୁଖପାତ୍ର ପ୍ରମୋଦ ନାୟକ, ଚିତ୍ତରଞ୍ଜନ ବସନ୍ତିଆ, ସୁରେନ୍ଦ୍ରନାଥ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତାରେ ଲହଡ଼ି ଭାଙ୍ଗୁଛି ଡ୍ରେନ୍ ପାଣି



କେନ୍ଦ୍ରାପଡ଼ା,୩୧।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ପୌରପାଳିକା ଅନ୍ତର୍ଗତ ୨ ନମ୍ବର ୱାର୍ଡର ଇଚ୍ଛାପୁର ବଡ଼ବାରଙ୍ଗ ଗାଁରେ ଦୁଇ ଫୁଟରୁ ଉଚ୍ଚର ପାଣି ଦେଖିବାକୁ ମିଳିଛି।

ସୂଚନା ଅନୁସାରେ ଇଚ୍ଛାପୁର - କେନାଲରୋଡ଼ ଆର.ଡି ରାସ୍ତାର ବଡ଼ ବାରଙ୍ଗ ଗ୍ରାମରାସ୍ତାରେ ଜମି ରହୁଛି ନର୍ଦ୍ଦମା ପାଣି। ଏହି ରାସ୍ତା ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଆର.ଡି ଅଫିସ,ଆର. ଡବ୍ଲୁ. ଏସ.ଏସ ଅଫିସ, ଇଲେକ୍ଟ୍ରି ଅଫିସ ସହିତ ଶହଶହ ଶ୍ରଦ୍ଧାଳୁ ପ୍ରଭୁ ବଳଦେବଜୀଉ ମନ୍ଦିରକୁ ଦର୍ଶନ ପାଇଁ ପ୍ରତିଦିନ ଏହି ରାସ୍ତାରେ ଦୁର୍ଘଟଣାର ଶିକାର ହୋଇ ହସ୍ପିଟାଲ ଯାଉଛନ୍ତି। ପ୍ରାଥମିକ ବିଦ୍ୟାଳୟ ଥିବାରୁ ଛାତ୍ରଛାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ପଡୁଛନ୍ତି।

ଗର୍ଭବତୀ ମହିଳା, ଛୋଟ ଛୋଟ ପିଲାମାନେ ଅଙ୍ଗନବାଡି କେନ୍ଦ୍ରକୁ ଆସିବା ବେଳେ ପଡି ଖଣ୍ଡିଆଖିପରା ହୋଇ ଯାଉଛନ୍ତି। ଏହି ରାସ୍ତା କଡ଼ରେ ଏକ ଡ୍ରେନ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।

# କୋଡ଼ିଏ ମାସ ପରେ ବି ବିଡିଓ ପଦବୀ ଫାଙ୍କା

## ତହସିଲଦାରଙ୍କ ହାତରେ ବିଡିଓ ଦାୟିତ୍ୱ

## ସ୍ଥାୟୀ ନିଯୁକ୍ତିକୁ ନେଇ ଉଠିଲା ପ୍ରଶ୍ନ



ମହାକାଳପଡ଼ା,୩୧।୮ (ସଂଚାର ବ୍ୟୁରୋ): ଦୀର୍ଘ କୋଡ଼ିଏ ମାସ ବିତିଗଲାଣି। ହେଲେ ମହାକାଳପଡ଼ା ବ୍ଲକ୍‌ରେ ଏଯାଏଁ ସ୍ଥାୟୀ ବିଡିଓ ନିଯୁକ୍ତି ହୋଇପାରିନାହିଁ। ଫଳରେ ତହସିଲଦାରଙ୍କୁ କାମଚଳା ବିଡିଓ ଦାୟିତ୍ୱ ଦିଆଯାଇ ବ୍ଲକ୍ ପ୍ରଶାସନ ଚାଲିଛି। ଦୀର୍ଘ ସମୟ ଧରି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ସହ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ମହାକାଳପଡ଼ା ବ୍ଲକ୍‌ର ତତ୍କାଳୀନ ବିଡିଓ ସାଗର ନନ୍ଦଙ୍କ ବଦଳି ପରେ ତତ୍କାଳୀନ ତହସିଲଦାର ଶିବ ମଲ୍ଲିକ ଅତିରିକ୍ତ ବିଡିଓ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ୧୪ ଫେବୃଆରୀ ୨୦୨୪ରେ ସୌମ୍ୟଶ୍ରୀ ପାଣିଗ୍ରାହୀ ମହାକାଳପଡ଼ାର ନୂତନ ବିଡିଓ ଭାବେ ଯୋଗଦେଇଥିଲେ। ତେବେ କାର୍ଯ୍ୟରେ ଯୋଗଦେବାର ପ୍ରାୟ ୯ ମାସ ପରେ, ୨୯ ନଭେମ୍ବରରେ ତାଙ୍କର ବଦଳି ହୋଇଥିଲା।

ତାଙ୍କ ସ୍ଥାନରେ ଆସିବାକୁ ଥିବା ସଞ୍ଜୀବ ସାହୁ ମହାକାଳପଡ଼ାରେ ଯୋଗ ନଦେଇ ୨ ଡିସେମ୍ବରରେ ଡୁଙ୍ଗୁରିପାଲି ବିଡିଓ ଭାବେ ବଦଳି ହୋଇଥିଲେ। ଫଳରେ ନୂତନ ବିଡିଓ ଯୋଗ ନଦେବାରୁ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ୩୧ ଡିସେମ୍ବର ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା।

ପରେ ସୌମ୍ୟଶ୍ରୀ ଦାୟିତ୍ୱରୁ ମୁକ୍ତ ହେବା ପରେ ୧୦ ଡିସେମ୍ବର ୨୦୨୫ ରେ ମହାକାଳପଡ଼ା ତହସିଲଦାର ଭାବେ ଯୋଗଦାନ କରିଥିବା ରବିନାରାୟଣ ଆଚାର୍ଯ୍ୟଙ୍କୁ କାମଚଳା ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ରବିନାରାୟଣ ଆଚାର୍ଯ୍ୟ ତହସିଲଦାରଙ୍କ ସହ ସବ୍‌ରେଜିଷ୍ଟ୍ରାର, ବିଡିଓ ଏବଂ ରାମଚଣ୍ଡୀ ଓ ତାରିଣୀ ମନ୍ଦିର ଟ୍ରଷ୍ଟି ଭଳି ଏକାଧିକ ଦାୟିତ୍ୱ ତୁଲାଉଥିବା ଜଣାପଡ଼ିଛି।

ଏଭଳି ସ୍ଥିତିରେ ଏକପଟେ ତହସିଲଦାରଙ୍କ ଉପରେ ଏକାଧିକ ଦାୟିତ୍ୱ ରହିଥିବା ବେଳେ ଅନ୍ୟପଟେ ବ୍ଲକ୍‌ର ବିକାଶମୂଳକ କାର୍ଯ୍ୟ, ପଞ୍ଚାୟତିରାଜ ବ୍ୟବସ୍ଥା, ଜନକଲ୍ୟାଣକାରୀ ଯୋଜନା ଓ ବିଭିନ୍ନ ପ୍ରଶାସନିକ କାର୍ଯ୍ୟର ତଦାରଖ ପାଇଁ ସ୍ଥାୟୀ ବିଡିଓଙ୍କ ଆବଶ୍ୟକତା ରହିଛି। ତେବେ ଏତେ ଦୀର୍ଘ ସମୟ ଧରି ସ୍ଥାୟୀ ବିଡିଓ ନିଯୁକ୍ତ ନହେବା ପଛରେ କାରଣ କ'ଣ, ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ମହାକାଳପଡ଼ା ଭଳି ବଡ଼ ଓ ସମ୍ବେଦନଶୀଳ ବ୍ଲକ୍‌ରେ ଦୀର୍ଘ ସମୟ ଧରି କାମଚଳା ବିଡିଓଙ୍କ ଭରସାରେ ପ୍ରଶାସନ ଚାଲିବା ଦ୍ୱାରା ବିକାଶମୂଳକ କାର୍ଯ୍ୟ ଓ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ମହାକାଳପଡ଼ା ବ୍ଲକ୍‌ରେ ଜଣେ ସ୍ଥାୟୀ ବିଡିଓ ନିଯୁକ୍ତ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ଗିରଫର ୧୫ ଦିନ ପରେବି ନିଲମ୍ବନ ହୋଇନାହାନ୍ତି ଶିକ୍ଷା ବିଭାଗ କିରାଣି

କେନ୍ଦ୍ରାପଡ଼ା,୩୧।୮(ସଂଚାର ବ୍ୟୁରୋ): ଶିକ୍ଷା ବିଭାଗର ଜଣେ କିରାଣି ଗିରଫ ହେବାର ୧୫ଦିନ ପରେବି ନିଲମ୍ବନ ହୋଇନଥିବା ଅଭିଯୋଗ ହୋଇଛି।

ଘଟଣାରୁ ପ୍ରକାଶ ଯେ ଡେରାବିଶ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ କିରାଣି ରମେଶ ଚନ୍ଦ୍ର ରାଉତ ଜନୈକ ନାବାଳିକାକୁ ଅସଦାଚରଣ କରିବା ଅଭିଯୋଗରେ କେନ୍ଦ୍ରାପଡା ସଦର ଥାନା ପୁଲିସ ଦ୍ୱାରା ଅଗଷ୍ଟମାସ ୧୪ତାରିଖରେ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ଶିକ୍ଷା ବିଭାଗ ପକ୍ଷରୁ ସଦର ଥାନା ପୁଲିସକୁ ଏବାବଦରେ ତଥ୍ୟ ପ୍ରଦାନ ପାଇଁ ଚିଠି ଲେଖାଯିବା ପରେବି ପୁଲିସ ପକ୍ଷରୁ କୌଣସି ଉତ୍ତର ମିଳିନଥିବାରୁ ସଂପୃକ୍ତ କିରାଣିଙ୍କୁ ନିଲମ୍ବନ କରାଯାଇନଥିବା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ କହିଛନ୍ତି। ଅପରପକ୍ଷରେ ଏସମ୍ପର୍କରେ ଶିକ୍ଷା ବିଭାଗରୁ କୌଣସି ଚିଠି ପାଇନଥିବା ସଦରଥାନାଧିକାରୀ ପଦ୍ମାଳୟା ପ୍ରଧାନ କହିଛନ୍ତି।

ସରକାରୀ ନିୟମ ଅନୁଯାୟୀ ଜଣେ ସରକାରୀ କର୍ମଚାରୀ ଗିରଫ ହୋଇ ୨୪ଘଣ୍ଟା ଜେଲରେ ରହିଲେ ତାଙ୍କୁ ଚାକିରୀରୁ ନିଲମ୍ବନ କରାଯିବା କଥା। କିନ୍ତୁ ଏକ୍ଷେତ୍ରରେ ସେହି ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଥିବା ନେଇ ଅଭିଯୋଗ ହୋଇଛି।

# ମାର୍ଶାଘାଇ ପଞ୍ଚାୟତ ସମିତି ବୈଠକ



ମାର୍ଶାଘାଇ,୩୧।୮ (ସଂଚାର ବ୍ୟୁରୋ): ମାର୍ଶାଘାଇ ପଞ୍ଚାୟତ ସମିତିର ସପ୍ତମ ବୈଠକ ସୋମବାର ଦୀର୍ଘ ୧୦ ମାସ ପରେ ଅନୁଷ୍ଠିତ ହୋଇଥିଲା। ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉନ୍ନୟନମୂଳକ ଯୋଜନା ବିଜିବିଓ, କୃଷି ଏବଂ ପରିମଳ ପାନୀୟ ଜଳଯୋଗାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ନଳକୂଅ ମରାମତି ଏବଂ ପାଣି ପମ୍ପ ମରାମତି ନେଇ ସଦସ୍ୟ ମାନେ ଅଭିଯୋଗ କରିବା ପରେ ଗାଡିକୁ ଇନ୍ଧନ ଯୋଗାଣରେ ଅସୁବିଧା ଯୋଗୁଁ ପାନୀୟ ଜଳଯୋଗାଣ ପାଇଁ ନଳକୂଅ, ପମ୍ପ ମରାମତି ପାଇଁ ବଡ଼ ସମସ୍ୟା ହେଉଛି ବୋଲି ଉତ୍ତର ମିଳିଥିଲା ବୋଲି ସମିତି ସଭ୍ୟ କହିଛନ୍ତି। ଗହଗା ପାଟ ଅଂଚଳରେ ବର୍ଷା ଏବଂ ନଦୀବନ୍ୟା ପାଣି ଯୋଗୁଁ ସମସ୍ତ ଫସଲ ନଷ୍ଟ ହୋଇଯାଇଛି, ମାର୍ଶାଘାଇ ବ୍ଲକକୁ ବନ୍ୟା ପ୍ରଭାବିତ ଅଞ୍ଚଳ ଭାବେ ଘୋଷଣା କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇବା ଏବଂ କୃଷି ଋଣ ଛାଡ଼ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାକୁ ପରକୁଳା, ରାଘବପୁର, ବଚ୍ଛରାଇ, ମେହେନ୍ଦିନଗର, ଆଖୁଆ ଦକ୍ଷିଣୀ, ବନ୍ଧକଟା ପଂଚାୟତର ସରପଞ୍ଚ ଦାବୀ କରିଥିଲେ। ପଞ୍ଚାୟତିରାଜ ପ୍ରତିନିଧି ମାନଙ୍କର କାର୍ଯ୍ୟକାଳର ଏଇ ବୈଠକ ପ୍ରାୟତଃ ଶେଷ ବୈଠକ ହୋଇଥିବାରୁ ସମସ୍ତ ସଦସ୍ୟସଦସ୍ୟା ନିଜ ନିଜର ଦାବୀ ରଖିବା ସହିତ ପ୍ରକଳ୍ପ ତାଲିକା ପ୍ରଦାନ କରିଥିଲେ। ଶାନ୍ତି ଶୃଙ୍ଖଳାର ସହିତ ଏହି ବୈଠକ ଶେଷ ହୋଇଥିବା ବିଡ଼ିଓ ତୃପ୍ତି ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

ମାର୍ଶାଘାଇ ସମିତି ସଭ୍ୟ ପ୍ରସନ୍ନ ସାହୁ, ବେରୁହାଁ ସମିତି ସଭ୍ୟ ରଂଜିତ ପ୍ରଧାନ, ପରକୁଳା ସମିତିସଭ୍ୟ ସଞ୍ଜୟ ପାତ୍ର, ବଟିରା ସମିତି ସଭ୍ୟା ସୁନତି ସାହୁ, ଯମପଡା ସଭ୍ୟା ସୁପ୍ରଭା ଜେନା, ଗରଜଙ୍ଗା ସଭ୍ୟ ଶରତ ପ୍ରଧାନ, ଦଶିପୁର ସରପଞ୍ଚ ବିକ୍ରମ କେଶରୀ ଦାଶ, ହିନ୍ଦୁଳିଆ ସରପଞ୍ଚ ମନୋଜ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କେନ୍ଦ୍ରାପଡ଼ା ସବୁ ସାଂସଦ ଙ୍କ ପ୍ରତିନିଧି ପ୍ରଜେଶ ନାୟକ, ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ଭାବେ ପ୍ରତିମା ନାୟକ, ପାଟକୁରା ବିଧାୟକଙ୍କ ପ୍ରତିନିଧି ସୁଧାଂଶୁ ଶେଖର ରାୟ, ଜିଲ୍ଲାପରିଷଦ ସଦସ୍ୟ ପ୍ରମୋଦ ରଥ, ପ୍ରତାପ ମଲ୍ଲିକ, ଦୁର୍ଗାବତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ



କେନ୍ଦ୍ରାପଡ଼ା,୩୧।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟ ଶାସନ ଦିବସ ପାଳିତ ହୋଇଯାଇଛି। ଉଦୟନଗରସ୍ଥିତ ଜିଲ୍ଲା ସଂସ୍କୃତିଭବନରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ରାଜ୍ୟର ପ୍ରଥମ ପୌରପାଳିକା କେନ୍ଦ୍ରାପଡ଼ାକୁ ଏକ ଆଦର୍ଶ ପୌରପାଳିକା ଭାବେ ଗଢ଼ିତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ପୌରାଧ୍ୟକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ପୌରପାଳିକା ଉପାଧ୍ୟକ୍ଷା ଆକବରୀ ଖାତୁନ, ପୌରପାଳିକା ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରାଙ୍କ ସମେତ କାଉନସିଲର ମାନେ ଉପସ୍ଥିତ ଥିଲେ। ସ୍ୱାୟ ଶାସନର ଜନକ ଲର୍ଡ଼ ରିପନଙ୍କ ଦୂରଦୃଷ୍ଟି ଏବଂ ତୃଣମୂଳ ସ୍ତରରେ କ୍ଷମତା ବିକେନ୍ଦ୍ରୀକରଣର ଆଧାର ହେଉଛି ସ୍ୱାୟ ଶାସନ ବ୍ୟବସ୍ଥା ବୋଲି ଜିଲ୍ଲା ପରିଷଦ ସଭାନେତ୍ରୀ ସୁଶ୍ରୀ ଦାସ ମତବ୍ୟକ୍ତ କରିଥିଲେ। ଡ୍ରେନଜ ସମସ୍ୟାର ସମାଧାନ ଓ ପୌରପାଳିକା ଜନସାଧାରଣଙ୍କୁ ମୂଲ୍ୟବୋଧଭିକ ସେବା ପ୍ରଦାନ କରିବାକୁ ଜିଲ୍ଲା ପରିଷଦ ସଭାପତି ତାଙ୍କ ବକ୍ତବ୍ୟରେ କହିଥିଲେ। ପୌରନିର୍ବାହୀ ଅଧିକାରୀ ଶ୍ରୀ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ ଯେ ନୂତନ ପୌର କାର୍ଯ୍ୟାଳୟ ପାଇଁ ମଞ୍ଜୁର ହୋଇଥିବା ୭କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ଖୁବ ଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡରେ ପୁରୁଣା ବସଷ୍ଟାଣ୍ଡରେ ୮୦ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମିତ ଫେଜ-୧ ଓ ଫେଜ-୨ ମାର୍କେଟ କମ୍ପ୍ଲେକ୍ସ ଏବଂ ୭ନମ୍ବର ୱାର୍ଡର ଗୌଡଗୋପରେ ୮୨.୯୧ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମିତ ପୌରସଂସ୍ଥା ପ୍ରଶାସନିକ ସଂପ୍ରସାରଣ ଗୃହ, ବିକ୍ରୟ କାଉଁଟର ଏବଂ ଖତ ଟ୍ରିଟମେ ପ୍ଲାଣ୍ଟକୁ ଉଦଘାଟନ କରିଥିଲେ।

ଏହାବ୍ୟତିତ ୬୫.୪୩ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ଗୋପବନ୍ଧୁ ପାଠାଗାରାର ଉପର ମହଲା ନିର୍ମାଣ, ୫୦ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନୂଆ ବସଷ୍ଟାଣ୍ଡରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ଉର୍ଦ୍ଧୁ ପାଠାଗାର ଗୃହର ଉପର ମହଲାରେ ୬୫.୨୭ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ବହୁମୁଖୀ ସଂସ୍କୃତି ହଲ ନିର୍ମାଣ,୨କୋଟି ୫୮ଲକ୍ଷ ୮୮ହଜାର ଟଙ୍କା ବ୍ୟୟ ଅଟ୍ଟକଳରେ୨୧ନମ୍ବର ୱାର୍ଡର ଉଦୟନଗର ଠାରେ ଥିବା ପୁରୁଣା କଲ୍ୟାଣ ମଣ୍ଡପର ନବୀକରଣ ଓ ବହୁମୂଖୀ ହଲ ନିର୍ମାଣ, ଏକକୋଟି ୪୯ଲକ୍ଷ ୮୦ହଜାର ଟଙ୍କା ବ୍ୟୟ ଅଟ୍ଟକଳରେ ତିନିମୁହାଣି ଠାରୁ ନୂଆ ବସଷ୍ଟାଣ୍ଡ ଆଡକୁ ଥିବା ମୁଖ୍ୟ ରାସ୍ତାର ଉନ୍ନତିକରଣ, ୫୨ଲକ୍ଷ ୧୮ହଜାର ଟଙ୍କାରେ ତୁଳସୀ ମହାବିଦ୍ୟାଳୟର ଦୁଇଟି ଶ୍ରେଣୀକକ୍ଷର ନିର୍ମାଣ, ୫୦ଲକ୍ଷ ୩୫ହଜାର ଟଙ୍କା ବ୍ୟୟ ଅଟ୍ଟକଳରେ ୫ନମ୍ବର ୱାର୍ଡରେ ଶ୍ରୀବଳଦେବଜୀଉ ପାଠାଗାର ଗୃହ ନିର୍ମାଣ ପ୍ରଭୃତି ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ ମଧ୍ୟ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡରେ କରିଥିଲେ।

ଏହି ଉତ୍ସବରେ କେନ୍ଦ୍ରାପଡା ମାଟିର ସୁଯୋଗ୍ୟ ସନ୍ତାନ ସ୍ତମ୍ଭକାର ଶ୍ରୀରାମ ଦାଶ, ସାମ୍ବାଦିକ ଅକ୍ଷୟ କୁମାର ପତି ଓ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସ ଓ କବି ଡ. ବିରଜା ପ୍ରସାଦ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସମ୍ମାନିତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସ୍ୱାୟ ଶାସନ ଦିବସ ପାଳନ ଅବସରରେ ପୌରପାଳିକା ପକ୍ଷରୁ ସକାଳେ ରାମଧୂନ, ପ୍ରଭାତଫେରୀ, ପତାକା ଉତ୍ତୋଳନ, ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

# ବ୍ଲକ କାର୍ଯ୍ୟାଳୟରେ ଅଳିଆ ଆବର୍ଜନା

## ସ୍ୱଚ୍ଛ ଭାରତ ଅଭିଯାନକୁ ନେଇ ଉଠିଲା ପ୍ରଶ୍ନ




ମାର୍ଶାଘାଇ,୩୧।୮(ସଂଚାର ବ୍ୟୁରୋ): ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନକୁ ଗୁରୁତ୍ୱ ଦିଆଯାଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ପରିସରର ଅସ୍ୱଚ୍ଛ ପରିବେଶ ଏବେ ଚର୍ଚ୍ଚାର ବିଷୟ ହୋଇଛି। ବ୍ଲକ କାର୍ଯ୍ୟାଳୟ ଭିତରେ ଥିବା ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଓ ସମ୍ମିଳନୀ କକ୍ଷ ପରିସରରେ ଦୀର୍ଘଦିନ ଧରି ଲଟା, କଣ୍ଟା ଓ ଅଳିଆ ଆବର୍ଜନା ପଡ଼ି ରହିଥିବା ଅଭିଯୋଗ ହୋଇଛି।

ବ୍ଲକ କାର୍ଯ୍ୟାଳୟକୁ ବିଭିନ୍ନ ସମସ୍ୟା ଓ ଅଭିଯୋଗ ନେଇ ପ୍ରତିଦିନ ଲୋକମାନେ ଆସୁଥିବା ବେଳେ ବସିବା ପାଇଁ ଆବଶ୍ୟକ ସ୍ଥାନର ମଧ୍ୟ ଅଭାବ ଦେଖାଦେଇଛି। ଏପରିକି କାର୍ଯ୍ୟାଳୟ ସମ୍ମୁଖରେ ଥିବା ଚେୟାରମ୍ୟାନ କାର୍ଯ୍ୟକ୍ରମ ସ୍ଥଳରେ ମଧ୍ୟ ଅଳିଆ ଆବର୍ଜନା ପଡ଼ି ରହିଥିବା ଅଭିଯୋଗ ରହିଛି।

ଅଳିଆ ଆବର୍ଜନା ଯୋଗୁଁ ବିଭିନ୍ନ ପ୍ରକାର ବିଷଧର ସାପ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଭୟ ମଧ୍ୟ ରହୁଛି। ଦୀର୍ଘଦିନ ଧରି ସଫେଇ ହେଉନଥିବାରୁ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି।

ସ୍ୱଚ୍ଛତା ଅଭିଯାନର ବାର୍ତ୍ତା ଦେଉଥିବା ପ୍ରଶାସନିକ କାର୍ଯ୍ୟାଳୟ ନିଜେ ଯଦି ଅସ୍ୱଚ୍ଛ ରହେ, ତେବେ ସ୍ୱଚ୍ଛ ଭାରତ ଅଭିଯାନର ବାସ୍ତବ ଚିତ୍ର ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ତୁରନ୍ତ ଅଳିଆ ଆବର୍ଜନା ସଫେଇ କରି ପରିସରକୁ ସ୍ୱଚ୍ଛ ରଖିବାକୁ ସାଧାରଣରେ ଦାବି ହୋଇଛି।

# 'ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍' ଉଦ୍‌ଘାଟିତ



ଢେଙ୍କାନାଳ,୩୧।୮ (ସଂଚାର ବ୍ୟୁରୋ): ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ, ଦ୍ରୁତ ଓ ସୁବିଧାଜନକ କରିବା ଦିଗରେ ଏକ ନୂଆ ପଦକ୍ଷେପ ସ୍ୱରୂପ ଢେଙ୍କାନାଳରେ ଆଜି 'ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍' ଉଦ୍‌ଘାଟିତ ହୋଇଛି। ଓଡ଼ିଶା ସରକାର ଏବଂ ଜାତିସଂଘ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମର ମିଳିତ ପଦକ୍ଷେପରେ ଏହି ପ୍ରଯୁକ୍ତିଭିତ୍ତିକ ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥା ଆରମ୍ଭ କରାଯାଇଛି।

ଏହି ଉନ୍ନତ ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥାକୁ ଓଡ଼ିଶାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ୟୁଏନ୍ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ, ଭାରତର ଉପନିର୍ଦ୍ଦେଶିକା ସୁଶ୍ରୀ ନୋଜୋମି ହାଶିମୋଟୋ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସୁଶ୍ରୀ ହାଶିମୋଟୋ କହିଥିଲେ ଯେ, ଏହି ପ୍ରକଳ୍ପ ପ୍ରଯୁକ୍ତି, ସ୍ୱଚ୍ଛତା ଓ ମାନବିକ ସେବାର ଏକ ସୁନ୍ଦର ସମନ୍ୱୟ। ଏହା ଭାରତର ଖାଦ୍ୟ ବଣ୍ଟନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବାରେ ସହାୟକ ହେବ।

ଏହି ମେସିନ୍‌ର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ, ଓଡ଼ିଶା ଫିଲ୍ଡ ଅଫିସ୍‌ର ମୁଖ୍ୟ ଶ୍ରୀ ହିମାଂଶୁ ବଳ କହିଥିଲେ ଯେ, ବର୍ତ୍ତମାନର ଲଜିଷ୍ଟିକ୍‌ସ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମେସିନ୍ ଏକ ସମୟରେ ୨୫ କିଲୋଗ୍ରାମ ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ବଣ୍ଟନ କରିପାରିବ। ଏହାର ଆଉ ଏକ ବିଶେଷ ସୁବିଧା ହେଉଛି, ହିତାଧିକାରୀମାନେ ନିଜର ସମ୍ପୂର୍ଣ୍ଣ ମାସିକ ଖାଦ୍ୟଶସ୍ୟ ପ୍ରାପ୍ୟକୁ ଗୋଟିଏ ଥରରେ ନେବାକୁ ବାଧ୍ୟ ନୁହନ୍ତି। ଉଦାହରଣ ସ୍ୱରୂପ, କୌଣସି ପରିବାରକୁ ମାସକୁ ୫୦ କିଲୋଗ୍ରାମ ଚାଉଳ ମିଳିବାକୁ ଥିଲେ, ସେମାନେ ନିଜ ସୁବିଧା ଅନୁଯାୟୀ ଏକାଧିକ ଥରରେ ତାହା ଗ୍ରହଣ କରିପାରିବେ। ଅର୍ଥାତ୍, ଏକ ମାସ ମଧ୍ୟରେ ନିଜ ଆବଶ୍ୟକତା ଅନୁଯାୟୀ ପ୍ରାପ୍ୟ ରାସନ ନେବାର ସୁବିଧା ରହିବ।

'ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍' ସାଧାରଣ ଏଟିଏମ୍ ଭଳି ୨୪ ଘଣ୍ଟା, ସପ୍ତାହର ସାତ ଦିନ କାର୍ଯ୍ୟ କରିପାରିବ। ଏହା ଫଳରେ ହିତାଧିକାରୀମାନେ ନିର୍ଦ୍ଦିଷ୍ଟ ଦୋକାନ ଖୋଲିବା ସମୟ ଉପରେ ନିର୍ଭରଶୀଳ ନହୋଇ ନିଜ ସୁବିଧା ଅନୁଯାୟୀ ରାସନ ଗ୍ରହଣ କରିପାରିବେ। ମେସିନ୍‌ଟି ସୌରଶକ୍ତି ମାଧ୍ୟମରେ ମଧ୍ୟ ପରିଚାଳିତ ହୋଇପାରିବ।

# ବିଶ୍ୱ ସଂସ୍କୃତି ଦିବସ ପାଳିତ

ପଟ୍ଟାମୁଣ୍ଡାଇ,୩୧।୮(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅର୍ନ୍ତଗତ ଖଡିଅଣ୍ଟା ପଞ୍ଚାୟତର ଆମ୍ବଓରେ କାହ୍ନୁଚରଣ ରାଜଭଟ୍ଟ ଉଚ୍ଚ ବିଦ୍ୟାଳୟ ସଂସ୍କୃତି ଦିବସ ମହାସମାରୋହରେ ପାଳିତ ହୋଇଯାଇଛି।

ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଞ୍ଜନ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଶ୍ୱ ସଂସ୍କୃତି ଦିବସରେ ମୂଖ୍ୟ ଅତିଥିଭାବେ ପଟ୍ଟାମୁଣ୍ଡାଇ ବ୍ଲକର ସଂସ୍କୃତ ସଂଘ ସଭାପତି ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ଯୋଗଦେଇ ସଂସ୍କୃତ ଭାଷାର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ମିହିର ରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ନିରୁପମା ବେହେରା ସଭା ପରିଚାଳନା କରିଥିଲେ। ଏହିକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଶ୍ଳୋକ, ବକ୍ତୃତା,ନାଟକ ଓ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଓ ପ୍ରଧାନ ଶିକ୍ଷକ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ପ୍ରମୋଦ କୁମାର ଜେନା, ଶୁଭମ୍ ପାତ୍ର, ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ଦାଶ, ମଧୁସ୍ମିତା ପାତ୍ର, ସଂଘମିତ୍ରା ମହାନ୍ତି,ସବିତା ଜେନା, ପ୍ରମିଳା ବେହେରା, ସୁବାଷ ଚନ୍ଦ୍ର ସାହୁ, ସୋମ୍ୟରଞ୍ଜନ ସାମଲ, ସୁମିତ୍ରା ଦାସ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାୟତ୍ତ ଶାସନ ଦିବସରେ ପାରାଦ୍ୱୀପ ବିକାଶର ନୂଆ ସଂକଳ୍ପ




ପାରାଦୀପ,୩୧।୮(ସଂଚାର ବ୍ୟୁରୋ): ପାରାଦୀପ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ଜୟଦେବ ସଦନ ପ୍ରାଙ୍ଗଣରେ ଆୟୋଜିତ ଏହି ସମାବେଶରେ ଶିଳ୍ପମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ପି.ଏଲ୍. ହରନାଧ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ଉପାଧ୍ୟକ୍ଷା ଛବିଲତା ରାଉତ ଓ ପାରାଦୀପ ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଳାଷ ପଣ୍ଡାଙ୍କ ସମେତ ଅନେକ ଅତିଥି ଯୋଗଦେଇଥିଲେ।

ଏହି ଅବସରରେ ଅତିଥିମାନେ ସ୍ୱାୟତ୍ତ ଶାସନ ଦିବସର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ପ୍ରଶାସନ, ସ୍ଥାନୀୟ ଜନତା ଓ ଜନପ୍ରତିନିଧିଙ୍କ ମିଳିତ ସହଯୋଗରେ କିଭଳି ଅଞ୍ଚଳର ସର୍ବାଙ୍ଗୀଣ ବିକାଶ କରାଯାଇପାରିବ, ସେନେଇ ବିସ୍ତୃତ ମତ ପ୍ରକାଶ ପାଇଥିଲା।

ଶିଳ୍ପମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ, ଗରିମା, ପିଏମ୍‌ଏୱାଇ-ଅର୍ବାନ, ବନ୍ଧୁ, ସୁଜଳ ଯୋଜନା, ସୁଯୋଗ, ଅମୃତ ୨.୦, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାଗା ମିଶନ, ମୁକ୍ତା, ଆହାର ଓ ଆମ ବସ୍ ଭଳି ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ତ୍ୱରାନ୍ୱିତ କରାଯିବା ସହ ଦ୍ରୁତ ସହରୀକରଣ ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ଗୁରୁତ୍ୱ ଦିଆଯାଉଛି।

ସେ ଆହୁରି କହିଥିଲେ ଯେ, ଭୁବନେଶ୍ୱର-କଟକ- ପୁରୀ- ପାରାଦୀପ ଇକୋନୋମିକ କରିଡର ଆଗାମୀ ଦିନରେ ସହରୀ ଓ ଅର୍ଥନୈତିକ ବିକାଶର ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ୨୦୩୬ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ସହରକୁ ସମୃଦ୍ଧ ସହର ଭାବେ ଗଢ଼ିତୋଳିବା ଆମର ଲକ୍ଷ୍ୟ ବୋଲି ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ।

ଲୋକଙ୍କ ମୌଳିକ ସୁବିଧା, ସରକାରୀ ଯୋଜନାର ସୁବିନିଯୋଗ ଏବଂ ପାରାଦୀପର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦିଗରେ ପାରାଦୀପ ପୌର ପରିଷଦ ବିଶେଷ ଭାବେ କାର୍ଯ୍ୟ କରୁଥିବାରୁ ଅଞ୍ଚଳର ସାମଗ୍ରିକ ବିକାଶ ହେଉଥିବା ଅତିଥିମାନେ ପ୍ରକାଶ କରିଥିଲେ।

ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।



**ପୁରୀ ବନଖଣ୍ଡ ଅଧିକାରୀଙ୍କୁ ସପ୍ତାହେ ଭିତରେ ରିପୋର୍ଟ ନିର୍ଦ୍ଦେଶ**

# ମା' ପାଇଁ ଗଛଟିଏ ଯୋଜନାରେ ଅନିୟମିତତା

କାକଟପୁର/ଅସ୍ତରଙ୍ଗ,୩୧।୮(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ମା' ପାଇଁ ଗଛଟିଏ ଯୋଜନାରେ ବ୍ୟାପକ ଅନିୟମିତତା ଅଭିଯୋଗ ଏବେ ରାଜ୍ୟ ସରକାରଙ୍କ ଟେବୁଲରେ ପହଞ୍ଚିଛି। ଏହି ପ୍ରସଙ୍ଗରେ ବନ ବିଭାଗରୁ ମାତ୍ର ୧୫ ଦିନ ଭିତରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଚିଠି ଜାରି ହୋଇ ବନ ବିଭାଗରେ ହଡକମ୍ପ ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁସାରେ, ଅସ୍ତରଙ୍ଗ ଥାନା ମାଳଦା ଗ୍ରାମର ସମାଜସେବୀ ଅମିୟ ରଞ୍ଜନ ବାରିକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ଯେ, ମା' ପାଇଁ ଗଛଟିଏ ଯୋଜନାରେ ବୃକ୍ଷ ମାନ ଚାରା ଏବଂ ଅସ୍ତରଙ୍ଗ ଓ କାକଟପୁର ବ୍ଲକର ବିଭିନ୍ନ ଗ୍ରାମରେ ରୋପଣ ଅଟକଳ ଓ ଚାରା ରୋପଣରେ ବ୍ୟାପକ ଅନିୟମିତତା ହୋଇଛି। କାଗଜପତ୍ରରେ କାମ ଦେଖାଇ ସ୍ଥଳରେ କାମ ହୋଇନଥିବା ସେ ଅଭିଯୋଗ କରିଥିଲେ।

ଏହି ଅଭିଯୋଗ ଆଧାରରେ ବନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅବର ସଚିବ ଗାୟତ୍ରୀ ପଣ୍ଡା ୧୮ ଅଗଷ୍ଟ ୨୦୨୬ରେ ସ୍ମାରକ ନଂ ୧୯୯୫୦ ଜାରି କରି ରାଜ୍ୟର ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କୁ ଅଭିଯୋଗ ପତ୍ର ପଠାଇ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଛନ୍ତି। ଏହାର ନକଲ ବନ ଖଣ୍ଡ ଅଧିକାରୀ ପୁରୀ (ବନ୍ୟପ୍ରାଣୀ)ଙ୍କୁ ମଧ୍ୟ ଦିଆଯାଇଛି।

ଏହାପରେ ଅରଣ୍ୟ ଭବନରୁ ମୁଖ୍ୟ ବନ ସଂରକ୍ଷକ (ଯୋଜନା ଓ ଅନୁମୋଦନ) ଟି. ଅଶୋକ କୁମାର ୩୧ ଅଗଷ୍ଟ ୨୦୨୬ରେ ସ୍ମାରକ ନଂ ୧୭୬୧୨ ଜାରି କରି ବନ ଖଣ୍ଡ ଅଧିକାରୀ ପୁରୀ (ବନ୍ୟପ୍ରାଣୀ)ଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି ଯେ, ଖବରକାଗଜ କଟିଂ ଓ ଅଭିଯୋଗକୁ ଗଭୀର ଭାବେ ଯାଞ୍ଚ କରି ସପ୍ତାହେ ଭିତରେ ସରକାରଙ୍କୁ ରିପୋର୍ଟ ଦିଅନ୍ତୁ। ଏହାର ନକଲ ବନ ବିଭାଗ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କୁ ମଧ୍ୟ ଦିଆଯାଇଛି।

ଏବେ ପୁରୀ ବନଖଣ୍ଡ ଅଧିକାରୀଙ୍କ ତଦନ୍ତ ରିପୋର୍ଟକୁ ସମସ୍ତଙ୍କ ନଜର।

# ବିପଦ ସଙ୍କେତ ଉପରେ ଜଳକା ଓ ବୈତରଣୀ

**ଜଳସମ୍ପଦ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି**

ଭୁବନେଶ୍ୱର,୩୧।୮(ସଂଚାର ବ୍ୟୁରୋ) : ସତର୍କ ସଙ୍କେତ ଉପରେ ଜଳକା, ବୈତରଣୀ । ଫୁଲୁଛି ମହାନଦୀ ଏବଂ ବ୍ରାହ୍ମଣୀ । ଜଳସମ୍ପଦ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି । ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଉଥିଲେ ବି ଅଧିକାଂଶ ସ୍ଥାନରେ ନଦୀଗୁଡ଼ିକ ସତର୍କ ସଙ୍କେତ ତଳେ ପ୍ରବାହିତ ହେଉଛନ୍ତି। ବାଲେଶ୍ୱର ଜିଲ୍ଲାର ଜଳକା ନଦୀ ମଥାନି ରୋଡ୍ ବ୍ରିଜ୍ ଠାରେ ସକାଳ ୯ଟା ସୁଦ୍ଧା ୬.୪୬ ମିଟରରେ ପ୍ରବାହିତ ହେଉଛି । ଏଠାର ୬.୦ ମିଟର ଚେତାବନୀ ସ୍ତରକୁ ଅତିକ୍ରମ କରି ୬.୫ ମିଟର ନିକଟତର ଜଳସ୍ତର ବୃଦ୍ଧି ହୋଇଛି । ସେହିପରି ବୈତରଣୀ ନଦୀ ଆଖୁଆପଦାଠାରେ ୧୮ ମିଟରରେ ବୃଦ୍ଧି ପାଉଥିବା ବେଳେ ଏହାର ଚେତାବନୀ ସ୍ତର ୧୭.୮୩ ମିଟରରେ ରହିଛି । ବିପଦ ସଙ୍କେତ ୧୮.୩୩ ମିଟର ରହିଛି । ସେହିପରି ବ୍ରାହ୍ମଣୀ ନଦୀ ଜେନାପୁରଠାରେ ବିପଦ ସଙ୍କେତ ୨୩.୦ ମିଟର ରହିଥିବା ବେଳେ ୨୦.୧୫ ମିଟରରେ ପ୍ରବାହିତ ହେଉଛି ବନ୍ୟା ଜଳ। ମହାନଦୀ ନରାଜଠାରେ ୨୪.୦୦ ମିଟର, ବିପଦ ସଙ୍କେତ ୨୬.୪୧ ମିଟର ଏବଂ ଖୋଇରାଠାରେ ୧୦୩.୧୧ ମିଟର, ବିପଦ ସଙ୍କେତ ୧୦୯.୦ ମିଟର ରହିଛି । ଅନ୍ୟପଟେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୯୫ ଫୁଟ୍ ରହିଥିବା ବେଳେ ବର୍ତ୍ତମାନ ୮ଟି ଗେଟ୍ ଖୋଲା ରହିଛି। ପ୍ରତି ସେକେଣ୍ଡରେ ୧,୭୩,୫୩୩ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ମୁଣ୍ଡଳୀଠାରେ ମହାନଦୀର ଜଳ ନିଷ୍କାସନ ପରିମାଣ ୨,୦୯,୫୩୬ କ୍ୟୁସେକ୍ ରେକର୍ଡ କରାଯାଇଛି ।



# ବେସରକାରୀ ବିଦ୍ୟାଳୟରେ ଲଟେରୀ ମାଧ୍ୟମରେ ଛାତ୍ରଛାତ୍ରୀ ଚୟନ

ଭୁବନେଶ୍ୱର,୩୧।୮(ସଂଚାର ବ୍ୟୁରୋ): ଶିକ୍ଷା ଅଧିକାର ଆଇନ ୨୦୦୯ ଅନ୍ତର୍ଗତ ଧାରା ୧୨(୧)(ଗ) ଅନୁଯାୟୀ ଆର୍ଥିକ ଅନଗ୍ରସର ଶ୍ରେଣୀ ପିଲାମାନେ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ପ୍ରବେଶ ସ୍ତରରେ ନିଶୁଳ୍କ ଶିକ୍ଷା ପାଇପାରିବେ। ଏଥିପାଇଁ ଆରଟିଇ ପୋର୍ଟାଲରେ ଆବେଦନ ପତ୍ର ଆହ୍ୱାନ କରାଯାଇଥିଲା। ଏହି ପର୍ଯ୍ୟାୟ ପାଇଁ ଗତ ୧୪ ତାରିଖରୁ ଆରମ୍ଭ କରି ୨୭ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଆବେଦନ କରିଥିଲେ। ବେସରକାରୀ ବିଦ୍ୟାଳୟଗୁଡ଼ିକରେ ସମୁଦାୟ ୯୮୯ ଅନଲାଇନ୍ ଆବେଦନ କରାଯାଇଥିଲା ଓ ଏହା ମଧ୍ୟରୁ ବ୍ଲକ ଶିକ୍ଷା ଅଧିକାରୀମାନେ ପ୍ରମାଣ ପତ୍ର ଯାଞ୍ଚ କରି ୬୭୯ ଆବେଦନକୁ ଯୋଗ୍ୟ ବିବେଚିତ କରିଥିଲେ। ଯୋଗ୍ୟ ଆବେଦନପତ୍ରଗୁଡ଼ିକୁ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ କେନ୍ଦ୍ରୀୟ ଲଟେରୀ ଓଠା କାର୍ଯ୍ୟକ୍ରମ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ସଦସ୍ୟମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରୁ ୫୦୧ ଜଣ ଛାତ୍ରଛାତ୍ରୀଙ୍କୁ ନାମଲେଖା ପାଇଁ ଲଟେରୀ ମାଧ୍ୟମରେ ଚୟନ କରାଯାଇଛି। ବର୍ତ୍ତମାନ ବ୍ଲକ ଶିକ୍ଷା ଅଧିକାରୀମାନେ ସମ୍ପୃକ୍ତ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ନାମ ପ୍ରଦାନ କରିବେ। ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଆଜିଠାରୁ ୧୯ ତାରିଖ ମଧ୍ୟରେ ନାମ ଲେଖାଯିବ। ଏହି ନାମଲେଖା ସମ୍ପୂର୍ଣ୍ଣ ନିଶୁଳ୍କ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ମଧ୍ୟ କୌଣସି ଅର୍ଥ ଅଭିଭାବକମାନଙ୍କଠାରୁ ନେଇପାରିବେ ନାହିଁ। ଯଦି ଏହାକୁ କୌଣସି ବିଦ୍ୟାଳୟ ଖିଲାପ କରନ୍ତି, ତା' ହେଲେ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପୁଞ୍ଜିପତିଙ୍କ ସ୍ୱାର୍ଥ ପାଇଁ ଓଡ଼ିଶା ଖଣିଜ ସମ୍ପଦ ଲୁଟୁଛି ବିଜେପି

**■ ରାଜ୍ୟର ଅର୍ଥନୈତିକ ଅଧିକାରକୁ କ୍ଷୁଣ୍ଣ କରୁଛି ଡବଲ ଇଞ୍ଜିନ୍ ସରକାର**

ଭୁବନେଶ୍ୱର,୩୧।୮(ସଂଚାର ବ୍ୟୁରୋ): ଏମଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ଜରିଆରେ ଓଡ଼ିଶାର ଖଣିଜ ସମ୍ପଦକୁ ଲୁଣ୍ଠନ କରିବାକୁ ବସିଛି ଡବଲ ଇଞ୍ଜିନ ସରକାର। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି ଓଡ଼ିଶାବାସୀଙ୍କୁ ଭ୍ରମିତ କରୁଛି। ପୁଞ୍ଜିପତିମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ରତ୍ନଗର୍ଭା ଓଡ଼ିଶାକୁ ଡବଲ ଇଞ୍ଜିନ ସରକାର ଲୁଣ୍ଠନ କରୁଥିବାରୁ କଡ଼ା ସମାଲୋଚନା କରିଛି ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଡବଲ ଇଞ୍ଜିନ ସରକାର ଓଡ଼ିଶାବାସୀଙ୍କ ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଥିବାରୁ କଡ଼ା ନିନ୍ଦା କରିଥିଲେ। ଶ୍ରୀ ଦାସବର୍ମା କହିଥିଲେ ଯେ ଏହି କଳା ଆଇନ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରତିଟି ଓଡ଼ିଆଙ୍କ ମନକୁ କୁଠାରାଘାତ କରିଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ କହିଥିଲେ, ମୋତେ ଅର୍ଥନୈତିକ ସ୍ୱାଧୀନତା ଦିଅ, ମୁଁ ଓଡ଼ିଶାକୁ ଏସିଆ ମହାଦେଶର ସମୃଦ୍ଧ ରାଜ୍ୟ କରି ଗଢ଼ି ତୋଳିବି। କାରଣ ସେ ସବୁବେଳେ ନିଜ ମାଟିର କଥା ଚିନ୍ତା କରୁଥିଲେ। କିନ୍ତୁ ବର୍ତ୍ତମାନ ବିଜେପି ନେତାମାନେ ଓଡ଼ିଶା ସ୍ୱାର୍ଥ ଭୁଲି କେନ୍ଦ୍ର ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାରେ ଥିବା ୪୮୦ କିମି ବିସ୍ତୀର୍ଣ୍ଣ ବେଳାଭୂମି ସହ ପ୍ରଚୁର ଖଣିଜ ସମ୍ପଦ, ଜଙ୍ଗଲ ସମ୍ପଦ, ପ୍ରାଚୁର୍ଯ୍ୟ ଓ ମାନବ ସମ୍ବଳ ଉପରେ ଡବଲ ଇଞ୍ଜିନ ସରକାରଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଓଡ଼ିଶା ପ୍ରାଚୁର୍ଯ୍ୟର ସୁରକ୍ଷା ଓ ଉନ୍ନତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ଲଢ଼େଇ କରିଛନ୍ତି। ରାଜ୍ୟ ସମୃଦ୍ଧ ହେଲେ ଦେଶ ସମୃଦ୍ଧ ହେବ। ସଂଘୀୟ ଗଣତନ୍ତ୍ରରେ ରାଜ୍ୟର ସମ୍ପଦ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାର ରହିଛି। କିନ୍ତୁ ଏକତରଫା ଭାବେ ସେହି ଅଧିକାରକୁ କେନ୍ଦ୍ର ସରକାର ଛଡ଼ାଇ ନେଇଛନ୍ତି।



# କୁଶଭଦ୍ରାରେ ଭାସିଯାଇ ଛାତ୍ର ମୃତ

ଭୁବନେଶ୍ୱର,୩୧।୮ (ସଂଚାର ବ୍ୟୁରୋ) : ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ଚୌଧୁରୀ ଗଡ଼ା ନିକଟସ୍ଥ କୁଶଭଦ୍ରା ନଦୀରେ ଗାଧୋଉଥିବା ସମୟରେ ପାଣି ସ୍ରୋତରେ ଭାସିଯାଇ ଜଣେ ୧୦ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରଜଣକ ସୁଆଁଲୋ ଗ୍ରାମର ସନ୍ତୋଷ କାଣ୍ଡିଙ୍କ ପୁଅ ସୌମ୍ୟରଞ୍ଜନ। ସୌମ୍ୟରଞ୍ଜନ ଓ ତାଙ୍କର ୩ ସାଙ୍ଗ ସ୍କୁଲ ନଯାଇ ନଦୀପଠା ଜଙ୍ଗଲରେ ଭୋଜି ସାରି ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ୪ ଜଣଯାକ ଛାତ୍ର ଗଭୀର ପାଣିରେ ଉବୁଟୁବୁ ହେବାରୁ ସେଠାରେ ଥିବା ମହିଳାମାନେ ନିଜ ଶାଢ଼ି ଫୋପାଡ଼ି ୩ ଜଣଙ୍କୁ ଉଦ୍ଧାର କରିଥିଲେ। ସୌମ୍ୟରଞ୍ଜନଙ୍କ ହାତରୁ ଲୁଗା ଖସିଯିବାରୁ ସେ ପ୍ରବଳ ସ୍ରୋତରେ ଭାସି ଯାଇଥିଲେ। ମହିଳାମାନଙ୍କ ଚିତ୍କାର ଶୁଣି ଭିଙ୍ଗାରପୁର ଶାସନ ଗ୍ରାମର କୁନା ପରିଡ଼ା ସୌମ୍ୟରଞ୍ଜନଙ୍କୁ ପାଣିରୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର କରି ଭିଙ୍ଗାରପୁରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**■ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ପ୍ରତିବାଦ ଯାତ୍ରା**

# ରାହୁଲ ଗାନ୍ଧିଙ୍କ ସ୍ୱାଭିମାନ ସହ ସାଲିସ୍ ଅସମ୍ଭବ




ଭୁବନେଶ୍ୱର,୩୧।୮(ସଂଚାର ବ୍ୟୁରୋ): ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏକ ବିଶାଳ ପ୍ରତିବାଦ ଯାତ୍ରା ମାଷ୍ଟର କ୍ୟାଣ୍ଟିନ୍‌ଠାରେ ଆୟୋଜିତ ହୋଇଥିଲା। ବିରୋଧି ଦଳ ନେତା ରାହୁଲ ଗାନ୍ଧିଙ୍କ ବିରୋଧରେ ଏକଛତ୍ରବାଦୀ ବିଜେପି ସରକାରର ମିଛ ଏଫଆଇଆର ରୁଜୁକୁ ନେଇ ସାରା ଦେଶରେ ପ୍ରତିବାଦ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଜେନାଙ୍କ ନେତୃତ୍ୱରେ ଓ ଓପିସିସି ସଭାପତି ଭକ୍ତ ଚରଣ ଦାସ, ଏଆଇସିସି ଓଡ଼ିଶା ପ୍ରଭାରୀ ଲାଲ୍‌ଜୀ ଦେଶାଇ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ଓପିସିସି ସଭାପତି ଜୟଦେବ ଜେନାଙ୍କ ଉପସ୍ଥିତିରେ ପ୍ରତିବାଦ ଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ରାହୁଲଙ୍କ ସ୍ୱାଭିମାନ ସହ ଖେଳିଲେ ବିଜେପିକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ ଓ କଂଗ୍ରେସ ଶ୍ରୀ ଗାନ୍ଧୀଙ୍କ ସ୍ୱାଭିମାନ ସହ କୌଣସି ପ୍ରକାର ସାଲିସ କରିବାର ପ୍ରଶ୍ନ ଉଠୁନାହିଁ ବୋଲି କଂଗ୍ରେସ ନେତୃବୃନ୍ଦ କହିଥିଲେ। ଏଥିସହ ଆଗକୁ ଏହା ମହାଆନ୍ଦୋଳନର ରୂପ ନେବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏହି ପ୍ରତିବାଦ ଯାତ୍ରାରେ କଂଗ୍ରେସର ନେତୃବୃନ୍ଦଙ୍କ ସହ ଶିବାନନ୍ଦ ରାୟ, ମନୋରଞ୍ଜନ ଦାସ, କିଶୋର ଜେନା, ଅରବିନ୍ଦ ଦାସ, ଦେବାଶିଷ ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି, ମାନସ ରଞ୍ଜନ ଆଚାର୍ଯ୍ୟ, ସୂର୍ଯ୍ୟକାନ୍ତ ଜେନା, ତରୁଣକାନ୍ତ ମିଶ୍ର, ସତ୍ୟବ୍ରତ ନାୟକ, ମିହିର ଆଚାର୍ଯ୍ୟ, ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ରାହୁଲଙ୍କ ପାଇଁ ଯେ କୌଣସି ପରିସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ ବୋଲି କହିଥିଲେ।

# ସେପ୍ଟେମ୍ବରରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ, ୩୧।୮ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ ସେବା କମିଟି ପରିସରରେ ଆସନ୍ତା ୧୨ ତାରିଖ ଶନିବାର ପୂର୍ବାହ୍ନ ୧୦ ଘଟିକା ସମୟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରଧୀନ ମକଦ୍ଦମା ଯଥା ସମାଧାନଯୋଗ୍ୟ ଟ୍ରାଫିକ୍ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା, ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ଆଦି ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଲୋକ ଅଦାଲତରେ ମକଦ୍ଦମା ବା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଓ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ। ଏ ସମ୍ବନ୍ଧରେ ଅଧିକ ତଥ୍ୟ ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ, ୩୧।୮ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୩୭୫ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୩୫୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୨ଟି ସାମୁହିକ ଅଭିଯୋଗ ରହିଥିଲା।



ଅଭିଯୋଗ ଶୁଣାଣି ଶିବିରରେ ୨୯୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ସ୍ଥଳରେ, ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଦ୍ୱାରିକାମାଇ ପାଇଁ ଶ୍ରୀ ସାଇନାଥଙ୍କ ଫଟୋ ପୂଜା



ଭୁବନେଶ୍ୱର,୩୧।୮(ସଂଚାର ବ୍ୟୁରୋ): ବସନ୍ତପୁର ଶିରିଡ଼ି ସାଇ ମନ୍ଦିରର ଦ୍ୱାରିକାମାଇ ପାଇଁ ଶ୍ରୀ ସାଇନାଥଙ୍କ ଫଟୋର ପୂଜା ରବିବାର ରାତିରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆଧ୍ୟାତ୍ମିକ ଚିନ୍ତକ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ କୃପାମୟ ଓ ଦିବ୍ୟ ହସ୍ତରେ ସମ୍ପନ୍ନ ହୋଇଛି। ବସନ୍ତପୁର ଶିରିଡ଼ି ସାଇ ମନ୍ଦିରର ପରିଚାଳନା ଟ୍ରଷ୍ଟି ଡକ୍ଟର ରୁଦ୍ର ମହାନ୍ତି ଓ ସମ୍ପାଦକ ସୁନିଲ ମହାନ୍ତିଙ୍କ ଉପସ୍ଥିତିରେ ଗୁରୁଜୀଙ୍କ ଅସୀମ କୃପା ଓ ଆଶୀର୍ବାଦ ସହ ଶ୍ରୀ ସାଇନାଥ ଫଟୋର ପୂଜା ସମ୍ପନ୍ନ ହୋଇଛି। ବାବାଙ୍କ ଇଚ୍ଛା ଓ ଗୁରୁଜୀଙ୍କ ଆଶୀର୍ବାଦ ଦ୍ୱାରା ପବିତ୍ର ଫଟୋ ଏବେ ବସନ୍ତପୁର ଶ୍ରୀ ଶିରିଡି ସାଇ ମନ୍ଦିର ଦ୍ୱାରିକାମାଇକୁ ସଜ୍ଜିତ କରିବ ଓ ଭକ୍ତଙ୍କ ଉପରେ କୃପା ବର୍ଷିବ।

# ଖଣି ଚୋରି ଲୁଚାଇବା ପାଇଁ ବିଜେଡିର ନାଟକବାଜି: ବିରଞ୍ଚି

**■ ମାଫିଆଙ୍କୁ ସୁରକ୍ଷା ଦେଉଥିଲେ ନବୀନ ସରକାର**

**■ ୨୪ ବର୍ଷରେ ବିଜୁବାବୁଙ୍କ ସ୍ୱପ୍ନ ପୂରଣ ହେଲାନି କି?**



ଭୁବନେଶ୍ୱର,୩୧।୮(ସଂଚାର ବ୍ୟୁରୋ): ବିଜୁବାବୁଙ୍କ ନାମ ନେଇ ବିଜେଡି ଗତ ୨୪ ବର୍ଷ ଶାସନରେ ଓଡ଼ିଶାର ବିକାଶରେ କିଛି ବି କରିନାହିଁ। ଯେଉଁ ବିଜୁବାବୁଙ୍କ ନାମରେ ଦଳ ଗଠନ କରି ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହୋଇଥିଲେ ସେହି ବିଜୁବାବୁଙ୍କ ଫଟୋ ମଧ୍ୟ ବିଜେଡି ବ୍ୟାନର ବା ପତାକାରେ ସ୍ଥାନ ପାଇଲା ନାହିଁ। କୃଷି, ଶିକ୍ଷା, ପର୍ଯ୍ୟଟନ, ଖଣିଜ ସମ୍ପଦ ଓ ବନଜ ସମ୍ପଦକୁ ନେଇ ବିଜେଡି କେବଳ ରାଜନୀତି କରି କେନ୍ଦ୍ରୀୟ ଯୋଜନାକୁ ନିଜ ନାମରେ ପ୍ରଚାରିତ କରି ଏଠି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇଲା। ଶାଗ, ମାଛ ଦରରେ ଖଣିଜ ସମ୍ପଦକୁ ଅଣଓଡ଼ିଆ ବ୍ୟବସାୟୀଙ୍କୁ ଟେକି ଦେଇ ବ୍ୟାପକ ମୁନାଫା କମାଇଥିଲା। ବିଜେଡି। କୌଣସି କ୍ଷେତ୍ରରେ ସୁଯୋଗ ନ ମିଳିବାରୁ ଓଡ଼ିଶାର ଅନେକ ପରିବାରର ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଯୁବକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଥିଲେ। ବିଶେଷକରି ନବୀନ ପଟ୍ଟନାୟକଙ୍କ ନିର୍ବାଚନମଣ୍ଡଳୀ ଓ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ଦାଦନ ବାହାର ରାଜ୍ୟରେ ଗୋଟି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଓଡ଼ିଶାରେ ଆଇନଶୃଙ୍ଖଳା ପରିସ୍ଥିତି, ବେକାରୀ ସମସ୍ୟା, ମହିଳା ନିର୍ଯାତନା ଓ କୃଷି କ୍ଷେତ୍ରରେ ଶିଥିଳତା ସହ ଶିଳ୍ପ କ୍ଷେତ୍ରରେ ମଧ୍ୟ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ଭରିରହିଥିଲା। ସରକାରୀ ବାବୁମାନେ ହିଁ ରାଜ୍ୟ ଚଳାଉଥିଲେ ଓ ରାଜକୋଷ ଲୁଟ୍ କରୁଥିଲେ। ଖଣିଜ ସମ୍ପଦରେ ବ୍ୟାପକ ଲୁଟକୁ ନେଇ ଶାହ କମିଶନଙ୍କ ନିର୍ଦ୍ଦେଶକୁ ଗତ ସରକାର ଶୀତଳଭଣ୍ଡାରରେ ପକାଇ ଦେଇ ଦୁର୍ନୀତିଗ୍ରସ୍ତ ଖଣି ମାଲିକମାନଙ୍କୁ ପ୍ରୋତ୍ସାହନ ଦେଇଥିଲେ ବୋଲି ଆଜି ଏକ ପ୍ରେସ ବିବୃତି ଜରିଆରେ ବିଜେପି ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଦର୍ଶାଇଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ମିଛରେ ଖଣିଜ ସମ୍ପଦକୁ ସୁରକ୍ଷା ଦେବା ପାଇଁ ଓ ଓଡ଼ିଶାର ହକ ନେବାପାଇଁ ସୁପ୍ରିମକୋର୍ଟରେ ବଡ଼ ବଡ଼ ଓକିଲଙ୍କୁ କୋଟି କୋଟି ଟଙ୍କାର ଫି' ଦେଇ ଦୀର୍ଘ ୨୦ ବର୍ଷ ନାଟକ କରୁଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ। କିନ୍ତୁ ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ସରକାର ଗଠନ ହେବାଠାରୁ ଓଡ଼ିଶାକୁ ଫୋକସରେ ରଖିଥିଲା କେନ୍ଦ୍ର ସରକାର। ରେଳବାଇ, ଖାଦ୍ୟ ସୁରକ୍ଷା ଯୋଜନା, ଆବାସ ଯୋଜନା, ଇଲେକ୍ଟ୍ରିଫିକେସନ, ପାନୀୟ ଜଳ ଯୋଜନା, ଦକ୍ଷତା ବିକାଶ, କୃଷି କ୍ଷେତ୍ର, ମହିଳା ଓ ଶିଶୁ ସୁରକ୍ଷା ଯୋଜନା, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ଅର୍ଥ ପ୍ରଦାନ କରୁଥିଲା କେନ୍ଦ୍ର ସରକାର। କିନ୍ତୁ ଶ୍ରୀ ପଟ୍ଟନାୟକ ସେହି ଯୋଜନାଗୁଡ଼ିକରୁ କିଛି ନିଜ ନାମରେ ପ୍ରଚାରିତ କରୁଥିବା ବେଳେ ଆଉ କିଛି ଯୋଜନାକୁ ବାଟମାରଣା କରିଥିଲେ।

# ଆଇପିଏସ୍ ସେଫିନ୍ ଅହମ୍ମଦଙ୍କ ଦେହାନ୍ତ



**■ ତିରୁବନନ୍ତପୁରମର ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ**

**■ ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରକାଶ**

ଭୁବନେଶ୍ୱର, ୩୧।୮ (ସଂଚାର ବ୍ୟୁରୋ): ତିରୁବନନ୍ତପୁରମର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ସେଫିନ୍ ଅହମ୍ମଦ କେ.ଙ୍କର ମୃତ୍ୟୁ ହୋଇଛି। ୨୦୦୩ ବ୍ୟାଚ୍ ଆଇପିଏସ୍ ଅଧିକାରୀ ସେଫିନ୍ କେରଳର ବାସିନ୍ଦା ଥିଲେ। ସେ କର୍କଟ ରୋଗରେ ପୀଡ଼ିତ ଥିବାରୁ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଗତ ୨୦୨୩ ଜୁଲାଇରୁ କ୍ରାଇମବ୍ରାଞ୍ଚ ଆଇଜି ଭାବରେ କାର୍ଯ୍ୟ କରୁଥିଲେ। ସେଫିନ୍ ସିଆଇଟିୟୁ ନେତା ହବିବଙ୍କ ପୁଅ। ସେ କେରଳରେ ଅନେକ ବର୍ଷ ଧରି ଇଣ୍ଟର-କ୍ୟାଡର ଡେପୁଟେସନରେ କାର୍ଯ୍ୟ କରିଥିଲେ। ସେ ତିରୁବନନ୍ତପୁରମରେ ଗ୍ରାମୀଣ ଏସପି ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ସେଫିନ୍ ଓଡ଼ିଶା ପୁଲିସରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲେ। ତାଙ୍କ ସେବା ପାଇଁ ବିଶେଷକରି ସାଇବର କ୍ରାଇମ୍ ଡିଭିଜନ ଓ ସିଆଇଡି କ୍ରାଇମବ୍ରାଞ୍ଚରେ ତାଙ୍କ କାର୍ଯ୍ୟ ପ୍ରଶଂସନୀୟ ଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି। 'ସେଫିନ୍ ଅହମ୍ମଦ କେ.ଙ୍କ ଅକାଳ ବିୟୋଗରେ ସେ ଗଭୀର ମର୍ମାହତ। ତାଙ୍କର ଓଡ଼ିଶା ଓ ଓଡ଼ିଶା ପୁଲିସ ପ୍ରତି ଉତ୍ସର୍ଗୀକୃତ ସେବା ସର୍ବଦା ମନେ ରହିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ୍ ମିଡିଆ 'ଏକ୍ସ'ରେ କହିଛନ୍ତି।

# ଆଜିଠୁ ଭୁବନେଶ୍ୱରରେ ଜାତୀୟ ମହିଳା କମିଶନର ପ୍ରଥମ 'ଶକ୍ତି ସମ୍ମିଳନୀ'

**■ ରାଜ୍ୟ ଡବ୍ଲ୍ୟୁସିଡି ନେତୃତ୍ୱ ସମ୍ମିଳନୀରେ ଭାଗ ନେବେ ୨୬ ରାଜ୍ୟ**

**■ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିବେ ୩୦୦ ଏସ୍‌ଏଚ୍‌ଜି ମହିଳା**




ଭୁବନେଶ୍ୱର,୩୧।୮(ସଂଚାର ବ୍ୟୁରୋ): ଜାତୀୟ ମହିଳା କମିଶନ (ଏନସିଡବ୍ଲ୍ୟୁ) ଏବଂ ଓଡ଼ିଶା ସରକାରଙ୍କ ଯୁଗ୍ମ ଆନୁକୂଲ୍ୟରେ ଆସନ୍ତାକାଲିଠାରୁ ୩ ତାରିଖ ପର୍ଯ୍ୟନ୍ତ ଏଠାରେ ପ୍ରଥମ 'ଶକ୍ତି ସମ୍ମିଳନୀ - ରାଜ୍ୟ ଡବ୍ଲ୍ୟୁସିଡି ନେତୃତ୍ୱ କର୍ମଶାଳା' ଆୟୋଜିତ ହେବ। ଏହି ଉଦ୍‌ଘାଟନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଜାତୀୟ ମହିଳା କମିଶନର ଅଧ୍ୟକ୍ଷା ବିଜୟା ରାହାଟକର ଉପସ୍ଥିତ ରହିବେ। 'ସମନ୍ୱୟ/ସଂବାଦ/ସଂକଳ୍ପ/ସମାଧାନ' ଶୀର୍ଷକ ଥିମ୍‌କୁ ନେଇ ଆୟୋଜିତ ହେଉଥିବା ଏହି ସମ୍ମିଳନୀରେ ୨୫ଟି ରାଜ୍ୟର ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ, କମିଶନର, ବରିଷ୍ଠ ଅଧିକାରୀ ଓ ସମ୍ପୃକ୍ତ ଅଂଶୀଦାର ଯୋଗଦେବେ। ମହିଳାଙ୍କ ସୁରକ୍ଷା, ଅଧିକାର ଓ ସଶକ୍ତୀକରଣ କ୍ଷେତ୍ରରେ ନିଜ ନିଜ ରାଜ୍ୟର ଅନୁଭୂତି ଆଦାନପ୍ରଦାନ, କାର୍ଯ୍ୟକାରିତା ସମସ୍ୟାର ଚିହ୍ନଟ ଏବଂ କେନ୍ଦ୍ର-ରାଜ୍ୟ ମଧ୍ୟରେ ସମନ୍ୱୟ ବୃଦ୍ଧି ପାଇଁ ଏହି ସମ୍ମିଳନୀ ଏକ ପ୍ରମୁଖ ମଞ୍ଚ ସାଜିବ। ଏହି ଆଲୋଚନାରେ ମୁଖ୍ୟତଃ ପୋସ ଆଇନର କାର୍ଯ୍ୟକାରିତା ଓ ସମୀକ୍ଷା, ୱାନ୍ ଷ୍ଟପ୍ ସେଣ୍ଟରଗୁଡ଼ିକର ସୁଦୃଢ଼ୀକରଣ, ପୀଡ଼ିତା କ୍ଷତିପୂରଣ ବ୍ୟବସ୍ଥା, ଗାର୍ହସ୍ଥ୍ୟ ହିଂସା ନିରୋଧ ଆଇନ ଅଧୀନରେ ସୁରକ୍ଷା ଅଧିକାରୀଙ୍କ ଭୂମିକା ଓ ରାଜ୍ୟ ମହିଳା କମିଶନଗୁଡ଼ିକର ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯିବ।

ଏଥିସହ ରାଜ୍ୟସ୍ତରୀୟ ସଫଳ ପ୍ରୟାସଗୁଡ଼ିକର ଆଦାନପ୍ରଦାନ କରାଯିବା ସହ ଏକ 'ଯୁଗ୍ମ କାର୍ଯ୍ୟପନ୍ଥା' ଗ୍ରହଣ କରାଯିବ। ଓଡ଼ିଶା ସରକାରଙ୍କ ସହ ସହଯୋଗିତାରେ, ଏନସିଡବ୍ଲ୍ୟୁ 'ମିଶନ ଶକ୍ତି' ଅଧୀନରେ ଏକ ସ୍ୱତନ୍ତ୍ର ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ମାଧ୍ୟମରେ ଗତ ୬ ମାସ ମଧ୍ୟରେ ଖୋର୍ଦ୍ଧା, କଟକ, କେନ୍ଦୁଝର, ବଲାଙ୍ଗୀର ଓ ପୁରୀ ଜିଲ୍ଲାର ୫ ହଜାର ମହିଳାଙ୍କୁ ତାଲିମ ଦିଆଯାଇଛି।

# କଂଗ୍ରେସର ପ୍ରଶ୍ନ: ଓରାମ କାହା ହାତ କାଟିବେ



ଭୁବନେଶ୍ୱର,୩୧।୮(ସଂଚାର ବ୍ୟୁରୋ): ଆଜି କଂଗ୍ରେସ ଭବନରେ ଓପିସିସି ଗଣମାଧ୍ୟମ ପକ୍ଷରୁ ଆୟୋଜିତ ସାମ୍ବାଦିକ ବିବୃତିରେ ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଗଣମାଧ୍ୟମ ସାମ୍ନାରେ ଅଶାଳୀନ ଭାଷା ପ୍ରୟୋଗ ଉପରେ କଠୋର ସମାଲୋଚନା କରିଥିଲେ। ସେ କହିଛନ୍ତି ଯେ ବର୍ତ୍ତମାନ କେନ୍ଦ୍ର, ରାଜ୍ୟ, ପୁଲିସ ପ୍ରଶାସନ ଓ ବିଜେପି ଦଳର ଦୋମୁହାଁ ନୀତି ପଦାରେ ପଡ଼ିଛି। ସଙ୍ଗୀନ ମାମଲାଗୁଡ଼ିକୁ ଚପେଇଦେବାକୁ ଉଦ୍ୟମ ହେଉଛି। କିନ୍ତୁ କଂଗ୍ରେସ ଏସବୁର ପର୍ଦ୍ଦାଫାସ କରିବ। କିଛିଦିନ ତଳେ ଗଣମାଧ୍ୟମ ସାମ୍ନାରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ ବାହାର ଦଳରୁ ଆମ ଦଳକୁ ଆସିଥିବା କିଛି ଲୋକ ମୋ ବିରୋଧରେ ଷଡ଼ଯନ୍ତ୍ର କରି ମୋତେ ମନ୍ତ୍ରୀପଦରୁ ହଟାଇବାକୁ ଚାହୁଁଛନ୍ତି। ମୋ ଭାବମୂର୍ତ୍ତିକୁ ଯିଏ କଳୁଷିତ କରିବ ତା' ହାତକୁ କାଟିଦେବି ଓ ତାକୁ ଜାଳି ଦେବି ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ହିସାବରେ ଯେଉଁ ଦାୟିତ୍ୱପୂର୍ଣ୍ଣ ରୁଚିସମ୍ପନ୍ନ ମତ ଦେବା କଥା ତାହା ନ ଦେଇ ହିଂସାତ୍ମକ ମତ ଉପସ୍ଥାପନା କରିବା ଏକ ସାଙ୍ଘାତିକ ବିଷୟ। କେନ୍ଦ୍ରମନ୍ତ୍ରୀ ତାଙ୍କ ବିରୋଧରେ ହେଉଥିବା ଷଡ଼ଯନ୍ତ୍ର ଓ ଷଡ଼ଯନ୍ତ୍ରକାରୀ କିଏ ଜାଣିପାରୁଛନ୍ତି, ତେବେ ଗୁଇନ୍ଦା ବିଭାଗ କେମିତି ଜାଣିପାରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଖୋଲାଖୋଲି ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ବିଷୟ ଉତ୍ଥାପନ କରିବା ସତ୍ତ୍ୱେ ମଧ୍ୟ ପୁଲିସ କାହିଁକି ଏଫଆଇଆର ରୁଜୁ କରୁନାହିଁ? ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଅଭିଯୋଗକୁ ବିଜେପି ସଭାପତି ଅତ୍ୟନ୍ତ ହାଲୁକା ଭାବେ ଗ୍ରହଣ କରି ତାଙ୍କ ବ୍ୟକ୍ତିଗତ ମନ୍ତବ୍ୟ ବୋଲି ସଫେଇ ଦେବା ଗ୍ରହଣୀୟ ନୁହେଁ।

# ଡିଏଭି ପୋଖରୀପୁଟରେ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୩୧।୮(ସଂଚାର ବ୍ୟୁରୋ): ଡିଏଭି ପୋଖରୀପୁଟର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ପାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମାରୋହକୁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଉଦ୍‌ଘାଟନ କରି ପରୀକ୍ଷାରେ ବିଷୟଗତ ନମ୍ବର ରଖିବା ସହ ନାନାବିଧ ଦକ୍ଷତାର ପରିପ୍ରକାଶ ହିଁ ବିଦ୍ୟାର୍ଥୀର ଯଥାର୍ଥ ପରିଚୟ ବୋଲି କହିଥିବା ବେଳେ ଭବିଷ୍ୟତରେ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତା ଓ ଉଦ୍ୟୋଗୀକରଣକୁ ପାଥେୟ କରି ସାମାଜିକ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବା ପ୍ରତ୍ୟେକ ବିଦ୍ୟାର୍ଥୀର ନୈତିକ ଦାୟିତ୍ୱ ହେବା ଉଚିତ ବୋଲି କହିଛନ୍ତି। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କ ଫଳାଫଳ ପତ୍ରିକା




'ଐକାନ୍ତିକା' ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟ ପ୍ରାତଃପର୍ଯ୍ୟାୟର ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ସମୂହଗାନ ତଥା ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ଆଦିବାସୀ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ୍ ମଦନ ମୋହନ ପଣ୍ଡା ପରିଚୟ ପ୍ରଦାନ କରିବା ସହ ମାନବିକ ମୂଲ୍ୟବୋଧକୁ ରକ୍ଷା କରି ସମାଜରେ ଅଗ୍ରଣୀସ୍ଥାନ ଗ୍ରହଣ କରିବା ପାଇଁ କଠୋର ପରିଶ୍ରମ ହିଁ ଲୋଡ଼ା ବୋଲି କହିଥିଲେ।

# ରାଜଧାନୀ ରାସ୍ତା, ଖାଲଖମାରେ ଭର୍ତ୍ତି ହେଲାଣି



ଭୁବନେଶ୍ୱର,୩୧।୮: ରାଜଧାନୀର ରାଜରାସ୍ତା ଏବେ ଖାଲ ଖମାରେ ଭର୍ତ୍ତି। କେଉଁଠି ରାସ୍ତା ମଝିରେ ଗର୍ତ୍ତ ତ ଆଉ କେଉଁଠି ପରସ୍ତ ପରସ୍ତ ପିଚୁ ଉଠିଗଲାଣି। ପୂର୍ତ୍ତ ବିଭାଗ କିମ୍ବା ମହାନଗର ନିଗମ ଏଥିପ୍ରତି କାହାର ନଜର ପଡୁଥିବା ଭଳି ଲକ୍ଷ୍ୟ କରାଯାଉନାହିଁ। ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ସହରର ବିଭିନ୍ନ ରାସ୍ତାପାର୍ଶ୍ୱରେ ବ୍ଲିଚିଂ ପାଉଡର ସିଞ୍ଚନ ସହିତ ବେଲୁନରେ ସଜେଇ ହେଉଛି। ହେଲେ ରାସ୍ତାର ଅବସ୍ଥା କିନ୍ତୁ ଦିନ ଦିନ ବିଗିଡିବାରେ ଲାଗିଛି। ଅନ୍ୟ କେଉଁ ରାସ୍ତା କଥା ଛାଡ଼, ଖୋଦ୍ ଏଜି ଛକରୁ ଆଚାର୍ଯ୍ୟବିହାରକୁ ଲମ୍ବିଥିବା ସଚିବାଳୟମାର୍ଗ ରାସ୍ତାର ଅବସ୍ଥା ଶୋଚନୀୟ ହେବାରେ ଲାଗିଛି। ପିଏମଜି ଛକ ଟ୍ରାଫିକ ସମ୍ମୁଖରେ ରାସ୍ତାରେ ଗାତ ସୃଷ୍ଟିହୋଇ ମାଟି ଦିଶୁଛି। ଏହା ଆଖପାଖରେ ପରସ୍ତ ପରସ୍ତ ପିଚୁ ଉଠିଗଲାଣି। ଏହି ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠିଯିବା ଯୋଗୁଁ ଛୋଟ ଛୋଟ ଗୋଡି ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଗାଡିମୋଟରରେ ମାଡ ହେଉଛି। ସେହିଭଳି ଅନ୍ୟତମ ଜନଗହଳିପୂର୍ଣ୍ଣ ରାସ୍ତା ହେଉଛି ଫାୟାର ଷ୍ଟେସନ ଛକରୁ କ୍ୟାପିଟାଲ ହସ୍ପିଟାଲ। ଖୋର୍ଦ୍ଧା, ନୟାଗଡ଼ ଆଦି ସ୍ଥାନରୁ ଆସୁଥିବା ଆମ୍ବୁଲାନ୍ସ ଏହି ରାସ୍ତାଦେଇ କ୍ୟାପିଟାଲ ହସ୍ପିଟାଲକୁ ଯାଉଛନ୍ତି। ଏହାଛଡା ପୁରୀକୁ ଚଳାଚଳ କରୁଥିବା ବସ୍‌ଗୁଡିକ ବରମୁଣ୍ଡା ବସଷ୍ଟାଣ୍ଡରୁ ବାହାରି ଏହି ରାସ୍ତାଦେଇ କଳ୍ପନାରେ ପହଞ୍ଚୁଛନ୍ତି। ରାଜଧାନୀର ସର୍ବବୃହତ୍ ପରିବା ହାଟକୁ ଆସୁଥିବା ଶତାଧିକ ଛୋଟ ବଡ ଗାଡି ଏହି ରାସ୍ତାଦେଇ ଆସୁଛନ୍ତି। ଏହି ରାସ୍ତାରୁ ଏବେ ପରସ୍ତ ପରସ୍ତ ପିଚୁ ଉଠିବାରେ ଲାଗିଛି। ରାସ୍ତା ମଝିରେ ବି ଗାତ ସୃଷ୍ଟି ହୋଇଗଲାଣି। କେବଳ ଏହି ଦୁଇଟି ସଡ଼କ ନୁହେଁ, ଜନପଥଠାରୁ ଆରମ୍ଭ କରି ରାଜଧାନୀର ପ୍ରାୟ ଅଧିକାଂଶ ପିଚୁ ରାସ୍ତାର ଅବସ୍ଥା ଦିନକୁ ଦିନ ଦୟନୀୟ ହେବାରେ ଲାଗିଛି। ଲଗାଣ ବର୍ଷା ଯୋଗୁଁ ପିଚୁ ଉଠି ଯାଉଥିବାବେଳେ ନିମ୍ନମାନର କାମ ଯୋଗୁଁ ଏଭଳି ହେଉଥିବା କୁହାଯାଉଛି।

ଯେଉଁସବୁ ସ୍ଥାନରେ ଗୋଡ଼ି ଉପରେ ପିଚୁ ବିଛାଯାଇ ସ୍ୱତନ୍ତ୍ର ଭାବେ ରାସ୍ତା ପ୍ରସ୍ତୁତ ହୋଇଛି ତାହାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ପିଚୁ ରାସ୍ତା ଏବେ ଖାଲଖମାରେ ଭର୍ତ୍ତି ହେଲାଣି। ପୂର୍ତ୍ତ ବିଭାଗର ଆଖି ସାମ୍ନାରେ ରାଜଧାନୀର ପିଚୁ ରାସ୍ତାର ଅବସ୍ଥା ଏଭଳି ହେଉଥିବାବେଳେ କାହିଁକି ଏ ଦିଗରେ ବିଭାଗ ପଦକ୍ଷେପ ନେଉନାହିଁ ତାହା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି। ଚଳିତ ମାସରୁ ପାର୍ବଣଋତୁ ଆରମ୍ଭ ହେଉଥିବାବେଳେ ରାସ୍ତାଘାଟରେ ଅଧିକରୁ ଅଧିକ ଗାଡ଼ିମୋଟର ସହ ଲୋକେ ଯା'ଆସ କରିବେ। ବର୍ତ୍ତମାନ ଯଦି ରାସ୍ତାର ମରାମତି ନ ହୁଏ, ତେବେ ଗଣେଶ ପୂଜାଠାରୁ ଦଶହରା ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ିମୋଟର ତ ଦୂରର କଥା, ଚାଲିକରି ଯିବା ବି କଷ୍ଟକର ହୋଇପଡ଼ିବ। କେବେ ରାଜଧାନୀର ପ୍ରମୁଖ ରାସ୍ତା ନୁହେଁ, ଗଳିକନ୍ଦିର ରାସ୍ତା ମଧ୍ୟ ଖରାପ ହେବାରେ ଲାଗିଛି। ଏଥିସହ ଯେଉଁସବୁ ସ୍ଥାନରେ ଜନସ୍ୱାସ୍ଥ୍ୟ, ମହାନଗର ନିଗମ, ବିଜୁଳି ଓ ଟେଲିଫୋନ୍ ବିଭାଗ ନିଜ ନିଜ କାର୍ଯ୍ୟ ପାଇଁ ରାସ୍ତା ଖୋଳିଦେଉଛନ୍ତି ସେଠାରେ ସ୍ଥିତି ଅଧିକ ବିଗିଡ଼ିବାରେ ଲାଗିଛି। (ତଥ୍ୟ)


## ଛତ୍ରପୁର ପୌର ପରିଷଦ, ଗଞ୍ଜାମ

CHATRAPUR MUNICIPALITY AADARSHA CHATRAPUR

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଛତ୍ରପୁର ପୌରପାଳିକା ତରଫରୁ ସହରବାସୀଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଏହି ସହରକୁ ସବୁଜ ସୁନ୍ଦର ସହରରେ ପରିଣତ କରିବା ପାଇଁ ଆପଣମାନଙ୍କ ବ୍ୟକ୍ତିଗତ ସହଯୋଗ କାମନା କରିବା ସହ ପରିଷଦର ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନ ଆକର୍ଷଣ କରୁଅଛୁ ।

କ. ପରିଷଦର ବକେୟା କର | ହୋଲଡିଙ୍ଗ ଟ୍ୟାକ୍ସ ନିର୍ଦ୍ଧାରିତ ସମୟରେ ମଧ୍ୟରେ ପୈଠ କରନ୍ତୁ।
ଖ. ଘରର ଅଳିଆ ଆବର୍ଜନାକୁ ଓଦା ଏବଂ ଶୁଖିଲା ଭାବରେ ପୃଥକ କରି ପରିଷଦର ଗାଡିରେ ପ୍ରତ୍ୟହ ଦିଅନ୍ତୁ ।
ଗ. ନିଜ ଘରର ଚତୃପାର୍ଶ୍ୱ ପ୍ରଦୂଷଣ ମୁକ୍ତ ରଖନ୍ତୁ ।
ଘ. ସମସ୍ତ ଜନସାଧାରଣ ଓ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଅନୁରୋଧ କରାଯାଉଅଛି ଯେ, କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ନିୟମାନୁଯାୟୀ ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାର କରନ୍ତୁ ନାହିଁ।
ଙ. ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଲଡିଙ୍ଗ approval ପ୍ଲାନ ପୌରପାଳିକା କାର୍ଯ୍ୟାଳୟ ଠାରୁ କରାଇ ନିଅନ୍ତୁ ।
ଚ. ଏହି ପରିଷଦର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ଛତ୍ରପୁର ସହରକୁ ସବୁଜ ଓ ସୁନ୍ଦର ସହର ରୂପେ ଗଠନ କରିବାରେ ସହଯୋଗ କରନ୍ତୁ ।
ଛ. ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଟ୍ରେଡ ଲାଇସେନ୍ସ ଓ ପରିମଳ ୟୁଜର ଫୀଜ୍ କାର୍ଯ୍ୟାଳୟରେ ଦାଖଲ କରି ବ୍ୟବସାୟ ପ୍ରମାଣ ପତ୍ର ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଉଛି ।
ଜ. ସମସ୍ତ ଜନସାଧାରଣମାନେ ନିଜ ନିଜର ଗୃହପାଳିତ ପଶୁଗୁଡିକୁ ନିଜ ଯତ୍ନରେ ରଖନ୍ତୁ । ଏଣେତେଣେ ରାସ୍ତା ଉପରକୁ ଛାଡନ୍ତୁ ନାହିଁ ।

ଶ୍ରୀ ପ୍ରସନ୍ନ କୁମାର ଦାଶ,(ଓ.ମା.ସ)
କାର୍ଯ୍ୟ ନିର୍ବାହୀ ଅଧିକାରୀ
ଛତ୍ରପୁର ପୌରପାଳିକା

ଜି. ପାପା ରାଓ
ଭାରପ୍ରାପ୍ତ ଅଧ୍ୟକ୍ଷ
ଛତ୍ରପୁର ପୌରପାଳିକା

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ମଙ୍ଗଳବାର ୧ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର
Tuesday 1 September 2026, Bhubaneswar



# ଜଳବାୟୁ ପରିବର୍ତ୍ତନର ଭୟଙ୍କର ସଙ୍କେତ



ହିମାଳୟର ଉଚ୍ଚ ଶିଖରରେ ଥିବା ଏକ ହିମବାହୀ ଭଙ୍ଗିଯିବା ଫଳରେ ନେପାଳ ଓ ଚୀନର ତିବ୍ବତ ସୀମାନ୍ତରେ ସମ୍ପ୍ରତି ଘଟିଥିବା ଭୟଙ୍କର ବନ୍ୟା ଓ ଭୂସ୍ଖଳନ ପୃଥିବୀକୁ ଏକ ଗମ୍ଭୀର ସତର୍କବାଣୀ ଦେଇଛି। ପ୍ରାୟ ହଜାରେରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି ଏବଂ ହଜାର ହଜାର ଲୋକ ନିଖୋଜ ରହିଛନ୍ତି। ଏହି ବିପର୍ଯ୍ୟୟ ପରେ ନେପାଳର ବିଦେଶ ମନ୍ତ୍ରୀ ଶିଶିର ଖନାଲ ସ୍ପଷ୍ଟ ଭାବରେ କହିଛନ୍ତି ଯେ ନେପାଳ ବିଶ୍ୱ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନର ମାତ୍ର ୦.୦୧ ଶତାଂଶରୁ କମ୍ ଅବଦାନ ଦେଉଥିଲେ ମଧ୍ୟ ଜଳବାୟୁ ପରିବର୍ତ୍ତନର ସବୁଠାରୁ ବଡ଼ ଶିକାର। ସେ ବିଶ୍ୱ ସମୁଦାୟକୁ ହିମାଳୟ ପରିବେଶକୁ ରକ୍ଷା କରିବା ପାଇଁ ଏକତ୍ରିତ ହେବାକୁ ଆହ୍ୱାନ ଦେଇଛନ୍ତି। ଏହା କେବଳ ଏକ ଦେଶର ଦୁର୍ଦ୍ଦଶା ନୁହେଁ; ଏହା ସମଗ୍ର ମାନବଜାତି ପାଇଁ ଏକ ସତର୍କ ସଙ୍କେତ।

ବୈଜ୍ଞାନିକମାନେ କହୁଛନ୍ତି ଯେ ଏହି ବିପର୍ଯ୍ୟୟ ଏକ ହିମବାହୀ ଭଙ୍ଗିଯିବା କାରଣରୁ ଘଟିଥିଲା। ଉଷ୍ମତା ବୃଦ୍ଧି ହେତୁ ହିମାଳୟର ହିମଶିଖର ଦ୍ରୁତ ଗତିରେ ଗଳିଯାଉଛି ଏବଂ ପର୍ମାଫ୍ରଷ୍ଟ (ଚିରସ୍ଥାୟୀ ବରଫ) ତରଳିଯାଉଛି। ଫଳରେ ପର୍ବତ ଢାଲୁ ଅସ୍ଥିର ହୋଇ ଭୂସ୍ଖଳନ ଓ ହଠାତ୍ ବନ୍ୟାର ଆଶଙ୍କା ବଢ଼ିଛି। ହିନ୍ଦୁକୁଶ ହିମାଳୟ ଅଞ୍ଚଳରେ ତାପମାତ୍ରା ବିଶ୍ୱ ହାରାହାରି ତୁଳନାରେ ପ୍ରାୟ ଦୁଇ ଗୁଣ ଦ୍ରୁତ ବୃଦ୍ଧି ପାଉଛି। ଗତ କିଛି ଦଶନ୍ଧିରେ ନେପାଳର ହିମବାହୀ ପ୍ରାୟ ଏକ-ତୃତୀୟାଂଶ ବରଫ ହରାଇଛି। ଏହି ପରିସ୍ଥିତି କେବଳ ନେପାଳ ପାଇଁ ନୁହେଁ, ଦକ୍ଷିଣ ଏସିଆର ଲକ୍ଷ ଲକ୍ଷ ଲୋକଙ୍କ ଜଳ ସୁରକ୍ଷା ପାଇଁ ମଧ୍ୟ ବିପଦରେ ପଡିଛି।

ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ହିମବାହୀ ଗଳିବାରେ ସୀମିତ ନୁହେଁ। ଅତ୍ୟଧିକ ବର୍ଷା, ବନ୍ୟା, ଭୂସ୍ଖଳନ, ଖରା ଓ ଖରାପ ପାଣିପାଗ ବାରମ୍ବାର ଘଟୁଛି। ନେପାଳ ପରି ପାର୍ବତ୍ୟ ଦେଶଗୁଡ଼ିକ ଏହି ପ୍ରଭାବର ସବୁଠାରୁ ଅଧିକ ଶିକାର। ସେମାନେ କାର୍ବନ ନିର୍ଗମନରେ ନଗଣ୍ୟ ଅବଦାନ ଦେଉଥିଲେ ମଧ୍ୟ ଧନୀ ଦେଶଗୁଡ଼ିକର ଅତ୍ୟଧିକ ଇନ୍ଧନ ବ୍ୟବହାରର ମୂଲ୍ୟ ଚୁକାଉଛନ୍ତି। ଏହା ଜଳବାୟୁ ନ୍ୟାୟର ଏକ ସ୍ପଷ୍ଟ ଉଦାହରଣ। ଯଦି ବିଶ୍ୱ ତାପମାତ୍ରା ୧.୫ ଡିଗ୍ରୀ ସେଲସିୟସ୍ ସୀମା ଅତିକ୍ରମ କରେ ତେବେ ହିମାଳୟର ଅଧିକାଂଶ ହିମବାହୀ ହରାଇବ ଏବଂ ଏହି ପ୍ରକାରର ବିପର୍ଯ୍ୟୟ ଆହୁରି ବାରମ୍ବାର ଓ ଭୟଙ୍କର ରୂପ ନେବ।

ଏହି ପରିସ୍ଥିତି କେବଳ ନେପାଳ ପାଇଁ ନୁହେଁ। ଭାରତ, ବାଂଲାଦେଶ, ପାକିସ୍ତାନ ଓ ଅନ୍ୟ ପାର୍ବତ୍ୟ ଅଞ୍ଚଳଗୁଡ଼ିକ ମଧ୍ୟ ସମାନ ବିପଦରେ ଅଛନ୍ତି। ଗ୍ଲେସିଆର ଲେକ୍ ଆଉଟବର୍ଷ୍ଟ ଫ୍ଲଡ୍, ଅତ୍ୟଧିକ ବର୍ଷା ଓ ଭୂସ୍ଖଳନ ଯୋଗୁଁ ଜୀବନ, ଜୀବିକା ଓ ଅର୍ଥନୀତି ଧ୍ୱଂସ ହେଉଛି। କୃଷି, ଜଳସଂସ୍ଥାନ ଓ ଜୀବନଧାରଣ ଉପରେ ଗମ୍ଭୀର ପ୍ରଭାବ ପଡୁଛି। ଯଦି ବିଶ୍ୱ ସମୁଦାୟ ଏବେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ନିଏ ତେବେ ଭବିଷ୍ୟତରେ ଏହି ପ୍ରକାରର ବିପର୍ଯ୍ୟୟ ସାଧାରଣ ଘଟଣା ହୋଇଯିବ। ନେପାଳର ସତର୍କବାଣୀକୁ ଗମ୍ଭୀରତାର ସହିତ ଗ୍ରହଣ କରିବା ଆବଶ୍ୟକ। ଧନୀ ଦେଶଗୁଡ଼ିକୁ କାର୍ବନ ନିର୍ଗମନ ହ୍ରାସ କରିବା, ଜଳବାୟୁ ଅନୁକୂଳନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଏବଂ ପ୍ରଯୁକ୍ତି ବିନିମୟ କରିବା ଉଚିତ। ହିମାଳୟ ପରିବେଶ ରକ୍ଷା କେବଳ ଏକ ଦେଶର ଦାୟିତ୍ୱ ନୁହେଁ; ଏହା ସମଗ୍ର ପୃଥିବୀର ଜଳ, ବାୟୁ ଓ ଜୀବନ ପାଇଁ ଆବଶ୍ୟକ। ପ୍ରାରମ୍ଭିକ ସତର୍କବାଣୀ ବ୍ୟବସ୍ଥା, ହିମବାହୀ ମନିଟରିଂ ଓ ଆନ୍ତର୍ଜାତିକ ସହଯୋଗ ବଢ଼ାଇବା ଆବଶ୍ୟକ।

ଏହି ବିପର୍ଯ୍ୟୟ ଆମକୁ ମନେ ପକାଇ ଦେଇଛି ଯେ ପ୍ରକୃତିର ପ୍ରତିଶୋଧ ନିଷ୍ଠୁର। ଯଦି ଆମେ ଏବେ ମଧ୍ୟ ନିଦ୍ରାରୁ ଉଠିବୁ ନାହିଁ ତେବେ ଆଗାମୀ ଦିନଗୁଡ଼ିକରେ ଅଧିକ ବିପର୍ଯ୍ୟୟ, ଅଧିକ ମୃତ୍ୟୁ ଓ ଅଧିକ ବିନାଶ ଅପେକ୍ଷା କରିଛି। ନେପାଳର କଣ୍ଠସ୍ୱର ଶୁଣିବା ସମୟ ଆସିଛି। ବିଶ୍ୱ ଉଷ୍ମତା ଓ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତେ ଏକତ୍ରିତ ହେବା ଉଚିତ। ନଚେତ୍ ଆଗାମୀ ପିଢ଼ି ଆମକୁ କ୍ଷମା କରିବ ନାହିଁ।

# ସିଜେପି ଆନ୍ଦୋଳନରୁ ଶିକ୍ଷା

**ଯୁଧିଷ୍ଠିର ମହାରଣା**



ଆଜିର ଭାରତ ବର୍ଷରେ ଶିକ୍ଷା ପଦ୍ଧତି, ଶିକ୍ଷା ନୀତି ପରୀକ୍ଷା ବ୍ୟବସ୍ଥା ସମ୍ପର୍କରେ ମୁଁ କହିବି ଧାରଣା ଆଦୌ ଭଲ ନାହିଁ। ଅନେକ ପିଲାଙ୍କର ଜୀବନର ବଡ଼ ସ୍ୱପ୍ନ ହେଉଛି ଡାକ୍ତରୀ ହେବା। ମୋ ପୁଅ ବି ଜଣେ ଡାକ୍ତର, ପାଠପଢ଼ା ଭିତରେ କେତେ ଆହ୍ୱାନ, ଆର୍ଥିକ ଚାପ, ପରୀକ୍ଷାର ଅବ୍ୟବସ୍ଥା ମୁଁ ମର୍ମେ ମର୍ମେ ଅନୁଭବ କରିଛି। ନିଟ ପ୍ରଶ୍ନ ପତ୍ର ଲିକ ମାମଲା ଏକ ବଡ଼ ରାଜନୈତିକ ସଙ୍କଟ ସୃଷ୍ଟି କରିଥିଲା ମୋଦୀ ସରକାରଙ୍କ ପାଇଁ। କକ୍ରୋଚ ଜନତା ପାର୍ଟିର ଆନ୍ଦୋଳନର ଅନେକ କୁତ୍ସିତ ଦିଗ ଅଛି। ଏହାକୁ କେହି କେହି ଅଭିଯୋଗ କରୁଛନ୍ତି କିନ୍ତୁ ପ୍ରସଙ୍ଗ ଅନ୍ୟଆଡ଼େ ଟିକିଏ ଦେଖନ୍ତୁ। ଯେଉଁ ପ୍ରସଙ୍ଗକୁ ସେମାନେ ରାଜନୈତିକ ଅସ୍ଥିରତା ସୃଷ୍ଟିର ମାଧ୍ୟମ ଭାବେ ଗ୍ରହଣ କରିଥିଲେ, ତାହା ଅନେକଙ୍କୁ ଆକୃଷ୍ଟ କରିଥିଲା। ସବୁ ଆନ୍ଦୋଳନରେ କିଛି ନେତା ତିଆରି ହୁଅନ୍ତି। ଆନ୍ଦୋଳନକୁ ଫାଇଦା ନେବା ପାଇଁ କିଛି ଦଳ ଉଦ୍ୟମ କରନ୍ତି। କ୍ଷମତା ପରିବର୍ତ୍ତନ ପାଇଁ ନେପାଳ ପଦ୍ଧତି ଅବଲମ୍ବନ ପାଇଁ କିଛି ଅସାମାଜିକ ତତ୍ତ୍ୱ ଅଧିକ ତତ୍ପର ହୋଇପଡ଼ନ୍ତି। ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତିଠାରୁ ଆନ୍ନା ହଜାରେଙ୍କ ଦୁର୍ନୀତି ବିରୋଧି ଆନ୍ଦୋଳନରେ ଅପରାଧୀମାନଙ୍କର ପ୍ରାୟତଃ କୌଣସି ଭୂମିକା ଦେଖିବାକୁ ମିଳି ନଥିଲା। କିନ୍ତୁ ସିଜେପି ଆନ୍ଦୋଳନରେ ସାମାଜିକ ଗଣମାଧ୍ୟମର ବ୍ୟାପକ ଦୂରୁପଯୋଗ ହେଲା। ବ୍ୟକ୍ତିଗତ ଏଜେଣ୍ଡାକୁ ଆନ୍ଦୋଳନ ଜରିଆରେ କାର୍ଯ୍ୟକାରୀ କରିବାକୁ ବିଭିନ୍ନ ଗୋଷ୍ଠୀ ଆଗଭର ହୋଇପଡ଼ିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରତି ଯେଭଳି ଅଶାଳୀନ, ଅଭଦ୍ର ଟିକାଟିପ୍ପଣୀ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଲା, ତାହା ଆଗାମୀ ଦିନ ପାଇଁ ସବୁ ରାଜନୈତିକ ଦଳ ସକାଶେ ବଡ଼ ଅଶୁଭ ସଙ୍କେତ। କିଛି ମହଲ ଯୁକ୍ତି କଲେ ଯେ ଆଗଧାଡ଼ିର ଗଣମାଧ୍ୟମ ବିଫଳ ହେବା କାରଣରୁ ସାମାଜିକ ଗଣମାଧ୍ୟମକୁ ଅସ୍ତ୍ର କଲେ ଆନ୍ଦୋଳନକାରୀମାନେ। କିନ୍ତୁ ବ୍ୟକ୍ତିଗତ ଆକ୍ଷେପ ଏବଂ ଅତ୍ୟନ୍ତ ଅଶାଳୀନ ମନ୍ତବ୍ୟ ପାଇଁ ସାମାଜିକ ଗଣମାଧ୍ୟମ ନୁହେଁ ସାଧାରଣତଃ ହ୍ୱାଟସଆପ, ଟୁଇଟର ଏବଂ ଇନଷ୍ଟାଗ୍ରାମ ଏହାକୁ ପ୍ରୋତ୍ସାହିତ କରନ୍ତି ନାହିଁ। ମାତ୍ର ସିଜେପି ଆନ୍ଦୋଳନବେଳେ ଏହିସବୁ ପ୍ଲାଟଫର୍ମ ଗୁଡ଼ିକ ଏହାକୁ ଉତ୍ସାହିତ କରୁଥିବା ସାମ୍ନାକୁ ଆସିଲା। ସୁତରାଂ କ୍ଷମତା ପରିବର୍ତ୍ତନ ପାଇଁ ବିଦେଶୀ ଷଡ଼ଯନ୍ତ୍ରର ଗନ୍ଧ ବାରି ହୋଇ ପଡ଼ୁଛି।

ଏହାସତ୍ତ୍ୱେ ଆନ୍ଦୋଳନର ଏକ ଭଲ ଦିଗ ମଧ୍ୟ ଉପଲବ୍ଧି କରି ହେଉଛି। ଏହା ହୋଇ ନଥିଲେ ୨୦୨୪ରେ ସୁପ୍ରିମକୋର୍ଟଙ୍କ ରାୟ କାର୍ଯ୍ୟକାରୀ କରି ନଥିବା ସରକାର ସିଜେପି ଆନ୍ଦୋଳନ ଯୋଗୁଁ ପରୀକ୍ଷା ସଂସ୍କାର ନିମନ୍ତେ ବାଧ୍ୟ ହେଲେ। ପ୍ରଥମ ଥର ପାଇଁ ଚାପରେ ଜଣେ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହଟାଇ ଦିଆଗଲା। ପୂର୍ବରୁ କୃଷକ ଆନ୍ଦୋଳନ ସମୟରେ ମଧ୍ୟ କେନ୍ଦ୍ର ସରକାର ଏକ ପ୍ରକାର ବ୍ୟାକଷ୍ଟେପକୁ ଆସିଥିଲେ। ସେହିପରି କିଛିଦିନ ତଳେ ବିହାରରେ ମଧ୍ୟ ଏହି ସିଜେପି ଅନୁଷ୍ଠାନ ତାଙ୍କ ପ୍ରଭାବ ଓ ପ୍ରତିବାଦ ଦେଖାଇଥିଲେ। ମୋଦିଜୀଙ୍କ ସରକାର ଅବଶ୍ୟ ଏହି ଆନ୍ଦୋଳନରୁ ଅନେକ କିଛି ଶିକ୍ଷା ଲାଭ କରିଥିବେ। ସାମାଜିକ ଗଣମାଧ୍ୟମ ରାଷ୍ଟ୍ରୀୟ ଅସ୍ଥିରତା ସୃଷ୍ଟିର ମାଧ୍ୟମ ଯେଭଳି ହୋଇ ନପାରିବ, ସେଥିପାଇଁ ଆଇନ ଆସିବାର ପଥ ପ୍ରଶସ୍ତ ହୋଇଛି। କିନ୍ତୁ ଓଡ଼ିଶା ପାଇଁ ଆମେ ଯେତେବେଳେ ନିଟ ପରୀକ୍ଷା କେଳେଙ୍କାରୀ ତର୍ଜମା କରୁଛୁ, ଆମକୁ ବିବଶ ହେବାକୁ ପଡୁଛି। ଦେଶବ୍ୟାପୀ ଆଲୋଡ଼ନ ପରେ ଯଦି ଓଡ଼ିଶାରେ ମେଡ଼ିକାଲ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୁଏ, ତେବେ ଏହାକୁ ଗମ୍ଭୀରତାର ସହ କାହିଁକି ଗ୍ରହଣ କରିବେ ନାହିଁ ସରକାର? ଦିଲ୍ଲୀ ଆନ୍ଦୋଳନ ପରେ ଓଡ଼ିଶାରେ ମେଡ଼ିକାଲ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ ହେବ, ଏହା ଭାବି ହେଉଛି କି? କିନ୍ତୁ ପାପକୁ ଘୋଡ଼ାଇବା ପାଇଁ କର୍ତ୍ତୃପକ୍ଷ ଯେଭଳି ଲିକକୁ କପିର ରୂପ ଦେବା ପାଇଁ ଚେଷ୍ଟା କରୁଛନ୍ତି, ତାହା ଅତ୍ୟନ୍ତ ଲଜ୍ଜାଜନକ। ଓଡ଼ିଶାରେ ପ୍ରଶ୍ନପତ୍ର ଲିକ ଏକ ନୀତିରେ ପରିଣତ ହୋଇସାରିଛି। ପ୍ରଧାନମନ୍ତ୍ରୀ ଏହାକୁ ମହାପାପ ବୋଲି କହିବା ସହ ଏହାର ମୂଳୋତ୍ପାଟନ ଲାଗି ଆହ୍ୱାନ ଜଣାଇଛନ୍ତି। କିନ୍ତୁ ଏ ଦିଗରେ ଓଡ଼ିଶାରେ ମୋହନ ଚରଣ ମାଝୀଙ୍କ ସରକାର ଠୋସ ପଦକ୍ଷେପ ଗ୍ରହଣ କରିବେ କି ନାହିଁ, ସୂଚନା ମିଳୁନାହିଁ।

କେନ୍ଦ୍ର ଢ଼ାଞ୍ଚାରେ ଓଡ଼ିଶାରେ ଯଦି ପ୍ରଶ୍ନପତ୍ର ଲିକ ନିରାକାରଣ ନିମନ୍ତେ କଠୋର ଆଇନର ବ୍ୟବସ୍ଥା ନହୁଏ, ତେବେ ଆଗକୁ ଏଡି ରାଜ୍ୟରେ ମଧ୍ୟ ଜେନ୍ ଜୀ ଆନ୍ଦୋଳନ ଲାଗି ବାତାବରଣ ତିଆରି ହୋଇଯିବ। ଗୋଟିଏ ପଟେ ଲକ୍ଷାଧିକ ଟଙ୍କାର ଶିକ୍ଷା ଲୋନ ସହିତ ଅନ୍ୟାନ୍ୟ ଆର୍ଥିକ ସହାୟତା ନେଇ ପିଲାମାନଙ୍କ ଡାକ୍ତରୀ ସ୍ୱପ୍ନ ପାଇଁ ଅନେକ ପିତାମାତା ଯେଉଁ ମାନସିକ ସନ୍ତାପ ଭିତରେ ଥାଆନ୍ତି ଅନ୍ୟ ପଟେ ପିଲାଟି ଦେଖୁଛି ତାର ବର୍ଷ ବର୍ଷର ପରିଶ୍ରମ ଅକାରଣରେ ପାଣିରେ ପଡ଼ି ଯାଉଛି। ଅନେକ କ୍ଷେତ୍ରରେ ଦେଶର ଉଜ୍ଜ୍ୱଳତମ ଭବିଷ୍ୟତ କୁହାଯାଉଥିବା ଆମରି ପିଲାମାନେ ବିଚଳିତ ହୋଇଯାଉଛନ୍ତି। ମାଆବାପା ପରିବାର, ବନ୍ଧୁବର୍ଗ ସମସ୍ତଙ୍କୁ ଭୁଲି ଜୀବନ ହାରି ଦେଉଛନ୍ତି। ଅନେକ ମାଆ ମାନଙ୍କ କୋଳ ଉଜୁଡ଼ି ଯାଇଛି, ବାପଟିର ସ୍ୱପ୍ନ ଚୁରମାର ହୋଇଯାଇଛି, ଭାଇଭଉଣୀଙ୍କୁ ଦେଖାଇ ଥିବା ଜୀବନ ସଞ୍ଜୀବନିର ସେହି ପିଲାଟି (ବିଦ୍ୟାର୍ଥୀ) ଆଉ ଆଗପଛ କିଛି ବିଚାର କରିପାରି ନାହାଁନ୍ତି କି ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଓ ପରିଚାଳନା ଉପରେ ଭରସା ବି ରଖି ପାରୁନାହାଁନ୍ତି। ଆଉ ବିଳମ୍ବ ନକରି ପରୀକ୍ଷା ବିଭ୍ରାଟ ଏବଂ ଚାକିରୀ ବିକ୍ରି ରୋକିବା ନିମନ୍ତେ ଭାଜପା ସରକାର କେନ୍ଦ୍ର ଢ଼ାଞ୍ଚାରେ ଆଇନ ପ୍ରଣୟନ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋବାଇଲ୍: ୯୪୩୭୧୬୩୫୨୮




# ଭାରତ ଓ ଅଷ୍ଟ୍ରେଲିଆର ୟୁରାନିୟମ୍ ସମ୍ପର୍କ



**ଡା. ରାଜକିଶୋର ପଣ୍ଡା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଅଷ୍ଟ୍ରେଲିଆ ଗସ୍ତରୁ ଦୁଇଟି କ୍ଷେତ୍ର ଯାହାକି ହେଉଛି "ପରମାଣୁ ଶକ୍ତି" ଓ "ସାମୁଦ୍ରିକ ସୁରକ୍ଷା"ରେ ଉଲ୍ଲେଖନୀୟ ପ୍ରଗତି ହୋଇଅଛି। ଏହାଦ୍ୱାରା ଭାରତ, ଅଷ୍ଟ୍ରେଲିଆ ସମ୍ପର୍କ ମଜ୍‌ବୁତ୍ ହେବା ସହିତ ହିନ୍ଦୁ-ପ୍ରଶାନ୍ତ ସାମୁଦ୍ରିକ କ୍ଷେତ୍ର ପାଇଁ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି।

ତେବେ ଏହି ନିବନ୍ଧରେ ଆମେ ଦୁଇ ରାଷ୍ଟ୍ର ମଧ୍ୟରେ ପରମାଣୁ ସମ୍ପର୍କକୁ ନେଇ ସବିଶେଷ ଆଲୋଚନା କରିବା। ଏହି ଆଣବିକ ସମ୍ପର୍କ ବର୍ତ୍ତମାନ ସମୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯଦି ଆମେ ଏହା ସହିତ ଜଡ଼ିତ ଥିବା ସଂଘର୍ଷପୂର୍ଣ୍ଣ ଇତିହାସକୁ ମନେ ପକାଇବା। ଯେବେ ଭାରତ ୧୯୯୮ ମଇ ମାସରେ "ଅପରେସନ୍ ଶକ୍ତି" ଜରିଆରେ ପୋଖରାନ୍‌ଠାରେ ପରମାଣୁ ପରୀକ୍ଷଣ କରିଥିଲା, ସେହି ସମୟରେ "କାନ୍‌ବେରା" ନୂଆଦିଲ୍ଲୀର ଦୃଢ଼ ନିନ୍ଦା କରିବା ସହିତ ଏହାକୁ "ପରମାଣୁ ପ୍ରସାର ପଦକ୍ଷେପ" ବୋଲି ବୟାନ୍ ଦେଇ, ଭାରତ ସହିତ ନିଜର ସମସ୍ତ କୂଟନୈତିକ ଓ ସାମରିକ ସମ୍ପର୍କକୁ ଛିନ୍ନ କରିଥିଲା। ଫଳସ୍ୱରୂପ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସର୍ବନିମ୍ନଗାମୀ ହୋଇଥିଲା। ଏହି ସମ୍ପର୍କରେ ଉନ୍ନତି ଆସିବା ଆରମ୍ଭ ହେଲା ୨୦୦୮ ମସିହାରେ ଯେତେବେଳେ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ସ୍ୱାକ୍ଷରିତ ହେଲା ବେସାମରିକ ପରମାଣୁ ଚୁକ୍ତି। ଉଲ୍ଲେଖନୀୟ ଏହା ଯେ ସମୁଦାୟ ପୃଥିବୀର ପ୍ରାୟ ଅଠେଇଶି ପ୍ରତିଶତ ୟୁରାନିୟମ୍, ଏକାକୀ ଅଷ୍ଟ୍ରେଲିଆ ପାଖରେ ଅଛି। ୧୯୭୪ ଓ ୧୯୯୮ ମସିହାର ପରମାଣୁ ପରୀକ୍ଷଣ ପରେ "କାନ୍‌ବେରା" ଦଶନ୍ଧି ଧରି ଆମ ଦେଶକୁ ୟୁରାନିୟମ୍ ଦେବା ପାଇଁ ମନା କରିଆସିଛି। ଆଣବିକ ଅସ୍ତ୍ରର ପରୀକ୍ଷଣକୁ ବିରୋଧ କରିବା ସହିତ ୟୁରାନିୟମ୍ ଦେବା ପାଇଁ ଅଷ୍ଟ୍ରେଲିଆର ନାସ୍ତିର ଅନ୍ୟତମ କାରଣ ହେଲା "ପରମାଣୁ ଅପ୍ରସାର ସନ୍ଧି" (ଘଙ୍କମକ୍ଷରବଦ୍ଭ ଘଡ୍ଭ-ଚଦ୍ଭକ୍ଷସଲରଦ୍ଭବଦ୍ବସକ୍ଟଭ ଝଦ୍ଭରବଦ୍ବଚ) ରେ ଭାରତର ସ୍ୱାକ୍ଷର ନ କରିବା।

ତେବେ ବର୍ତ୍ତମାନ କେଉଁ ପରିସ୍ଥିତିରେ ଅଷ୍ଟ୍ରେଲିଆ ଓ ଭାରତ ୟୁରାନିୟମ୍ ପ୍ରସଙ୍ଗରେ ମିଳିତ ସହମତିରେ ପହଞ୍ଚିଛନ୍ତି, ତାହା ଆମେ ଜାଣିବା। ପ୍ରଥମେ ଆଲୋକପାତ କରିବା ଏନ୍.ଏସ୍.ଜି (ଘ.ଝ.ଏ) ଓ ଏନ୍.ପି.ଟି (ଘ.ଚ.ଝ) ଉପରେ। ଏନ.ଏସ.ଜି ର ସମ୍ପୂର୍ଣ୍ଣ ନାମ ହେଉଛି ଘଙ୍କମକ୍ଷରବଦ୍ଭ ଝଙ୍କକ୍ଟକ୍ରକ୍ଷସରଦ୍ଭ ଏଦ୍ଭକ୍ଟଙ୍କକ୍ଟ। ଏହା ଅଠଚାଳିଶଟି ଦେଶର ଏକ ଗୋଷ୍ଠୀ, ଯାହାକୁ ଗଠନ କରାଯାଇଥିଲା, ୧୯୭୪ ମସିହାରେ ଭାରତର ପ୍ରଥମ ଆଣବିକ ପରୀକ୍ଷା ପରେ। ସେହିପରି ଘଙ୍କମକ୍ଷରବଦ୍ଭ ଘଡ୍ଭ-ଚଦ୍ଭକ୍ଷସଲରଦ୍ଭବଦ୍ବସକ୍ଟଭ ଝଦ୍ଭରବଦ୍ବଚ ଆରମ୍ଭ କରାଯାଇଥିଲା ୧୯୬୮ ମସିହାରେ। ବର୍ତ୍ତମାନ ଏଥିରେ ୧୯୧ ଟି ଦେଶ ସଦସ୍ୟ ଅଛନ୍ତି। ଉଭୟ ଏନ.ଏସ.ଜି ଓ ଏନ.ପି.ଟି ର ଲକ୍ଷ୍ୟ ହେଉଛି ଆଣବିକ ପଦାର୍ଥର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହନ ଓ ପରମାଣୁ ଅସ୍ତ୍ର ବ୍ୟବହାରକୁ ପ୍ରତିରୋଧ। ନିୟମ ଅନୁଯାୟୀ ଏନ.ପି.ଟି ର ଦସ୍ତାବେଜ୍‌ରେ ସ୍ୱାକ୍ଷର କରିଥିବା ଦେଶ ହିଁ ଏନ.ଏସ.ଜି ର ସଦସ୍ୟ ହୋଇପାରିବ। ଏହାକୁ ଅସ୍ତ୍ର କରି ଚାଇନା, ଏନ.ଏସ.ଜି ରେ ଭାରତର ଅନ୍ତର୍ଭୁକ୍ତିକରଣକୁ ବିରୋଧ କରିଆସୁଛି। କିନ୍ତୁ ସେହି ଚୀନ୍, ପାକିସ୍ତାନକୁ ଏନ.ଏସ.ଜି ରେ ସଦସ୍ୟ କରିବା ପାଇଁ ଚାପ ପକାଇ ଆସୁଛି, ଯଦିଓ ପାକିସ୍ତାନ ଏନ.ପି.ଟି ରେ ସ୍ୱାକ୍ଷର କରିନାହିଁ।

ଭାରତ ଉଭୟ ଏନ.ପି.ଟି ଓ ଏନ.ଏସ.ଜି ର ସଦସ୍ୟ ନ ହୋଇଥିବା ସତ୍ତ୍ୱେ ଆଣବିକ ଅସ୍ତ୍ରକୁ ନେଇ ସର୍ବଦା ଏକ ଶାନ୍ତ ଭାବମୂର୍ତ୍ତି ରକ୍ଷା କରିଆସିଛି। ଏହି କାରଣରୁ ୨୦୦୮ ମସିହାରେ ଏନ.ଏସ.ଜି ଏହାର ସର୍ତ୍ତାବଳୀରୁ ଭାରତକୁ ଏକ ବଡ଼ ଛାଡ଼ (ଡବସଙ୍ଗରଦ୍ଭ) ଦେଇଥିଲା। ଏହି ଛାଡ଼ ଅନୁଯାୟୀ ଭାରତ ଏନ.ପି.ଟି ରେ ସ୍ୱାକ୍ଷର ନ କରି ଥିବା ସତ୍ତ୍ୱେ ଆଣବିକ ପଦାର୍ଥର ଆମଦାନୀ ଓ କାରବାର କରିପାରିବ। ଏହା ପରେ ହିଁ ୨୦୦୮ ମସିହାରେ ଭାରତ-ଆମେରିକା ମଧ୍ୟରେ ବେସାମରିକ ଆଣବିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

ଆହୁରି ମଧ୍ୟ ଭାରତ ୨୦୦୮ ମସିହାରେ ଆନ୍ତର୍ଜାତିକ ପରମାଣୁ ଶକ୍ତି ସଂସ୍ଥାନ (ଓଇଋଇ) ସହ ଏକ ଚୁକ୍ତି ସ୍ୱାକ୍ଷର କରିଥିଲା, ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ନେଇ। ଏନ.ଏସ.ଜି ର ଛାଡ଼, ଆଇ.ଏ.ଇ.ଏ ସହ ଚୁକ୍ତି ଓ ଦ୍ୱିପାକ୍ଷିକ ବାର୍ତ୍ତାଳାପ ମଧ୍ୟରେ ପରିଶେଷରେ ଚଳିତ ବର୍ଷ ଜୁଲାଇ ୯ ରେ, ଭାରତ ଓ ଅଷ୍ଟ୍ରେଲିଆ ୨୦୧୪ ମସିହାରୁ ଶୀତଳଭଣ୍ଡାରରେ ପଡ଼ିରହିଥିବା ବେସାମରିକ ଆଣବିକ ସହଯୋଗ ଚୁକ୍ତିକୁ ଚୂଡ଼ାନ୍ତ କରିଛନ୍ତି। ଏହାଦ୍ୱାରା ଭାରତ ବେସାମରିକ ପ୍ରକ୍ରିୟା ନିମନ୍ତେ ଅବାରିତ ଭାବରେ ଅଷ୍ଟ୍ରେଲିଆରୁ ୟୁରାନିୟମ୍ ଆମଦାନୀ କରିପାରିବ।

ଭାରତ ଏହାଦ୍ୱାରା ତିନୋଟି କ୍ଷେତ୍ରରେ ଲାଭବାନ୍ ହେବ। ଏହି ତିନୋଟି କ୍ଷେତ୍ର ହେଉଛି "ପ୍ରତୀକାତ୍ମକ", "ବ୍ୟାବହାରିକ" ଓ "ରଣନୈତିକ"। ପ୍ରଥମେ ଆସିବା ପ୍ରତୀକାତ୍ମକ ଦିଗକୁ। ୟୁରାନିୟମ୍ ଦେବା ପାଇଁ ସହମତ ହୋଇ ଅଷ୍ଟ୍ରେଲିଆ, ଭାରତକୁ ଏକ ଦାୟିତ୍ୱବାନ୍ ପରମାଣୁ ରାଷ୍ଟ୍ର ବୋଲି ସ୍ୱୀକାର କରିନେଇଛି। ଯେଉଁ ଦେଶଗୁଡ଼ିକୁ ଅଷ୍ଟ୍ରେଲିଆ ପୂର୍ବରୁ ୟୁରାନିୟମ୍ ଯୋଗାଇ ଆସୁଛି, ସେମାନେ ହେଉଛନ୍ତି ଆମେରିକା, ଜାପାନ, ଦକ୍ଷିଣ କୋରିଆ, ଫ୍ରାନ୍ସ, ସୁଇଡେନ୍, ବେଲ୍‌ଜିୟମ୍, ଫିନ୍‌ଲ୍ୟାଣ୍ଡ, ବ୍ରିଟେନ୍ ଓ ଜର୍ମାନୀ। ଭାରତ ବର୍ତ୍ତମାନ ଏହି ଗୋଷ୍ଠୀରେ ସାମିଲ ହେବା ସହିତ ଏନ.ପି.ଟି ର ସଦସ୍ୟ ନ ଥାଇ ବୈଶ୍ୱିକ ପରମାଣୁ ବ୍ୟବସ୍ଥାରେ ନିଜର ସ୍ଥାନକୁ ସୁଦୃଢ଼ କରିପାରିବ।

ବ୍ୟାବହାରିକ ଦୃଷ୍ଟିରୁ ଦେଖିଲେ, ଏହା ଇନ୍ଧନ ବା ଶକ୍ତି ସୁରକ୍ଷା କ୍ଷେତ୍ରରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଭାରତର ପରମାଣୁ ଶକ୍ତି କାର୍ଯ୍ୟକ୍ରମର ଲକ୍ଷ୍ୟ ବୃହତ୍। ବର୍ତ୍ତମାନ ଦେଶରେ ୮.୮ ଜିଗାୱାଟ୍ ପରମାଣୁ ଶକ୍ତିର ଉତ୍ପାଦନ ହେଉଛି ଓ ନୂଆଦିଲ୍ଲୀର ଆଶା ଅଛି ୨୦୩୧ ସୁଦ୍ଧା ଏହା ବୃଦ୍ଧି ପାଇ ୨୨ ଜିଗାୱାଟ୍‌ରେ ପହଞ୍ଚିବ ବୋଲି। ଅନ୍ତିମ ଲକ୍ଷ୍ୟ ହେଉଛି ୨୦୪୭ ସୁଦ୍ଧା ଏକଶହ ଜିଗାୱାଟ୍ ପରମାଣୁ ଶକ୍ତିର ଉତ୍ପାଦନ, ଯାହାକି କଷ୍ଟସାଧ୍ୟ। କେବଳ ଘରୋଇ ୟୁରାନିୟମକୁ ବ୍ୟବହାର କରି ଭାରତ ଏହି ଲକ୍ଷ୍ୟ ହାସଲ କରିପାରିବ ନାହିଁ। ୨୦୦୮ ମସିହାରେ ଏନ.ଏସ.ଜି ତରଫରୁ ଛାଡ଼ ପାଇବା ପୂର୍ବରୁ, ୟୁରାନିୟମ୍‌ର ଅଭାବରୁ ଭାରତୀୟ ଆଣବିକ ରିଆକ୍ଟରଗୁଡ଼ିକ ପଚାଶ ରୁ ଷାଠିଏ ପ୍ରତିଶତ କ୍ଷମତାରେ ହିଁ କାର୍ଯ୍ୟ କରୁଥିଲେ। ଛାଡ଼ ମିଳିବା ପରେ ଭାରତ ଋଷ୍, ଫ୍ରାନ୍ସ, କାଜାଖସ୍ତାନ୍ ଓ କାନାଡ଼ାରୁ ୟୁରାନିୟମ୍ ଆମଦାନୀ କରିବା ଆରମ୍ଭ କଲା। ବର୍ତ୍ତମାନ ଅଷ୍ଟ୍ରେଲିଆ ଉପରୋକ୍ତ ଦେଶଗୁଡ଼ିକ ସହିତ ସାମିଲ ହେବା ଫଳରେ ଭାରତର ୟୁରାନିୟମ ଆମଦାନୀ କ୍ଷେତ୍ର ବଢ଼ିଯିବ। ବୈଶ୍ୱିକ କମୋଡ଼ିଟି ବଜାର ଓ ଅସ୍ଥିର ଭୂରାଜନୈତିକ ପରିସ୍ଥିତିରେ ବିଶ୍ୱର ସବୁଠାରୁ ବଡ଼ ୟୁରାନିୟମ୍ ଭଣ୍ଡାର ଥିବା ଦେଶ (ଅଷ୍ଟ୍ରେଲିଆ)ରୁ ଆମଦାନୀ କରିବା ଭାରତ ପକ୍ଷରେ ଏକ ଦୀର୍ଘକାଳୀନ ବିଶ୍ୱାସ ଓ ଅଷ୍ଟ୍ରେଲିଆ ପାଇଁ ଦୀର୍ଘସ୍ଥାୟୀ ବଜାର ସୃଷ୍ଟି କରିବ। ଏହି ରାଜିନାମାରେ ସୁରକ୍ଷା ଓ ତଦାରଖର ବ୍ୟବସ୍ଥା ମଧ୍ୟ ସାମିଲ ଅଛି, ଯାହା ହେଉଛି ଅଷ୍ଟ୍ରେଲିଆର ଚିନ୍ତା ଗୁଡ଼ିକର ସମାଧାନ। ଆହୁରି ମଧ୍ୟ ଏହି ଚୁକ୍ତି ଅନୁଯାୟୀ ଅଷ୍ଟ୍ରେଲିଆର ୟୁରାନିୟମ୍ ଉତ୍ତୋଳନକାରୀ ବେସରକାରୀ କମ୍ପାନୀମାନେ, ଭାରତର ବେସରକାରୀ ଆଣବିକ କମ୍ପାନୀ ସହ କାରବାର କରିପାରିବେ। ଭାରତ ସରକାର ଡିସେମ୍ବର ୨୦୨୫ ରେ ବେସରକାରୀ କମ୍ପାନୀମାନଙ୍କୁ ଆଣବିକ କାର୍ଯ୍ୟକ୍ରମରେ ସୁଯୋଗ ଦେବା ପାଇଁ ଶାନ୍ତି ନିୟମ (ଝଐଇଘଝଓ ଇମଦ୍ବ)ର ପ୍ରଣୟନ କରିଛନ୍ତି। ଏହାଦ୍ୱାରା ନିଶ୍ଚିତ ଭାବରେ ଭାରତର ଆଣବିକ ଶକ୍ତି କାର୍ଯ୍ୟକ୍ରମରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ।

ଶେଷରେ ଆଲୋଚନା କରିବା ରଣନୈତିକ ଦିଗକୁ। ଭାରତର ସ୍ୱଦେଶୀ "ପ୍ରେସ୍‌ରାଇଜଡ୍ ହେଭି ୱାଟର ରିଆକ୍ଟର" (ଚଐଡଜ) ବ୍ୟାବହାରିକ ଦୃଷ୍ଟିରୁ ଅତ୍ୟନ୍ତ ଉତ୍ତମ ହେଲେ ମଧ୍ୟ ଆକାରରେ ଛୋଟ। ଏଗୁଡ଼ିକର କ୍ଷମତା ହେଉଛି ଯଥାକ୍ରମେ ୨୨୦ଗଡ଼, ୫୪୦ଗଡ଼, ୭୦୦ଗଡ଼। କାର୍ବନର ନିର୍ଗମନ କମାଇବା ଓ ବିଦ୍ୟୁତ୍ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ଆମକୁ ଫ୍ରାନ୍ସ, ଋଷ୍ ଓ ଆମେରିକାଠାରୁ ଏକହଜାର ମେଗାୱାଟ୍‌ରୁ ଅଧିକ କ୍ଷମତା ବିଶିଷ୍ଟ "ଲାଇଟ୍ ୱାଟର ରିଆକ୍ଟର"ର ଆବଶ୍ୟକତା ରହିଛି। ଏଥିରେ ୟୁରାନିୟମ୍‌ର ଅଧିକ ବ୍ୟବହାର ହୋଇଥାଏ। ଏହିଠାରେ ହିଁ ଅଷ୍ଟ୍ରେଲିଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବେସାମରିକ ରିଆକ୍ଟର୍ ପାଇଁ ଅଷ୍ଟ୍ରେଲିଆରୁ ଆଗତ ୟୁରାନିୟମର ବ୍ୟବହାର କରି, ଭାରତ ନିଜର ୟୁରାନିୟମକୁ (ଯାହାକି ସୀମିତି ମାତ୍ରାରେ ଅଛି), ସ୍ୱଦେଶୀ ରିଆକ୍ଟର ଓ ସାମରିକ କାର୍ଯ୍ୟକ୍ରମ ସକାଶେ ବଞ୍ଚାଇ ପାରିବ। ତେଣୁ ସଂକ୍ଷେପରେ କହିଲେ, ଭାରତ-ଅଷ୍ଟ୍ରେଲିଆ ପରମାଣୁ ରାଜିନାମା ଆମ ଦେଶର ବିକାଶ ଓ ଜଳବାୟୁ ଅନୁରୂପ ଆଣବିକ ଶକ୍ତି ବଢ଼ାଇବାରେ ସହଯୋଗ କରିବ।

ମେଡ଼ିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ୍:୮୧୪୪୦୪୨୯୯୭



# ୨୦ ସାଂସଦଙ୍କ ନିଷ୍ପତ୍ତି:ଦଳୀୟ ନିଷ୍ଠା ନା ଓଡ଼ିଶାର ସ୍ୱାର୍ଥ?



**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଓଡ଼ିଶା ଆଜି ଏକ ଏମିତି ରାଜନୈତିକ ପ୍ରଶ୍ନର ସମ୍ମୁଖୀନ, ଯାହାର ଉତ୍ତର କେବଳ ସଂସଦର ଭୋଟ ଫଳାଫଳରେ ନୁହେଁ, ଆଗାମୀ ଦିନରେ ଓଡ଼ିଶାର ଅର୍ଥନୀତି, ରାଜସ୍ୱ ଓ ଖଣିଜ ସମ୍ପଦର ଭବିଷ୍ୟତରେ ଦେଖାଯିବ। ଖଣି ଓ ଖଣିଜ ବିକାଶ ଓ ନିୟନ୍ତ୍ରଣ ଆଇନର ସଂଶୋଧନକୁ ନେଇ ରାଜ୍ୟରେ ରାଜନୈତିକ ତାପ ବଢ଼ିଛି। ଓଡ଼ିଶାରୁ ଲୋକସଭାକୁ ନିର୍ବାଚିତ ହୋଇଥିବା ବିଜେପିର ୨୦ ଜଣ ସାଂସଦ ସଂସଦରେ ଏହି ସଂଶୋଧନକୁ ସମର୍ଥନ କରିଥିବା ପରିପ୍ରେକ୍ଷିତରେ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି— ଏହି ଭୋଟ ଓଡ଼ିଶାର ହିତକୁ ଆଗରେ ରଖି ହୋଇଥିଲା କି ଦଳୀୟ ନିଷ୍ଠାର ଆଧାରରେ? ଏହି ପ୍ରଶ୍ନ ରାଜନୈତିକ ଭାବେ ତୀକ୍ଷ୍ଣ, କିନ୍ତୁ ଏହାର ଉତ୍ତର ଭାବନାରେ ନୁହେଁ, ତଥ୍ୟରେ ଖୋଜିବା ଆବଶ୍ୟକ। ବିଜେଡିର ଅଭିଯୋଗ ହେଉଛି, ଏହି ସଂଶୋଧନ ଓଡ଼ିଶାର ଖଣିଜ ରାଜସ୍ୱ ଓ ରାଜ୍ୟର ଅଧିକାରକୁ ପ୍ରଭାବିତ କରିପାରେ। ଦଳ ପକ୍ଷରୁ ଏହାକୁ ରାଜ୍ୟର ସ୍ୱାର୍ଥବିରୋଧୀ ବୋଲି କୁହାଯାଇଛି ଏବଂ ସଂଶୋଧନ ପ୍ରତ୍ୟାହାର ଦାବି କରାଯାଇଛି। କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ବିରୋଧର ସ୍ୱର ଉଠାଇଛି। ଅନ୍ୟପକ୍ଷରେ ବିଜେପିର ଯୁକ୍ତି ହେଉଛି, ସଂଶୋଧନ ଯୋଗୁଁ ଓଡ଼ିଶାର ରାଜସ୍ୱ ହ୍ରାସ ପାଇବ ବୋଲି କରାଯାଉଥିବା ଆଶଙ୍କା ଅତିରଞ୍ଜିତ ଏବଂ ନୂଆ ବ୍ୟବସ୍ଥା ଖଣି କ୍ଷେତ୍ରରେ ଅଧିକ ବିନିଯୋଗ, ଉତ୍ପାଦନ ଓ ରୋଜଗାରର ସୁଯୋଗ ଆଣିପାରେ। ଏଠାରେ ଆମେ ଗୋଟିଏ ମୌଳିକ କଥା ସ୍ପଷ୍ଟ କରିବା ଆବଶ୍ୟକ— କୌଣସି ଦଳର ଦାବିକୁ କେବଳ ଦଳୀୟ ପରିଚୟ ଦେଖି ସତ୍ୟ ବୋଲି ମାନିନେବା ଗଣତାନ୍ତ୍ରିକ ସାମ୍ବାଦିକତା ନୁହେଁ। ବିଜେପି କହୁଛି ଓଡ଼ିଶାର କ୍ଷତି ହେବ ନାହିଁ— ତେବେ ଏହାର ସ୍ପଷ୍ଟ ହିସାବ ଲୋକଙ୍କ ସମ୍ମୁଖରେ ଆସିବା ଦରକାର। ବିଜେଡି କହୁଛି ଓଡ଼ିଶାର ବଡ଼ ରାଜସ୍ୱ କ୍ଷତି ହେବ— ତେବେ ସେହି ଆକଳନର ଆଧାର ମଧ୍ୟ ସାଧାରଣ ଲୋକଙ୍କ ସମ୍ମୁଖରେ ରହିବା ଦରକାର। କଂଗ୍ରେସ ଯଦି ଏହାକୁ ରାଜ୍ୟ ଅଧିକାରର ପ୍ରଶ୍ନ କହୁଛି, ତେବେ କେଉଁ ଧାରା କିପରି ରାଜ୍ୟର ଅଧିକାରକୁ ପ୍ରଭାବିତ କରୁଛି, ତାହା ମଧ୍ୟ ସ୍ପଷ୍ଟ କରିବା ଦରକାର। ଲୋକତନ୍ତ୍ରରେ ନାରା ଅପେକ୍ଷା ତଥ୍ୟର ମୂଲ୍ୟ ଅଧିକ। ଓଡ଼ିଶାର ୨୦ ଜଣ ସାଂସଦଙ୍କ ଉପରେ ତେଣୁ ଏକ ବିଶେଷ ଦାୟିତ୍ୱ ରହିଛି। ସେମାନେ ନିଜ ଦଳର ସାଂସଦ, କିନ୍ତୁ ସେମାନଙ୍କୁ ଲୋକସଭାକୁ ପଠାଇଛନ୍ତି ଓଡ଼ିଶାର ଲୋକ। ଦଳୀୟ ନିର୍ଦ୍ଦେଶ ପାଳନ କରିବା ସଂସଦୀୟ ରାଜନୀତିର ଏକ ସ୍ୱାଭାବିକ ଅଂଶ ହୋଇପାରେ; କିନ୍ତୁ ଜଣେ ସାଂସଦଙ୍କର ନିଜ ନିର୍ବାଚନମଣ୍ଡଳୀ ଓ ରାଜ୍ୟ ପ୍ରତି ମଧ୍ୟ ଏକ ନୈତିକ ଦାୟିତ୍ୱ ରହେ। ତେଣୁ ୨୦ ଜଣ ସାଂସଦ ଯଦି କହନ୍ତି ଯେ ସେମାନଙ୍କର ଭୋଟ ଓଡ଼ିଶାର ସ୍ୱାର୍ଥରେ ହୋଇଛି, ତେବେ ଓଡ଼ିଶାବାସୀଙ୍କୁ ସେହି ସ୍ୱାର୍ଥର ସ୍ପଷ୍ଟ ଚିତ୍ର ଦେଖାଇବା ମଧ୍ୟ ସେମାନଙ୍କର ଦାୟିତ୍ୱ। କେତେ ରାଜସ୍ୱ ରହିବ, କେତେ ବଢ଼ିପାରେ, କେଉଁ ଅଞ୍ଚଳ ଲାଭ ପାଇବ, ଖଣି ପ୍ରଭାବିତ ଲୋକଙ୍କ ଜୀବନରେ କ'ଣ ପରିବର୍ତ୍ତନ ଆସିବ, ରାଜ୍ୟର ଅଧିକାରରେ କୌଣସି ପରିବର୍ତ୍ତନ ହେବ କି ନାହିଁ— ଏସବୁ ପ୍ରଶ୍ନର ଉତ୍ତର ତଥ୍ୟ ସହ ଦେବା ଦରକାର। ଏହା କେବଳ ବିରୋଧୀଙ୍କ ପ୍ରଶ୍ନ ନୁହେଁ; ଏହା ଓଡ଼ିଶାର ପ୍ରତ୍ୟେକ ନାଗରିକଙ୍କ ପ୍ରଶ୍ନ। କିନ୍ତୁ ସମାନ ମାପକାଠି ବିରୋଧୀଙ୍କ ପାଇଁ ମଧ୍ୟ ଲାଗୁ ହେବ। ଯଦି ବିଜେଡି କିମ୍ବା କଂଗ୍ରେସ ଏହି ସଂଶୋଧନକୁ ଓଡ଼ିଶାବିରୋଧୀ କହୁଛନ୍ତି, ତେବେ ସେମାନଙ୍କୁ ମଧ୍ୟ ତଥ୍ୟ ଦେବାକୁ ହେବ। କେବଳ "ଓଡ଼ିଶା ବିପଦରେ" ବୋଲି କହିଦେଲେ ଲୋକଙ୍କ ସନ୍ଦେହ ଦୂର ହେବ ନାହିଁ। ସେହିପରି "ଓଡ଼ିଶାର ଗୋଟିଏ ଟଙ୍କା ମଧ୍ୟ କ୍ଷତି ହେବ ନାହିଁ" ବୋଲି କହିଦେଲେ ମଧ୍ୟ ଲୋକଙ୍କ ପ୍ରଶ୍ନର ଉତ୍ତର ମିଳିବ ନାହିଁ। ଲୋକେ ଏବେ ଅଧିକ ସଚେତନ। ସେମାନେ ନାରା ନୁହେଁ, ପ୍ରମାଣ ଚାହୁଁଛନ୍ତି। ଓଡ଼ିଶାର ଖଣିଜ ସମ୍ପଦ କେବଳ ଏକ ଆର୍ଥିକ ସଂଖ୍ୟା ନୁହେଁ। ଏହା ଆମ ମାଟିର ଧନ। ଏହି ଧନ ଦେଶର ଶିଳ୍ପକୁ ଶକ୍ତି ଦେଇଛି, ଇସ୍ପାତ କାରଖାନାକୁ କଞ୍ଚାମାଲ ଦେଇଛି, ରାଜ୍ୟକୁ ରାଜସ୍ୱ ଦେଇଛି। କିନ୍ତୁ ଖଣିଜ ଉତ୍ତୋଳନର ପ୍ରଭାବ ବହନ କରିଥିବା ଲୋକଙ୍କୁ ମଧ୍ୟ ଆମେ ଭୁଲିପାରିବୁ ନାହିଁ। ଖଣି ଅଞ୍ଚଳର ଗାଁ, ଆଦିବାସୀ ପରିବାର, ଚାଷୀ, ଶ୍ରମିକ ଓ ସ୍ଥାନୀୟ ଯୁବକଙ୍କ ଜୀବନରେ ଖଣିଜ ନୀତିର ପ୍ରଭାବ ପଡ଼େ। ତେଣୁ ଏହି ବିତର୍କର ମୂଳ ପ୍ରଶ୍ନ କେବଳ "ରାଜ୍ୟ କେତେ ଟଙ୍କା ପାଇବ?" ନୁହେଁ; ପ୍ରଶ୍ନ ହେଉଛି "ସେହି ଟଙ୍କାରୁ ଓଡ଼ିଶାର ଲୋକ କେତେ ଲାଭ ପାଇବେ?" ଖଣିଜ ସମ୍ପଦ ଶେଷ ହୋଇପାରେ, କିନ୍ତୁ ତାହାରୁ ସୃଷ୍ଟି ହୋଇଥିବା ମାନବ ସମ୍ପଦ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଓ ରୋଜଗାର ସ୍ଥାୟୀ ହୋଇପାରେ। ସେହି କାରଣରୁ ଆଜି ଓଡ଼ିଶାର ଆବଶ୍ୟକତା ହେଉଛି ଦଳୀୟ ଦୋଷାରୋପ ନୁହେଁ, ଏକ ସ୍ପଷ୍ଟ ଖଣିଜ ନୀତି। ଶାସକ ଦଳର ୨୦ ଜଣ ସାଂସଦ ଯଦି ନିଜ ଭୋଟକୁ ଓଡ଼ିଶାର ହିତରେ ବୋଲି ମନେ କରନ୍ତି, ତେବେ ସେମାନେ ଓଡ଼ିଶାର ଲୋକଙ୍କୁ ବୁଝାନ୍ତୁ। ବିରୋଧୀ ଦଳଗୁଡ଼ିକ ଯଦି ଏହାକୁ ଓଡ଼ିଶାର କ୍ଷତି ବୋଲି ମନେ କରନ୍ତି, ତେବେ ସେମାନେ ମଧ୍ୟ ପ୍ରମାଣ ସହ ନିଜ ଯୁକ୍ତି ରଖନ୍ତୁ। ସତ୍ୟ ଯଦି ସରକାରଙ୍କ ପକ୍ଷରେ ଥାଏ, ତାହାକୁ ସ୍ୱୀକାର କରିବାରେ ଦ୍ୱିଧା ରହିବା ଉଚିତ ନୁହେଁ; ସତ୍ୟ ଯଦି ବିରୋଧୀଙ୍କ ଯୁକ୍ତିକୁ ସମର୍ଥନ କରେ, ତାହାକୁ ମଧ୍ୟ ସ୍ୱୀକାର କରିବା ଦରକାର। ଗଣତନ୍ତ୍ରର ସୌନ୍ଦର୍ଯ୍ୟ ଏହି ନିରପେକ୍ଷତାରେ। ଓଡ଼ିଶାର ଲୋକେ କୌଣସି ଦଳର ଅନ୍ଧ ସମର୍ଥକ ନୁହନ୍ତି। ସେମାନେ ଆଜି ପଚାରୁଛନ୍ତି— ଆମ ଖଣିଜ ସମ୍ପଦର ନିଷ୍ପତ୍ତି କିଏ ନେଉଛି, କାହିଁକି ନେଉଛି ଏବଂ ତାହାର ଲାଭ ଆମ ପାଖକୁ କିପରି ଆସିବ? ଏହି ପ୍ରଶ୍ନରୁ କୌଣସି ଦଳ ପଳାଇପାରିବ ନାହିଁ। ଆମର ମତ ସ୍ପଷ୍ଟ— ୨୦ ସାଂସଦଙ୍କୁ ଅପମାନ କରିବା ନୁହେଁ, ସେମାନଙ୍କୁ ପ୍ରଶ୍ନ କରିବା ଦରକାର; ବିଜେଡିକୁ ଦୋଷ ଦେବା ନୁହେଁ, ତାହାର ଦାବିର ପ୍ରମାଣ ଚାହିବା ଦରକାର; କଂଗ୍ରେସର ମତକୁ ଅବହେଳା କରିବା ନୁହେଁ, ତାହାର ଯୁକ୍ତି ମଧ୍ୟ ପରୀକ୍ଷା କରିବା ଦରକାର। କାରଣ ଏହା ନିର୍ବାଚନର ପ୍ରଶ୍ନ ନୁହେଁ, ଆଗାମୀ ପିଢ଼ିର ପ୍ରଶ୍ନ। ଆଜି ଆମେ ଯେଉଁ ନିଷ୍ପତ୍ତି ନେବୁ, ତାହାର ପ୍ରଭାବ ଆସନ୍ତା ଦଶନ୍ଧିରେ ଦେଖାଯିବ। ତେଣୁ ଦଳୀୟ ନିଷ୍ଠା ଥାଉ, କିନ୍ତୁ ତାହାଠାରୁ ଉପରେ ରହୁ ଓଡ଼ିଶା ପ୍ରତି ନିଷ୍ଠା। ସଂସଦରେ ଭୋଟ ଦିଆଯାଉ, କିନ୍ତୁ ସେହି ଭୋଟର ହିସାବ ଓଡ଼ିଶାର ଲୋକଙ୍କୁ ମଧ୍ୟ ଦିଆଯାଉ। ଆମେ ଏହା ମଧ୍ୟ ମନେ ରଖିବା ଦରକାର— ସରକାର ଆସିବ, ସରକାର ଯିବ; ଦଳ ଜିତିବ, ଦଳ ହାରିବ; କିନ୍ତୁ ଓଡ଼ିଶାର ଖଣିଜ ସମ୍ପଦ ଥରେ ଶେଷ ହେଲେ ତାହା ପୁଣି ଫେରିବ ନାହିଁ। ସେଥିପାଇଁ ଆଜିର ସବୁଠାରୁ ବଡ଼ ପ୍ରଶ୍ନ ଏହା ନୁହେଁ ଯେ ୨୦ ସାଂସଦ କାହା କଥା ଶୁଣି ଭୋଟ ଦେଲେ; ସବୁଠାରୁ ବଡ଼ ପ୍ରଶ୍ନ ହେଉଛି— ସେମାନଙ୍କ ଭୋଟରୁ ଓଡ଼ିଶା କ'ଣ ପାଇବ? ଏହାର ଉତ୍ତର ଯଦି ସ୍ପଷ୍ଟ, ତଥ୍ୟଭିତ୍ତିକ ଓ ଓଡ଼ିଶାର ଲୋକଙ୍କ ପାଇଁ ଲାଭଦାୟକ, ତେବେ ରାଜନୈତିକ ଅଭିଯୋଗର ଶବ୍ଦ ଧୀରେ ଧୀରେ ନିରବ ହୋଇଯିବ। ଆଉ ଯଦି ଉତ୍ତର ଅସ୍ପଷ୍ଟ, ତେବେ ପ୍ରଶ୍ନ କରିବାର ଅଧିକାର ଓଡ଼ିଶାବାସୀଙ୍କର ରହିବ। ଶେଷରେ ଆମର ଆଭିମୁଖ୍ୟ ଏତିକି-ନା ବିଜେପିର ପକ୍ଷ, ନା ବିଜେଡିର ପକ୍ଷ, ନା କଂଗ୍ରେସର ପକ୍ଷ; ଆମେ ଓଡ଼ିଶାର ପକ୍ଷରେ। ଦଳ ଜିତୁ କି ହାରୁ, ଓଡ଼ିଶା ହାରିବା ଉଚିତ ନୁହେଁ।

ମୋବାଇଲ୍:୯୪୩୭୯୯୪୩୭୯

### କିର୍ଗିଜସ୍ତାନରେ ପ୍ରଧାନମନ୍ତ୍ରୀ

# ସାଂଘାଇ ଶିଖର ସମ୍ମିଳନୀକୁ ସମ୍ବୋଧିତ କରିବେ



ନୂଆଦିଲ୍ଲୀ, ୩୧।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଜବେକିସ୍ତାନ ଗସ୍ତ ଶେଷ କରିବା ପରେ ରବିବାର ରାତିରେ କିର୍ଗିଜସ୍ତାନରେ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀ ଆଗାମୀ ଦୁଇ ଦିନ ପାଇଁ କିର୍ଗିଜସ୍ତାନର ରାଜଧାନୀ ବିଶକେକ୍‌ରେ ରହିବେ। ଏହି ସମୟ ମଧ୍ୟରେ ସେ ବିଶକେକରେ ୨୬ତମ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବେ ଏବଂ ଅନେକ ଏସ୍‌ସିଓ ସଦସ୍ୟ ଦେଶର ନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ ମଧ୍ୟ କରିବେ। ପ୍ରଧାନମନ୍ତ୍ରୀ କିର୍ଗିଜସ୍ତାନ ଗଣରାଜ୍ୟର ରାଜଧାନୀ ବିଶକେକରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। କିର୍ଗିଜସ୍ତାନର ମନ୍ତ୍ରୀ କ୍ୟାବିନେଟର ଅଧ୍ୟକ୍ଷ ଆଦିଲବେକ କାସିମାଲିୟେଭ ବିମାନବନ୍ଦରରେ ତାଙ୍କୁ ସ୍ୱାଗତ କରିଥିଲେ। କିର୍ଗିଜସ୍ତାନ ମହିଳା ନୃତ୍ୟଶିଳ୍ପୀମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରିବା ପାଇଁ ଏକ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଏହା ପରେ ପ୍ରଧାନମନ୍ତ୍ରୀ ମୋଦି କିର୍ଗିଜସ୍ତାନର ମନ୍ତ୍ରୀ କ୍ୟାବିନେଟର ଅଧ୍ୟକ୍ଷ କାସିମାଲିୟେଭଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ।

କିର୍ଗିଜସ୍ତାନର ରାଜଧାନୀ ବିଶକେକରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ମୋଦି ନିଜେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ ସେୟାର କରିଛନ୍ତି। ତାଙ୍କ ପୋଷ୍ଟରେ ସେ କହିଛନ୍ତି, କିଛି ସମୟ ପୂର୍ବରୁ ବିଶକେକରେ ପହଞ୍ଚିଛି। ବିଶକେକରେ ଭବ୍ୟ ସ୍ୱାଗତ ପାଇଁ କିର୍ଗିଜସ୍ତାନ ଗଣରାଜ୍ୟର ମନ୍ତ୍ରୀ କ୍ୟାବିନେଟର ଅଧ୍ୟକ୍ଷ ଆଦିଲବେକ କାସିମାଲିଭଙ୍କୁ ଅନେକ ଧନ୍ୟବାଦ।

**ସୁରକ୍ଷା, ସଂଯୋଗୀକରଣ ଓ ସୁଯୋଗ ଉପରେ ପ୍ରାଥମିକତା**

ସୋମବାର ଓ ମଙ୍ଗଳବାର ମୁଁ ବିଭିନ୍ନ ଦେଶର ନେତାଙ୍କ ସହିତ ଦ୍ୱିପାକ୍ଷିକ ବୈଠକ କରିବି। ମୁଁ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀରେ ମଧ୍ୟ ଅଂଶଗ୍ରହଣ କରିବି। କିର୍ଗିଜସ୍ତାନର ରାଜଧାନୀ ବିଶକେକରେ ଏହି ୨୬ତମ ଏସ୍‌ସିଓ ଶିଖର ସମ୍ମିଳନୀ ସାଂଘାଇ ସହଯୋଗ ସଂଗଠନର ୨୫ତମ ବାର୍ଷିକୀ ପାଳନ ପାଇଁ ଅନୁଷ୍ଠିତ ହେଉଛି। ଏହି ସଂଗଠନରେ ଭାରତ ୨୦୧୭ରୁ ପୂର୍ଣ୍ଣ ସଦସ୍ୟ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେବଳ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଂଶଗ୍ରହଣ କରିବେ ନାହିଁ; ବରଂ ଶିଖର ସମ୍ମିଳନୀରେ ସମ୍ବୋଧିତ କରିବେ। ସେ ପ୍ଲାଟଫର୍ମ ମାଧ୍ୟମରେ ସୁରକ୍ଷା, ସଂଯୋଗୀକରଣ ଓ ସୁଯୋଗ ସମ୍ପର୍କରେ ଭାରତର ପ୍ରାଥମିକତା ଉପରେ ଆଲୋକପାତ କରିବେ।

### ମୋଦି-ମାସୁଦ ସାକ୍ଷାତାଲୋଚନା



ବିଶକେକ: କିର୍ଗିଜସ୍ତାନର ବିଶକେକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ମଧ୍ୟରେ ସାକ୍ଷାତ ହୋଇଛି। ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ଓ ଇରାନୀ ରାଷ୍ଟ୍ରପତିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ଉଭୟ ନେତା ଭାରତ-ଇରାନ ପାରସ୍ପରିକ ସମ୍ପର୍କ, ବାଣିଜ୍ୟ, ଚାବାହାର ବନ୍ଦର ସଂଯୋଗୀକରଣ ଓ ପଶ୍ଚିମ ଏସିଆର ସଦ୍ୟତମ ପରିସ୍ଥିତି ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଆମେରିକା ସହିତ ଚାଲିଥିବା ବିବାଦ ମଧ୍ୟରେ, ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ବନ୍ଦ ରହିଥିବାବେଳେ ଇରାନୀ ରାଷ୍ଟ୍ରପତିଙ୍କ ସହ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

## ବାବରଙ୍କ ଦେଶରୁ ପୁରସ୍କାର, ବିଜେପିକୁ ଅଭିନନ୍ଦନ



**ମୋଦିଙ୍କୁ ସମ୍ମାନ ନେଇ ଅସଦୁଦ୍ଦିନ ଓୱେସିଙ୍କ କଟାକ୍ଷ**

ହାଇଦ୍ରାବାଦ, ୩୧।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉଜବେକିସ୍ତାନରେ ସର୍ବୋଚ୍ଚ ନାଗରିକ ସମ୍ମାନ ମିଳିବା ଉପରେ ଅସଦୁଦ୍ଦିନ ଓୱେସି ବିଜେପି ଓ ଆରଏସଏସକୁ କଡ଼ା ସମାଲୋଚନା କରିଛନ୍ତି। ଏଆଇଏମଆଇଏମ ନେତା କହିଛନ୍ତି, ବିଜେପିକୁ ଅଭିନନ୍ଦନ ଯେ ବାବରଙ୍କ ଦେଶ, ଯାହାଙ୍କ ନାମରେ ସେମାନେ ଗାଳି ଦେଉଥିଲେ, ସେହି ଦେଶ ପ୍ରଧାନମନ୍ତ୍ରୀଙ୍କୁ ଏହି ପୁରସ୍କାର ଦେଇଛି। ବାବର ଯେଉଁ ଦେଶରୁ ଭାରତ ଆସିଥିଲେ, ସେହି ଦେଶରୁ ପ୍ରଧାନମନ୍ତ୍ରୀଙ୍କୁ ଏବେ ପୁରସ୍କାର ମିଳିଛି। ଫର୍ଗାନା ଉପତ୍ୟକା ଉଜବେକିସ୍ତାନରେ ଅଛି। ପ୍ରଧାନମନ୍ତ୍ରୀ ଯେଉଁଠାକୁ ଯାଆନ୍ତି ସେଠାକୁ ପୁରସ୍କାର ନେଇ ଆସିଥାନ୍ତି। ଆପଣଙ୍କୁ ମଧ୍ୟ ଅଭିନନ୍ଦନ ବୋଲି ସେ କହିଛନ୍ତି। ରବିବାର ତାସକେଣ୍ଟରେ ଉଜବେକିସ୍ତାନର ରାଷ୍ଟ୍ରପତି ଶଭକତ ମିର୍ଜିୟୋୟେଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ଦେଶର ସର୍ବୋଚ୍ଚ ବନ୍ଧୁତା ପୁରସ୍କାର 'ଓଲି ଦାରାଜଲି ଦୋସ୍ତଲିକ୍'ରେ ସମ୍ମାନିତ କରିଥିଲେ। ହାଇଦ୍ରାବାଦ ସାଂସଦ ଅସଦୁଦ୍ଦିନ ଓୱେସି ଆରଏସଏସକୁ ଏହାକୁ ନେଇ ଚିନ୍ତା କରିବାକୁ ଅନୁରୋଧ କରିଛନ୍ତି।

## ସୋନାପୁରରେ ଭୟଙ୍କର ଦୁର୍ଘଟଣା, ୬ ମୃତ

ଦିସପୁର, ୩୧।୮: ଭୟଙ୍କର ବସ୍ ଦୁର୍ଘଟଣା। ଟ୍ରକକୁ ଧକ୍କା ଦେଲା ମିନି ବସ୍। ଜୀବନ ହାରିଲେ ୬ ଯାତ୍ରୀ। ଏପରି ଅଭାବନୀୟ ଘଟଣା ଘଟିଛି ଆସାମର ସୋନାପୁରରେ। ରବିବାର ସନ୍ଧ୍ୟାରେ ଏଠାରେ ମିନି ବସ୍ ଏବଂ ଟ୍ରକ୍ ମୁହାଁମୁହିଁ ହୋଇଛନ୍ତି। ୨୭ ନମ୍ବର ଜାତୀୟ ରାଜପଥରେ ଏହି ଅଘଟଣ ଘଟିଛି। ସୋନାପୁରର କାମରୂପ ମେଟ୍ରୋପଲିଟନ ଜିଲ୍ଲାର ତେତେଲିୟା-ନଲଗେଦେରା ଅଞ୍ଚଳରେ ହୋଇଛି। ସୋନାପୁର ଆଡକୁ ଯାଉଥିବା ଏକ ମିନିବସ ରାସ୍ତାରେ ସାମ୍ନା ପଟୁ ଆସୁଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଏଥିରେ ଥିବା ଯାତ୍ରୀଙ୍କ ଚିତ୍କାର ଖୁବ୍ ଦୂରକୁ ଶୁଭିଥିଲା। ଏହାପରେ ଆଖପାଖର ଲୋକେ ଉଦ୍ଧାର କରିବାକୁ ଘଟଣାସ୍ଥଳରେ ପହଁଚିଥିଲେ।

### ଦିଲ୍ଲୀ ଏସଆଇଆର ଡ୍ରାଫ୍ଟ ତାଲିକା

## ବାଦ୍ ପଡ଼ିଲେ ୪୭ ଲକ୍ଷ ୫୬ ହଜାର ଭୋଟର



ନୂଆଦିଲ୍ଲୀ, ୩୧।୮: ଦିଲ୍ଲୀରେ ଅଗଷ୍ଟ ୧୭ ତାରିଖରେ ଶେଷ ହୋଇଥିବା ଏସଆଇଆରର ତୃତୀୟ ପର୍ଯ୍ୟାୟ ପରେ ନିର୍ବାଚନ କମିସନ ଡ୍ରାଫ୍ଟ ତାଲିକା ପ୍ରକାଶ କରିଛନ୍ତି। ନିର୍ବାଚନ କମିସନଙ୍କ ଅନୁଯାୟୀ, ଦିଲ୍ଲୀର ୧ କୋଟି ୪୫ ଲକ୍ଷ ଭୋଟରଙ୍କ ମଧ୍ୟରୁ ୬୭.୧୬%, ଅର୍ଥାତ୍ ୯୭ ଲକ୍ଷ ୫୦ ହଜାର ଭୋଟରଙ୍କ ଫର୍ମ ଡିଜିଟାଇଜେଡ୍ ହୋଇଛି। ଦିଲ୍ଲୀର ତୁଘଲକାବାଦ ଓ ଓଖଲା ବିଧାନସଭା ନିର୍ବାଚନମଣ୍ଡଳୀରେ ସବୁଠାରୁ କମ୍ ଡିଜିଟାଇଜେଡ୍ ଫର୍ମ ଅଛି। ରାଜଧାନୀର ମୋଟ ଭୋଟରଙ୍କ ମଧ୍ୟରୁ ପ୍ରାୟ ୪୭ ଲକ୍ଷ ୫୬ ହଜାର ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ନିର୍ବାଚନ କମିସନଙ୍କ ଅନୁଯାୟୀ, ଦିଲ୍ଲୀର ଭୋଟରମାନେ ସରକାରୀ ୱେବସାଇଟ୍‌ରେ ପ୍ରକାଶିତ ଡ୍ରାଫ୍ଟ ଭୋଟର ତାଲିକାରେ ସେମାନଙ୍କର ନାମ ଯାଞ୍ଚ୍ କରିପାରିବେ।

### ସିଜେପି ପଦଯାତ୍ରା ରୋକିବାକୁ ଆବେଦନ

## ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୩୧।୮: ସେପ୍ଟେମ୍ବର ୫ ତାରିଖରେ ଦିଲ୍ଲୀରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରସ୍ତାବିତ ପଦଯାତ୍ରାକୁ ବନ୍ଦ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଆବେଦନ ଅବଧିରେ ବ୍ରିକ୍ସ ଶିଖର ସମ୍ମିଳନୀ ହେବାକୁ ଥିବାରୁ ଏହାକୁ ସ୍ଥଗିତ ରଖିବାକୁ ଅନୁରୋଧ କରାଯାଇଥିଲା। ସୁପ୍ରିମକୋର୍ଟ କହିଛନ୍ତି, କୌଣସି ଅପ୍ରୀତିକର ଘଟଣା ଘଟିବ ବୋଲି ବିଶ୍ୱାସ କରିବାର କୌଣସି ଦୃଢ଼ କାରଣ ନାହିଁ। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ କହିଛନ୍ତି, କର୍ତ୍ତୃପକ୍ଷ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ସମସ୍ତ ପକ୍ଷ ଶାନ୍ତିପୂର୍ଣ୍ଣ, ଦାୟିତ୍ୱପୂର୍ଣ୍ଣ ଏବଂ ଆଇନ ଅନୁଯାୟୀ ଆଚରଣ କରିବା ନିଶ୍ଚିତ କରିବା ଆଶା କରାଯାଉଛି। ସମ୍ଭାବ୍ୟ ଅପ୍ରୀତିକର ପରିସ୍ଥିତିର ଆଶଙ୍କା କରି ଆବେଦନକାରୀ କୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ତେବେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି।

## ଏଆଇଏମଆଇଏମ ନେତାଙ୍କୁ ଛୁରି ଭୁସି ହତ୍ୟା



ହାଇଦ୍ରାବାଦ, ୩୧।୮: ତେଲେଙ୍ଗାନାର ହାଇଦ୍ରାବାଦର ଫଲକନୁମା ଥାନା ଅଞ୍ଚଳର ଭାଟ୍ଟେପାଲିରେ ରବିବାର ବିଳମ୍ବିତ ରାତିରେ ପାଞ୍ଚ ଛଅ ଜଣ ଆକ୍ରମଣକାରୀ ଅଲ ଇଣ୍ଡିଆ ମଜଲିସ୍-ଇ-ଇତ୍ତେହାଦୁଲ ମୁସଲିମିନ୍ (ଏଆଇଏମଆଇଏମ) ନେତା ୬୦ ବର୍ଷ ବୟସ୍କ ମେହବୁବ ଅଲିଙ୍କୁ ଘେରି ଛୁରୀ ଭୁସି ହତ୍ୟା କରିଛନ୍ତି। ଆଲମାସ୍ ହୋଟେଲ୍ ନିକଟରେ ଆକ୍ରମଣକାରୀମାନେ ତାଙ୍କୁ ଛୁରୀ ଏବଂ ଦାଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ଅଲିଙ୍କୁ ଡାକ୍ତରଖାନା ନିଆଯାଇଥିଲା କିନ୍ତୁ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏଆଇଏମଆଇଏମ ନେତାଙ୍କୁ ଅନେକ ଥର ଛୁରାମାଡ଼ କରାଯିବା ପରେ ସେ ଗୁରୁତର ଆହତ ହୋଇଥିଲେ। ଆକ୍ରମଣ ପରେ ଅପରାଧୀମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଗୁରୁତର ଆହତ ଅବସ୍ଥାରେ ସେ ରକ୍ତ ଜୁଡୁବୁଡୁ ହୋଇ ପ୍ରାୟ ୧୫ ମିନିଟ୍ ପର୍ଯ୍ୟନ୍ତ ରାସ୍ତାରେ ପଡ଼ି ରହିଥିଲେ। ତା'ପରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା।

## ଝିଅର ଫି' ପାଇଁ ଦୌଡ଼ିଲେ ମା'



ମୁମ୍ବାଇ, ୩୧।୮: ଝିଅର ଫି' ଟଙ୍କା ଯୋଗାଡ଼ କରିବା ପାଇଁ ଖାଲି ପାଦରେ ମାରାଥନ୍ ଦୌଡ଼ି ପ୍ରଥମ ସ୍ଥାନ ହାସଲ କରିଛନ୍ତି ୪୭ ବର୍ଷୀୟା ରମାବାଇ ରଣବୀର। ମହାରାଷ୍ଟ୍ରର ବୀଡ୍ ଜିଲାର ଅମ୍ବାଜୋଗାଇରେ 'ଅମୃତ ଦୌଡ଼' ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ମାରାଥନ୍‌ରେ ରମାବାଇ ଶାଢ଼ି ପିନ୍ଧି ଖାଲି ପାଦରେ ଦୌଡ଼ିଥିଲେ। ବର୍ଷା ଯୋଗୁଁ ରାସ୍ତା କାଦୁଅରେ ଭରିଯାଇଥିଲେ ମଧ୍ୟ ତାଙ୍କ ଦୃଢ଼ ଇଚ୍ଛାଶକ୍ତି ଆଗରେ କୌଣସି ବାଧା ଠିଆ ହୋଇପାରିନଥିଲା। ରମାବାଇ ଦୌଡ଼ ଶେଷ କରି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିବା ସହ ୩ ହଜାର ଟଙ୍କା ପୁରସ୍କାର ଜିତିଛନ୍ତି। ତାଙ୍କର ଏହି ବିଜୟ ଦର୍ଶକଙ୍କ ଆଖିରେ ଲୁହ ଆଣିଦେଇଥିଲା। ଝିଅର ଫି' ଭରିବା ପାଇଁ ଟଙ୍କା ଯୋଗାଡ଼ କରିବା ଉଦ୍ଦେଶ୍ୟରେ ସେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।

### ଭାରତ-ବ୍ରାଜିଲ ଐତିହାସିକ ଚୁକ୍ତି

## ୨୦୩୦ ସୁଦ୍ଧା ୩୦ ବିଲିୟନ ଡଲାର ବାଣିଜ୍ୟ ଲକ୍ଷ୍ୟ




ନୂଆଦିଲ୍ଲୀ, ୩୧।୮: ଭାରତ-ବ୍ରାଜିଲ ବାଣିଜ୍ୟ ନୂତନ ଲକ୍ଷ୍ୟ ସ୍ଥିର କରିଛି। ଦୁଇ ଦେଶ ସେମାନଙ୍କର ଅର୍ଥନୈତିକ ଏବଂ ବାଣିଜ୍ୟ ସମ୍ପର୍କକୁ ନୂତନ ଉଚ୍ଚତାକୁ ନେବା ପାଇଁ ସେମାନଙ୍କର ସଂକଳ୍ପକୁ ଦୋହରାଇଛନ୍ତି ଏବଂ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୩୦ ବିଲିୟନ ଡଲାରରେ ପହଞ୍ଚାଇବାର ଲକ୍ଷ୍ୟ ରଖିଛନ୍ତି। ଦୁଇ ଦେଶ ଔଷଧ, ରାସାୟନିକ ପଦାର୍ଥ, ଇଞ୍ଜିନିୟରିଂ ଉତ୍ପାଦ, ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ରଣନୈତିକ କ୍ଷେତ୍ରରେ ସହଯୋଗ ବୃଦ୍ଧି କରି ଅଧିକ ବିବିଧ, ସନ୍ତୁଳିତ ଏବଂ ସ୍ଥାୟୀ ବାଣିଜ୍ୟ ସହଭାଗୀତା ବିକଶିତ କରିବାକୁ ସହମତ ହୋଇଛନ୍ତି। ସୋମବାର ଦିନ ଏକ ସରକାରୀ ବିବୃତିରେ କୁହାଯାଇଛି ଯେ, ବ୍ରାଜିଲର ରାଜଧାନୀ ବ୍ରାସିଲିଆରେ ଅନୁଷ୍ଠିତ ଭାରତ-ବ୍ରାଜିଲ ବାଣିଜ୍ୟ ମନିଟରିଂ ମେକାନିଜିମ୍ (ଟିଏମଏମ)ର ଅଷ୍ଟମ ବୈଠକ ସମୟରେ ଏହି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବୈଠକର ସହ-ଅଧ୍ୟକ୍ଷତା ଭାରତର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ ଓ ବ୍ରାଜିଲର ବିକାଶ, ଶିଳ୍ପ, ବାଣିଜ୍ୟ ଏବଂ ସେବା ମନ୍ତ୍ରଣାଳୟର ବୈଦେଶିକ ବାଣିଜ୍ୟ ସଚିବ ତାତିଆନା ଲାସେର୍ଡା ପ୍ରଜେରେସ୍ କରିଥିଲେ। ରାଜେଶ ଅଗ୍ରୱାଲ ବ୍ରାଜିଲର ବିକାଶ, ଶିଳ୍ପ, ବାଣିଜ୍ୟ ଏବଂ ସେବା ମନ୍ତ୍ରୀ ମାର୍ସିଓ ଏଲିଆସ୍ ରୋଜାଙ୍କୁ ମଧ୍ୟ ଭେଟିଥିଲେ। ଉଭୟ ପକ୍ଷ ବାଣିଜ୍ୟ ଏବଂ ନିବେଶ ସମ୍ପର୍କକୁ ଆହୁରି ମଜବୁତ କରିବା ଏବଂ ପ୍ରାଥମିକତା କ୍ଷେତ୍ରରେ ଆର୍ଥିକ ସହଯୋଗ ବିସ୍ତାର କରିବା ବିଷୟରେ ଆଲୋଚନା କରିଥିଲେ। ବିବୃତିରେ ଉଲ୍ଲେଖ କରାଯାଇଛି ଯେ ଭାରତ ଏବଂ ବ୍ରାଜିଲ ମଧ୍ୟରେ ବାଣିଜ୍ୟ ନିରନ୍ତର ବୃଦ୍ଧି ପାଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୫.୦୭ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ଦୁଇ ଅର୍ଥନୀତି ମଧ୍ୟରେ ବୃଦ୍ଧି ପାଉଥିବା ବାଣିଜ୍ୟ ସମ୍ପର୍କକୁ ପ୍ରତିଫଳିତ କରୁଛି। ଔଷଧ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ଦେଖାଯିବାର ଆଶା ରହିଛି।

## ନୌସେନାରେ ସାମିଲ ହେଲା ଆଇଏନଏସ ନିପୁଣ

ମୁମ୍ବାଇ, ୩୧।୮: ଭାରତୀୟ ନୌସେନାର ରଣନୈତିକ ଓ ସାମରିକ ଶକ୍ତିରେ ଏକ ନୂତନ ଅଧ୍ୟାୟ ଯୋଡା ହୋଇଛି। ନିସ୍ତାର-କ୍ଲାସ୍‌ର ଦ୍ୱିତୀୟ ଡାଇଭିଂ ସପୋର୍ଟ ଜାହାଜ (ଡିଏସଭି) ଆଇଏନଏସ 'ନିପୁଣ'କୁ ମୁମ୍ବାଇର ନୌସେନା ଡକୟାର୍ଡରେ ଆୟୋଜିତ ଏକ କମିସନିଂ ସମାରୋହରେ ଆନୁଷ୍ଠାନିକ ଭାବରେ ନୌସେନାରେ ସାମିଲ କରାଯାଇଛି। ଏହି ଅବସରରେ ନୌସେନା ମୁଖ୍ୟ ଆଡମିରାଲ କୃଷ୍ଣ ସ୍ୱାମୀନାଥନ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନର ଯୁଗ ରଣନୈତିକ ପରିବର୍ତ୍ତନର ସମୟ, ଯେଉଁଠାରେ ସୁରକ୍ଷା ଚ୍ୟାଲେଞ୍ଜଗୁଡ଼ିକ ନିରନ୍ତର ବିକଶିତ ହେଉଛି। ଆଇଏନଏସ 'ନିପୁଣ' ବହୁ-ଡୋମେନ୍ ଗଭୀର-ଜଳ ଅଭିଯାନ ପାଇଁ ଭାରତୀୟ ନୌସେନାର ଅନନ୍ୟ ଜଳମଗ୍ନ କ୍ଷମତା ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ନୌସେନା ଭାବରେ, ସର୍ବଦା ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବା ଆମର ସର୍ବୋଚ୍ଚ ଦାୟିତ୍ୱ ଏବଂ ପ୍ରଥମ ପ୍ରାଥମିକତା।



### ହର୍ମୁଜ୍ ପ୍ରଣାଳୀରେ ପୁଣି ଉତ୍ତେଜନା

## ୩୨ ଦିନ ପରେ ଇରାନ ଉପରେ ଆମେରିକାର ଆକ୍ରମଣ



ୱାଶିଂଟନ/ତେହେରାନ, ୩୧।୮: ଆମେରିକା ଓ ଇରାନ ମଧ୍ୟରେ କିଛି ସପ୍ତାହ ଧରି ଲାଗି ରହିଥିବା ସାମରିକ ଉତ୍ତେଜନା ପୁଣି ଥରେ ଶୀର୍ଷରେ ପହଞ୍ଚିଛି। ଆମେରିକା ସେନା ହର୍ମୁଜ ପ୍ରଣାଳୀରେ ଥିବା ଇରାନୀ ରକେଟ୍ ଲଞ୍ଚରଗୁଡ଼ିକ ଉପରେ ଆକ୍ରମଣ କରିଛି। ୩୨ ଦିନର ଅସ୍ତ୍ରବିରତି ପରେ ଆମେରିକା ପୁଣି ଥରେ ଇରାନ ଉପରେ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇରାନ ଏହି ଆକ୍ରମଣକୁ ଘାତକ ବୋଲି କହି ପ୍ରତିଶୋଧ ସ୍ୱରୂପ ଜୋର୍ଡାନରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହା ଦ୍ୱାରା ପଶ୍ଚିମ ଏସିଆରେ ପୁଣି ଥରେ ଯୁଦ୍ଧ ଆଶଙ୍କା ଘନେଇଛି। ଆମେରିକାର କେନ୍ଦ୍ରୀୟ କମାଣ୍ଡ ମୁଖପାତ୍ର ଟିମ୍ ହକିନ୍ସଙ୍କ ଅନୁଯାୟୀ, ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର ସୈନିକମାନେ ହର୍ମୁଜ୍ ପ୍ରଣାଳୀରେ ରକେଟ୍ ବ୍ୟବହାର କରି ସମୁଦ୍ର ମାଇନ୍ସ ବିଛାଇବାକୁ ପ୍ରସ୍ତୁତ ହେଉଥିଲେ। ତେଣୁ ଆମେରିକୀୟ ସେନା ରକେଟ୍ ଲଞ୍ଚରଗୁଡ଼ିକୁ ଟାର୍ଗେଟ କରିଥିଲା। ଗତ ସପ୍ତାହରେ, ଆମେରିକାର ସେନା ହର୍ମୁଜ୍ ପ୍ରଣାଳୀରେ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ପଥରୁ ସମୁଦ୍ର ମାଇନ୍ସ ସଫା କରିବା ସମାପ୍ତ କରିଥିଲା। ଇରାନୀ ଗଣମାଧ୍ୟମ ଲାରାକ ଦ୍ୱୀପ ନିକଟରେ ଜୋରଦାର ବିସ୍ଫୋରଣ ହୋଇଥିବା ନିଶ୍ଚିତ କରିଛି। ଇରାନୀ ରେଭଲ୍ୟୁସନରୀ ଗାର୍ଡ କହିଛି ଯେ ଏହି ଆକ୍ରମଣରେ ଆମର କିଛି ସେନ୍ୟ ଓ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି।

## ତ୍ରିରଙ୍ଗାକୁ ଅପମାନ ବହୁ ମୂଲ୍ୟ ପଡ଼ିବ



**ଏକ୍ସରେ ରିଜିଜୁଙ୍କ ଚେତାବନୀ**

ନୂଆଦିଲ୍ଲୀ,୩୧।୮: ନ୍ୟୁୟର୍କରେ ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ କାର୍ଯ୍ୟକ୍ରମ ସ୍ଥଳ ନିକଟରେ ପ୍ରତିବାଦକାରୀଙ୍କ ଦ୍ୱାରା ଭାରତୀୟ ଜାତୀୟ ପତାକା ତ୍ରିରଙ୍ଗାକୁ ଅପମାନିତ କରାଯିବା ଘଟଣାକୁ କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ କଡ଼ା ବିରୋଧ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପ୍ରତିବାଦର ଏକ ଭିଡିଓ ସେୟାର କରି ରିଜିଜୁ କହିଛନ୍ତି, ଆମେ ସବୁବେଳେ କହିଛୁ ଯେ ଆପଣଙ୍କୁ ଆରଏସଏସ, ବିଜେପି କିମ୍ବା ସରକାରଙ୍କୁ ସମାଲୋଚନା କରିବାର ସ୍ୱାଧୀନତା ଅଛି। କିନ୍ତୁ ଆମ ଦେଶକୁ ଅପମାନିତ କରନ୍ତୁ ନାହିଁ। ଏହା ଆପଣଙ୍କୁ ମହଙ୍ଗା ପଡ଼ିବ।

କେନ୍ଦ୍ରମନ୍ତ୍ରୀ ରିଜିଜୁ ଚେତାବନୀ ଦେଇ କହିଛନ୍ତି, ଧ୍ୟାନଦେଇ ଶୁଣ, ଆମ ପତାକା ଏବଂ ମୋ ଦେଶକୁ ଅସମ୍ମାନ କରନାହିଁ। ଏଥିପାଇଁ ତୁମକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ। କିରେନ୍ ରିଜିଜୁଙ୍କ ଦ୍ୱାରା ସେୟାର କରାଯାଇଥିବା ଏକ ଭିଡିଓରେ, ନ୍ୟୁୟର୍କର ମ୍ୟାଡିସନ୍ ସ୍କୋୟାର ଗାର୍ଡେନ୍ ବାହାରେ ଜଣେ ପ୍ରଦର୍ଶନକାରୀ ଭାରତୀୟ ପତାକାକୁ ଅସମ୍ମାନ କରୁଥିବାର ଦେଖାଯାଉଛି, ଯେତେବେଳେ ଅନ୍ୟମାନେ ଖାଲିସ୍ତାନ ସମର୍ଥନରେ ସ୍ଲୋଗାନ ଦେଉଛନ୍ତି।

### ନେପାଳ ବନ୍ୟା ବିଭୀଷିକା

## ମାଡ୍ରାସ ହାଇକୋର୍ଟର ପୂର୍ବତନ ବିଚାରପତି ନିଖୋଜ

କାଠମାଣ୍ଡୁ,୩୧।୮: ନେପାଳରେ ହୋଇଥିବା ଭୟଙ୍କର ବନ୍ୟାରେ ଭାରତର ଅନେକ ଲୋକ ଏବେ ବି ନିଖୋଜ ଅଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ମାଡ୍ରାସ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଭି. ଶିବଜ୍ଞାନମ। ନେପାଳରେ ହୋଇଥିବା ଭୟଙ୍କର ବନ୍ୟା ଏବଂ ଆକସ୍ମିକ ବନ୍ୟାରେ ଭି. ଶିବଜ୍ଞାନମ ନିଖୋଜ ଥିବା ଜଣାପଡ଼ିଛି। ଦିଲ୍ଲୀ ତାମିଲ ଆଇନଜୀବୀ ସଂଘ ପକ୍ଷରୁ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କୁ ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଓ ତାଙ୍କର ସନ୍ଧାନ ତଥା ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ କେନ୍ଦ୍ର ସରକାରଙ୍କ ସାହାଯ୍ୟ ଲୋଡ଼ିବାକୁ ନିବେଦନ କରାଯାଇଛି।

### ଭାରତରେ ବଢ଼ୁଛି ଅବିବାହିତ ମହିଳାଙ୍କ ସଂଖ୍ୟା

# ସନ୍ତାନ ଆବଶ୍ୟକ; ମାତ୍ର ବିବାହ ଅନିବାର୍ଯ୍ୟ ନୁହେଁ




ନୂଆଦିଲ୍ଲୀ, ୩୧।୮: ବିବାହକୁ ନେଇ ଭାରତୀୟ ମହିଳାମାନଙ୍କ ଚିନ୍ତାଧାରା ବଦଳୁଥିବାର ଦେଖିବାକୁ ମିଳିଛି। ଦେଶରେ ଅଧିକ ସଂଖ୍ୟକ ମହିଳା ବିବାହକୁ ବିଳମ୍ବ କରୁଥିବା ବେଳେ କେତେକ ମହିଳା ବିବାହ ନ କରିବାକୁ ମଧ୍ୟ ବିକଳ୍ପ ଭାବେ ଦେଖୁଛନ୍ତି। ନ୍ୟାସନାଲ୍ ଷ୍ଟାଟିଷ୍ଟିକାଲ୍ ତଥ୍ୟ ଅନୁଯାୟୀ, ଭାରତରେ ଅବିବାହିତ ମହିଳାଙ୍କ ଅନୁପାତ ୨୦୧୧ରେ ୧୩.୫ ପ୍ରତିଶତ ଥିଲା ବେଳେ ୨୦୨୧ରେ ୧୯.୯ ପ୍ରତିଶତରେ ପହଞ୍ଚିଛି।

ଏହି ତଥ୍ୟ ଅନୁଯାୟୀ, ସବୁ ମହିଳା ଯେ ସଚେତନ ହୋଇ ବିବାହକୁ ପ୍ରତ୍ୟାଖ୍ୟାନ କରୁଛନ୍ତି ତାହା ନୁହେଁ। କେତେକଙ୍କ ପାଇଁ ଆର୍ଥିକ ସ୍ୱାଧୀନତା ଗୁରୁତ୍ୱ ରଖୁଛି ତ ଆଉ କିଛିଙ୍କ ପାଇଁ ଶିକ୍ଷା, କ୍ୟାରିୟର, ଘରୋଇ କାମର ଅସମାନ ବଣ୍ଟନ, ମାତୃତ୍ୱ ସମ୍ପର୍କିତ ଆଶା ଓ ବିବାହ ପରେ ସ୍ୱାଧୀନତା ହରାଇବାର ଆଶଙ୍କା ସେମାନଙ୍କୁ ବିବାହରୁ ବିରତ କରୁଛି। ସେହିପରି ଆଉ କେତେକ ସୁରକ୍ଷିତ କିମ୍ବା ପରିପୂର୍ଣ୍ଣ ଜୀବନ ପାଇଁ ବିବାହକୁ ଆବଶ୍ୟକତା ମନେ କରୁନାହାନ୍ତି। ଭାରତର ଟାଇମ୍ ୟୁଜ୍ ସର୍ଭେ ଅନୁଯାୟୀ, ମହିଳାମାନେ ଘର ପାଇଁ ଦୈନିକ ହାରାହାରି ୨୯୯ ମିନିଟ୍ ଅବୈତନିକ କାମକରନ୍ତି। ସେହି ତୁଳନାରେ ପୁରୁଷମାନେ ମାତ୍ର ୯୭ ମିନିଟ୍ ଅବୈତନିକ ଭାବେ ଘରୋଇ କାମରେ ବ୍ୟୟ କରନ୍ତି। ଚାକିରି କରୁଥିବା ମହିଳାଙ୍କ ପାଇଁ ବିବାହ ପରେ ଶ୍ୱଶୁର ଘରେ ରୋଷେଇ, ସଫେଇ, ଘର ପରିଚାଳନା, ଶିଶୁଙ୍କ ଯତ୍ନ ଓ ଘରର ଦାୟିତ୍ୱ ଭଳି ଅତିରିକ୍ତ କାମର ଚାପ ରହିବାର ସମ୍ଭାବନା ରହିଥାଏ। ଭାରତୀୟ ପରିବାରରେ ଏପରି ଅସମାନ ବ୍ୟବସ୍ଥାରେ ରହିବାକୁ ଇଚ୍ଛା ନଥିବା କେତେକ ମହିଳାଙ୍କ ପାଇଁ ଅବିବାହିତ ରହିବା ଅଧିକ ସରଳ ବିକଳ୍ପ ଭାବେ ଦେଖାଯାଉଛି।

୨୦୨୪ର ଏକ ଡେଟିଂ ସାଇଟ୍ ସର୍ଭେରେ ୬୪ ପ୍ରତିଶତ ମହିଳା ଉତ୍ତରଦାତା କହିଥିଲେ ଯେ ସେମାନେ ନିଜର ଆବଶ୍ୟକତା ଓ ଇଚ୍ଛା ସମ୍ପର୍କରେ ଅଧିକ ସ୍ପଷ୍ଟ ହେବାକୁ ଚାହୁଁଛନ୍ତି। କେବଳ ବିବାହ ପାଇଁ ଏସବୁ ସହ ବୁଝାମଣା କରିବାକୁ ପସନ୍ଦ କରୁନାହାନ୍ତି। ଏହାର ଅର୍ଥ ଯେ ମହିଳାମାନଙ୍କର ସମ୍ପର୍କ କିମ୍ବା ଭଲପାଇବା ଦରକାର ନାହିଁ ତାହା ନୁହେଁ। ବରଂ ସମ୍ପର୍କ ବାନ୍ଧିବା ପୂର୍ବରୁ ଜୀବନସାଥୀଙ୍କ ମନୋଭାବ, ଦାୟିତ୍ୱବୋଧ ଓ ସମାନତାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି।

ମହିଳାମାନେ ଏବେ ଶିକ୍ଷା, ଚାକିରି ଓ ନିଜ ଜୀବନ ଗଢ଼ିବାରେ ଯୁବାବସ୍ଥା ବ୍ୟୟ କରିବାକୁ ଚାହୁଁଛନ୍ତି। ବିବାହ ବିଳମ୍ବ ହେବା ସହିତ ଜଣେ ମହିଳାଙ୍କୁ ଜୀବନରେ ବିବାହର ଆବଶ୍ୟକତା ଅଛି କି ନାହିଁ, ସେ ବିଷୟରେ ଭାବିବାକୁ ମଧ୍ୟ ଅଧିକ ସମୟ ମିଳୁଛି।

ସମାଜରେ ଥିବା ଏକ ଧାରଣା ହେଉଛି ଯେ ବିବାହ ନ କରିଥିବା ମହିଳା ନିଶ୍ଚିତ ଭାବେ ଅସମ୍ପୂର୍ଣ୍ଣ କିମ୍ବା ଏକାକୀ। କିନ୍ତୁ ଅନେକ ମହିଳାଙ୍କ ପାଇଁ ଅବିବାହିତ ରହିବାର ଅର୍ଥ ହେଉଛି ନିଜ ସମୟ, ଟଙ୍କା, ଘର ଓ କ୍ୟାରିୟର ଉପରେ ଅଧିକ ନିୟନ୍ତ୍ରଣ। ଏହାର ଅର୍ଥ ସେମାନେ ଭଲପାଇବା କିମ୍ବା ସାଥୀ ଚାହୁଁନାହାନ୍ତି ତାହା ନୁହେଁ, କେହି ବିବାହ ବିନା ଦୀର୍ଘମିଆଦୀ ସମ୍ପର୍କ ଚାହୁଁଛନ୍ତି। କେହି ଏକାକୀ ଜୀବନରେ ଖୁସି ଅଛନ୍ତି, ଆଉ କେହି ସନ୍ତାନ ଚାହୁଁଥିଲେ ମଧ୍ୟ ଏଥିପାଇଁ ବିବାହ ଅନିବାର୍ଯ୍ୟ ନୁହେଁ ବୋଲି ଭାବୁଛନ୍ତି।



● ରକ୍ଷା ବନ୍ଧନରେ ରାଷ୍ଟ୍ରପତି ଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

# ଓଡ଼ିଶାର ୬ ଜଣଙ୍କ ଯୋଗଦାନ

ନୂଆଦିଲ୍ଲୀ,୩୧।୮(ସଂଚାର ବ୍ୟୁରୋ): ପବିତ୍ର ରକ୍ଷାବନ୍ଧନ ଅବସରରେ ଓଡ଼ିଶାର ୪ ଜଣ ଛାତ୍ରଛାତ୍ରୀ ଓ ୨ ଜଣ ଶିକ୍ଷକଶିକ୍ଷୟିତ୍ରୀ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର 'ରକ୍ଷାବନ୍ଧନ' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତିନିଧି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬ର ଅଷ୍ଟମ ଶ୍ରେଣୀ ଛାତ୍ରୀ ସରୋଜୀ ମଣ୍ଡଳ ଓ ସପ୍ତମ ଶ୍ରେଣୀ ଛାତ୍ରୀ ଶୁଭାଶ୍ରୀ ରଞ୍ଜିତା ପଟ୍ଟନାୟକ, ପିଏମ୍ ଶ୍ରୀ ସରକାରୀ ହାଇସ୍କୁଲ, ଆଇଆରସି ଭିଲେଜ୍‌ର ଦଶମ ଶ୍ରେଣୀ ଛାତ୍ର ବିଷ୍ଣୁ ପ୍ରସାଦ ସାହୁ ଓ ରାଜଭବନ ସରକାରୀ ୟୁପି ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ର ରୋନକ ତ୍ରିପାଠୀ ଯୋଗଦେଇଥିଲେ। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬ର ପ୍ରଧାନଶିକ୍ଷୟିତ୍ରୀ ଗୁରୁଲି ସେନାପତି ଓ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ୍‌ର ସହକାରୀ ଶିକ୍ଷକ ତୋଫାନ କୁମାର ରାଉତରାୟ ମଧ୍ୟ ଏହି ଅବସରରେ ଓଡ଼ିଶାରୁ ଯୋଗ ଦେଇଥିଲେ।

ସେମିକନ୍ ୨.୦ ନେଇ ଅଶ୍ୱିନୀ ବୈଷ୍ଣବଙ୍କ ଗଣମାଧ୍ୟମକୁ ସମ୍ବୋଧନ

# ୪ ବର୍ଷରେ ୮୫ ହଜାର ସେମିକଣ୍ଡକ୍ଟର ଇଞ୍ଜିନିୟର ବିକାଶ ଲକ୍ଷ୍ୟ



ନୂଆଦିଲ୍ଲୀ, ୩୧।୮: କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା-ପ୍ରଯୁକ୍ତିବିଦ୍ୟା, ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର ଗଣମାଧ୍ୟମକୁ ସମ୍ବୋଧିତ କରିବା ସହିତ ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ପରବର୍ତ୍ତୀସ୍ତରକୁ ନେବା ପାଇଁ ସରକାରଙ୍କ ଦୃଷ୍ଟିକୋଣକୁ ସ୍ପଷ୍ଟ କରିଥିଲେ। ଏହି ଅବସରରେ, ସେମିକନ୍ ୨.୦ ଯୋଜନାର ସମସ୍ତ ଛଅଟି ସ୍ତମ୍ଭ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି।

ଏହି ଅବସରରେ ଶ୍ରୀ ବୈଷ୍ଣବ କହିଥିଲେ ଯେ, ଭାରତ ମାତ୍ର ଚାରିବର୍ଷ ମଧ୍ୟରେ ୧୦ ବର୍ଷର ୮୫ ହଜାର ସେମିକଣ୍ଡକ୍ଟର ଇଞ୍ଜିନିୟର ବିକାଶର ଲକ୍ଷ୍ୟ ହାସଲ କରିଛି। ବର୍ତ୍ତମାନ ଏକ ଲକ୍ଷ ଅଧିକ ଇଞ୍ଜିନିୟର ବିକାଶର ଏକ ନୂତନ ଲକ୍ଷ୍ୟ ରଖିଛି। ଆଗାମୀ ବର୍ଷଗୁଡ଼ିକରେ ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ ବଜାରର ପ୍ରାୟ ୧୦ ପ୍ରତିଶତ ଭାରତରେ ରହିବ ବୋଲି ଆଶା କରାଯାଉଛି। ଟିୟର-ଓ୨ ଏବଂ ଟିୟର-ଓ୩ ସହରଗୁଡ଼ିକର ଛାତ୍ରମାନେ ପୂର୍ବରୁ ୨୫୦ ରୁ ଅଧିକ ଚିପ୍ସ ଡିଜାଇନ୍ କରିସାରିଛନ୍ତି। ଭାରତରେ ବିକଶିତ ହେଉଥିବା ସେମିକଣ୍ଡକ୍ଟର ଇକୋସିଷ୍ଟମ ମଧ୍ୟ ୫୦ ହଜାରରୁ ୬୦ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ସେ ଆହୁରି କହିଛନ୍ତି ଯେ, ଭାରତ ସେମିକଣ୍ଡକ୍ଟର ମିଶନ (ଆଇଏସଏମ୍) ସେମିକନ୍ ୨.୦ ପାଇଁ ଯୋଗଦାନ ଏବଂ ଆବେଦନଗୁଡ଼ିକୁ ଆମନ୍ତ୍ରଣ କରିବା, ବୈଷୟିକ ଓ ଆର୍ଥିକ ମୂଲ୍ୟାଙ୍କନ, ଆବେଦନକାରୀଙ୍କୁ ସୁପାରିଶ ଏବଂ କାର୍ଯ୍ୟାନ୍ୱୟନ ତଦାରଖ କରିବ। ଆଇଏସଏମ୍ ସି-ଡିଏସି ସହାୟତାରେ ଡିଜାଇନ୍ ଓ ନିୟୋଜନ ବର୍ଗଗୁଡ଼ିକୁ କାର୍ଯ୍ୟକାରୀ କରିପାରିବ।

# ଭୂତ ଭୟରେ ହଷ୍ଟେଲ୍ ଛାଡ଼ିଲେ ୧୩୦ ଛାତ୍ର

ଦେଓଗୁଡ଼, ୩୧।୮(ସଂଚାର ବ୍ୟୁରୋ): ହଷ୍ଟେଲରେ ଭୂତ ଭୟରେ ହଷ୍ଟେଲ ଛାଡ଼ୁଛନ୍ତି ପିଲାମାନେ। ୨୪୮ ହଷ୍ଟେଲ ଛାତ୍ରଙ୍କ ମଧ୍ୟରୁ ୧୩୦ରୁ ଉର୍ଦ୍ଧ୍ୱ ଛାତ୍ର ଏବେ ଘର ମୁହାଁ। ଏମିତିକି ଅଭିଭାବକମାନେ ସ୍କୁଲକୁ ଆସି ନିଜ ନିଜ ପିଲାଙ୍କୁ ଘରକୁ ନେଇ ଯାଉଛନ୍ତି। ଜଣେ ଛାତ୍ରଙ୍କ ମୃତ୍ୟୁ ପରେ ଏବେ ଜଣକ ପରେ ଜଣେ ଛାତ୍ର ସ୍କୁଲ ଛାଡ଼ିବା ନେଇ ଚିନ୍ତାରେ ହଷ୍ଟେଲ କର୍ତ୍ତୃପକ୍ଷ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଦେଓଗିରୁଆ ବ୍ଲକ ଗୁମୁଡ଼ା ଏସଏସଡି ଉଚ୍ଚ ବିଦ୍ୟାଳୟରେ। ସୂଚନା ଅନୁସାରେ, ଗତ ବୁଧବାର ସ୍କୁଲ ପଛପଟେ ଥିବା ଏକ ନାଳରୁ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ ଦେହ ଉଦ୍ଧାର ହୋଇଥିଲା। ଏହା ପୂର୍ବରୁ ସୋମବାର ଦିନ ଉକ୍ତ ଛାତ୍ର ଜଣ ହଷ୍ଟେଲରେ ମଧ୍ୟାହ୍ନ ଭୋଜନ କରିଥିଲେ କିନ୍ତୁ ରାତ୍ରି ଭୋଜନ ବେଳକୁ ଉପସ୍ଥିତ ନଥିଲେ। ଏନେଇ ପାଚିକାମାନେ ହଷ୍ଟେଲ୍ ସୁପରିଟେଣ୍ଡେଣ୍ଟଙ୍କୁ ଜଣାଇଥିଲେ। ହେଲେ ଛାତ୍ରଙ୍କ ସମ୍ପର୍କରେ କୌଣସି ଖୋଜ ଖବର ମିଳିନଥିଲା। ହେଲେ ବୁଧବାର ତାଙ୍କର ମୃତଦେହ ମିଳିବା ପରେ ହଷ୍ଟେଲରେ ଭୟର ବାତାବରଣ ଖେଳିଯାଇଥିଲା। କୌଣସି ଅଲୌକିକ ଘଟଣାର ଆଶଙ୍କା କରି ଛାତ୍ର ଏବଂ ସେମାନଙ୍କ ଅଭିଭାବକମାନେ ଭୟଭୀତ ହୋଇପଡ଼ିଥିଲେ।

## ଜଣକ ନାଁରେ ଜବ୍‌କାର୍ଡ, ଆଉ ଜଣକୁ ଘର

କୋଲକାତା, ୩୧।୮(ସଂଚାର ବ୍ୟୁରୋ): ଅନ୍ୟର ଜବ୍‌କାର୍ଡ ବ୍ୟବହାର କରି ଅନ୍ୟମାନଙ୍କୁ ଆବାସ ଯୋଜନା ଘର ବଣ୍ଟନ କରାଯାଇଥିବା ଅଭିଯୋଗ କରି ଆବାସ ସୁବିଧାରୁ ବଞ୍ଚିତ ବାସିନ୍ଦାମାନେ ଜଲପାଇଗୁଡ଼ି ସଦର ବିଡିଓ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜଲପାଇଗୁଡ଼ି-ଅରବିନ୍ଦ ପଞ୍ଚାୟତ ଅନ୍ତର୍ଗତ ନଦ୍ୟାପଡ଼ାର ବାସିନ୍ଦାମାନେ ଏସମ୍ପର୍କରେ ବିଡିଓଙ୍କ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି। ଶିବୁ ଶିଲ୍ ନାମକ ଜଣେ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ ତାଙ୍କ ନାମ ୨୦୧୮-୧୯ ମସିହାରେ ଆବାସ ଯୋଜନା ତାଲିକାରେ ପ୍ରକାଶ ପାଇଥିଲା। କିନ୍ତୁ ତାଙ୍କୁ ଘର ମିଳିନଥିଲା। ସେ ଜାଣିବାକୁ ପାଇଛନ୍ତି ଯେ ତାଙ୍କ ଜବ୍ କାର୍ଡ ନମ୍ବର ବ୍ୟବହାର କରି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଘର ଆବଣ୍ଟନ କରାଯାଇଛି। ଘର ପାଇଁ ଟଙ୍କା ମଧ୍ୟ ସେହି ବ୍ୟକ୍ତିଙ୍କ ଆକାଉଣ୍ଟରେ ଜମା କରାଯାଇଛି। ସାନ୍ତ୍ୱନା ଦାସ ନାମକ ଆଉ ଜଣେ ମହିଳା ଅଭିଯୋଗ କରିଛନ୍ତି ଯେ ଯଦିଓ ତାଙ୍କ ନାମ ଆବାସ ତାଲିକାରେ ଥିଲା ଓ ସର୍ଭେ କରାଯାଇଥିଲା, ତାଙ୍କୁ ଘର ମିଳିନଥିଲା। ସେ ଏବେ ଜାଣିବାକୁ ପାଇଛନ୍ତି ଯେ ତାଙ୍କୁ ଆବଣ୍ଟିତ ଘର ଅନ୍ୟ କାହାକୁ ଦିଆଯାଇଛି।

## କେନାଲରେ ବୁଡ଼ି ଜଣେ ମୃତ

କୋଲକାତା, ୩୧।୮(ସଂଚାର ବ୍ୟୁରୋ): ନବମ ଶ୍ରେଣୀର ଜଣେ ଛାତ୍ର ତାଙ୍କ ବନ୍ଧୁମାନଙ୍କ ସହିତ ଜଳସେଚନ କେନାଲରେ ଗାଧୋଇବା ସମୟରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ନାମ ଅର୍ଣ୍ଣବ କୁମାର ମଣ୍ଡଳ (୧୫) ବୋଲି ଜଣାପଡ଼ିଛି। ସ୍ଥାନୀୟ ସୂତ୍ର ଅନୁଯାୟୀ, ରବିବାର ଅପରାହ୍ନରେ ୫ ଜଣ କିଶୋର ଗାଧୋଇବା ପାଇଁ ଶ୍ରୀପୁର ଜଳସେଚନ କେନାଲକୁ ଯାଇଥିଲେ। ଘାଟରେ ପାହାଚ ଦେଇ ଓହ୍ଲାଉଥିବା ସମୟରେ ଅର୍ଣ୍ଣବ ହଠାତ୍ ଖସିପଡ଼ି ପ୍ରାୟ ୧୦-୧୨ ଫୁଟ ଗଭୀର ପାଣିରେ ପଡ଼ିଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଯାଇ ତାଙ୍କୁ ଖୋଜିବା ପାଇଁ କେନାଲ ଭିତରକୁ ପ୍ରବେଶ କରିଥିଲେ। ଅର୍ଣ୍ଣବଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଛି।

## ବଳାତ୍କାର ମାମଲାରେ ଜରୁରୀ ଶୁଣାଣି ଆବେଦନ

● କ୍ରିକେଟର ଅଭିଷେକ ପୋରେଲଙ୍କ ଆବେଦନ ଖାରଜ

କୋଲକାତା, ୩୧।୮(ସଂଚାର ବ୍ୟୁରୋ): ବଳାତ୍କାର ଅଭିଯୋଗର ସମ୍ମୁଖୀନ ହୋଇଥିବା ବଙ୍ଗୀୟ କ୍ରିକେଟର ଅଭିଷେକ ପୋରେଲଙ୍କ ମାମଲାରେ ଜରୁରୀ ଶୁଣାଣି ଆବେଦନକୁ କୋଲକାତା ହାଇକୋର୍ଟ ଖାରଜ କରିଦେଇଛନ୍ତି। ସୋମବାର ଜଷ୍ଟିସ୍ ସୌଗତ ଭଟ୍ଟାଚାର୍ଯ୍ୟଙ୍କ କୋର୍ଟରୁମରେ ମାମଲାର ତୁରନ୍ତ ଶୁଣାଣି ପାଇଁ ଅନୁରୋଧ କରାଯାଇଥିଲା। ମାତ୍ର କୋର୍ଟ ଏହାକୁ ମଞ୍ଜୁର କରିନଥିଲେ। ସ୍ପଷ୍ଟ ଭାବରେ କୁହାଯାଇଥିଲା ଯେ ଜାମିନ ଆବେଦନ ମାନକ ପ୍ରକ୍ରିୟା ଅନୁଯାୟୀ ଦାଖଲ କରାଯିବା ଆବଶ୍ୟକ। ମାମଲାର ସୂଚୀବଦ୍ଧ ତାଲିକାଭୁକ୍ତ ଆଦେଶ ଆଧାରରେ ଶୁଣାଣି ହେବ। ବିବାହ ବାହାନାରେ ବଳାତ୍କାର ଅଭିଯୋଗ କରି ଜଣେ ଏମ୍‌ବିବିଏସ୍ ଛାତ୍ରୀଙ୍କ ଦ୍ୱାରା ଦାୟର ଅଭିଯୋଗ ଆଧାରରେ ପୋରେଲଙ୍କ ବିରୁଦ୍ଧରେ ବଳାତ୍କାର ମାମଲା ରୁଜୁ କରାଯାଇଥିଲା।

## ମୋ ନାଁ ନେଇ ଟଙ୍କା ମାଗିଲେ ଦିଅନାହିଁ

କୋଲକାତା, ୩୧।୮(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୂର୍ବରୁ ଚେତାବନୀ ଦେଇଥିଲେ ଯେ କୌଣସି ପ୍ରକାରର ଚାନ୍ଦାବାଜିକୁ ସହ୍ୟ କରାଯିବ ନାହିଁ ଓ ସେହି ଅନୁଯାୟୀ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟ ସରକାର ସମ୍ପୃକ୍ତ ଯେକୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ସେ ଦଳୀୟ ନେତା ହୁଅନ୍ତୁ କିମ୍ବା ପୁଲିସ ଅଧିକାରୀ ଯଦି ସେମାନଙ୍କର ନାମ ଚାନ୍ଦାବାଜି ସହିତ ଜଡ଼ିତ ଥାଏ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥର ପାଣିହାଟିର ବିଧାୟକ ରତ୍ନା ଦେବନାଥ ତାଙ୍କ ନିଜ ନିର୍ବାଚନମଣ୍ଡଳୀରେ ସମାନ ବାର୍ତ୍ତା ଦେଇଛନ୍ତି। ତାଙ୍କର ବାର୍ତ୍ତା ସ୍ପଷ୍ଟ। ଯଦି କେହି ମୋ ନାମ ବ୍ୟବହାର କରି ଟଙ୍କା ମାଗୁଛନ୍ତି, ତେବେ ଦିଅ ନାହିଁ।

## ୧୫ ଫୁଟ ତଳକୁ ଖସିଲା ୧୨ ଚକିଆ ଟ୍ରକ

କୋଲକାତା, ୩୧।୮(ସଂଚାର ବ୍ୟୁରୋ): ବାଙ୍କୁଡ଼ା ଜିଲ୍ଲାର ବିଷ୍ଣୁପୁର ଥାନା ଅନ୍ତର୍ଗତ ମଣିନଗର ଗ୍ରାମରେ ସିମେଣ୍ଟ ବୋଝେଇ ଏକ ୧୨ ଚକିଆ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ମେଦିନୀପୁରର ଶାଲବନୀରୁ ଆସିଥିବା ଟ୍ରକଟି ବିଷ୍ଣୁପୁରର ପାତ୍ରସାୟର ଅଭିମୁଖେ ଯାତ୍ରା କରୁଥିଲା। ଡ୍ରାଇଭରଙ୍କ କହିବା ଅନୁଯାୟୀ, ଅନ୍ୟ ଏକ ଗାଡ଼ି ହଠାତ୍ ଭୁଲ ପାର୍ଶ୍ୱରୁ ଲେନରେ ପ୍ରବେଶ କରିଥିଲା। ଧକ୍କା ଏଡାଇବାକୁ ଚେଷ୍ଟା କରିବା ସମୟରେ, ସେ ନିୟନ୍ତ୍ରଣ ହରାଇଥିଲେ, ଯାହା ଫଳରେ ଟ୍ରକଟି ରାସ୍ତାରୁ ଓଲଟି ପଡ଼ି ପ୍ରାୟ ୧୫ ଫୁଟ ତଳକୁ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ଡ୍ରାଇଭର ଓ ହେଲପର ଉଭୟ ଆହତ ହୋଇଛନ୍ତି।

## ଗୃହବଧୂଙ୍କ ବେକରୁ ଝାମ୍ପିନେଲେ ସୁନା ହାର

କୋଲକାତା, ୩୧।୮(ସଂଚାର ବ୍ୟୁରୋ): ନଦିଆ ଜିଲ୍ଲାର ଶାନ୍ତିପୁରରେ ସ୍ପଷ୍ଟ ଦିବାଲୋକରେ ଜଣେ ଗୃହବଧୂଙ୍କ ବେକରୁ ଏକ ସୁନାହାର ଛଡ଼ାଇ ନିଆଯାଇଥିବା ଅଭିଯୋଗ ହୋଇଛି। ଶାନ୍ତିପୁର ଥାନା ଅନ୍ତର୍ଗତ ପାଟେଶ୍ୱରୀ ଇଷ୍ଟେଟ୍ ଅଞ୍ଚଳରେ ଅପରାଧୀମାନେ ହାରଟି ଛଡ଼ାଇ ନେଇ ଏକ ମୋଟରସାଇକେଲ ଯୋଗେ ପଳାଇ ଯାଇଥିଲେ। ସୂଚନା ପାଇ ଶାନ୍ତିପୁର ଥାନାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ପଚରାଉଚରା କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି, ଏବଂ ଅଭିଯୁକ୍ତଙ୍କୁ ଖୋଜାଖୋଜି ଆରମ୍ଭ କରିଛନ୍ତି।

## ଶିଆଲଦା ଷ୍ଟେସନ ଫୁଡ୍ କୋର୍ଟରେ ନିଆଁ

କୋଲକାତା, ୩୧।୮(ସଂଚାର ବ୍ୟୁରୋ): ଶିଆଲଦା ଷ୍ଟେସନ ବାହାରେ ଥିବା ଫୁଡ୍ କୋର୍ଟରେ ଦ୍ୱିତୀୟ ଥର ପାଇଁ ନିଆଁ ଲାଗିଯାଇଥିଲା। ସକାଳୁ ସକାଳୁ ଅଗ୍ନିକାଣ୍ଡ ଯୋଗୁଁ ଷ୍ଟେସନ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। କୌଣସି ମୃତାହତଙ୍କ ଖବର ମିଳି ନଥିବା ବେଳେ, ବହୁତ କ୍ଷତି ହେବାର ଆଶଙ୍କା କରାଯାଉଛି। ଅଗ୍ନିକାଣ୍ଡ ଖବର ପ୍ରସାରିତ ହେବା ମାତ୍ରେ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ସୂତ୍ର ଅନୁଯାୟୀ, ଘଟଣାଟି ସକାଳ ପ୍ରାୟ ୯ଟା ୧୫ ସମୟରେ ଘଟିଥିଲା। ପ୍ରତ୍ୟକ୍ଷଦର୍ଶୀମାନେ ପ୍ରଥମେ ଶିଆଲଦା ଷ୍ଟେସନ ବାହାରେ ଥିବା ଫୁଡ୍ କୋର୍ଟରୁ ଘନ କଳା ଧୂଆଁ ବାହାରୁଥିବା ଦେଖିଥିଲେ, ଯାହା ଶୀଘ୍ର ଷ୍ଟେସନ ପରିସରକୁ ଗ୍ରାସ କରିଥିଲା। ଫୁଡ୍ କୋର୍ଟ ଭିତରେ ଥିବା କର୍ମଚାରୀ ଏବଂ ଗ୍ରାହକମାନେ ତୁରନ୍ତ ଅଞ୍ଚଳକୁ ଖାଲି କରିଦେଇଥିଲେ। କିଛି ମୁହୂର୍ତ୍ତ ମଧ୍ୟରେ ନିଆଁ ବହୁତ ତୀବ୍ର ହୋଇଯାଇଥିଲା ଏବଂ ଅଗ୍ନିଶମ ବାହିନୀକୁ ସତର୍କ କରାଯାଇଥିଲା।

ବିଶକେକ୍‌ରେ ମୋଦି-ପୁଟିନ୍ ଆଲୋଚନା

# ଅନ୍ତହୀନ ଯୁଦ୍ଧ ନୁହେଁ, ଯୁଦ୍ଧଅନ୍ତ ଉପରେ ଗୁରୁତ୍ୱାରୋପ



ନୂଆଦିଲ୍ଲୀ, ୩୧।୮(ସଂଚାର ବ୍ୟୁରୋ): କିରିଜିସ୍ତାନର ରାଜଧାନୀ ବିଶକେକଠାରେ ଆୟୋଜିତ ହୋଇଛି ୨୬ତମ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ। ଏହି ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସାକ୍ଷାତକାର ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଉଭୟ ନେତା ଦୁଇ ଦେଶର ସମ୍ପର୍କକୁ ଅଧିକ ମଜବୁତ କରିବା ସହ ବିଶ୍ୱସ୍ତରୀୟ ଓ ଆଞ୍ଚଳିକ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ୟୁକ୍ରେନ୍ ପ୍ରସଙ୍ଗରେ ଭାରତର ସ୍ଥିତିକୁ ଦୋହରାଇଥିଲେ।

ପ୍ରଧାନମନ୍ତ୍ରୀ ମୋଦି ସୋମବାର ଦିନ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ କହିଥିଲେ, ଆମେ ୟୁକ୍ରେନ ପ୍ରସଙ୍ଗ ଉପରେ ନିରନ୍ତର ଆଲୋଚନା କରିଛୁ। ଯେତେବେଳେ ଆମେ ପୂର୍ବରୁ ସାକ୍ଷାତ କରିଥିଲୁ, ଆପଣ ମୋତେ ଏହି ମାମଲାର ସମସ୍ତ ଦିଗ ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ଆପଣ ଜାଣନ୍ତି ଯେ, ଭାରତ ଶାନ୍ତି ପାଇଁ ସମସ୍ତ ପ୍ରୟାସକୁ ସମର୍ଥନ କରେ ଏବଂ ଏହା ଜାରି ରଖିବ। 'ଯୁଦ୍ଧରେ ବିତାଇଥିବା ପ୍ରତ୍ୟେକ ଦିନ ମାନବଜାତିକୁ ପଛକୁ ଟାଣିଥାଏ। ସେଭଳି ଶାନ୍ତି ପାଇଁ ନିଆଯାଇଥିବା ପ୍ରତ୍ୟେକ ପଦକ୍ଷେପ ମାନବଜାତିକୁ ନୂତନ ଆଶା ଏବଂ ଉତ୍ସାହରେ ଭରିଦିଏ। ଆମକୁ ଅନ୍ତହୀନ ଯୁଦ୍ଧରୁ ଦୂରେଇ ଯାଇ ଯୁଦ୍ଧର ଅନ୍ତ ଆଡ଼କୁ ଯିବାକୁ ପଡ଼ିବ। ସେ କହିଥିଲେ ଯେ ଭାରତ ୟୁକ୍ରେନ ସମସ୍ୟାର ସମାଧାନ ପାଇଁ ସମସ୍ତ ଶାନ୍ତିପୂର୍ଣ୍ଣ ପ୍ରୟାସକୁ ସମର୍ଥନ କରେ ଏବଂ ଏହା ଜାରି ରଖିବ। ଯୁଦ୍ଧର ପ୍ରତ୍ୟେକ ଦିନ ମାନବିକତାକୁ ପଛକୁ ଠେଲିଯାଏ, ତେଣୁ ଶତ୍ରୁତା ଶେଷ କରିବା ପାଇଁ ଆମକୁ କାର୍ଯ୍ୟ କରିବାକୁ ହେବ। ଏହା ଭାରତର ବାର୍ତ୍ତା। ଗାନ୍ଧୀ ଓ ବୁଦ୍ଧଙ୍କ ଭୂମିରୁ, କେବଳ ଗୋଟିଏ ବାର୍ତ୍ତା ତାହା ହେଲା ଶାନ୍ତିର ପଥ। ମୁଁ ଆଜି ଆପଣଙ୍କ ସହିତ ଏହି ବିଷୟ ଉପରେ ଆଲୋଚନା କରିବାକୁ ଖୁବ୍ ଉତ୍ସୁକ।' ଏହା ମାଧ୍ୟମରେ ଭାରତ ପୁଣିଥରେ ଆଲୋଚନା ଓ କୂଟନୈତିକ ପ୍ରୟାସ ମାଧ୍ୟମରେ ୟୁକ୍ରେନ୍ ସଙ୍କଟର ସମାଧାନ ଉପରେ ଗୁରୁତ୍ୱ ଦେଇଥିବା ବାର୍ତ୍ତା ଦେଇଛି।

ଅନ୍ୟପକ୍ଷରେ ରୁଷିଆ ରାଷ୍ଟ୍ରପତି ପୁଟିନ୍ ଭାରତ ଓ ରୁଷିଆ ମଧ୍ୟରେ ରହିଥିବା ଦୃଢ଼ ସମ୍ପର୍କକୁ ନେଇ ଆଲୋଚନା କରିଥିଲେ। ପୁଟିନ୍ କହିଥିଲେ ଯେ ଭାରତ ଓ ରୁଷିଆର ସମ୍ପର୍କ ଲଗାତାର ମଜବୁତ ହେଉଛି। ଏଥିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବ୍ୟକ୍ତିଗତ ଆଗ୍ରହ ଓ ଧ୍ୟାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ, ଅର୍ଥନୈତିକ, ରଣନୈତିକ ଓ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବା ନେଇ ମଧ୍ୟ ଆଲୋଚନା କରିଛନ୍ତି। ବୈଠକ ସମୟରେ ଦୁଇ ଦେଶ ମଧ୍ୟରେ ପର୍ଯ୍ୟଟନ ବିଷୟରେ ମଧ୍ୟ ଆଲୋଚନା ହୋଇଛି।

ମୋଦି-ପୁଟିନ୍ ବୈଠକରେ ଦୁଇ ଦେଶ ମଧ୍ୟରେ ପର୍ଯ୍ୟଟକଙ୍କ ଯାତାୟାତ ବିଷୟ ମଧ୍ୟ ଉଠିଥିଲା। ଉପଲବ୍ଧ ତଥ୍ୟ ଅନୁସାରେ ୨୦୨୫ରେ ଭାରତ ଓ ରୁଷିଆ ମଧ୍ୟରେ ପର୍ଯ୍ୟଟକଙ୍କ ଯାତାୟାତରେ ପ୍ରାୟ ୧୬% ବୃଦ୍ଧି ରେକର୍ଡ ହୋଇଥିଲା। ଦୁଇ ଦେଶ ମଧ୍ୟରେ ଲୋକଙ୍କ ଯାତାୟାତ ଓ ପର୍ଯ୍ୟଟନ ସମ୍ପର୍କ ବଢ଼ିବାକୁ ଏହା ଏକ ସକାରାତ୍ମକ ସଙ୍କେତ ଭାବେ ଦେଖାଯାଉଛି।

# କଂଗ୍ରେସରେ ମିଶିଲେ ରାମଚନ୍ଦ୍ର ହାଁସଦା

ବଦଳିପାରେ ଉତ୍ତର ଓଡ଼ିଶାର ରାଜନୀତି



ଭୁବନେଶ୍ୱର,୩୧।୮(ସଂଚାର ବ୍ୟୁରୋ): ଉତ୍ତର ଓଡ଼ିଶା ରାଜନୀତିରେ ବଡ଼ ଧରଣର ଅଦଳବଦଳ। କଂଗ୍ରେସ ଶିବିରରେ ସାମିଲ ହୋଇଛନ୍ତି ମୟୂରଭଞ୍ଜର ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା। ନିଜର ଶତାଧିକ ସମର୍ଥକଙ୍କ ସହ ସେ ଆଜି ବିଧିବଦ୍ଧ ଭାବେ ହାତ ଧରିଛନ୍ତି। ପ୍ରଦେଶ କଂଗ୍ରେସ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ମିଶ୍ରଣ ପର୍ବରେ କଂଗ୍ରେସ ରାଜ୍ୟ ପ୍ରଭାରୀ ଲାଲଜି ଦେଶାଇ ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ ସେ ଦଳୀୟ ପତାକା ଗ୍ରହଣ କରିଛନ୍ତି।

କଂଗ୍ରେସରେ ଯୋଗଦେବା ପରେ ଶ୍ରୀ ହାଁସଦା କହିଛନ୍ତି ଯେ ଦଳ ତାଙ୍କୁ ଓ ତାଙ୍କ ସମର୍ଥକଙ୍କୁ ଯେଉଁଭଳି ଭାବେ ଉତ୍ସାହର ସହ ସ୍ୱାଗତ କରିଛି, ସେଥିପାଇଁ ସେ କୃତଜ୍ଞ। 'ମୁଁ ପୂର୍ବରୁ ମଧ୍ୟ ଜନସାଧାରଣ ଓ ଆଦିବାସୀଙ୍କ ହକ୍ ପାଇଁ ସ୍ୱର ଉତ୍ତୋଳନ କରୁଥିଲି ଏବଂ ଆଗାମୀ ଦିନରେ ମଧ୍ୟ ଏହି ଲଢ଼େଇ ଜାରି ରହିବ। କଂଗ୍ରେସର ନୀତି, ଆଦର୍ଶ ଓ ମୋର ଚିନ୍ତାଧାରା ସମ୍ପୂର୍ଣ୍ଣ ସମାନ' ବୋଲି ସେ କହିଛନ୍ତି। ଏହାସହ ମୟୂରଭଞ୍ଜ ଜିଲ୍ଲାରେ କଂଗ୍ରେସ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ସହ ପିସିସି ସଭାପତିଙ୍କ ହାତମୁଠାକୁ ମଜବୁତ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ସେ ଦୋହରାଇଛନ୍ତି।

ଅନ୍ୟପଟେ ଶ୍ରୀ ହାଁସଦାଙ୍କ ଯୋଗଦାନକୁ ସ୍ୱାଗତ କରି ପିସିସି ସଭାପତି କହିଛନ୍ତି ଯେ ତାଙ୍କ ଆଗମନ ଦ୍ୱାରା ମୟୂରଭଞ୍ଜରେ କଂଗ୍ରେସ ଅଧିକ ଶକ୍ତିଶାଳୀ ହେବ। ଆଗାମୀ ଦିନରେ ଏହି ଜିଲ୍ଲାରେ ଏକ ବଡ଼ ରାଜନୈତିକ ପରିବର୍ତ୍ତନ ଦେଖିବାକୁ ମିଳିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଉଲ୍ଲେଖନୀୟ ଯେ ମୟୂରଭଞ୍ଜ ଜିଲ୍ଲାରେ କଂଗ୍ରେସର ଅବସ୍ଥା ଶୋଚନୀୟ ରହିଛି। ଜିଲ୍ଲାର ସାଙ୍ଗଠନିକ ଦଳୀୟ ସ୍ଥିତି ଦୁର୍ବଳ ରହିଛି। ତେବେ ସେ କଂଗ୍ରେସରେ ମିଶିବା ପରେ ଜିଲ୍ଲାରେ କଂଗ୍ରେସର ସ୍ଥିତି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ଶ୍ରୀ ହାଁସଦା।

# ଖୁଦୁରୁକୁଣୀ ଓଷା ସହ ଜଡ଼ିତ ସାତଭାୟା ଗ୍ରାମର ସୁରକ୍ଷା କେବେ?

ଭୁବନେଶ୍ୱର,୩୧।୮: ପ୍ରତିବର୍ଷ ଭାଦ୍ରବ ମାସର ରବିବାରରେ ଓଡ଼ିଶାର ପୁରପଲ୍ଲୀରେ ପାଳନ କରାଯାଏ ଖୁଦୁରୁକୁଣୀ ଓଷା। ତେବେ ଏହି ଓଷା ସହ ଲୋକକଥାରେ ଜଡ଼ିତ ସ୍ଥାନଟି ସମୁଦ୍ର ଗର୍ଭରେ ଲୀନ ହେବାକୁ ଯାଉଥିବାବେଳେ ସେଠାକାର ବାସିନ୍ଦାମାନଙ୍କୁ ସରକାର ଅନ୍ୟତ୍ର ଥଇଥାନ କରିଛନ୍ତି। ଖୁଦୁରୁକୁଣୀ ଓଷା ପ୍ରତିପାଳନ ପଛରେ ଥିବା କିମ୍ବଦନ୍ତୀ ଗାଁଟି ହେଉଛି ସାତଭାୟା। ଏହା କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ଅନ୍ତର୍ଗତ ଏକ ସମୁଦ୍ର କୂଳିଆ ଗାଁ। ଏହି ଗାଁର ଅଧିଷ୍ଠାତ୍ରୀ ଦେବୀ ମା' ପଞ୍ଚୁବରାହୀ। ଖୁଦୁରୁକୁଣୀ ବ୍ରତର ତଥ୍ୟ ମୁତାବକ ବହୁ ବର୍ଷ ତଳେ ଗୋଟିଏ ସାଧବ ପରିବାରର ସାତଭାଇ ବୋଇତ ନେଇ ବିଦେଶକୁ ଯାଇଥିଲେ ବଣିଜ ବେପାର କରିବା ଲାଗି। ଘରେ ସେମାନଙ୍କର ସାତ ପତ୍ନୀଙ୍କ ସମେତ ଅଲିଅଳି ଭଉଣୀ ତଅପୋଇ ରହିଥିଲେ। ତେବେ ୬ଜଣ ଭାଉଜ ନଣନ୍ଦ ତଅପୋଇଙ୍କ ଉପରେ ଅତ୍ୟାଚାର କରିବା ସହିତ ତାଙ୍କୁ ଛେଳି ଚରାଇବା ଲାଗି ଜଙ୍ଗଲକୁ ପଠାଉଥିଲେ ଏବଂ ଭଲରେ ଗଣ୍ଡେ ଖାଇବା ପିଇବାକୁ ବି ଦେଉନଥିଲେ।

ଲୋକକଥା କୁହେ ଯେ ଏତେସବୁ ନିର୍ଯାତନା ସହି ତଅପୋଇ କିନ୍ତୁ ଭାଇମାନଙ୍କ ମଙ୍ଗଳ ମନାସି ସେମାନଙ୍କ ଫେରିବା ବାଟକୁ ଚାହିଁ ରହୁଥିଲେ। ସାମୁଦ୍ରିକ ଝଡ଼ ସହିତ ଜଳଦସ୍ୟୁଙ୍କ ଉତ୍ପାତ ଭଳି ପ୍ରତିକୂଳ ପରିସ୍ଥିତିର ମୁକାବିଲା କରି ଏହି ୭ ସାଧବ ପୁଅ ଫେରିବା ପରେ ଭଉଣୀ ତଅପୋଇଙ୍କ ଦୁରବସ୍ଥା ଦେଖି ଅତ୍ୟାଚାର କରିଥିବା ଭାଉଜମାନଙ୍କୁ ଦଣ୍ଡ ଦେଇଥିଲେ। କୁହାଯାଏ ଏହି ସାଧବ ସାତ ଭାଇଙ୍କ ନାଁରେ ସାତଭାୟା ଗାଁ ବସିଥିଲା। ତେବେ ଶହଶହ ବର୍ଷ ପରେ ସମୃଦ୍ଧ ସାତଭାୟା ଗାଁ ପ୍ରତି ସାମୁଦ୍ରିକ ବିପଦ ଲାଗି ରହିଲା। ସମୁଦ୍ର ମାଡ଼ି ଆସୁଥିବାରୁ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାର ଏହି ଗ୍ରାମବାସୀଙ୍କୁ ବଗପାଟିଆ ନାମକ ଅଞ୍ଚଳକୁ ସ୍ଥାନାନ୍ତର କରିବା ସହିତ ସେଠାରେ ମା' ପଞ୍ଚୁବରାହୀଙ୍କ ନୂଆ ମନ୍ଦିର ମଧ୍ୟ କରାଇଛନ୍ତି। ଏସବୁ ସତ୍ତ୍ୱେ ଏବେ ବି ସାତଭାୟାରୁ ବାସଚ୍ୟୁତ ହୋଇଥିବା ଅନେକ ପରିବାର ସେମାନଙ୍କ ଭିଟାମାଟିକୁ ଆସି ପଞ୍ଚୁବରାହୀଙ୍କ ମୂଳ ପୀଠରେ ପୂଜା କରନ୍ତି ଏବଂ ଜମିବାଡ଼ି ମଧ୍ୟ ଦେଖାଶୁଣା କରିଥାନ୍ତି। କୁହାଯାଏ ସାତଭାୟାର ପଞ୍ଚୁବରାହୀ ଦେବୀ ଯେଉଁଠି ଆବିର୍ଭୂତା ହୋଇଥିଲେ ସେହି ସ୍ଥାନରେ ତଅପୋଇ ମା'ଙ୍କ ପୂଜାର୍ଚ୍ଚନା କରୁଥିଲେ।

ଅତୀତର ସ୍ମୃତିକୁ ଆଧ୍ୟାତ୍ମିକ ପରିବେଶରେ ଉଜ୍ଜିବିତ କରି ରଖିବା ଲାଗି ଓଡ଼ିଶାର ଗାଁରୁ ସହର ପର୍ଯ୍ୟନ୍ତ ଭାଦ୍ରବ ମାସ ରବିବାରରେ ଅବିବାହିତା ଝିଅମାନେ ନିଷ୍ଠାର ସହ ଖୁଦୁରୁକୁଣୀ ଓଷା ପାଳନ କରି ତଅପୋଇଙ୍କର ନିଷ୍ଠାର ସ୍ମରଣ କରିଥାନ୍ତି। କିନ୍ତୁ ବିଡମ୍ବନାର କଥା ଯେ ଅନେକ ଓଡ଼ିଆଙ୍କ ଭାବାବେଗ ସହ ଜଡ଼ିତ ସାତଭାୟାକୁ ସମୁଦ୍ର କବଳରୁ ସୁରକ୍ଷିତ କରି ରଖାଯାଇପାରିଲା ନାହିଁ। କେବଳ ସାତଭାୟା ନୁହେଁ, ଓଡ଼ିଶାର ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ପରି ୬ଟିଯାକ ସମୁଦ୍ର ଉପକୂଳବର୍ତ୍ତୀ ଜିଲ୍ଲାର ଅନେକ ଗାଁ ପ୍ରତି ସାମୁଦ୍ରିକ ବିପଦ ମାଡ଼ି ଆସୁଛି। ଏହାର ସୁରକ୍ଷା ଲାଗି ଅନେକ ବନ୍ଧ ନିର୍ମାଣ ହେବା ପରେ ଏବେ ସାମୁଦ୍ରିକ ମୁହାଁଣ ସବୁ ଖୋଲି ସେଗୁଡ଼ିକୁ ପଟୁମୁକ୍ତ କରିବା ପାଇଁ ଚିନ୍ତା କରାଯାଉଛି। ଏ ସଂକ୍ରାନ୍ତରେ ଏସୀୟ ଉନ୍ନୟନ ବ୍ୟାଙ୍କ (ଏଡିବି) କେତେକ ଗଠନମୂଳକ ପ୍ରସ୍ତାବ ଦେଇଛି। କର୍ଣ୍ଣାଟକରେ ଯେଉଁଳି ସଂରକ୍ଷଣ କରାଯାଇଛି ସେହି ମଡେଲ୍ ଓଡ଼ିଶାର ୬ଟି ଜିଲ୍ଲାରେ କାମ କରିବା ଲାଗି ପ୍ରାୟ ଅଢ଼େଇ ହଜାର କୋଟି ଟଙ୍କା ଆବଶ୍ୟକ ପଡ଼ିବ ବୋଲି କୁହାଯାଉଛି। ତେବେ ଏହି ପ୍ରସ୍ତାବ କେବେ କାର୍ଯ୍ୟକାରୀ ହୋଇ ପୁଣି ସାତଭାୟାରେ ଜନବସତି ରହିବ ସେଥିଘେନି ଜୋରଦାର ଚର୍ଚ୍ଚା ଚାଲିଛି।(ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାସ୍ତବ ଜିଡିପି ଅଭିବୃଦ୍ଧି...

ଅଭିବୃଦ୍ଧି ଦେଖିବାକୁ ମିଳିଛି। ଘରୋଇ ଅନ୍ତିମ ବ୍ୟବହାର ଖର୍ଚ୍ଚ ପିଏଫସିଇରେ ୭.୧% ବୃଦ୍ଧି ପାଇଛି। ଆମେରିକା-ଇରାନ ଯୁଦ୍ଧ ଯୋଗୁ ସୃଷ୍ଟି ଯୋଗାଣ ଶୃଙ୍ଖଳାରେ ବାଧାର କୌଣସି ପ୍ରଭାବ ପଡ଼ିନାହିଁ। କମୋଡିଟି ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଭାରତୀୟ ଅର୍ଥବ୍ୟବସ୍ଥା ଭଲ ପ୍ରଦର୍ଶନ କରିଛି। ଜିଡିପିର ଏହି ଡାଟା ଅର୍ଥନୀତି ବିଶେଷଜ୍ଞଙ୍କ ପୂର୍ବାନୁମାନକୁ ବି ପଛରେ ପକାଇଛି। ଉଲ୍ଲେଖଯୋଗ୍ୟ ଯେ ଏପ୍ରିଲ-ଜୁନ୍ ତ୍ରୈମାସିକରେ ଅଭିବୃଦ୍ଧି ହାରକୁ ନେଇ ଅର୍ଥଶାସ୍ତ୍ରୀମାନେ ୭.୧ରୁ ୭.୨ ପ୍ରତିଶତ ରହିବା ନେଇ ପୂର୍ବାନୁମାନ କରିଥିଲେ। ଦେଶର ଆର୍ଥିକ ସ୍ଥିତିରେ ଏହି ଉଲ୍ଲେଖନୀୟ ପ୍ରଦର୍ଶନକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ସହଯୋଗ ପାଇଁ ସ୍ତମ୍ଭ ହୋଇଛି ବୋଲି କହିଛନ୍ତି। ଏଥିସହ ସେ 'ଏକ୍ସ'ରେ ବିରୋଧୀଙ୍କୁ ଟାର୍ଗେଟ କରି କହିଛନ୍ତି 'ଅଶୁଭବାଦୀମାନେ ନିନ୍ଦିତ ହେଲେ ଏବଂ ଭାରତ ପୁଣି ଥରେ ଝଲସିଉଠିଲା'। ସେହିପରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ଦୃଢ଼ ଅର୍ଥନୈତିକ ପ୍ରଦର୍ଶନରେ ଏନଡିଏ ସରକାରଙ୍କ ଅର୍ଥନୈତିକ ସଂସ୍କାରକୁ ଶ୍ରେୟ ଦେଇଛନ୍ତି। ସେ ଅର୍ଥନୀତିର ସୁପରିଚାଳନାକୁ ଏକ ପ୍ରମୁଖ କାରଣ ଭାବରେ ମଧ୍ୟ ଉଲ୍ଲେଖ କରିଛନ୍ତି।

### ଆଡମିଶନ୍‌ର ୬ ମାସ...

କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ବିଭିନ୍ନ ବୃତ୍ତି ପାଇଥାନ୍ତି। ତେବେ ଏହି ବୃତ୍ତି ଅର୍ଥ ପାଇବାର ପ୍ରକ୍ରିୟା ଶେଷ ହୋଇ ଟଙ୍କା ପାଇବା ବେଳକୁ ୩-୪ ମାସ ସମୟ ଲାଗିଥାଏ। ତେଣୁ ବର୍ତ୍ତମାନ ଏହି ବର୍ଗର ଛାତ୍ରଛାତ୍ରୀମାନେ ସେମାନଙ୍କ ବୃତ୍ତି ଟଙ୍କା ପାଇବା ପରେ ସୁବିଧାରେ ସେମାନଙ୍କ ଆଡମିଶନ୍ ଓ ଟ୍ୟୁସନ ଫି' ଜମା କରିପାରିବେ। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ଏକ ମାର୍ଗଦର୍ଶିକା ଜାରି କରାଯିବ ବୋଲି ଜଣାପଡ଼ିଛି।

### ନାବାଳିକାଙ୍କୁ ବସ୍‌ରେ...

କହିଛନ୍ତି ଯେ ଗଣଦୁଷ୍କର୍ମର ଶିକାର ହୋଇଥିବା ନାବାଳିକା ଜଣଙ୍କ ଏକାଦଶ ଶ୍ରେଣୀର ଛାତ୍ରୀ। ସେ ତାଙ୍କ ଘରୁ ରାଗି ଚାଲି ଆସିଥିଲେ ଓ ନୋଏଡ଼ାରେ ଥିବା ତାଙ୍କର ଜଣେ ସମ୍ପର୍କୀୟ ଭାଇଙ୍କ ଘରକୁ ଯାଉଥିଲେ। ବର୍ଷା ଓ ଅନ୍ଧାରରେ ସେ ଚାଲି ଚାଲି ଗ୍ରେଟର ନୋଏଡାର ପରୀ ଚୌକ ଯାଏ ଆସିଥିଲେ। ସେତିକିବେଳେ ସେଇ ବାଟ ଦେଇ ଯାଉଥିବା ବିଶ୍ୱନାଥ ନାମକ ଏକ ଖାଲି ସ୍ଲିପର ବସ୍ ଦେଖି ସେ ତାହା ରଖିବାକୁ ହାତ ଦେଖାଇଥିଲେ। ସେମାନେ ନୋଏଡାର ସେକ୍ଟର-୬୩କୁ ଯାଉଥିବା କହି ଡ୍ରାଇଭର ଓ କଣ୍ଡକ୍ଟର ତାଙ୍କୁ ବସରେ ନେଇଥିଲେ। କିନ୍ତୁ ବସ୍ ଚାଲିବା ଆରମ୍ଭ କରିବା ପରେ ଉଭୟ ଡ୍ରାଇଭର ଓ କଣ୍ଡକ୍ଟର ତାଙ୍କୁ ଦୁଷ୍କର୍ମ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ପୁଲିସ୍ ସୂଚନା ଦେଇଛି।

### ୩ରୁ ଭୁବନେଶ୍ୱରରେ...

ସ୍ଥାୟୀ ସମାଧାନ କରିବା ଏହି ସର୍ଭେର ମୁଖ୍ୟ ଉଦ୍ଦେଶ୍ୟ। ସହରାଞ୍ଚଳରେ ଥିବା ଅଧିକାଂଶ ବିଧାନସଭା ବୁଥ୍‌ଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ନାହିଁ। ଫଳରେ ଗୋଟିଏ ବୁଥ୍‌ରେ ୧୦ରୁ ୧୨ଟି ଅଲଗା ଅଲଗା ଅଞ୍ଚଳର ଭୋଟର ସାମିଲ ହୋଇ ରହୁଛନ୍ତି। ଏପରିକି ଗୋଟିଏ ୱାର୍ଡର ଭୋଟର ଅନ୍ୟ ଏକ ୱାର୍ଡରେ ଭୋଟ ଦେଉଛନ୍ତି, ଯାହାଫଳରେ ଅନେକ ଭୋଟର ମତଦାନ କେନ୍ଦ୍ରକୁ ଯିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହି ସର୍ଭେ ମାଧ୍ୟମରେ ଗୋଟିଏ ପରିବାରର ସମସ୍ତ ସଦସ୍ୟ ଗୋଟିଏ ମତଦାନ କେନ୍ଦ୍ରରେ ଭୋଟଦାନ କରିପାରିବେ। ତା' ସହ ଗୋଟିଏ ୱାର୍ଡର ମତଦାତାମାନଙ୍କ ନାମ ବିଭିନ୍ନ ୱାର୍ଡର ଭୋଟର ତାଲିକାରେ ରହିଥିଲେ, ଏହି ସର୍ଭେ ପରେ ସେମାନେ ଗୋଟିଏ ୱାର୍ଡରେ ରହିପାରିବେ ଯାହା ଫଳରେ ମତଦାତାଙ୍କ ମତଦାନ ସହଜରେ ହୋଇପାରିବ।

### ରାଜ୍ୟର ସବୁ ବର୍ଗକୁ...

ରୟାଲ୍‌ଟି, ନିଲାମ ପ୍ରିମିୟମ୍ ଏବଂ ଡିଏମଏଫ ଏବେ ବି ଜାରି ରହିଛି। ମୋଟ ଖଣି ରାଜସ୍ୱର ପ୍ରାୟ ୯୦ ପ୍ରତିଶତ ବର୍ତ୍ତମାନ ରାଜ୍ୟଗୁଡ଼ିକୁ ମିଳୁଛି। ଏହି ଆଇନ ଦ୍ୱାରା ବର୍ତ୍ତମାନ କେନ୍ଦୁଝରର ଛାତ୍ରାବାସ, ସୁନ୍ଦରଗଡ଼ ପାଇପ୍-ଜଳ ଯୋଗାଣ ଯୋଜନା କିମ୍ବା ସୁଭଦ୍ରା କିସ୍ତି ପାଇଁ ପାଣ୍ଠି ଦେଉଥିବା କୌଣସି ଅନୁଦାନ ପ୍ରତ୍ୟାହାର ହେବ ନାହିଁ। ତେବେ ଶୁଳ୍କ ଉପରେ ଲାଗୁ ହେଉଥିବା ଅତିରିକ୍ତ ଶୁଳ୍କ, ତା' ଉପରେ ଖୋଲା ଓ ପିଛିଲା ଭାବେ ଆଦାୟ ହେଉଥିବା ଶୁଳ୍କ ଉଚ୍ଛେଦ ହେବ। ସଂଶୋଧିତ ଏମଏମଡିଆର ଆଇନରେ ପ୍ରମୁଖ ନୀତିଗତ ବ୍ୟବସ୍ଥାକୁ ନେଇ ବିରୋଧୀଙ୍କ ପକ୍ଷରୁ କେତେକ ଆପତ୍ତି ଉପସ୍ଥାପନ କରାଯାଇଛି। ଏହାର ସେକ୍ସନ ୯-ଡି ଦ୍ୱାରା ଓଡ଼ିଶା ଅତିରିକ୍ତ ଖଣିଜ ଶୁଳ୍କ ଲାଗୁ କରିବାର ସ୍ୱାଧୀନତା ହରାଇବ ବୋଲି ବିରୋଧୀମାନେ କହୁଛନ୍ତି। ଏହାର ଉତ୍ତରରେ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ କହିବା କଥା ହେଲା, ଜାତୀୟ ସୀମା ଆର୍ଥିକ ଅନିଶ୍ଚିତତାକୁ ହ୍ରାସ କରିବ ଓ ପ୍ରକଳ୍ପର କାର୍ଯ୍ୟକ୍ଷମତାକୁ ସୁରକ୍ଷା ଦେବ। ନୂତନ ସେସରୁ ରାଜସ୍ୱ ହରାଇବା ରାଜ୍ୟ ପାଇଁ କ୍ଷତି ବୋଲି ବିରୋଧୀଙ୍କ ଆପତ୍ତିର ଜବାବରେ ସରକାର କହିଛନ୍ତି, ବର୍ତ୍ତମାନର ରୟାଲ୍‌ଟି, ନିଲାମ ପ୍ରିମିୟମ୍, ଡିଏମଏଫ ଓ ତତ୍ ସମ୍ପର୍କିତ ରାଜସ୍ୱ ପ୍ରାପ୍ତିଗୁଡ଼ିକ ଦୀର୍ଘସ୍ଥାୟୀ ଏବଂ ନିରନ୍ତର ଖଣିଜ ଉତ୍ପାଦନ ଉପରେ ନିର୍ଭର କରେ। ଏହି ଆଇନ ଦ୍ୱାରା ଲୁହାପଥର ଉପରେ ମିଳୁଥିବା ୧୫ ପ୍ରତିଶତ ରୟାଲଟିର କୌଣସି କ୍ଷତି ହେବ ନାହିଁ ଏବଂ ରାଜ୍ୟକୁ ଏହା ଶତପ୍ରତିଶତ ମିଳିବ। ନିଲାମ ପ୍ରିମିୟମ ମଧ୍ୟ ପୂର୍ବ ପରି ଶତପ୍ରତିଶତ ମିଳିବ। ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ), ଏନଏମଇଟି ଯୋଗଦାନ, ବାଲି, ମୋରମ, ଗ୍ରାଭେଲ୍ ଭଳି ୫୦ଟି ଲଘୁ ଖଣିଜ ଦ୍ରବ୍ୟ ସମ୍ପୂର୍ଣ୍ଣ ଭାବେ ରାଜ୍ୟର ହେବ।

### ୬୨ ପୌରାଞ୍ଚଳ ପାଇଁ...

ସହ ସେବା ଯୋଗାଇଦେବା ପାଇଁ ପୌର ପ୍ରଶାସନର ଅଧିକାରୀ, କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୌର ସଂସ୍ଥାଗୁଡ଼ିକରେ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ବ୍ୟବହାର, କାର୍ଯ୍ୟପଦ୍ଧତିର ସରଳୀକରଣ ଓ ସମୟବଦ୍ଧ ସମାଧାନକୁ ଗୁରୁତ୍ୱ ଦେଇ କାର୍ଯ୍ୟ ସଂସ୍କୃତିରେ ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହିତ ପ୍ରତ୍ୟେକ ସହରକୁ ଓଡ଼ିଶାର ଅର୍ଥନୈତିକ ବିକାଶର ଶକ୍ତିଶାଳୀ ଇଞ୍ଜିନ ଭାବେ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ସହରାଞ୍ଚଳର ନିର୍ବାଚିତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲୋକଙ୍କ ଆଶା, ଆକାଂକ୍ଷା ଓ ଆବଶ୍ୟକତାକୁ କେନ୍ଦ୍ରରେ ରଖି ଆମେ କାମ କରୁଛୁ। ତେଣୁ ଲୋକଙ୍କ ସହ ରହି ଲୋକଙ୍କ ସମସ୍ୟାକୁ ଶୁଣି ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷା କରି କାମ କରିବା ପାଇଁ ସେ କହିଥିଲେ। ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୌର ସଂସ୍ଥାଗୁଡ଼ିକର ଦକ୍ଷତା ବୃଦ୍ଧି ପାଇଁ ଆଜି ଓଡ଼ିଶା ଅର୍ବାନ ଏକାଡେମୀ ସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, ଇଣ୍ଡିଆନ ସ୍କୁଲ ଅଫ ବିଜନେସ ଓ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଅର୍ବାନ ଆଫେୟାର୍ସର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ପୌରସଂସ୍ଥାଗୁଡ଼ିକର କର୍ମଚାରୀ, ସ୍ୱଚ୍ଛ ସାଥୀ, ଜଳ ସାଥୀ, ପରିମଳ କର୍ମୀ ଏବଂ କ୍ଲଷ୍ଟର କର୍ମଚାରୀମାନଙ୍କୁ ନିଷ୍ଠାପର କାର୍ଯ୍ୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଫୁଲବାଣୀ ପୌର ପରିଷଦର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ରୁନୁ ପ୍ରଧାନଙ୍କ ସହ ଘର ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଆମ ସରକାର ଦାୟିତ୍ୱ ନେବା ପରେ ୨୮ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ, ୭ଟି ନୂତନ ପୌର ପରିଷଦ ଗଠନ ସହ ପୁରୀକୁ ମହାନଗର ନିଗମର ମାନ୍ୟତା ପ୍ରଦାନ କରାଯାଇଛି। ସେହିପରି ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଓ ବିଏମସି ମେୟର ସୁଲୋଚନା ଦାସ ମଧ୍ୟ ଅଭିଭାଷଣ ଦେଇଥିଲେ।

### ଦମ୍ପତିଙ୍କ ସହ ଝିଅ...

ଦିଗପହଣ୍ଡି ବଡ଼ଦାଣ୍ଡ ସାହିର ଉପେନ୍ଦ୍ର ସାହୁଙ୍କ ଭାଣିଜୀ ସୁରଭିଙ୍କୁ ବିବାହ କରିଥିଲେ। ସେମାନେ ଲଣ୍ଡନର ସ୍ଥାୟୀ ବାସିନ୍ଦା ହୋଇଥିବା ବେଳେ ସନ୍ତୋଷ ଲଣ୍ଡନରେ ଏକ ଆଇଟି କମ୍ପାନୀର ମାଲିକ। ତେବେ ସନ୍ତୋଷ ତାଙ୍କ ପରିବାର ସହ ଗତ ୫ ତାରିଖରେ ଲଣ୍ଡନରୁ ମୁମ୍ବାଇସ୍ଥିତ ତାଙ୍କ ଶ୍ୱଶୁର ଘରକୁ ଆସିଥିଲେ। ସେଠାରେ କିଛିଦିନ ରହିବା ପରେ ଗତ ୧୯ ତାରିଖରେ ଏକ ଟ୍ରାଭେଲ ଏଜେନ୍ସି ଜରିଆରେ ପ୍ରାୟ ୩୩ ପର୍ଯ୍ୟଟକଙ୍କ ଟିମ୍‌ରେ ମାନସ ସରୋବର ବୁଲିବାକୁ ଯାଇଥିଲେ। ଏହି କ୍ରମରେ ଗତ ବୁଧବାର ସକାଳ ପ୍ରାୟ ସାଢ଼େ ୮ଟାରେ ସମୟରେ ସନ୍ତୋଷ ତାଙ୍କ ପରିବାର ସଦସ୍ୟଙ୍କ ସହ ନେପାଳର ରୁସୁୱାଗଢ଼ିସ୍ଥିତ ଏକ ହୋଟେଲ୍‌ରେ ଜଳଖିଆ ଖାଉଥିଲେ। ଏହି ସମୟରେ ଭୀଷଣ ବେଗରେ ପାଣି ମାଡ଼ିଆସିବାରୁ ସନ୍ତୋଷ ଓ ତାଙ୍କ ପରିବାର ସଦସ୍ୟମାନେ ଭାସିଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବନ୍ୟା ସମୟରେ ନେପାଳରେ ଫସିଥିବା ମୟୂରଭଞ୍ଜର ବାରିପଦା ଝିଅ କୁଲସୁମ ନିଗାର ଆଜି ଘରକୁ ଫେରିଛନ୍ତି। ସେ ସୁରକ୍ଷିତ ଭାବେ ଘରକୁ ଫେରିଥିବାରୁ ପରିବାର ଲୋକଙ୍କ ମଧ୍ୟରେ ଖୁସିର ମାହୋଲ୍ ସୃଷ୍ଟି ହୋଇଛି।

### ନେପାଳ ବିଭୀଷିକା...

ନାଗରିକ ରହିଛନ୍ତି। ତିବ୍ବତ ଅଞ୍ଚଳରେ ଚୀନ୍ ଦ୍ୱାରା କରାଯାଉଥିବା ବୃହତ୍ ଜଳବିଦ୍ୟୁତ ପ୍ରକଳ୍ପ ଯୋଗୁ ଏଭଳି ଜଳ-ପ୍ରଳୟ ଘଟିଲା ବୋଲି ନେପାଳ କରୁଥିବା ଦାବିକୁ ଚୀନ୍ କର୍ତ୍ତୃପକ୍ଷ ଖଣ୍ଡନ କରିବା ସହ ଏହାକୁ 'ଅବାନ୍ତର ଅନୁମାନ' ବୋଲି କୁହାଯାଇଛି। ବନ୍ୟା ରାସୁୱା ଜଳବିଦ୍ୟୁତ ପ୍ରକଳ୍ପ ଟନେଲରେ 'ଥର୍ମାଲ ଡ୍ରୋନ୍ ସର୍ଚ୍ଚ' କରାଯାଇ ସୁଡ଼ଙ୍ଗ ଭିତରେ କେହି ଫସିରହିଛନ୍ତି କି ନା ତା'ର ତଲାସୀ କରାଯାଉଛି।

### ଛଦ୍ମବେଶୀ ଆପ୍ ରଚୁଛନ୍ତି...

କରିଛି। ଏଥିସହ ମୋବାଇଲ ବ୍ୟବହାରୀଙ୍କ ପାଇଁ ଏକ ମାର୍ଗଦର୍ଶିକା ମଧ୍ୟ ଜାରି ହୋଇଛି। ଏଥିରେ କୁହାଯାଇଛି ଯେ କେବଳ ଗୁଗଲ୍ ପ୍ଲେ ଷ୍ଟୋର୍ କିମ୍ବା ଅନ୍ୟ ବିଶ୍ୱସ୍ତ ଆପ୍ ଷ୍ଟୋରରୁ ଆପ୍ଲିକେସନ୍ ଡାଉନଲୋଡ୍ କରନ୍ତୁ। ବିଜ୍ଞାପନ, ୱେବସାଇଟ୍ କିମ୍ବା ସନ୍ଦେହଜନକ ଲିଙ୍କରୁ ଏପିକେ ଫାଇଲ ଡାଉନଲୋଡ୍ କରନ୍ତୁ ନାହିଁ। ଅଜଣା ଆପ୍ଲିକେସନ୍ ପାଇଁ ଅନୁମତି ମଞ୍ଜୁର କରନ୍ତୁ ନାହିଁ। ସ୍ଥାପିତ ଆପ୍ଲିକେସନଗୁଡ଼ିକୁ ସମୀକ୍ଷା କରନ୍ତୁ ଏବଂ ଆପଣ ଚିହ୍ନି ନ ଥିବା ଯେକୌଣସି ଆପ୍ଲିକେସନକୁ ତୁରନ୍ତ ହଟାଇ ଦିଅନ୍ତୁ। ଗୁଗଲ୍ ପ୍ଲେ ପ୍ରୋଟେକ୍ଟକୁ ସକ୍ରିୟ ରଖନ୍ତୁ ଏବଂ ଆପଣଙ୍କ ଆଣ୍ଡ୍ରଏଡ୍ ଡିଭାଇସ୍ ଅପଡେଟ୍ ରଖନ୍ତୁ। ନିୟମିତ ଭାବେ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ୟୁପିଆଇ ନେଣଦେଣ ଯାଞ୍ଚ କରିବାକୁ ସତର୍କ କରାଯାଇଛି। ରାଜ୍ୟରେ ସାଇବର ଠକେଇର ପରିମାଣ ଦିନକୁ ଦିନ ବଢୁଥିବାରୁ ଲୋକେ ଏଦିଗରେ ଯଥେଷ୍ଟ ସଚେତନ ହେବାର ଆବଶ୍ୟକତା ରହିଛି।

# ସମସ୍ୟା ଘେରରେ ନାରଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ବିଦ୍ୟାଳୟ ଚାରିପାଖ ପାଲଟିଛି ଜଙ୍ଗଲ
## ପାଣି ନାହିଁ, ପାଇଖାନା ସଫେଇ ନାହିଁ
## ପରିସରରେ ବୁଲୁଛନ୍ତି ବିଷଧର ସାପ
## ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନ




ଆନନ୍ଦପୁର,୩୧।୮ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ବରିପାଳ ପଞ୍ଚାୟତ ଅନ୍ତର୍ଗତ ନାରଙ୍ଗପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖାଦେଇଛି ଏକାଧିକ ସମସ୍ୟା। ଅଭିଯୋଗ ଅନୁସାରେ, ବିଦ୍ୟାଳୟର ଟ୍ୟାପ୍‌ରେ ଆସୁନାହିଁ ପାଣି। ଏପଟେ ପାଇଖାନା ମଧ୍ୟ ନିୟମିତ ସଫେଇ ହେଉନଥିବା ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ଏହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଛି। ପ୍ରତିଦିନ କୁନିକୁନି ପିଲା ତେବେ ସବୁଠାରୁ ବଡ଼ ସମସ୍ୟା ହେଉଛି ବିଦ୍ୟାଳୟର ଚାରିପାଖ, ଗଛଲତା ଓ ଅନାବନା ଜଙ୍ଗଲରେ ପରିଣତ ହୋଇଛି ପୂରା ପରିସର। ଯାହାକୁ ଦେଖିଲେ ଲାଗୁଛି, ଯେପରି ବିଦ୍ୟାଳୟ ପରିସର ନୁହେଁ, ଏକ ଜଙ୍ଗଲ। ଏହି ଅବ୍ୟବସ୍ଥିତ ପରିବେଶ ଯୋଗୁଁ ବିଷାକ୍ତ ସାପ ଦେଖାଯିବାର ଅଭିଯୋଗ ମଧ୍ୟ ହୋଇଛି। ଏଭଳି ପରିସ୍ଥିତିରେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଆସୁଥିବା କୁନିକୁନି ବିଦ୍ୟାଳୟକୁ ଆସୁଥିବା ବେଳେ ଏଭଳି ପରିବେଶ ଅଭିଭାବକଙ୍କ ଚିନ୍ତା ବଢ଼ାଇ ଦେଇଛି। ତୁରନ୍ତ ବିଦ୍ୟାଳୟ ପରିସରକୁ ସଫେଇ କରିବା ସହ ପାଇଖାନାର ନିୟମିତ ସଫେଇ ଏବଂ ଟ୍ୟାପ୍‌ରେ ପାଣି ଯୋଗାଣର ସୁବ୍ୟବସ୍ଥା କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

ଅନ୍ୟପଟେ ଏନେଇ ଘଷିପୁରା ବ୍ଲକ୍ ଶିକ୍ଷାଧିକାରୀ ସଦ୍ୟାସ୍ନାନ ପଣ୍ଡା କହିଛନ୍ତି, ଗୋଟିଏ ସପ୍ତାହ ମଧ୍ୟରେ ବିଦ୍ୟାଳୟର ସମସ୍ତ ସମସ୍ୟାର ସମାଧାନ କରାଯିବ। ତେବେ ପ୍ରଶ୍ନ ହେଉଛି, କୁନିକୁନି ପିଲାଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟ ପରିସର କେବେ ସଫା ହେବ? କେବେ ଟ୍ୟାପ୍‌ରେ ଆସିବ ପାଣି? ଏବଂ କେବେ ଦୂର ହେବ ପାଇଖାନା ସମସ୍ୟା? ଏବେ ଅପେକ୍ଷା, ଶିକ୍ଷାଧିକାରୀ ଦେଇଥିବା ଏକ ସପ୍ତାହର ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହେଉଛି।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷକେନ୍ଦ୍ରରେ ନିଶାମୁକ୍ତ ଭାରତ ଅଭିଯାନ




ଖୋର୍ଦ୍ଧା,୩୧।୮ (ସଂଚାର ବ୍ୟୁରୋ)ଃ ସ୍ଥାନୀୟ ଖୋର୍ଦ୍ଧା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷକେନ୍ଦ୍ରରେ ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ମାଧବ ଚନ୍ଦ୍ର ରାଉତରାୟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଦର୍ଶ ଥାନା ସବ୍ ଇନ୍ସପେକ୍ଟର ବସନ୍ତ ପଟ୍ଟନାୟକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନିଶା ସେବନର କୁପ୍ରଭାବ ଓ ପରିଣାମ ସମ୍ପର୍କରେ ସଚେତନ କରାଇଥିଲେ । ଅନ୍ୟତମ ଅତିଥି କାବେରୀ ଦାସ ନିଶା ଠାରୁ କିପରି ଦୂରେଇ ରହିବା , ସୁସ୍ଥ ଜୀବନ ଶୈଳୀ ଆପଣାଇବା ଓ ଦାୟିତ୍ୱବାନ ନାଗରିକ ହେବାପାଇଁ ପ୍ରେରିତ କରିଥିଲେ। ଏଥିରେ ପୋଲିସ କର୍ମଚାରୀ ବିକାଶ ସାହୁ ସହଯୋଗ କରିଥିଲେ । ବିଦ୍ୟାଳୟରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପୋଲିସ ଅଧିକାରୀ ବସନ୍ତ ପଟ୍ଟନାୟକ ଶପଥ ପାଠ କରାଇଥିଲେ। ଏଥିରେ ବିଦ୍ୟାଳୟର ମନୋଜ କୁମାର ମହାପାତ୍ର, ଶାଶ୍ୱତୀ ରାଉତରାୟ, ମମତା ସାହୁ ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ପୋଲିସ ତରଫରୁ ଏପରି ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମକୁ ସମସ୍ତ ଅଭିଭାବକ ପ୍ରସଂଶା କରିଥିଲେ ।

# ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ମହିଳା ମୃତ



ଯୋଡ଼ା,୩୧।୮ (ସଂଚାର ବ୍ୟୁରୋ)ଃ ଲଗାଣ ବର୍ଷା ନେଇଆସିଲା ଦୁଃଖର ଖବର। ପ୍ରବଳ ବର୍ଷାରେ ମାଟିଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଶୋଇଥିବା ଅବସ୍ଥାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ଦୁଃଖଦ ଘଟଣା ଚମ୍ପୁଆ ଥାନା ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତର ରାଇଗୁଡ଼ି ଗ୍ରାମରେ ଘଟିଛି।

ମିଳିଥିବା ସୂଚନା ଅନୁଯାୟୀ, କିଛି ଦିନ ଧରି ଅଞ୍ଚଳରେ ଲାଗିରହିଥିବା ପ୍ରବଳ ବର୍ଷା ଯୋଗୁଁ ଘାସିରାମ ମହାନ୍ତଙ୍କ ମାଟିଘରର କାନ୍ଥ ଦୁର୍ବଳ ହୋଇପଡ଼ିଥିଲା। ରବିବାର ରାତିରେ ଘାସିରାମଙ୍କ ସ୍ତ୍ରୀ ପୂର୍ଣ୍ଣମୀ ଏକାକି ଗୋଟିଏ ଘରେ ଶୋଇଥିବା ବେଳେ ହଠାତ୍ ଘରର କାନ୍ଥ ତାଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଫଳରେ ସେ ଭଙ୍ଗା କାନ୍ଥ ତଳେ ଚାପି ହୋଇଯାଇଥିଲେ। କାନ୍ଥ ଭୁଶୁଡ଼ିବାର ଶବ୍ଦ ଶୁଣି ପାଖ ଘରେ ଶୋଇଥିବା ତାଙ୍କ ଶାଶୁ ତୁରନ୍ତ ପଡ଼ୋଶୀଙ୍କୁ ଡାକିଥିଲେ। ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି ଭଙ୍ଗା କାନ୍ଥ ଓ ମାଟି ତଳୁ ପୂର୍ଣ୍ଣମୀଙ୍କୁ ଉଦ୍ଧାର କରିଥିଲେ। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ଘଟଣା ପରେ ରାଇଗୁଡ଼ି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଲଗାଣ ବର୍ଷା ସମୟରେ ଦୁର୍ବଳ ମାଟିଘରେ ରହୁଥିବା ପରିବାରଗୁଡ଼ିକର ସୁରକ୍ଷାକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି।

# ଲଗାଣ ବର୍ଷାରେ ରିଜେଣ୍ଟ ମାର୍କେଟ ଜଳମଗ୍ନ



ସୁନ୍ଦରଗଡ଼,୩୧।୮ (ସଂଚାର ବ୍ୟୁରୋ)ଃ ବର୍ଷାକୁ ନେଇ ଏଲ ନିନୋ ପ୍ରଭାବ ଯୋଗୁଁ ଶ୍ରାବଣ ମାସରେ ସ୍ୱଳ୍ପ ବର୍ଷା ହେବ ବୋଲି ଯେଉଁ ପୂର୍ବାନୁମାନ କରିଥିଲେ ତାହା ଭୁଲ ପ୍ରମାଣିତ ହୋଇଛି। ପୁରା ଶ୍ରାବଣ ମାସ ବର୍ଷା ତାର କାୟା ଦେଖାଇଥିଲା ବେଳେ ଭାଦ୍ରବ ମାସ ଆରମ୍ଭରୁ ଆଜି ସୁନ୍ଦରଗଡ଼ ସହର ଓ ଆଖପାଖ ଅଞ୍ଚଳରେ ବଜ୍ରପାତ ସହ ପ୍ରବଳ ବର୍ଷା ଛେଚିଛି। ଆଜି ଏହି ଲଗାଣ ବର୍ଷା ଯୋଗୁଁ ସୁନ୍ଦରଗଡ଼ ପୌରାଞ୍ଚଳର ରିଜେଣ୍ଟ ମାର୍କେଟ କୃତ୍ରିମ ହ୍ରଦ ପାଲଟିଛି। ପ୍ରତିବର୍ଷ ପରି ଲଗାଣ ବର୍ଷା ଯୋଗୁଁ ଏହି ବର୍ଷ ମଧ୍ୟ ରିଜେଣ୍ଟ ମାର୍କେଟ, ମହାନ୍ତିପଡା, ଭିତିରିଆପଡା ଅଞ୍ଚଳରେ ପାଣି ଜମା ହୋଇଛି। ସ୍ୱରେଜ ବ୍ୟବସ୍ଥା ଠିକ ନହେବା ଯାଏ ଏହି ଅବସ୍ଥା ଲାଗି ରହିବ ବୋଲି ସ୍ଥାନୀୟ ବ୍ୟବସାୟୀ ମତ ଦେଇଛନ୍ତି।

# କଣ୍ଟାମାଳରେ ସାପ୍ତାହିକ ବଜାର ଉଦ୍‌ଘାଟିତ



ଭବାନୀପାଟଣା,୩୧।୮ (ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କଣ୍ଟାମାଳ ଗ୍ରାମରେ ଆଜି ଏକ ନୂତନ ସାପ୍ତାହିକ ବଜାର ସମାରୋହପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି ଅଞ୍ଚଳର ଚାଷୀ ଓ ବ୍ୟବସାୟୀଙ୍କ ଆର୍ଥିକ ଉନ୍ନତି ତଥା ଜନସାଧାରଣଙ୍କ ସୁବିଧା ପାଇଁ ଏହି ସାପ୍ତାହିକ ବଜାରର ଶୁଭାରମ୍ଭ କରାଯାଇଛି।

ଏହି ବିଶେଷ କାର୍ଯ୍ୟକ୍ରମରେ ବିନ୍ଦୁମିନା ସେବା ଫାଉଣ୍ଡେସନ ଅଧ୍ୟକ୍ଷ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବଜାରର ଶୁଭ ଉଦଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ କଣ୍ଟାମାଳ ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ଅତ୍ୟନ୍ତ ଭବ୍ୟ ଓ ଜୋରଦାର ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଗ୍ରାମବାସୀଙ୍କ ଏଭଳି ସୁନ୍ଦର ଓ ଆନ୍ତରିକ ସ୍ୱାଗତ ପାଇଁ ବ୍ଲକ ଅଧ୍ୟକ୍ଷ କଣ୍ଟାମାଳ ଗ୍ରାମବାସୀଙ୍କୁ କୋଟି କୋଟି ନମନ ଜଣାଇବା ସହ କୃତଜ୍ଞତା ପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ମହାନନ୍ଦ କହିଛନ୍ତି ଯେ, ଏହି ନୂତନ ସାପ୍ତାହିକ ବଜାର କେବଳ କଣ୍ଟାମାଳ ଗ୍ରାମ ପାଇଁ ନୁହେଁ, ବରଂ ଗୋଲାମୁଣ୍ଡା, ଭବାନୀପାଟଣା, ବଙ୍ଗୋମୁଣ୍ଡା ଏବଂ ଟିଟିଲାଗଡ଼ ବ୍ଲକର ହଜାର ହଜାର ଚାଷୀ ଓ ବ୍ୟବସାୟୀଙ୍କ ପାଇଁ ବେଶ ଲାଭବାନ ସାବ୍ୟସ୍ତ ହେବ। ଏହି ଚାରୋଟି ବ୍ଲକର ଚାଷୀମାନେ ନିଜର ଉତ୍ପାଦିତ ସାମଗ୍ରୀର ସଠିକ୍ ମୂଲ୍ୟ ପାଇପାରିବେ ଏବଂ ବ୍ୟବସାୟୀମାନେ ମଧ୍ୟ ବ୍ୟବସାୟର ଏକ ଭଲ ସୁଯୋଗ ପାଇବେ।

ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପିଙ୍କି ତାଣ୍ଡି, ବଜାର କମିଟିର ସଭାପତି ରଙ୍ଗାଧର ବେହେରା, ଗଉନ୍ତିଆ ନାରାୟଣ ସାହୁ ଏବଂ ଝାଙ୍କର ଜଗଦଳ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହାସହ ଗ୍ରାମର ବିଶିଷ୍ଟ ଭଦ୍ରବ୍ୟକ୍ତିଙ୍କ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣ, ଚାଷୀ ଓ ବ୍ୟବସାୟୀ ଉପସ୍ଥିତ ଥିଲେ।

ଗ୍ରାମାଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଏହି ବଜାର ଆଗାମୀ ଦିନରେ ଏକ ମାଇଲଖୁଣ୍ଟ ହେବ ବୋଲି ଉପସ୍ଥିତ ଅତିଥିମାନେ ଆଶା ବ୍ୟକ୍ତ କରିଛନ୍ତି

# ବନ୍ୟା ପ୍ରଭାବିତ ଅଞ୍ଚଳରେ ସୋଆ ଏନଏସଏସର ରିଲିଫ ବଣ୍ଟନ




ଭୁବନେଶ୍ୱର,୩୧।୮ (ସଂଚାର ବ୍ୟୁରୋ)ଃ ଶିକ୍ଷା ଓ ଅନୁସନ୍ଧାନ (ସୋଆ ) ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଏନ ଏସ ଏସ ବ୍ୟୁରୋ ପକ୍ଷରୁ ବନ୍ୟା ପ୍ରଭାବିତ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ଗ୍ରାମରେ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ଗ୍ରାମଟି ଅଧିକ ବନ୍ୟା ପ୍ରଭାବିତ ହୋଇଛି।

ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍), ଇନଷ୍ଟିଚ୍ୟୁଟ ଅଫ ଟେକ୍ନିକାଲ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଓ ସମ୍ ନର୍ସିଂ କଲେଜ କ୍ୟାମ୍ପସ୍-୧ର ଏନଏସଏସ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଚୁଡା, ବିସ୍କୁଟ, ଓଆରଏସ, ସାନିଟାରୀ ଜିନିଷ, ମହମବତୀ, ଦିଆସିଲି, ମଶା ଧୂପ, ପାଣି ବୋତଲ ଆଦି ବଣ୍ଟନ କରାଯାଇଥିଲା।

ରିଲିଫ ବଣ୍ଟନ କାର୍ଯ୍ୟରେ ବାଛରା ଗ୍ରାମର ସରପଞ୍ଚ ଲିପୁ ରାଉତ ସୋଆ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ବହୁତ ମାତ୍ରାରେ ସହଯୋଗ କରିଥିଲେ। ଉକ୍ତ ରିଲିଫ ବଣ୍ଟନ କାର୍ଯ୍ୟକ୍ରମକୁ ସୋଆର କୃଷି ମହାବିଦ୍ୟାଳୟର ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ପ୍ରାଧ୍ୟାପକ ଡ଼ଃ ସତ୍ୟ ନାରାୟଣ ଶତପଥୀ ଓ ବିଶ୍ୱ ବିଦ୍ୟାଳୟ ଏନଏସଏସ କର୍ମଚାରୀ ଶ୍ରୀ ରାଜ ଶେଖର ବେହେରା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଏନଏସ ଏସର କାର୍ଯ୍ୟକ୍ରମ ସଂଯୋଜକ ଡ଼ଃ କମଳ ଲୋଚନ ମହନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଛି।

# ସାମାଜିକ ଅନୁଷ୍ଠାନ 'ରକ୍ତସେତୁ'ର ନିଆରା ପ୍ରୟାସ



ନବରଙ୍ଗପୁର,୩୧।୮ (ସଂଚାର ବ୍ୟୁରୋ)ଃ ଆଜିର ଯୁବପିଢ଼ି କେବଳ ନିଜ ସ୍ୱପ୍ନରେ ସୀମିତ ନୁହଁନ୍ତି, ବରଂ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱବୋଧ ମଧ୍ୟ ଅତୁଳନୀୟ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ସାମାଜିକ ଅନୁଷ୍ଠାନ "ରକ୍ତସେତୁ", ଯାହା ଏକ ଜେନ୍ ଜି ଯୁବପିଢ଼ିଙ୍କ ଦ୍ୱାରା ପ୍ରତିଷ୍ଠିତ ଏବଂ ପରିଚାଳିତ। ଜରୁରୀ ପରିସ୍ଥିତିରେ ରକ୍ତ ଅଭାବରୁ ଯେପରି କାହାରି ଜୀବନ ନ ଯାଏ, ସେହି ନିଃସ୍ୱାର୍ଥପର ସେବା ମନୋଭାବକୁ ପାଥେୟ କରି ଏହି ଯୁବ ସଂଗଠନ ନିରବଚ୍ଛିନ୍ନ ଭାବେ ଆଗେଇ ଚାଲିଛି। ଦୁର୍ଗମ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ବଡ଼ ବଡ଼ ହସ୍ପିଟାଲ ପର୍ଯ୍ୟନ୍ତ, ଯେଉଁଠି ମୁମୂର୍ଷୁ ରୋଗୀଙ୍କୁ ରକ୍ତର ଆବଶ୍ୟକତା ପଡୁଛି, ସେଠାରେ ଦେବଦୂତ ସାଜି ପହଞ୍ଚୁଛନ୍ତି ଏହି ସଂଗଠନର ଯୁବ ସ୍ୱେଚ୍ଛାସେବୀ ରକ୍ତଦାତାମାନେ।

ଏହି ମହତ ସେବା କେବଳ ଗୋଟିଏ ଜିଲ୍ଲା ମଧ୍ୟରେ ସୀମିତ ନୁହେଁ। ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଆରମ୍ଭ କରି ପଡ଼ୋଶୀ ରାଜ୍ୟ ପର୍ଯ୍ୟନ୍ତ ଏହା ବ୍ୟାପ୍ତ। ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, କୋରାପୁଟ, ରାୟଗଡ଼ା, କନ୍ଧମାଳ ଭଳି ଜିଲ୍ଲାଗୁଡ଼ିକ ସମେତ ଛତିଶଗଡ଼ର ଦେଓଭୋଗ ଏବଂ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ପର୍ଯ୍ୟନ୍ତ ଯାଇ ଏହି ଯୁବ ରକ୍ତଦାତାମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଅନେକ ମୂଲ୍ୟବାନ ଜୀବନ ବଞ୍ଚାଉଛନ୍ତି।

ରକ୍ତଦାନ ହେଉଛି ମାନବସେବାର ସର୍ବୋତ୍ତମ ମାଧ୍ୟମ। ଆପଣଙ୍କର ଟୋପାଏ ରକ୍ତ ଅନ୍ୟ ଜଣଙ୍କ ମୁହଁରେ ହସ ଫୁଟାଇପାରେ ଏବଂ ଏକ ପରିବାରକୁ ନୂଆ ଜୀବନ ଦେଇପାରେ। "ରକ୍ତସେତୁ" ପକ୍ଷରୁ ସମସ୍ତ ଜିଲ୍ଲାର ଯୁବକ, ଯୁବତୀ, ରକ୍ତଦାତା ଓ ସଚେତନ ନାଗରିକଙ୍କୁ ଏହି ଅଭିଯାନରେ ସାମିଲ ହେବା ପାଇଁ ବିନମ୍ର ଅନୁରୋଧ କରାଯାଉଛି।

# ଗଞ୍ଜାମ ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ




ଛତ୍ରପୁର,୩୧।୮ (ସଂଚାର ବ୍ୟୁରୋ)ଃ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ପକ୍ଷରୁ ସୋମବାର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଉତ୍ସାହର ସହ ପାଳିତ ହୋଇଛି। ପୁରୁଣା ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ପ୍ରତିଭା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଂସଦ ଡ. ପାଣିଗ୍ରାହୀ ଏନ୍‌ଏସି ଅଧ୍ୟକ୍ଷାଙ୍କ କାର୍ଯ୍ୟଧାରା ଓ ସହରର ବିକାଶ ପାଇଁ ହୋଇଥିବା ପ୍ରୟାସକୁ ପ୍ରଶଂସା କରିଥିଲେ।

ଅଧ୍ୟକ୍ଷା ପ୍ରତିଭା ପାଢ଼ୀ ଗତ ୪ ବର୍ଷ ମଧ୍ୟରେ ରାସ୍ତାଘାଟ, ପୋଖରୀ ପୁନରୁଦ୍ଧାର, ଆଲୋକୀକରଣ, ପାର୍କ, ଶ୍ମଶାନଘାଟ ଓ କଲ୍ୟାଣୀ ମଣ୍ଡପ ଆଦି କ୍ଷେତ୍ରରେ ହୋଇଥିବା ବିକାଶ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏନ୍‌ଏସିର ନିଜସ୍ୱ କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଥିଲେ।

ସହରର ଯାତାୟାତ ସମସ୍ୟା ଦୂର ପାଇଁ ଛତ୍ରପୁର-ପୋଡ଼ପଦର ମଧ୍ୟରେ ଥିବା ପୁରୁଣା ବ୍ରିଜ୍‌ର ନବୀକରଣ ସହ ଗଞ୍ଜାମ ସହରରେ ବସ୍‌ଷ୍ଟାଣ୍ଡ ପାଇଁ ଜାଗା ଚିହ୍ନଟ କରିବାକୁ ଅଧ୍ୟକ୍ଷା ଦାବି ରଖିଥିଲେ। ଏହି ଦୁଇଟି କାର୍ଯ୍ୟ ଖୁବ୍ କମ୍ ଦିନ ମଧ୍ୟରେ କରାଯିବ ବୋଲି ସାଂସଦ ଆଶ୍ୱାସନ ଦେଇଥିଲେ।

ଏହି ଅବସରରେ ଗଞ୍ଜାମ ସହରରେ ୧୦୪ଟି ନୂଆ ଷ୍ଟ୍ରିଟ୍ ଲାଇଟ୍‌ର ଉଦ୍‌ଘାଟନ କରାଯାଇଥିଲା। ଏଥିସହ ବଡ଼ବଜାରଠାରୁ ଷ୍ଟେସନ ରୋଡ୍ ପର୍ଯ୍ୟନ୍ତ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏବଂ ହାଇସ୍କୁଲ ଛକରୁ ପଣ୍ଡା ସାହି ଓ ମେଡିକାଲ ଛକରୁ ପୋତାଗଡ଼ ପର୍ଯ୍ୟନ୍ତ ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲେଖାଏଁ ବ୍ୟୟରେ ପିଡବ୍ଲ୍ୟୁଡି ରାସ୍ତାର ଉନ୍ନତିକରଣ ଓ ସମ୍ପ୍ରସାରଣ ପାଇଁ ଶିଳାନ୍ୟାସ କରାଯାଇଥିଲା।

କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର, ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଏବଂ ସଫେଇ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବରିଷ୍ଠ ନାଗରିକ ଓ ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବ୍ୟାସନଗର ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ



ଯାଜପୁର ରୋଡ଼,୩୧।୮ (ସଂଚାର ବ୍ୟୁରୋ)ଃ ସ୍ୱାୟତ ଶାସନ ଦିବସ ଅବସରରେ ଆଜି ବ୍ୟାସନଗର ପୌରପରିଷଦ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସୋମବାର ପ୍ରତ୍ୟୁଷରୁ ବ୍ୟାସନଗର ଅଂଚଳରେ ଥିବା ସମସ୍ତ ମହାମନିଷୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସକାଳ ୮ ଘଟିକା ପରେପରେ ପୌର କାର୍ଯ୍ୟାଳୟରେ ପୌର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଜାତୀୟ ପତାକା ଉତୋଳନ କରିଥିଲେ। ଅପରାହ୍ନରେ ସ୍ଥାନୀୟ ଟାଉନ ହଲ ଠାରେ ଏହି ପରିପ୍ରେକ୍ଷୀରେ ପ୍ରତିଭା ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବରେ ରାଜ୍ୟର ହସ୍ତତନ୍ତ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇଥିଲେ।

ପୌରଅଧ୍ୟକ୍ଷ ଶ୍ରୀବଳ, ଆଡିସିନାଲ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ଯାଜପୁର ରୋଡ଼ ଥାନା ଅଧିକାରୀ ଆଶିଷ କୁମାର ସାହୁ, ନିର୍ବାହୀ ଅଧିକାରୀ ରଣଜୀତ କୁମାର ମଲ୍ଲିକ, କାଉନସିଲର ଶିବାନନ୍ଦ ନାୟକ, ବିଜୟ ଜେନା, ଅଶୋକ ଦାସ, ନିରଞ୍ଜନ ଘଡ଼ାଇ, ଶିଶିର ରାଉତ, ରଞ୍ଜିତ ମହାପାତ୍ର ସହ କାଉନସିଲରମାନେ ବ୍ୟାସନଗର ପୌରପରିଷଦ ଦ୍ୱାରା ଜନସାଧାରଣଙ୍କୁ ମିଳୁଥିବା ମୌଳିକ ସୁବିଧା, ବସ୍ତିବାସିନ୍ଦାଙ୍କ ବିକାଶ ତଥା ମହିଳା ସଶକ୍ତିକରଣ, ପୌରସହରର ସ୍ୱଚ୍ଛତା ଓ ସ୍ୱାୟତ ଶାସନ ଦିବସର ମହତ୍ୱ ଏବଂ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

ରାଜ୍ୟ ସରକାରଙ୍କ ମନ୍ତ୍ରୀ ଶ୍ରୀବଳସାମନ୍ତ ଦ୍ୱାରା ବ୍ୟାସନଗର ପୌର ସହରର ଅନେକ ପ୍ରତିଭା ମାନଙ୍କୁ ଉତ୍ତରିୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯିବି ସହ ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିଲା। ଏଥିରେ ସମସ୍ତ ପୌର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ ପ୍ରଦାନ ଥିଲେ।

## ଦିଲ୍ଲୀ ଅବକାରୀ ପୁଲିସ ନାଁରେ ଠକେଇ ଅଭିଯୋଗ

# ଧମକ ଦେଇ ଲୁଟିନେଲେ ଟଙ୍କା

ଫୁଲବାଣୀ,୩୧।୮ (ସଂଚାର ବ୍ୟୁରୋ)ଃ ବିଭିନ୍ନ ଠକେଇ କୁ ନେଇଁ ପୁଲିସ ବିଭାଗ ଓ ସାଇବର ଥାନା ପକ୍ଷରୁ ସଚେତନ କରୁଥିଲେ ମଧ୍ୟ ସାଧାରଣ ଲୋକେ ସଚେତନ ହେଉ ନାହାନ୍ତି ସାଇବର ଠକମାନେ ବିଭିନ୍ନ ମାଧ୍ୟମରେ ଭୟ ଦେଖାଇ ଫୋନରେ ବିଭିନ୍ନ ପୁଲିସ, ଅବକାରୀ ବିଭାଗର ଅଧିକାରୀ କହି ଅସହାୟ ଲୋକଙ୍କୁ ଫୋନ ମାଧ୍ୟମରେ ଧମକ ଦେଇ ଟଙ୍କା ନ ଦେଲେ ପୁଲିସ ବାନ୍ଧିବ କେସ ହେବ କହି ଲକ୍ଷ ଲକ୍ଷ ଟଙ୍କା ଲୁଟିବାରେ ସଫଳ ହେଉଛନ୍ତି। ଅନ୍ୟପଟେ ଏଭଳି ଭୟଭୀତ ଦେଖାଉଛନ୍ତି ଯେ ଲୋକେ ସଚେତନ ଅଭାବରୁ ଭୟରେ ଟଙ୍କା ଦେବାକୁ ବାଧ୍ୟ ହେଉଛନ୍ତି।

ଏମିତି ଏକ ଠକେଇର ଶିକାର ହୋଇଛନ୍ତି ଫିରିଙ୍ଗିଆ ବ୍ଲକ ଗୋଚ୍ଛା ପଡା ଥାନା ପକାରୀ ପଞ୍ଚାୟତ ଗଞ୍ଜୁ ଗାଁର ରାଧେଶ୍ୟାମ କହଁର। ରାଧେଶ୍ୟାମଙ୍କ ଅଭିଯୋଗ ଅନୁସାରେ ତାଙ୍କ ଫୋନକୁ ଏକ ଅଜଣା ନମ୍ବରରେ ବାରମ୍ବାର ଆସିଥିବା ବେଳେ ଠକମାନେ ଦିଲ୍ଲୀ ପୁଲିସର ଅବକାରୀ ଅଧିକାରୀ ବୋଲି ପରିଚୟ ଦେଇଥିଲେ ଓ ଭୟ ଦେଖାଇ ମୋଟା ଅଙ୍କର ଟଙ୍କା ଦାବି କରିଥିଲେ। ଏମିତି କି ପ୍ରତି ମିନିଟରେ ଫୋନ କଲ ଆସିଥିଲା ଓ ତୁରନ୍ତ ଟଙ୍କା ନ ଦେଲେ ଦିଲ୍ଲୀ ଜେଲରେ ପୁରେଇ ଦେବୁ ବୋଲି ଧମକ ଦେଇଥିଲେ। ଯାହାକୁ ନେଇଁ ପରିବାର ଲୋକେ ଭୟଭୀତ ହୋଇ ପ୍ରାୟ ପଞ୍ଚାବନ ହଜାର ଟଙ୍କା ଅଳ୍ପ ଅଳ୍ପ କରି ଷୋଳଥରରେ ଦୁଇଟି ଫୋନ ପେରୁ ପଠାଇଥିଲେ । ବାରମ୍ବାର ଫୋନ ଆସିବାରୁ ଠକେଇ ହୋଇଥିବା ସନ୍ଦେହ କରି ଫୁଲବାଣୀ ସାଇବର ଥାନାର ଦ୍ୱାରସ୍ତ ହୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଝାଟିଗୁଡ଼ାରୁ ୨୦୩ କେଜି ଗଞ୍ଜେଇ ଜବତ

ମାଲକାନଗିରି,୩୧।୮ (ସଂଚାର ବ୍ୟୁରୋ)ଃ ସୋମବାର ଦିନ ମାଲକାନଗିରି ଥାନା ଅଧୀନସ୍ଥ ଝାଟିଗୁଡ଼ା ଗ୍ରାମର ପଶ୍ଚିମ ପାର୍ଶ୍ୱ ଜଙ୍ଗଲ ଅଞ୍ଚଳରେ ମାଲକାନଗିରି ଅବକାରୀ ଥାନା ପକ୍ଷରୁ ଏକ ବିଶେଷ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଏକ ବୁଦା ନିକଟରୁ ୮ଟି ଜରି ବ୍ୟାଗରେ ଥିବା ସମୁଦାୟ ୨୦୩ କେଜି (୨ କୁଇଣ୍ଟାଲ ୩ କେଜି) ଗଞ୍ଜେଇ ଜବତ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୨୦ ଲକ୍ଷ ୩୦ ହଜାର ଟଙ୍କା ବୋଲି ଆକଳନ କରାଯାଇଛି।



ଘଟଣାସ୍ଥଳରେ କୌଣସି ଅଭିଯୁକ୍ତ ଉପସ୍ଥିତ ନଥିବାରୁ ଏ ନ୍ ଡି ପି ଏ ସ୍ ଆକ୍ଟ, ୧୦୮୫ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଗଞ୍ଜେଇର ଉତ୍ସ ଓ ଏହାର ଚୋରାଚାଲାଣରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସମ୍ପର୍କରେ ତଦନ୍ତ ଜାରି ରହିଛି। ଏହି ଚଢ଼ାଉରେ ଅବକାରୀ ଏସ୍.ଆଇ. ଶ୍ରୀ ତେଜରାଜ ଗହୀର, ଅବକାରୀ ଏ.ଏସ୍.ଆଇ. ଶ୍ରୀ ରାମଚନ୍ଦ୍ର ହନ୍ତାଳ, ଅବକାରୀ କନଷ୍ଟେବଳ ଶ୍ରୀ ବିପୁଲ ଶେଖର ଯୋଧାର, ଶ୍ରୀମତୀ ଜୁଲି ସା, ଶ୍ରୀ ପବିତ୍ର ଭତ୍ରା ଅଂଶଗ୍ରହଣ କରିଥିଲେ।

# ପୋଲ ନିର୍ମାଣ ହେଲା, ଉଭୟ ପାର୍ଶ୍ୱ ରାସ୍ତା କଂକ୍ରିଟ କରିବାକୁ ଭୁଲିଗଲେ



## ଲଗାଣ ବର୍ଷାରେ କାଦୁଅ ପଚପଚ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ

ମାଲକାନଗିରି,୩୧।୮ (ସଂଚାର ବ୍ୟୁରୋ)ଃ ବର୍ଷ ବର୍ଷର ଦାବି ପରେ ବ୍ରିଜ ନିର୍ମାଣ ହେଲା। ହେଲେ ବ୍ରିଜକୁ ଯୋଡୁଥିବା ଉଭୟ ପାର୍ଶ୍ୱର ରାସ୍ତାକୁ ସିମେଣ୍ଟ କଂକ୍ରିଟ କରିବାକୁ ଭୁଲିଗଲେ ନିର୍ମାଣକାରୀ ସଂସ୍ଥା। ଫଳରେ ବର୍ଷା ଦିନରେ ବ୍ରିଜର ଦୁଇ ପାର୍ଶ୍ୱ କାଦୁଅ ଓ ମାଟିରେ ପରିଣତ ହୋଇଥିବାରୁ ଯାତାୟାତରେ ନାନା ସମସ୍ୟା ଉପୁଜିଛି। ଏପରି ଏକ ଦୃଶ୍ୟ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି।

କୋରୁକୋଣ୍ଡା ବ୍ଲକ ନିଲାକାମ୍ବେରୁ ସଦର ପଞ୍ଚାୟତକୁ ଚିତ୍ରକୋଣ୍ଡା ବ୍ଲକର ନୂଆଗୁଡା ପଞ୍ଚାୟତର ରଥଗୁଡା ସହ ସଂଯୋଗ କରୁଥିବା ଆରଡି ବିଭାଗ ଅଧୀନ ପ୍ରଧାନମନ୍ତ୍ରୀ ସଡକ ଯୋଜନାର ଏହି ରାସ୍ତା ଦୀର୍ଘଦିନ ଧରି ଅଞ୍ଚଳବାସୀଙ୍କ ଜୀବନରେଖା ପାଲଟିଛି। ମନ୍ତ୍ରୀପୁଟ ଓ ପାଡାଲପୁଟ ଗ୍ରାମ ମଧ୍ୟରେ ବ୍ରିଜ ନଥିବାରୁ ବର୍ଷା ଋତୁରେ ଯାତାୟାତ ବିଶେଷ ଭାବେ ବାଧାପ୍ରାପ୍ତ ହେଉଥିଲା। ଏନେଇ ଅଞ୍ଚଳବାସୀ ବାରମ୍ବାର ଦାବି ଓ ଅଭିଯୋଗ କରିବା ପରେ ଶେଷରେ ବିଭାଗ ପକ୍ଷରୁ ୧ କୋଟି ୫୦ ଲକ୍ଷ ବ୍ୟୟ ଅଟକଳରେ ବ୍ରିଜ ନିର୍ମାଣ କରାଯାଇଥିଲା। ତେବେ ବ୍ରିଜ ନିର୍ମାଣ ସରିଥିଲେ ମଧ୍ୟ ଏହାର ଉଭୟ ପାର୍ଶ୍ୱରେ ଆପ୍ରୋଚ୍ ରାସ୍ତାକୁ ସିମେଣ୍ଟ କଂକ୍ରିଟ କରାଯାଇନଥିବାରୁ ଏବେ ଲଗାଣ ବର୍ଷାରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। କାଦୁଅ ଓ ପାଣି ଭର୍ତ୍ତି ରାସ୍ତା ଦେଇ ଯାତାୟାତ କରିବା ଲୋକଙ୍କ ପାଇଁ ଦୁର୍ବିସହ ହୋଇଛି। ବିଶେଷକରି ଦୁଇଚକିଆ ଯାନ ଓ ଛୋଟ ଗାଡି ଚାଳକମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏହି ବ୍ରିଜ ଉପରେ ଚିତ୍ରକୋଣ୍ଡା ବ୍ଲକର ନୂଆଗୁଡା, ଦୋରାଗୁଡା, ଗୁଣ୍ଡାୱାଡା, କପାତୁଟି, ପାପଲୁର ଓ କୁର୍ମାନୁର ଭଳି ୬ଟି ପଞ୍ଚାୟତର ଲୋକେ ନିର୍ଭରଶୀଳ। ପ୍ରତିଦିନ ଶତାଧିକ ଲୋକ ଏହି ରାସ୍ତାରେ ଯାତାୟାତ କରୁଥିବାରୁ ରାସ୍ତାର ଏଭଳି ଅବସ୍ଥା ସାଧାରଣ ଲୋକଙ୍କ ଚିନ୍ତା ବଢାଇଛି। ଲୋକଙ୍କ ଦୀର୍ଘ ଦିନର ଦାବି ପରେ ବ୍ରିଜ ନିର୍ମାଣ ହୋଇଥିଲେ ମଧ୍ୟ ଆପ୍ରୋଚ୍ ରାସ୍ତା ଅସମ୍ପୂର୍ଣ୍ଣ ରହିବା ନିର୍ମାଣ କାର୍ଯ୍ୟର ଯୋଜନା ଓ ଗୁଣାତ୍ମକତା ନେଇ ପ୍ରଶ୍ନ ଉଠାଇଛି। ତେଣୁ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ତୁରନ୍ତ ବ୍ରିଜର ଉଭୟ ପାର୍ଶ୍ୱରେ ସ୍ଥାୟୀ ସିମେଣ୍ଟ କଂକ୍ରିଟ ଆପ୍ରୋଚ୍ ରାସ୍ତା ନିର୍ମାଣ କରିବା ସହ ଅଞ୍ଚଳବାସୀଙ୍କ ଯାତାୟାତ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି।

# ହିଞ୍ଜିଳିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



ହିଞ୍ଜିଳିକାଟୁ,୩୧।୮ (ସଂଚାର ବ୍ୟୁରୋ)ଃ ହିଞ୍ଜିଳିକାଟୁ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ପୌର ପରିଷଦ ଅଧକ୍ଷ ସୁବାଷ ଚନ୍ଦ୍ର ପୋଲାଈ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସ୍ୱଚ୍ଛ ସାଥି, ସୁପରଭାଇଜର, ସଫେଇ ଭାଇ, ଭଉଣୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା । ସନ୍ଧ୍ୟାରେ ପୌରାଞ୍ଚଳ ସ୍ଥିତ ମିନି ଷ୍ଟାଡିୟମ ପରିସରରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଥିଲା ।

କାର୍ଯ୍ୟକ୍ରମରେ ପୌର କାର୍ଯ୍ୟନିବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା,ହିଞ୍ଜିଳି ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ, ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡ଼ ଶ୍ରୀକାନ୍ତ ସାହୁ, ତହସିଲଦାର ତପନ କୁମାର ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ କାଉନସିଲର,ପୌର କର୍ମଚାରୀ ଓ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।ପରିଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ସେପ୍ଟେମ୍ବରରେ ପ୍ରବଳ ବର୍ଷା ସମ୍ଭାବନା

- ସତର୍କ କରାଇଲେ ଆଇଏମଡି ଡିଜି
- ଅଗଷ୍ଟରେ ପୂରଣ ହେଲା ମୌସୁମୀ ବର୍ଷା କୋଟା



ଭୁବନେଶ୍ୱର,୩୧।୮(ସଂଚାର ବ୍ୟୁରୋ): ଲଘୁଚାପ ବର୍ଷାରେ ବେହାଲ୍ ହେଲାଣି ବରଗଡ଼ରୁ ବାଲେଶ୍ୱର। ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସାଂଘାତିକ ବର୍ଷା ନେଇ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର। ଦୁଇ ଜିଲ୍ଲା କେନ୍ଦୁଝର ଓ ସୁନ୍ଦରଗଡ଼କୁ ଜାରି ହୋଇଛି ରେଡ୍ ଆଲର୍ଟ। ତା'ସହ ୬ ଜିଲ୍ଲାରେ ଅତିପ୍ରବଳ ବର୍ଷା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର।

ସେହି ଜିଲ୍ଲାଗୁଡ଼ିକ ହେଲା, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ ଓ ମୟୂରଭଞ୍ଜ। ଏହାଛଡ଼ା ବାକି ୨୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଆସନ୍ତାକାଲି ପାଗରେ ସାମାନ୍ୟ ସୁଧାର ଆସିପାରେ। ତେବେ ପଶ୍ଚିମ ଓଡ଼ିଶାର ବରଗଡ଼ରେ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ଓ ୧୭ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି।

ଅନ୍ୟପଟେ ରାଜ୍ୟରେ ମୌସୁମୀ ବର୍ଷାକୁ ନେଇ ଆସିଛି ଖୁସି ଖବର। ମାସେ ପୂର୍ବରୁ ପୂରଣ ହେଲା ମୌସୁମୀଜନିତ ବର୍ଷା କୋଟା। ଅଗଷ୍ଟ ୩୧ ସୁଦ୍ଧା ମୌସୁମୀ ବର୍ଷା ୧୧୫୪.୩ ମିମି ରେକର୍ଡ ହୋଇଛି। ସେପଟେ ସେପ୍ଟେମ୍ବରରେ ଉତ୍ତର ଓଡ଼ିଶାରେ ସ୍ୱାଭାବିକ କିମ୍ବା ସ୍ୱାଭାବିକରୁ ଅଧିକ ବର୍ଷା ହୋଇପାରେ ବୋଲି ସୂଚନା ଦେଇଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର। ସେ କହିଛନ୍ତି ଯେ ଆସନ୍ତା ମାସରେ ମଧ୍ୟ ଓଡ଼ିଶାରେ ଲଘୁଚାପଜନିତ ବର୍ଷାର ପ୍ରଭାବ ରହିବ। ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ଚଳିତ ବର୍ଷ ଅଧିକ ବର୍ଷା ହୋଇଛି।

# ଚାନ୍ଦା ନାଁରେ ଦାଦାଗିରି ଚଳିବନି




ଭୁବନେଶ୍ୱର, ୩୧।୮ (ସଂଚାର ବ୍ୟୁରୋ) : ପାର୍ବଣ ଋତୁ ଆସିଲେ ରାସ୍ତାଘାଟରେ ଦେଖାଯାଏ ଚାନ୍ଦା ଆଦାୟର ଦୃଶ୍ୟ। ହେଲେ ଏଣିକି ଚାନ୍ଦା ନାଁରେ ଦାଦାଗିରି ଚଳିବନି। ଜୋରଜବରଦସ୍ତି ଚାନ୍ଦା ମାଗିଲେ ବନ୍ଧା ହେବେ। ପୁଲିସର କଡ଼ା ଚେତାବନୀ ପରେ ଏବେ ଜବରଦସ୍ତି ଚାନ୍ଦା ନେଉଥିବା ଲୋକଙ୍କ ଉପରେ ପୋଲିସର ରହିବ ନଜର। ରାଜଧାନୀବାସୀଙ୍କ ଅଭିଯୋଗ ପାଇଁ ଜାରି ହେବ ଟୋଲ ଫ୍ରି ନମ୍ବର। ଏହାସହ ୧୧୨ରେ କଲ୍ କରି ମଧ୍ୟ ଲୋକେ ପୁଲିସକୁ ଜଣାଇପାରିବେ ।

ରାସ୍ତାକଡ଼ରେ ଟେଣ୍ଟ ଲଗାଇ ଚାନ୍ଦା ଆଦାୟ ହେଉ କି, ଦୋକାନୀଙ୍କ ହାତରେ ରସିଦ ବହି ଧରାଇ ଟଙ୍କା ମାଗିବା ଏମିତି ଅଭିଯୋଗ ପ୍ରତିବର୍ଷ ଆସିଥାଏ। ଏପରିକି ରାସ୍ତା ମଝିରେ ଗାଡ଼ି ଅଟକାଇ ଚାନ୍ଦା ଆଦାୟ କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ରହିଛି । କେହି ଖୁସିରେ ଚାନ୍ଦା ଦିଅନ୍ତି । ଆଉ କେହି ବିବାଦରୁ ବଞ୍ଚିବା ପାଇଁ ବାଧ୍ୟ ହୋଇ ଟଙ୍କା ଦିଅନ୍ତି । କିନ୍ତୁ ଏଣିକି ଚାନ୍ଦା ନାଁରେ ଦାଦାଗିରି କରୁଥିବା ଲୋକଙ୍କ ପାଇଁ ବଢ଼ିବ ଅଡୁଆ। ଧମକ ଦେଇ, ଭୟଭୀତ କରି କିମ୍ବା ଜୋରଜବରଦସ୍ତି କରି ଚାନ୍ଦା ଆଦାୟ ନେଇ ଅଭିଯୋଗ ମିଳିଲେ କମିସନରେଟ୍ ପୁଲିସ ନେବ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ । ପାର୍ବଣର ଖୁସି ଭିତରେ ଯେପରି କେହି ଚାନ୍ଦା ନାଁରେ ହଇରାଣ ନ ହୁଅନ୍ତି, ସେଥିପାଇଁ ବିଭିନ୍ନ ସ୍ଥାନ ଉପରେ ପୁଲିସର ନଜର ରହିବ। ଚାନ୍ଦା ଆଦାୟ ବେଳେ ଆଇନଶୃଙ୍ଖଳା ଭଙ୍ଗ ହେଲେ ତୁରନ୍ତ ନିଆଯିବ କାର୍ଯ୍ୟାନୁଷ୍ଠାନ।

ପୁଲିସର ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ବିଭିନ୍ନ ପୂଜା ମଣ୍ଡପ କର୍ମକର୍ତ୍ତା । ପ୍ରତିବର୍ଷ ସରକାର ଓ କମିସନରେଟ୍ ପୁଲିସ ପକ୍ଷରୁ ଜାରି ହେଉଥିବା ଗାଇଡ୍ ଲାଇନ୍ ପୂଜା କମିଟିଗୁଡ଼ିକ ପାଳନ କରିଥାନ୍ତି ବୋଲି କହିଛନ୍ତି । ଚାନ୍ଦା ଆଦାୟଠାରୁ ଆରମ୍ଭ କରି ଟ୍ରାଫିକ୍ ନିୟନ୍ତ୍ରଣ , ସୁରକ୍ଷା ବ୍ୟବସ୍ଥା ଏବଂ ପ୍ରତ୍ୟେକ କ୍ଷେତ୍ରରେ ନିୟମ ମାନିବାକୁ ସଦସ୍ୟମାନଙ୍କୁ ମଧ୍ୟ ଅନୁରୋଧ କରାଯିବ ।କୌଣସି ଗୋଟିଏ ଘଟଣା ପାଇଁ ସମଗ୍ର ପୂଜା କମିଟି ବଦନାମ ହେବା ଉଚିତ୍ ନୁହେଁ । ତେଣୁ ପ୍ରତ୍ୟେକ ପୂଜା କମିଟିର ଦାୟିତ୍ୱରେ ଥିବା ସଦସ୍ୟମାନେ ଅଧିକ ସଚେତନ ରହି ନିଜ ଅଞ୍ଚଳରେ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ଅନୁରୋଧ କରାଯାଇଛି ।

■ ନାବାଳିକା ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୧୦ ବର୍ଷ ଜେଲ



ଫୁଲବାଣୀ, ୩୧।୮ (ସଂଚାର ବ୍ୟୁରୋ): ଟାଉନ ଥାନା ଅଞ୍ଚଳର ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣୀ କରି ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି। ଏଥି ସହିତ ଅଭିଯୁକ୍ତକୁ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ଚାରି ମାସ ଜେଲ ଭୋଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଅଭିଯୁକ୍ତ ଜଣକ ହେଲେ ଟାଉନ ଥାନା ଅଞ୍ଚଳର ସନ୍ତୋଷ କୁମାର ସ୍ୱାଇଁ। ସୂଚନା ଅନୁଯାୟୀ, ଗତ ୨୦୧୭ ମସିହାରେ ପିଡିତା ନାବାଳିକା ଫୁଲବାଣୀରୁ ଫିରିଙ୍ଗିଆ ବୁଲିବା ପାଇଁ ଯାଇଥିଲେ। ସେଠାରୁ ଫେରିବା ପରେ ତାଙ୍କ ମୋବାଇଲ ଫୋନ ସନ୍ତୋଷଙ୍କ ଘରେ ରହି ଯାଇଥିବା ଜାଣିପାରି ଫୋନ ଆଣିବା ପାଇଁ ତାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ପିଡିତାଙ୍କୁ ଘର ଭିତରକୁ ଟାଣି ନେଇ ଦୁଷ୍କର୍ମ କରିଥିଲେ। ପୀଡିତା କୌଣସି ପ୍ରକାରେ ସେଠାରୁ ଖସି ଆସି ରାସ୍ତାରେ ପହଞ୍ଚିବା ପରେ ପାଟ୍ରୋଲିଂ ପୁଲିସ ଗାଡିକୁ ଦେଖିପାରି ସମସ୍ତ ବିଷୟ କହିଥିଲେ। ପୁଲିସ ତୁରନ୍ତ ଘଟଣା ସ୍ଥଳକୁ ଯାଇ ଅଭିଯୁକ୍ତକୁ ଧରିଥିଲେ। ଏ ନେଇ ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଏହି ମାମଲାର ଶୁଣାଣି କରି ଫୁଲବାଣୀ ପୋକସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାଶ ୧୭ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟ ତଥ୍ୟ ପ୍ରମାଣ ଆଧାରରେ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ପୀଡ଼ିତାଙ୍କୁ ୧, ୫୦, ୦୦୦ ଟଙ୍କା କ୍ଷତିପୂରଣ ଦେବା ପାଇଁ ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

# ଗିରଫ ଭୟରେ ଚୌଦ୍ୱାର ଜେଲ୍ ଅଧୀକ୍ଷକ ଫେରାର୍


ଜାମିନ ଖାରଜ ପରେ ବି ବାନ୍ଧୁନି ପୁଲିସ

କଟକ,୩୧।୮ (ସଂଚାର ବ୍ୟୁରୋ): ଚୌଦ୍ୱାର ଜେଲ୍‌ରୁ ଦୁଇ ବିଚାରୀ କଏଦୀ ଫେରାର ହେବା ଓ ଜେଲ୍‌ର ମିନିଟ୍ ବୁକ୍ ଗାଏବ ମାମଲାରେ ଚୌଦ୍ୱାର ଜେଲ୍ ଅଧୀକ୍ଷକ ସୁଜିତ ରାଉଳଙ୍କ ଅସୁବିଧା ବଢ଼ିଛି। ହାଇକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ପୁଲିସ୍ ତାଙ୍କୁ କାହିଁକି ଗିରଫ କରିନାହିଁ, ତା' ମଧ୍ୟ ସନ୍ଦେହ ଘେରରେ ରହିଛି। ଅଧିକନ୍ତୁ ହାଇକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନ ଖାରଜ କରିବା ପରେ ଗତ ଶନିବାର ଅପରାହ୍ନରୁ ଶ୍ରୀ ରାଉଳ ଫେରାର ହୋଇଯାଇଛନ୍ତି। ଅଫିସ୍ ନଆସି ଶ୍ରୀ ରାଉଳ ଜେଲ୍ ଡିଜିଙ୍କୁ ଇମେଲ୍ ଜରିଆରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଛୁଟି ମାଗିଥିଲେ ହେଁ ତାକୁ ଅନୁମୋଦନ ମିଳିନାହିଁ। ଅନ୍ୟପକ୍ଷରେ ଆଗୁଆ ଜାମିନ ଖାରଜ ହେବା ପରେ ବି ତାଙ୍କୁ ଗିରଫ କରିବାରେ ଚୌଦ୍ୱାର ଥାନା ପୁଲିସ କାହିଁକି ଟାଳଟୁଳ ନୀତି ଆପଣାଉଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜେଲ୍ ଦସ୍ତାବିଜ ଜାଲିଆତି ମାମଲାରେ ଶ୍ରୀ ରାଉଳ ତଦନ୍ତରେ ସହଯୋଗ କରୁନାହାନ୍ତି ଓ ତାଙ୍କ ଯୋଗୁଁ ତଦନ୍ତ ପ୍ରଭାବିତ ହେଉଛି ବୋଲି ନିଜେ ତଦନ୍ତକାରୀ ଅଧିକାରୀ କୋର୍ଟଙ୍କୁ ଅବଗତ କରାଇଥିଲେ। ଏହା ସତ୍ତ୍ୱେ ଜଣେ ବରିଷ୍ଠ ଅଧିକାରୀଙ୍କୁ ବାଞ୍ଚିବାରେ ପୁଲିସର ଏହି ନିଷ୍କ୍ରିୟତା ପଛରେ କୌଣସି ପ୍ରଭାବଶାଳୀ ରାଜନୈତିକ ବା ପ୍ରଶାସନିକ ଚାପ ରହିଛି କି ବୋଲି ପ୍ରଶ୍ନ ଉଠୁଛି। ସୂଚନାଯୋଗ୍ୟ ଯେ, କୁଖ୍ୟାତ ବିଚାରୀ କଏଦୀ ରାଜା ସାହାଣୀ ଓ ମୟୁରଭଞ୍ଜ କୁମାର ଚୌଦ୍ୱାର ଜେଲ୍‌ରୁ ଖସି ପଳାଇବା ଦିନଠାରୁ ଶ୍ରୀ ରାଉଳଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ଜେଲ୍‌ର ସରକାରୀ ମିନିଟ୍ ବୁକ୍ ଦାଖଲ କରିବା ପାଇଁ ପୁଲିସ ତାଙ୍କୁ ଥରେ କି ଦୁଇ ଥର ନୁହେଁ, ପୂରା ୯ ଥର ନୋଟିସ୍ କରିଥିଲା। ହେଲେ ରେକର୍ଡ ଦାଖଲ ନ କରି ହଠାତ୍ ଗତ ୧୭ ତାରିଖରେ ମିନିଟ୍ ବୁକ୍ ଚୋରି ହୋଇଯାଇଥିବା ଦର୍ଶାଇ ଶ୍ରୀ ରାଉଳ ଥାନାରେ ଏତଲା ଦେଇଥିଲେ। ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଜାଣିଶୁଣି ଦସ୍ତାବିଜ ଗାଏବ କରାଯାଇଥିବା ସ୍ପଷ୍ଟ ହେବା ପରେ ଏବେ ଅଧୀକ୍ଷକଙ୍କ ପାଇଁ ଆଇନର ଫାଶ ଟାଣ ହୋଇଛି।

ଖୋଲିଲା ମା' ମଝିଘରିଆଣିଙ୍କ ହୁଣ୍ଡି

# ମିଳିଲା ୫୪ ଲକ୍ଷ ଟଙ୍କା, ବିଦେଶୀ ନୋଟ୍ ସହ ସୁନା ଓ ରୁପା



ରାୟଗଡ଼ା(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିର ହୁଣ୍ଡି ସୋମବାର ଖୋଲାଯାଇଛି। ମନ୍ଦିରରେ ଥିବା ୯ଟି ଦାନହୁଣ୍ଡି ଖୋଲାଯାଇ ଗଣତି କରାଯାଇଛି। ହୁଣ୍ଡିରୁ ନଗଦ ୫୪ ଲକ୍ଷ ୧୫ ହଜାର ୯୦୨ ଟଙ୍କା ସହ ୬୪ ଗ୍ରାମ ସୁନା ଓ ୧୭୬୪ ଗ୍ରାମ ରୁପା ବାହାରିଥିବା ଜଣାପଡ଼ିଛି। ଏଥିସହ ୬ ଟି ଦେଶର ୧୧ଟି ବିଦେଶୀ ନୋଟ ଓ ୩ଟି ମୁଦ୍ରା ମଧ୍ୟ ବାହାରିଛି, ଯେଉଁଥିରେ ରହିଛି ଆମେରିକା, କାନାଡା, ଇଂଲଣ୍ଡ ଓ ୟୁଏଇ ଦେଶର ନୋଟ୍ ଓ ମୁଦ୍ରା। ବିଦେଶରେ ରହୁଥିବା କୌଣସି ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସି ଏହି ବିଦେଶୀ ଟଙ୍କା ହୁଣ୍ଡିରେ ଦାନ କରିଥିବା ଅନୁମାନ କରାଯାଉଛି।

ସୋମବାର ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା। ଦୀର୍ଘ ୮ ଘଣ୍ଟା ଧରି ଗଣତି ହୋଇଥିଲା। ଏହା ପୂର୍ବରୁ ଗତ ଜୁନ ୨୯ ତାରିଖରେ ହୁଣ୍ଡିରୁ ନଗଦ ୧ କୋଟି ୨୨ ଲକ୍ଷ ୨୯ ହଜାର ୬୨୩ ଟଙ୍କା ସହ ୩୦ ଗ୍ରାମ ସୁନା ଓ ୧୩୦୦ ଗ୍ରାମ ରୁପା ବାହାରିଥିଲା। ଏଥିସହ ବିଭିନ୍ନ ଦେଶର ବିଦେଶୀ ନୋଟ ମଧ୍ୟ ବାହାରିଥିଲା।

ସୂଚନା ଥାଉକି, ବର୍ଷକୁ ୩ରୁ ୪ ଥର ହୁଣ୍ଡି ଖୋଲାଯାଇ ଗଣତି କରାଯାଉଛି। ହେଲେ ଚଳିତ ଥର ପ୍ରାୟ ୪ ମାସ ପରେ ହୁଣ୍ଡି ଖୋଲାଯାଇଛି। ତେବେ ଆଗକୁ ଦଶହରା ଥିବାରୁ ଏହା ପୂର୍ବରୁ ହୁଣ୍ଡି ଖୋଲାଯାଇ ଗଣତି ଶେଷ ହୋଇଛି। ସୋମବାର ହୁଣ୍ଡିରୁ ବାହାରିଥିବା ଟଙ୍କା ସ୍ଥାନୀୟ ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଗଚ୍ଛିତ ରଖାଯାଇଛି। ସେହିଭଳି ସୁନା ଓ ରୁପା ଜିଲ୍ଲା କୋଷାଗାରରେ ରଖାଯାଇଛି। ଏହି ଗଣତିରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ହୁଣ୍ଡି ଖୋଲି ଗଣତି ସମୟରେ ପୁଲିସ ଓ ମନ୍ଦିର ସୁରକ୍ଷା କର୍ମୀଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିଲା।

ସ୍ତ୍ରୀକୁ ଶାବଳରେ ପିଟି ହତ୍ୟା ମାମଲା

## ସ୍ୱାମୀକୁ ଆଜୀବନ କାରାଦଣ୍ଡାଦେଶ

ବ୍ରହ୍ମପୁର,୩୧।୮(ସଂଚାର ବ୍ୟୁରୋ): ଗତ ୨୦୨୪ରେ ସଦର ଥାନା ଅନ୍ତର୍ଗତ ରୋହିଗାଁରେ ସ୍ତ୍ରୀ'ଙ୍କୁ ସ୍ୱାମୀ ହତ୍ୟା କରିଥିବା ବେଳେ ଏହି ମାମଲାରେ ଆଜି ଜିଲ୍ଲା ଦୌରା ଜଜ ଅଶାନ୍ତ କୁମାର ଦାସ ଶୁଣାଣି କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ରୋହିଗାଁର ରାଜେନ୍ଦ୍ର ଜେନା ଓରଫ ରାଜୁ (୫୮) ବୋଲି ଜଣାପଡ଼ିଛି। ପ୍ରକାଶ ଯେ ରାଜେନ୍ଦ୍ର ଗତ ୨୦୨୪ ଅଗଷ୍ଟ ୨୮ ତାରିଖ ରାତିରେ ତାଙ୍କ ସ୍ତ୍ରୀ ଝୁନୁ ଜେନା ଶୋଇଥିବା ବେଳେ ଏକ ଶାବଳରେ ତାଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିଲା। ପରେ ସେ ଗାଁ ମୁଣ୍ଡରେ ଥିବା କେତେକ ଲୋକଙ୍କ ପାଖକୁ ଯାଇ ନିଜ ସ୍ତ୍ରୀ'ଙ୍କୁ ହତ୍ୟା କରିଥିବା କହି ଘରକୁ ନେଇ ଦେଖାଇଥିଲେ। ପରେ ମୃତ ମହିଳାଙ୍କ ଭାଇ ତ୍ରିନାଥ ସ୍ୱାଇଁ ରୋହିଗାଁକୁ ଆସି ଭଉଣୀ ଘରେ ପହଞ୍ଚିଥିଲେ। ସେ ମରିଯାଇଥିବା ଦେଖି ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଅଭିଯୁକ୍ତ ରାଜେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପରେ ତାଙ୍କୁ ଦୋଷୀ ଦର୍ଶାଇ ସେ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି।

● ପର୍ଯ୍ୟଟକଙ୍କୁ ଆକ୍ରମଣ ପରେ ଆକ୍ସନ

## ଦେଓମାଳିରେ ବଢ଼ିବ ସୁରକ୍ଷା, ଲାଗିବ ସିସିଟିଭି



କୋରାପୁଟ,୩୧।୮(ସଂଚାର ବ୍ୟୁରୋ): କୋରାପୁଟର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଦେଓମାଳିରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ଜିଲ୍ଲା ପ୍ରଶାସନ। ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ ଘଟଣା ପରେ ଦେଓମାଳିରେ ସୁରକ୍ଷା ବ୍ୟବସ୍ଥା କଡ଼ା କରିବାକୁ ହୋଇଛି ଗୁରୁତ୍ୱପୂର୍ଣ୍ଣ ବୈଠକ, ଯେଉଁଥିରେ ଦେଓମାଳିରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସିସିଟିଭି ଲଗାଯିବା ସହ ସୁରକ୍ଷା ଏଜେନ୍ସି ଯୋଗେ ସୁରକ୍ଷା ଦିଆଯିବା ନେଇ ନିଷ୍ପତ୍ତି ହୋଇଛି। ସୂଚନା ଥାଉକି, ଗତ ଶନିବାର ଦେଓମାଳି ବୁଲିବାକୁ ଆସିଥିବା ୫ ପର୍ଯ୍ୟଟକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ଏମିତିକି ପର୍ଯ୍ୟଟକଙ୍କଠାରୁ ମୋବାଇଲ ଓ ଟଙ୍କା ମଧ୍ୟ ଛଡ଼ାଇ ନେଇଥିଲେ ଦୁର୍ବୃତ୍ତ। କୋରାପୁଟରେ ପର୍ଯ୍ୟଟକ କିଭଳି ସୁରକ୍ଷିତ ଭାବେ ବୁଲିପାରିବେ ସେନେଇ ନିଆଯାଇଛି ପଦକ୍ଷେପ। ତେଣୁ ଦେଓମାଳିରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ଲଗାଇବା ସହ ପର୍ଯ୍ୟଟନସ୍ଥଳୀରେ ସୁରକ୍ଷା ଏଜେନ୍ସି ମାଧ୍ୟମରେ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯିବ। ପର୍ଯ୍ୟଟକଙ୍କ ଗତିବିଧି ଉପରେ ରହିବ ନଜର। ବିଶେଷକରି ସନ୍ଧ୍ୟା ପୂର୍ବରୁ ଦେଓମାଳି ପର୍ବତ ଶିଖରରେ ଥିବା ପର୍ଯ୍ୟଟକଙ୍କ ଉପସ୍ଥିତି ଯାଞ୍ଚ କରାଯିବ।

● ପୀତବାସ ପଣ୍ଡା ହତ୍ୟା ମାମଲା

## ପୂର୍ବତନ ବିଧାୟକଙ୍କୁ ସର୍ତ୍ତମୂଳକ ଜାମିନ



କଟକ, ୩୧।୮ (ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡରେ ଫସିଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଆଜି ଆଶ୍ୱସ୍ତି ମିଳିଛି। ଆଜି ବିକ୍ରମ ପଣ୍ଡାଙ୍କ ଜାମିନ ମଞ୍ଜୁର କରିଛନ୍ତି ହାଇକୋର୍ଟ। ଜାମିନ ଦେବା ସମୟରେ ନିମ୍ନ ଅଦାଲତ ଆବଶ୍ୟକ ମୁତାବକ ସର୍ତ୍ତ ଧାର୍ଯ୍ୟ କରିବେ ବୋଲି ହାଇକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ବ୍ରହ୍ମପୁର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଛନ୍ଦି ହୋଇଯାଇଥିଲେ ବିକ୍ରମ। ହତ୍ୟାକାଣ୍ଡ ପରେ ପରେ ବିକ୍ରମଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଦର୍ଶାଇଥିଲା ପୁଲିସ। ତେଣେ ନିମ୍ନ ଅଦାଲତରେ ବିକ୍ରମଙ୍କ ଜାମିନ ନାମଞ୍ଜୁର ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ଭିତରେ ମାମଲାର ଚାର୍ଜସିଟ ଦାଖଲ ହୋଇସାରିଛି, ଯେଉଁଥିରେ ବିକ୍ରମ ପଣ୍ଡା ଷଡ଼ଯନ୍ତ୍ରକାରୀ ନୁହଁନ୍ତି ବୋଲି ଦର୍ଶାଯାଇଛି। ତେଣେ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ଶେଷ କରି ହାଇକୋର୍ଟ ତାଙ୍କ ରାୟ ସଂରକ୍ଷିତ ରଖିଥିଲେ, ଯାହାର ରାୟ ଆଜି ପ୍ରକାଶ ପାଇଛି। ଆବେଦନକାରୀଙ୍କ ଓକିଲଙ୍କ କହିବାନୁଯାୟୀ, ବିକ୍ରମଙ୍କ ଗିରଫ ବେଳେ ପୁଲିସ ଗିରଫଦାରୀର କୌଣସି ଲିଖିତ କାରଣ ଦର୍ଶାଇ ନ ଥିଲା। ଅପରପକ୍ଷରେ କୋର୍ଟରେ ସରକାରଙ୍କ ପକ୍ଷରୁ ଏସବୁ ପ୍ରକ୍ରିୟା ପୂରଣ କରାଯାଇଛି ବୋଲି କୁହାଯାଇଥିଲା। କିନ୍ତୁ କୋର୍ଟରେ ଏ ସମ୍ପର୍କିତ ପ୍ରତିପକ୍ଷ କାଗଜପତ୍ର ଦାଖଲ କରି ପାରି ନ ଥିଲେ।

● ଉପମୁଖ୍ୟମନ୍ତ୍ରୀ ନିଯୁକ୍ତିକୁ ଚ୍ୟାଲେଞ୍ଜ ମାମଲା

## ହାଇକୋର୍ଟରେ ରାୟ ସଂରକ୍ଷିତ




କଟକ ୩୧।୮(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ନିଯୁକ୍ତିକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ଜନସ୍ୱାର୍ଥ ମାମଲାର ରାୟ ସଂରକ୍ଷିତ ରହିଛି। ଆଜି ରାୟ ପ୍ରକାଶ ପାଇବାର ଥିଲା, କିନ୍ତୁ ତା' ପୂର୍ବରୁ ହାଇକୋର୍ଟ ସାନି ଶୁଣାଣି କରିଛନ୍ତି ବୋଲି ସୂଚନା ଦେଇଛନ୍ତି ଆବେଦନକାରୀଙ୍କ ଓକିଲ। ତେବେ ଶେଷ ଥର ପାଇଁ ଯେତେବେଳେ ଶୁଣାଣି ହୋଇଥିଲା, ସେତେବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୃଢ଼ ଯୁକ୍ତି ରଖିଥିଲେ ଆଡ଼ଭୋକେଟ ଜେନେରାଲ। ଉପମୁଖ୍ୟମନ୍ତ୍ରୀ ନିଯୁକ୍ତି ଅସାମ୍ବିଧାନିକ ନୁହେଁ। ମୁଖ୍ୟମନ୍ତ୍ରୀଙ୍କ ସୁପାରିସ୍ କ୍ରମେ ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ନିଯୁକ୍ତି ହୋଇଛି। ଦେଶରେ ଡେପୁଟି ପ୍ରାଇମ୍ ମିନିଷ୍ଟରଠାରୁ ଆରମ୍ଭ କରି ବିଭିନ୍ନ ରାଜ୍ୟରେ ମଧ୍ୟ ଉପମୁଖ୍ୟମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ଯାହା ବେଆଇନ ନୁହେଁ ବୋଲି ସରକାରଙ୍କ ପକ୍ଷରୁ ଯୁକ୍ତି ଦର୍ଶାଇଥିଲେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ଦାୟର ଜନସ୍ୱାର୍ଥ ମାମଲା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କୋର୍ଟଙ୍କୁ ଦର୍ଶାଇଛନ୍ତି ଏଜି।

## ଲାଞ୍ଚୁଆ ଡିଏଲଓ ଗିରଫ

କେନ୍ଦୁଝର, ୩୧।୮ (ସଂଚାର ବ୍ୟୁରୋ): ଜଣୈକ ଇଲେକ୍‌ଟ୍ରିକାଲ୍ କଣ୍ଟ୍ରାକ୍ଟରଙ୍କଠାରୁ ୨୦ ହଜାର ଟଙ୍କାର ଲାଞ୍ଚ ନେଇ ଗତକାଲି ଭିଜିଲାନ୍ସ ଜାଲରେ ପଡ଼ିଥିବା କେନ୍ଦୁଝର ଜିଲ୍ଲା ଶ୍ରମ ଅଧିକାରୀ (ଡିଏଲ୍ଓ)ଆକାଶ ବିଶୋଇଙ୍କୁ ଆଜି ଗିରଫ କରାଯାଇଛି। ଏଥିସହ ତାଙ୍କ ସହ ଜଡ଼ିତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯିବା ସମୟରେ ୭.୨୯ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି। ଆହୁରି ତାଙ୍କ ବାସଭବନରୁ ୩୦୦ ଗ୍ରାମ୍ ଓଜନର ସୁନାଗହଣା ଜବତ କରାଯାଇଥିବା ବେଳେ ଗିରଫ ପରେ ତାଙ୍କୁ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କୁ ପଠାଯିବ।

# ୬୧ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ



ଝାରସୁଗୁଡ଼ା,୩୧।୮ (ସଂଚାର ବ୍ୟୁରୋ) : ରାଜ୍ୟରେ 'ନିଶାମୁକ୍ତ ଓଡ଼ିଶା ଅଭିଯାନ'କୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉଥିବା ବେଳେ ଝାରସୁଗୁଡ଼ା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ବେଆଇନ ଗଞ୍ଜେଇ ଚାଲାଣ ଓ ସଂରକ୍ଷଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁଲିସ ୬୧.୨୮୦ କିଗ୍ରା ବ୍ୟାବସାୟିକ ପରିମାଣର ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଗତ ଅଗଷ୍ଟ ୩୦ ତାରିଖ ସକାଳ ପ୍ରାୟ ୧୦ଟା ୫ ମିନିଟ୍‌ରେ ଝାରସୁଗୁଡ଼ା ଥାନା ପୁଲିସକୁ ଏକ ଗୁପ୍ତ ସୂଚନା ମିଳିଥିଲା। ସୂଚନାନୁସାରେ, ଝାରସୁଗୁଡ଼ାସ୍ଥିତ ଛିତୁଆପଡ଼ା ଛକ ନିକଟରେ ଛିଡ଼ା ହୋଇଥିବା ଏକ ସୁଜୁକି ଏର୍ଟିଗା କାର୍ ଭିତରେ ବିପୁଳ ପରିମାଣର ସନ୍ଦିଗ୍ଧ ନିଶାଦ୍ରବ୍ୟ ଗଞ୍ଜେଇ ରଖାଯାଇଥିଲା। ସୂଚନାର ସତ୍ୟାସତ୍ୟ ଯାଞ୍ଚ କରିବା ପାଇଁ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଘଟଣାସ୍ଥଳରେ ଚଢ଼ାଉ କରାଯାଇଥିଲା। ଗାଡ଼ିର ଦେଖାରଖା କରୁଥିବା କୁନ୍ଦନ ସାହୁଙ୍କ ନିକଟରୁ କାର୍ ଚାବି ଜବତ କରାଯିବା ପରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଓ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ କାର୍‌ର ତଲାସୀ ନିଆଯାଇଥିଲା। ତଲାସୀ ସମୟରେ କାର୍ ଭିତରୁ ମୋଟ ୬୧.୨୮୦ କିଗ୍ରା ଓଜନର ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇ କେଉଁଠାରୁ ଅଣାଯାଉଥିଲା ଓ ଏହାକୁ କେଉଁଠାକୁ ପଠାଯିବାର ଯୋଜନା ଥିଲା, ସେ ନେଇ ପୁଲିସ ତଦନ୍ତ ଚଳାଇଛି। ଏହି ବେଆଇନ୍ ନେଟୱର୍କରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ପୁଲିସ ପକ୍ଷରୁ ଅଧିକ ପଚରାଉଚରା କରାଯାଉଛି।

# କଟକ ଷ୍ଟେସନରୁ ନିଖୋଜ ନାବାଳିକା ଉଦ୍ଧାର, ଅପହର୍ତ୍ତା ଅଟକ



କଟକ, ୩୧।୮ (ସଂଚାର ବ୍ୟୁରୋ): କଟକ ଷ୍ଟେସନରୁ ଅପହୃତ ନାବାଳିକା ସୁରକ୍ଷିତ ଉଦ୍ଧାର। ସୋମବାର ନାବାଳିକାକୁ ଉଦ୍ଧାର କରିଛି କମିଶନରେଟ୍ ପୁଲିସ। ଉଦ୍ଧାର ପରେ ନାବାଳିକାକୁ ଖୋର୍ଦ୍ଧା ସିଡବ୍ଲୁସି ହେପାଜତରେ ରଖାଯାଇଥିବା ବେଳେ ତାଙ୍କୁ ନେଇଯାଇଥିବା ବୃଦ୍ଧଙ୍କୁ ମଧ୍ୟ ପୁଲିସ ଅଟକ ରଖିଛି। ଅପହରଣ କରିଥିବା ବୃଦ୍ଧ ଜଣକ କଟକ ବାଲିକୁଦା ଅଞ୍ଚଳର ବୋଲି ସୂଚନା ମିଳିଛି। ସୂଚନାଥାଉକି, ଦୁଇ ଦିନ ତଳେ ନାବାଳିକା (୭-୯ ବର୍ଷର) ଜଣକ ବାପା- ମାଆଙ୍କ ଅନ୍ୟମନସ୍କତା ଯୋଗୁ କଟକ ରେଳ ଷ୍ଟେସନରେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ତେବେ ଏନେଇ ଚାଉଳିଆଗଞ୍ଜ ଥାନାରେ ଏତଲା ପରେ ପୋଲିସ ୧୦ ଜଣିଆ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜରେ ଝିଅଟିକୁ ଜଣେ ବୃଦ୍ଧ ନେଇଯାଉଥିବା ଜଣାପଡ଼ିଥିଲା। ଏମିତିରେ ସଂପୃକ୍ତ ବୃଦ୍ଧଙ୍କ ପତ୍ତା ନମିଳିବାରୁ ସେ ନିଖୋଜ ଥିବା ନେଇ ପୁଲିସ ପୋଷ୍ଟର ଜାରି ମଧ୍ୟ କରିଥିଲା ପୋଲିସ। ଯେଉଁଥିରେ ଏହି ବୃଦ୍ଧଙ୍କ ବାବଦରେ ସୂଚନା ଦେଲେ ୨୫ ହଜାର ଟଙ୍କା ପୁରସ୍କାର ମଧ୍ୟ ଘୋଷଣା କରାଯାଇଥିଲା। ହେଲେ ବର୍ତ୍ତମାନ ନାବାଳିକାକୁ ଉଦ୍ଧାର କରିବା ସହ ବୃଦ୍ଧଙ୍କୁ ମଧ୍ୟ ଅଟକ ରଖିଛି ପୁଲିସ।

## ସାଙ୍ଗ ସାଙ୍ଗ ମଧ୍ୟରେ ଛୁରାମାଡ଼, ଜଣେ ମୃତ



ତାଳଚେର,୩୧।୮(ସଂଚାର ବ୍ୟୁରୋ): ତାଳଚେର ଗଣେଶ ବିହାର ଅଞ୍ଚଳରେ ଭଡ଼ା ଘରେ ଦୁଇ ସାଙ୍ଗଙ୍କ ମଧ୍ୟରେ ବଚସାରୁ ଛୁରୀ ଭୁସାଭୁସି ହୋଇଛି। । ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ଘର କବାଟ ଭାଙ୍ଗି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୁରୁତରଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଭୟ ରେଳ ବିଭାଗର ଲୋକୋ ପାଇଲଟ ବୋଲି ଜଣାପଡ଼ିଛି। ମୃତକ ଜଣଙ୍କ ହେଲେ ହେମନ୍ତ ମହାରଣା। ଗୁରୁତର ଅବସ୍ଥାରେ ସମ୍ବଲପୁର ରେଳ ବିଭାଗର ଲୋକୋ ପାଇଲଟ କାହ୍ନୁଚରଣ ଜେନା ଚିକିତ୍ସାଧୀନ ଅଛନ୍ତି। ଗତକାଲି ବିଳମ୍ବିତ ରାତିରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା, ଯାହା ପରେ ଆକ୍ରମଣ ପ୍ରତି ଆକ୍ରମଣର ରୂପ ନେଇଥିଲା। ଘଟଣାସ୍ଥଳରେ କୋଲିୟାରୀ ଥାନା ପୁଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ଏସଡିପିଓ ମଧ୍ୟ ପହଞ୍ଚିଛନ୍ତି।

■ ଭକ୍ତଙ୍କ ପାଇଁ ଖୁସି ଖବର

# ଶ୍ରୀମନ୍ଦିର ନାଟ ମଣ୍ଡପ ହେଲା ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ



ପୁରୀ,୩୧।୮(ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ନାଟମଣ୍ଡପ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହୋଇଛି। ଗତ ଏକ ମାସ ଧରି ନାଟମଣ୍ଡପରେ ଲାଗିଥିବା ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇଥିଲା। ଆଜିଠାରୁ ଶ୍ରୀମନ୍ଦିର ନାଟମଣ୍ଡପରେ ସମ୍ପୂର୍ଣ୍ଣ ଭାବେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି। ଏହାଦ୍ୱାରା ନାଟମଣ୍ଡପରେ ପ୍ରବଳ ଗରମ ଓ ଗୁଳୁଗୁଳିରୁ ଭକ୍ତମାନେ ଆରାମ ପାଇପାରିବେ। ଶ୍ରୀମନ୍ଦିର ପ୍ରଶାସନର ଏଭଳି ପଦକ୍ଷେପକୁ ଉଭୟ ଭକ୍ତ ଓ ସେବାୟତ ସ୍ୱାଗତ କରିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଏବେ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାରେ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ଦର୍ଶନ କରିବେ। ଶ୍ରୀମନ୍ଦିର ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରାଯାଇଛି। ଗତ ଏକ ମାସ ଧରି ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ କରାଯାଇଥିବା ବେଳେ ଆଜିଠାରୁ ପୂର୍ଣ୍ଣ ରୂପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି। ଏଣିକି ଭକ୍ତମାନେ ନାଟମଣ୍ଡପରେ ପ୍ରବଳ ଗରମ ଓ ଗୁଳୁଗୁଳିର ସମ୍ମୁଖୀନ ହେବେ ନାହିଁ।ପ୍ରବଳ ଗୁଳୁଗୁଳି ଯୋଗୁଁ ଅନେକ ସମୟରେ ଭକ୍ତମାନେ ଅଣନିଃଶ୍ୱାସୀ ହୋଇ ଅସୁସ୍ଥ ହୋଇ ପଡୁଥିବା ବେଳେ ଅନେକ ଭକ୍ତ ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ ଶ୍ରୀମନ୍ଦିର ଭିତରେ ବାନ୍ତି କରିଦିଅନ୍ତି। ଏହାଦ୍ୱାରା ଅନେକ ସମୟରେ ମହାପ୍ରଭୁଙ୍କ ନୀତି କାନ୍ତିରେ ବାଧା ସୃଷ୍ଟି ହୋଇଥାଏ। ଏହି ସମସ୍ୟାର ସମାଧାନ ପାଇଁ ଏଏସ୍‌ଆଇ ସହଯୋଗରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି ଯେ ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରାଯାଇଥିବାରୁ ଭକ୍ତମାନେ ବେଶ୍ ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଶୃଙ୍ଖଳିତ ଦର୍ଶନ ପାଇଁ ଆଗାମୀ ଦିନରେ ରାଜ୍ୟ ସରକାର ଧାଡ଼ି ଦର୍ଶନ ବ୍ୟବସ୍ଥା ନାଟମଣ୍ଡପରେ କାର୍ଯ୍ୟକାରୀ କରିବେ ବୋଲି ସେ କହିଛନ୍ତି।

## ଆୟବହିର୍ଭୂତ ସମ୍ପତ୍ତି ମାମଲାରେ ପୂର୍ବତନ ଅଧିକାରୀ ଦୋଷୀ

ଫୁଲବାଣୀ, ୩୧।୮ (ସଂଚାର ବ୍ୟୁରୋ): ଦୁର୍ନୀତି ବିରୋଧରେ ଓଡ଼ିଶା ଭିଜିଲାନ୍ସକୁ ପୁଣି ଏକ ବଡ଼ ସଫଳତା ମିଳିଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବୌଦ୍ଧ ଜିଲ୍ଲା ପୁରୁଣା କଟକର ମୃତ୍ତିକା ସଂରକ୍ଷଣ ଅଧିକାରୀ କାର୍ତ୍ତିକେଶ୍ୱର ସାହୁଙ୍କୁ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୋମବାର ଏହି ଗୁରୁତ୍ୱପୂର୍ଣ୍ଣ ମାମଲାର ଚୂଡ଼ାନ୍ତ ଶୁଣାଣି କରି ଅଭିଯୁକ୍ତ ଅବସରପ୍ରାପ୍ତ ଅଧିକାରୀଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ଶ୍ରୀ ସାହୁ ନିଜ ସରକାରୀ ଚାକିରି କାଳ ମଧ୍ୟରେ ଆୟ ଅପେକ୍ଷା ଯଥେଷ୍ଟ ଅଧିକ ସମ୍ପତ୍ତି ଠୁଳ କରିଥିବା ନେଇ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ଭିଜିଲାନ୍ସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତାଙ୍କର ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠାବ କରିବା ସହ ସାକ୍ଷ୍ୟ ପ୍ରମାଣ ଭିତ୍ତିରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ଭିଜିଲାନ୍ସ ପକ୍ଷରୁ ଉପସ୍ଥାପିତ ହୋଇଥିବା ପ୍ରମାଣ ଆଧାରରେ ଅଦାଲତ ଆଜି ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। କାର୍ତ୍ତିକେଶ୍ୱର ଅବସର ନେଇସାରିଥିବାରୁ ତାଙ୍କର ସରକାରୀ ପେନସନ୍ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଭିଜିଲାନ୍ସ ବିଭାଗ ସମ୍ପୃକ୍ତ ସକ୍ଷମ କର୍ତ୍ତୃପକ୍ଷଙ୍କୁ ଆବେଦନ କରିବ।

# ସ୍କ୍ରବ ଟାଇଫସ୍: ଦିନକରେ ୨୨ ପଜିଟିଭ



ପାଲଲହଡ଼ା,୩୧।୮(ସଂଚାର ବ୍ୟୁରୋ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ସାନବାଗଦରୀ ଗାଁରେ ସ୍କ୍ରବ ଟାଇଫସ୍ ବ୍ୟାପିବା ଖବର ପ୍ରସାରଣ ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଡାକ୍ତରୀ ଟିମ୍ ଗାଁରେ ପହଞ୍ଚିଛି। ଡାକ୍ତରୀ ଟିମ୍ ଘରକୁ ଘର ବୁଲି ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରିବା ସହ ସନ୍ଦିଗ୍ଧ ରୋଗୀଙ୍କ ପରୀକ୍ଷା ଓ ଚିକିତ୍ସା ସେବା ଆରମ୍ଭ ହୋଇଛି। ଦୁଇ ଦିନ ଭିତରେ ଗାଁରେ ୨୯ ଜଣ ସ୍କ୍ରବ ଟାଇଫସ ପଜିଟିଭ ଚିହ୍ନଟ ହେବା ସ୍ଥାନୀୟ ପ୍ରଶାସନ ପାଇଁ ଚିନ୍ତାର ବିଷୟ ହୋଇଛି।

ଅନୁଗୋଳ ଜିଲ୍ଲାର ପାଲଲହଡା ବ୍ଲକ୍ ଅନ୍ତର୍ଗତ ପବିତ୍ରପୁର ପଞ୍ଚାୟତର ସାନବାଗଦରୀ ଗାଁରେ ସ୍କ୍ରବ ଟାଇଫସ୍‌ରେ ଜଣଙ୍କର ମୃତ୍ୟୁ ହେବା ପରେ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅନେକ ଲୋକ ଜ୍ୱର, ମୁଣ୍ଡବ୍ୟଥା ଓ ଦେହ ହାତଗୋଡ଼ ଘୋଳାବିନ୍ଧା ଭଳି ଲକ୍ଷଣ ଅନୁଭବ କରୁଥିବା ଜଣାପଡ଼ିଛି। ଗାଁରେ ଏଭଳି ସ୍ଥିତି ନେଇ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ସ୍ଥାନୀୟ ପ୍ରଶାସନ ତତ୍ପର ହୋଇପଡ଼ିଛି। ଜିଲ୍ଲାରୁ ଏକ ଡାକ୍ତରୀ ଟିମ ଗତ ଦୁଇ ଦିନ ହେବ ଗାଁରେ ଘରକୁ ଘର ଯାଇ ରକ୍ତ ନମୁନା ସଂଗ୍ରହ କରୁଛି। ଅଦ୍ୟାବଧି ଦୁଇ ଦିନରୁ ପ୍ରଥମ ଦିନରେ ୬୦ ଜଣଙ୍କ ରକ୍ତ ନମୁନାରୁ ୭ ଜଣ ପଜିଟିଭ ଥିବା ବେଳେ ଗତକାଲି ୧୨୦ ଜଣକଙ୍କ ମଧ୍ୟରୁ ୨୨ ଜଣ ପଜିଟିଭ ଥିବା ଜଣାପଡ଼ିଛି। ଏ ନେଇ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟାଧିକାରୀ ମଦନ ମୋହନ ପ୍ରଧାନ କହିଛନ୍ତି ଯେ ସଚେତନତା ଓ ଟେଷ୍ଟ ପାଇଁ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ବ୍ୟବସ୍ଥା ହାତକୁ ନିଆଯାଇଛି। ଯେଉଁମାନଙ୍କୁ ଜ୍ୱର ହୋଇଛି, ସେମାନଙ୍କୁ ପ୍ରାଥମିକତା ଦେଇ ଟେଷ୍ଟ ଜାରି ରହିଛି ଓ ଯାହା ବ୍ୟବସ୍ଥା ଗ୍ରହଣ କରାଯିବାର ଆବଶ୍ୟକତା ରହିଛି, ତାହା କରାଯାଉଛି। ସେହିପରି ଆଜି ୩୩ ଜଣଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିବା ବେଳେ ସମସ୍ତ ରିପୋର୍ଟ ନେଗେଟିଭ ଥିବା ଜଣାପଡ଼ିଛି । ତେବେ ୩ ଦିନ ମଧ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୯କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁରେ ଔଷଧ ସିଞ୍ଚନ କରାଯାଉଥିବା ବେଳେ ଡାକ୍ତରୀ ଦଳ ସାନବାଗଦରୀ ଗାଁରେ କ୍ୟାମ୍ପ କରି ଲୋକଙ୍କ ଟେଷ୍ଟିଂ ଓ ସ୍କ୍ରିନିଂ ଜାରି ରଖିଛି। ବର୍ତ୍ତମାନ ସମସ୍ତ ଟେଷ୍ଟ ରାପିଡ୍ ଟେଷ୍ଟିଂ କିଟ୍ ମାଧ୍ୟମରେ କରାଯାଉଛି ଏବଂ ପରେ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାକୁ ନମୁନା ପଠାଯାଇ ଏଲିଶା ରିଡର ସାହାଯ୍ୟରେ ଟେଷ୍ଟ କରାଯିବ ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ତେଲ ଆମଦାନି ଖର୍ଚ୍ଚ ୨୨ ବିଲିଅନ ଡଲାର ବଢ଼ିଲା

ନୂଆଦିଲ୍ଲୀ,୩୧।୮ : ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁହର୍ମୁଜପ୍ରଣାଳୀରେ ସଙ୍କଟ ଲାଗି ରହିଛି। ଏହି ସଙ୍କଟ ପାଇଁ ଭାରତକୁ ତେଲ ଆମଦାନି ବାବଦରେ ମାତ୍ରାଧିକ ଖର୍ଚ୍ଚ କରିବାକୁ ପଡ଼ିଛି। ଯୁଦ୍ଧର ପ୍ରଥମ ୬ ମାସ ଅର୍ଥାତ୍ ମାର୍ଚ୍ଚରୁ ଅଗଷ୍ଟ ଭିତରେ ଭାରତକୁ ପ୍ରାୟ ୨୨ ବିଲିଅନ ଡଲାର ଅଧିକ ଖର୍ଚ୍ଚ କରିବାକୁ ପଡ଼ିଛି ବୋଲି ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (ସିଆର୍‌ଇଏ) ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ କୁହାଯାଇଛି। ମଧ୍ୟପ୍ରାଚ୍ୟଯୁଦ୍ଧର ପ୍ରଥମ ୬ ମାସରେ ସାରା ବିଶ୍ୱକୁ ସମୁଦ୍ରରୁ ଉତ୍ପାଦିତ ତେଲ, ତୈଳ ସାମଗ୍ରୀ ଓ ଏଲ୍‌ଏନ୍‌ଜି ବାବଦରେ ଅଧିକ ୩୩୦ ବିଲିଅନ ଡଲାରର ବୋଝ ବୋହିବାକୁ ପଡ଼ିଛି। ୧୯୯୦ ମସିହା ବେଳେ ଉପସାଗରୀୟ ଯୁଦ୍ଧ ପରଠାରୁ ଏ ବାବଦରେ ଏତେ ବଡ଼ ଧକ୍କା କେବେ ଦେଖିବାକୁ ମିଳିନଥିଲା ବୋଲି ରିପୋର୍ଟରେ କୁହାଯାଇଛି। ସିଆର୍‌ଇଏ ରିପୋର୍ଟ ଅନୁଯାୟୀ, ସର୍ବାଧିକ ୭୮ ବିଲିଅନ ଡଲାରର ଅତିରିକ୍ତ ଖର୍ଚ୍ଚ ୟୁରୋପୀୟ ସଂଘ (ଇୟୁ)କୁ କରିବାକୁ ପଡ଼ିଛି। ଏହା ପଛକୁ ଚୀନକୁ ୩୫ ବିଲିଅନ ଡଲାର, ଭାରତକୁ ୨୨ ବିଲିଅନ ଡଲାରର ଅତିରିକ୍ତ ଖର୍ଚ୍ଚ କରିବାକୁ ହୋଇଛି। ଅର୍ଥାତ୍ ଯୁଦ୍ଧ ହୋଇ ନଥିଲେ ଯେଉଁ ଦର ରହିଥାନ୍ତା ଯୁଦ୍ଧ ପାଇଁ ଭାରତକୁ ଏ ବାବଦରେ ଅଧିକ ୨୨ ବିଲିଅନ ଡଲାର ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଛି। ମୋଟ ଅତିରିକ୍ତ ଖର୍ଚ୍ଚ ବୋଝ ୨୨ ବିଲିଅନ ଡଲାର ରହିଥିଲେ ମଧ୍ୟ ନିଟ୍ ଅତିରିକ୍ତ ଖର୍ଚ୍ଚ ୧୪.୪ ବିଲିଅନ ଡଲାର ବୋଲି ଆକଳନ କରାଯାଇଛି। ଅର୍ଥାତ୍ ଭାରତ ପେଟ୍ରୋଲିୟମ ସାମଗ୍ରୀ ଆମଦାନିବାବଦରେ ଅଧିକ ଖର୍ଚ୍ଚ କରିଥିଲେ ମଧ୍ୟ ଏସବୁ ସାମଗ୍ରୀ ରପ୍ତାନିରୁ ମଧ୍ୟ ଲାଭବାନ ହୋଇଛି। ନିଟ୍ ୧୪.୪ ବିଲିଅନ ଡଲାରର ଅତିରିକ୍ତ ଖର୍ଚ୍ଚ ହେଉଛି ଭାରତୀୟ ଜିଡିପିର ୦.୩୮ ପ୍ରତିଶତ। ଅର୍ଥାତ୍ ଭାରତକୁ ପାଖାପାଖି ୧.୪ ଦିନର ଜାତୀୟ ଆୟ ହରାଇବାକୁ ପଡ଼ିଛି। ଭାରତ ପଛକୁ ଆମେରିକାକୁ ୧୬.୫ ବିଲିଅନ ଡଲାର, ନେଦରଲ୍ୟାଣ୍ଡ୍‌ସକୁ ୧୩.୫ ବିଲିଅନ ଡଲାର, ଦକ୍ଷିଣ କୋରିଆକୁ ୧୩.୨ ବିଲିଅନ ଡଲାର, ଇଟାଲୀକୁ ୧୨.୭ ବିଲିଅନ ଡଲାର, ଜାପାନକୁ ୧୨ ବିଲିଅନ ଡଲାର, ଫ୍ରାନ୍ସକୁ ୧୧.୧ ବିଲିଅନ ଡଲାର, ସ୍ପେନକୁ ୧୦.୩ ବିଲିଅନ ଡଲାର, ଇଜିପ୍ଟକୁ ୧୦.୧ ବିଲିଅନ ଡଲାରର ଅତିରିକ୍ତ ଖର୍ଚ୍ଚ ଜୀବାଶ୍ମ ଇନ୍ଧନ ଆମଦାନି ବାବଦରେ ବହନ କରିବାକୁ ହୋଇଛି ବୋଲି ରିପୋର୍ଟରେ କୁହାଯାଇଛି।



# ଲଞ୍ଚ ହେଲା ଆଥରର ନୂଆ ଇଲେକ୍ଟ୍ରିକ୍ ସ୍କୁଟର

ଆଥର ଏନର୍ଜି ଏହାର ସବୁଠାରୁ ଶସ୍ତା ସ୍କୁଟି ଆଥର କୋଣାର୍କ (KONARC) ଲଞ୍ଚ କରିଛି । ଯାହା ଆଥର EL ପ୍ଲାଟଫର୍ମ ଉପରେ ଆଧାରିତ ବ୍ରାଣ୍ଡର ପ୍ରଥମ ସ୍କୁଟର । ଏହି ସ୍କୁଟରକୁ କମ୍ପାନୀ ମେଟାଲ ବଡ଼ି ଏବଂ ମଲ୍ଟିପଲ୍ ନୂଆ ଫିଚର୍ସ ସହିତ ଲଞ୍ଚ କରିଛି । ସ୍କୁଟରଟିରେ ସ୍ମାର୍ଟ ରିମୋଟ୍ କୀ ରହିଛି । କମ୍ପାନୀ ଏହି କୋଣାର୍କ ସ୍କୁଟରରେ ମଲ୍ଟିପଲ୍ ଫିଚର୍ସ ପ୍ରଦାନ କରିଛି । ଏୟାରୱାର୍କ ଭଳି ଫିଚର୍ସ ମଧ ଏଥିରେ ସାମିଲ ରହିଛି । ଯାହା ସାହାଯ୍ୟରେ ସ୍କୁଟରକୁ ସହଜରେ ଆଗ ପଛ ମୁଭ୍ କରାଯାଇପାରିବ । ଆଥର କୋଣାର୍କ ପ୍ରଥମ ସ୍କୁଟର, ଯାହା ମେଟାଲ ବଡି ସହିତ ଆସିଥାଏ । କମ୍ପାନୀ ଏଥିରେ ଅନେକ ସ୍ମାର୍ଟ ଫିଚର୍ସ ପ୍ରଦାନ କରିଛି । S ଲାଇନ୍‌ରେ ୨୦୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ମିଳିବ। ପ୍ରତି ଘଣ୍ଟାକୁ ଏହି ସ୍କୁଟରର ଟପ୍ ସ୍ପିଡ୍ ୭୦ କିଲୋମିଟର ରହିବ । ଏହାକୁ ଆପଣ ୪ଟି କଲର୍ ଅପ୍ସନ୍‌ରେ କିଣିପାରିବେ । ସେହିପରି Z-ଲାଇନ୍ ବିଷୟରେ କହିବାକୁ ଗଲେ, ଏହି ରେଞ୍ଜର IDC-କ୍ଲେମ୍ଡ ରେଞ୍ଜ ୧୬୧ କିଲୋମିଟର ରହିଛି । ଏହାର ଟପ୍ ସ୍ପିଡ୍ ୮୦ କିଲୋମିଟର ପ୍ରତି ଘଣ୍ଟା ହେବ ଏବଂ ଏହା ୫ଟି କଲର୍ ଅପ୍ସନ୍‌ରେ ଉପଲବ୍ଧ ହେବ । ଏଣ୍ଟ୍ରି-ଲେଭଲ୍ Ather Konarkରେ ୨.୧kWh ବ୍ୟାଟେରୀ ଦିଆଯାଇଛି। ସେହିପରି ମିଡ୍ ଭାରିଆଣ୍ଟରେ ୨.୭kWh ବ୍ୟାଟେରୀ ମିଳୁଥିବା ବେଳେ ଟପ୍ ଭାରିଆଣ୍ଟରେ ୩.୫kWh ବ୍ୟାଟେରୀ ଦିଆଯାଇଛି । ଏହି ସ୍କୁଟର ୟୁନିବଡି ଚେସିସ୍ ସହିତ ଆସୁଛି । ଏଥିରେ ଅଟୋହୋଲ୍ଡ, ଫଲ୍ ସେଫ୍, ଏୟାରୱାକ୍, ବ୍ଲୁଟୁଥ୍ କଲ୍ ଏବଂ ମ୍ୟୁଜିକ୍ ଆଲର୍ଟ ଭଳି ଫିଚର୍ସ ମିଳୁଛି । ଏଥିରେ Ather Connected, ଥେଫ୍ଟ ଏବଂ ଟୋ ଆଲର୍ଟ, Find My Scooter ଏବଂ OTA ଅପଡେଟ୍ସ ଭଳି ଫିଚର୍ସ ମଧ ରହିଛି । Konarkରେ ୩୧ ଲିଟରର ଅଣ୍ଡରସିଟ୍ ଷ୍ଟୋରେଜ୍ ସହିତ USB Type-C ଚାର୍ଜର ମିଳୁଛି । ସ୍କୁଟରରେ ଟିଏଫ୍‌ଟି ଇନ୍‌ଷ୍ଟ୍ରୁମେଣ୍ଟ କନ୍‌ସୋଲ୍ ଦିଆଯାଇଛି । ଯାହା ସ୍ମାର୍ଟଫୋନ୍ ସହିତ କନେକ୍ଟ କରାଯାଇପାରିବ । କୋଣାର୍କରେ ଭଏସ୍ କଣ୍ଟ୍ରୋଲ୍, ଫୁଲ୍-ଫ୍ଲେଜ୍ଡ ନେଭିଗେସନ୍, ପଟହୋଲ୍ ଆଲର୍ଟ ଏବଂ କ୍ରାଶ୍ ଆଲର୍ଟ ଭଳି ସୁବିଧା ମିଳୁଛି। ଏଥିରେ କିଲେସ୍ ଇଗ୍ନିସନ୍, କିଲେସ୍ ବୁଟ୍ ରିଲିଜ୍ ଏବଂ ହିଲ୍-ହୋଲ୍ଡ ଆସିଷ୍ଟ ଭଳି ସୁବିଧା ମଧ ରହିଛି । ପ୍ରାଇସ୍ : କମ୍ପାନୀ ୧ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟରେ ଆଥର କୋଣାର୍କ ଲଞ୍ଚ କରିଛି । ଏହାର ଏକ୍ସ ଶୋରୁମର ମୂଲ୍ୟ ୯୯,୯୯୯ଟଙ୍କାରୁ ଆରମ୍ଭ ହେଉଛି । ଏସ୍-ଲାଇନ୍ ପାଇଁ ୨୧ ସେପ୍ଟେମ୍ବରରେ ଡେଲିଭରୀ ହେବା ଆରମ୍ଭ ହେବ। ଏହି ସ୍କୁଟରଟି ଏସ୍-ଲାଇନ୍ ଏବଂ ଜେଡ-ଲାଇନ୍ ଭାରିଆଣ୍ଟରେ ଲଞ୍ଚ କରାଯାଇଛି। ଯେତେବେଳେ ଜେଡ-ଲାଇନ୍‌ରେ ଦୁଇଟି ଭାରିଆଣ୍ଟ ରହିବ ସେତେବେଳେ ଏସ୍-ଲାଇନ୍‌ରେ ଚାରୋଟି ଭାରିଆଣ୍ଟର ରହିବ । ହେଲେ ଏପର୍ଯ୍ୟନ୍ତ ସୁଦ୍ଧା ଏଥର୍ କୋଣାର୍କର ସମସ୍ତ ଭାରିଆଣ୍ଟ ଉପଲବ୍ଧ ହୋଇନାହିଁ । ଏଥର୍ କୋଣାର୍କ ଏସ୍ ର ମୂଲ୍ୟ ୧୦୦ କିଲୋମିଟର ରେଞ୍ଜ ଭାରିଆଣ୍ଟ ପାଇଁ ୯୯,୯୯୯ଟଙ୍କା, ୧୨୫ କିଲୋମିଟର ରେଞ୍ଜ ଭାରିଆଣ୍ଟ ପାଇଁ ୧,୨୧,୯୯୯ ଟଙ୍କା ଏବଂ ୧୬୧ କିଲୋମିଟର ରେଞ୍ଜ ଭାରିଆଣ୍ଟ ପାଇଁ ୧,୪୪,୯୯୯ଟଙ୍କା ଏକ୍ସ ଶୋରୁମର ମୂଲ୍ୟ ରହିଛି । ଅନ୍ୟ ତିନୋଟି ଭାରିଆଣ୍ଟର ମୂଲ୍ୟ କମ୍ପାନୀ ଏପର୍ଯ୍ୟନ୍ତ ପ୍ରକାଶ କରିନାହିଁ । ଏସ୍-ସିରିଜ୍ ଚାରୋଟି ଭାରିଆଣ୍ଟରେ ଉପଲବ୍ଧ ହେବ । ବେସ୍ ଭାରିଆଣ୍ଟ ୧୦୦ କିଲୋମିଟର ରେଞ୍ଜ ପ୍ରଦାନ କରେ । ଏହି ସ୍କୁଟରର ଡେଲିଭରି ଆସନ୍ତା ବର୍ଷର ପ୍ରଥମ ତିନିମାସ ଅର୍ଥାତ୍ ଜାନୁଆରୀ, ଫେବୃଆରୀ ଏବଂ ମାର୍ଚ୍ଚରେ ଆରମ୍ଭ ହେବ ।



# ୨୦୩୦ ସୁଦ୍ଧା ୨୦ ଲକ୍ଷ କୋଟିର ଇଭି ବଜାର:ଗଡକରୀ

ନୂଆଦିଲ୍ଲୀ, ୩୧।୮:୨୦୩୦ ସୁଦ୍ଧା ଦେଶର ଇଭି ବଜାର ୨୦ ଲକ୍ଷ କୋଟି ଛୁଇଁବ। ଏହି ସମୟ ବେଳକୁ ଇଭି କ୍ଷେତ୍ରରେ ୫ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଭାରତୀୟ ଅଟୋମୋବାଇଲ ଶିଳ୍ପର ଭବିଷ୍ୟତ ନେଇ ଏଭଳି ଆଶା ପ୍ରକଟ କରିଛନ୍ତି। ଏକ ସମ୍ମିଳନୀରେ ସେ କହିଛନ୍ତି ଯେ, ବର୍ତ୍ତମାନ ଦେଶରେ ୫୭ ଲକ୍ଷ ଇଭି ପଞ୍ଜୀକୃତ ହୋଇଛି। ଆଗାମୀ ୫ ବର୍ଷରେ ଭାରତୀୟ ଅଟୋମୋବାଇଲ ଶିଳ୍ପକୁ ବିଶ୍ୱର ୧ ନମ୍ବର କରିବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ଦେଶର ଅଟୋମୋବାଇଲ ଶିଳ୍ପର ଆକାର ୨୨ ଲକ୍ଷ କୋଟି ଟଙ୍କା ରହିଛି। ସେହିଭଳି ବଜାରର ପ୍ରତିସ୍ପର୍ଦ୍ଧା ବଢ଼ାଇବା ଲାଗି ଲଜିଷ୍ଟିକ୍ସ ଖର୍ଚ୍ଚକୁ ୧୦%ରୁ ୮%କୁ ଖସାଇବା ଲକ୍ଷ୍ୟ ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ସେ ଆହୁରି ମଧ କହିଛନ୍ତି ଯେ, ପ୍ରଦୂଷଣ ହ୍ରାସ କରିବା ଏବଂ ଭବିଷ୍ୟତ ଚାହିଦା ପୂରଣ କରିବା ଲାଗି ବାୟୋଫୁଏଲ ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ। ସେହିଭଳି ଦେଶର ଦକ୍ଷ ମାନବ ସମ୍ବଳ, କମ୍ ଉତ୍ପାଦନ ଖର୍ଚ୍ଚ ଯୋଗୁ ବିଶ୍ୱର ବଡ କମ୍ପାନି ଗୁଡିକ ଭାରତ ଆସିବାକୁ ଆଗଭର ହେଉଛନ୍ତି। ଏଭଳି ସକରାତ୍ମକ ପରିବର୍ତ୍ତନ ଦେଶକୁ ବିଶ୍ୱ ଅଟୋମୋବାଇଲ ମାନଚିତ୍ରରେ ଏକ ଅଗ୍ରଣୀ ସ୍ଥାନ ଦେବ।



# ଫେଷ୍ଟିଭ୍ ସିଜିନରେ ବଜାଜ ଆଣୁଛି ୬ଟି ନୂଆ ବାଇକ୍

ନୂଆଦିଲ୍ଲୀ, ୩୧।୮:ଫେଷ୍ଟିଭ୍ ସିଜନ୍ ପୂର୍ବରୁ ଅଟୋ ବଜାରରେ ଧମାକା ହେବାକୁ ଯାଉଛି। ପ୍ରତି ପାର୍ବଣ ଋତୁରେ ସବୁବେଳେ ଅଟୋମୋବାଇଲ୍ ସେକ୍ଟରରେ ଖୁବ୍ ଡ଼ିସକାଉଣ୍ଟ ମିଳିଥାଏ। ଏହି ସମୟରେ ଲୋକମାନେ ନୂଆ କାର କିମ୍ବା ବାଇକ୍ ନିଶ୍ଚୟ ଘରକୁ କିଣି ଆଣିଥାଆନ୍ତି। ଫେଷ୍ଟିଭ୍ ସିଜନ୍ ଆରମ୍ଭ ହେବା ପୂର୍ବରୁ ହିଁ ଏବେ ଏକ ବଡ଼ ଖବର ସାମ୍ନାକୁ ଆସୁଛି। ବାସ୍ତବରେ, ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା କମ୍ପାନୀ ବଜାଜ ଅଟୋ ଫେଷ୍ଟିଭ୍ ସିଜନ୍‌ର ଫାଇଦା ଉଠାଇବା ପାଇଁ ଏକ ବଡ଼ ଧମାକା କରିବାକୁ ଯାଉଛି। କମ୍ପାନୀ ଦୀପାବଳି ପୂର୍ବରୁ ଭାରତୀୟ ରାସ୍ତାରେ ୬ଟି ନୂଆ ମଡେଲ୍ ମଧ ଲଞ୍ଚ କରିବାକୁ ଯାଉଛି। ଆପଣଙ୍କୁ ଜଣାଇ ଦେଉଛୁ ଯେ, ବଜାଜର ମୋଟ ଦୁଇଚକିଆ ବିକ୍ରିରେ ପଲ୍ସର୍ ବ୍ରାଣ୍ଡର ଅବଦାନ ଏକାକୀ ପ୍ରାୟ ୪୪ ପ୍ରତିଶତ ରହିଛି। କମ୍ପାନୀ ନିଜର ପଲ୍ସର୍ ରେଞ୍ଜକୁ ତିନୋଟି ପ୍ରମୁଖ ପ୍ଲାଟଫର୍ମ—ଅରିଜିନାଲ୍ କ୍ଲାସିକ୍, N ସିରିଜ୍ ଏବଂ NS ସିରିଜ୍‌ରେ ଭାଗ କରି ଅପଡେଟ୍ କରୁଛି। କ୍ଲାସିକ୍ ଏବଂ N ସିରିଜ୍‌ରେ ନୂଆ ଅପଡେଟ୍ ଦେବା ପରେ ଏବେ ବଜାଜର ସମ୍ପୂର୍ଣ୍ଣ ଫୋକସ୍ ସ୍ପୋର୍ଟି ଲୁକ୍ ଥିବା NS ସିରିଜ୍ ଉପରେ ରହିବାକୁ ଯାଉଛି। ଆସନ୍ତା କିଛି ସପ୍ତାହ ମଧ୍ୟରେ କମ୍ପାନୀ ପଲ୍ସର୍ NS125 ଏବଂ NS160ର ଅପଡେଟେଡ୍ ଭର୍ସନ୍ ସର୍ବପ୍ରଥମେ ବଜାରକୁ ଆଣିବ। ଏହି ମଡେଲଗୁଡ଼ିକରେ ନୂଆ ଗ୍ରାଫିକ୍ସ, ହାଇଟେକ୍ ଡିଜିଟାଲ୍ ଫିଚର୍ସ ଏବଂ ଉନ୍ନତ ଧରଣର ହ୍ୟାଣ୍ଡଲିଂ ଦେଖିବାକୁ ମିଳିପାରେ। ଏହା ପରେ ପ୍ରିମିୟମ୍ ସେଗମେଣ୍ଟର NS200 ଏବଂ NS400Zକୁ ମଧ ରିଫ୍ରେଶ୍ କରାଯାଇପାରେ।

ଏହା ବ୍ୟତୀତ, ପଲ୍ସର୍ ସିରିଜ୍ ମାଧ୍ୟମରେ ବଜାଜ୍ ଏକ ସମ୍ପୂର୍ଣ୍ଣ ନୂଆ ସେଗମେଣ୍ଟରେ ମଧ ପ୍ରବେଶ କରିବାକୁ ପ୍ରସ୍ତୁତି ଚଳାଇଛି। ରାସ୍ତାରେ ଟେଷ୍ଟିଂ ସମୟରେ ବଜାଜର ପ୍ରଥମ ଆଡଭେଞ୍ଚର୍ କିମ୍ବା ଡୁଆଲ୍-ସ୍ପୋର୍ଟ ମୋଟରସାଇକେଲ୍‌କୁ ବାରମ୍ବାର ଦେଖିବାକୁ ମିଳିଛି। ଏହି ନୂଆ ADV ବାଇକ୍‌ରେ ୨୫୦ccରେ ଶକ୍ତିଶାଳୀ ଏୟାର୍/ଅଏଲ୍-କୁଲ୍ଡ ଇଞ୍ଜିନ୍ ଦିଆଯାଇପାରେ। ଯାହା ପଲ୍ସର୍ N250ରେ ମଧ ଦେଖିବାକୁ ମିଳିଥାଏ। ଲମ୍ବା ଯାତ୍ରା ଏବଂ ଖରାପ ରାସ୍ତା ପାଇଁ ଏଥିରେ ଟେଲିସ୍କୋପିକ୍ ଫ୍ରଣ୍ଟ୍ ଫୋର୍କ୍ସ, ରିଅର୍ ମୋନୋଶକ୍ ସସ୍ପେନ୍ସନ୍, ହାଇ-ମାଉଣ୍ଟେଡ୍ ଏଗ୍ଜଷ୍ଟ୍ ଏବଂ ସମ୍ପୂର୍ଣ୍ଣ ଡିଜିଟାଲ୍ TFT କନସୋଲ୍ ମିଳିବାର ଆଶା ରହିଛି। ଏହି ବାଇକ୍ ସିଧାସଳଖ ଭାବେ ହିରୋ ଏକ୍ସପଲ୍ସ ୨୧୦ ଏବଂ ସୁଜୁକି V-Strom SXକୁ ଚ୍ୟାଲେଞ୍ଜ୍ କରିବ। ଆପଣଙ୍କୁ ଜଣାଇ ଦେଉଛୁ ଯେ, ବଜାଜ ଏବଂ ଟ୍ରାୟମ୍ଫର ପାର୍ଟନରଶିପ୍ ଭାରତୀୟ ବଜାରରେ ସ୍ପିଡ୍ 400 ଏବଂ ସ୍କ୍ରାମ୍ବଲର୍ 400X ଭଳି ବାଇକ୍ ସହିତ ପୂର୍ବରୁ ହିଁ ବଡ଼ ସଫଳତା ହାସଲ କରିଛି। ଏବେ ଏହି ଫେଷ୍ଟିଭ୍ ସିଜନ୍‌ରେ ବଜାଜ ଏହି ପାର୍ଟନରଶିପ୍ ଅଧୀନରେ ଟ୍ରାୟମ୍ଫ ବୋନଭିଲ୍ 400 କିମ୍ବା 350cc ସେଗମେଣ୍ଟର ଏକ ନୂଆ ରେଟ୍ରୋ କ୍ରୁଜର୍ ବାଇକ୍ ମଧ ବଜାରକୁ ଆଣିପାରେ। ଏହି ନୂଆ ରେଟ୍ରୋ ବାଇକ୍‌କୁ ସିଧାସଳଖ ଭାବେ ରୟାଲ୍ ଏନଫିଲ୍ଡକୁ ସିଧାସଳଖ ଚ୍ୟାଲେଞ୍ଜ କରିବା ଲକ୍ଷ୍ୟରେ ଡିଜାଇନ୍ କରାଯାଉଛି। ଯାହା କମ୍ ବଜେଟ୍‌ରେ ବାଇକ୍ ଲଭର୍ସଙ୍କୁ ପ୍ରିମିୟମ୍ କ୍ରୁଜର୍ ରାଇଡିଂ ଭଳି ଅନୁଭୂତି ପ୍ରଦାନ କରିବ।

ଭାରତରେ ବଜାଜ ମୋଟରସାଇକେଲର ବର୍ତ୍ତମାନର ଚାହିଦା ଏହି କଥାରୁ ସ୍ପଷ୍ଟ ଯେ କମ୍ପାନୀ ଦ୍ରୁତ ଗତିରେ ଏହାର ଉତ୍ପାଦନ କ୍ଷମତାକୁ ବୃଦ୍ଧି କରୁଛି। କମ୍ପାନୀ ନିଜର ବାର୍ଷିକ ଉତ୍ପାଦନ କ୍ଷମତାକୁ ୭୨ ଲକ୍ଷ ୟୁନିଟ୍‌ରୁ ବଢ଼ାଇ ୯୦ ଲକ୍ଷ ୟୁନିଟ୍‌ରୁ ଅଧିକ କରିବା ଉପରେ କାମ କରୁଛି। ଏହି ଉଦ୍ଦେଶ୍ୟରେ କମ୍ପାନୀ ନୂଆ ମାନୁଫାକ୍ଚରିଂ ପ୍ଲାଣ୍ଟ ସ୍ଥାପନ କରିବାର ଯୋଜନା କରୁଛି। ଦୀପାବଳି ପୂର୍ବରୁ ନିଶ୍ଚୟ ୬ଟି ନୂଆ ବାଇକ୍ ବଜାରକୁ ଆସି ଫେଷ୍ଟିଭ୍ ସିଜନ୍‌ର ଅଟୋ ବଜାରକୁ ଆହୁରି ଗରମ କରିବ। ଏହା ସହିତ ଗ୍ରାହକମାନଙ୍କୁ ନୂଆ ଗାଡ଼ିର ଅନେକ ଭଲ ବିକଳ୍ପ ମଧ ମିଳିବ।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୬,୫୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୬,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୮୨୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୮୭୦ ଟଙ୍କା ଓ ୨୨ କ୍ୟାରଟେ ୧,୪୬,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୮୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୫.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୪୨ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୦୯ ପଇସା ଓ ଡିଜେଲ ଦର ୧୦୨ ଟଙ୍କା ୧୫ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୭ଟଙ୍କା ୬୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୧୦୫.୩୦ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୮୪ ଟଙ୍କା ଥିବାବେଳେ ଡିଜେଲ ଦର ୧୦୦ ଟଙ୍କା ୯୪ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୧୭ ଟଙ୍କା ୬୧ ପଇସା ଥିବା ବେଳେ ଡିଜେଲ ଦାମ ୧୦୫ ଟଙ୍କା୩୦ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାହା ପାଇଁ ?



ବାଲିଆପାଳ,୩୧।୮ (ସଂଚାର ବ୍ୟୁରୋ): ସରକାରୀ ଆବାସ ଯୋଜନା କାହାପାଇଁ? ସରକାରୀ ଘର ଅପେକ୍ଷାରେ ଦିବ୍ୟାଙ୍ଗ ପରିବାର। ସରକାରୀ ଆବାସ ଘରକୁ ଅପେକ୍ଷା କରି ବାପା ମା'ଙ୍କ ଦେହାନ୍ତ ହୋଇଯାଇଥିଲେ ମଧ୍ୟ, ଆବାସ ଯୋଜନାରୁ ଅଦ୍ୟାବଧି ବଞ୍ଚିତ ଅଛନ୍ତି ବାପା ମା' ଛେଉଣ୍ଡ ପୁଅ। ତେବେ ମନରେ ପ୍ରଶ୍ନ ଉଠେ ସରକାରୀ ଆବାସ ଯୋଜନାରେ ଘର ଦେଉଛି କିଏ? ଅଯୋଗ୍ୟ ବ୍ୟକ୍ତି ଘର ହାତେଇ ନାହାନ୍ତି ତ ?

ସୂଚନାରୁ ପ୍ରକାଶ ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତ ବାଲିକଟୀ ଗ୍ରାମର ସ୍ୱର୍ଗତ ଅନାଦି ଦାସଙ୍କ ପୁଅ ରାଜେନ୍ଦ୍ର ଦାସ। ବାପା ମା ଉଭୟେ ମୃତ୍ୟୁବରଣ କରିଥିବା ବେଳେ, ସରକାରୀ ଆବାସ ଗୃହ ଯୋଜନାରେ ସାମିଲ ହେବା ପାଇଁ ବୃଦ୍ଧା ମା' ଅପେକ୍ଷା କରି ଶେଷରେ ମୃତ୍ୟୁ ହୋଇଥିଲେ ମଧ୍ୟ ଘର ଖଣ୍ଡେ ପାଇପାରିନଥିଲେ। ତାଙ୍କର ପୁଅ ମଧ୍ୟ ପକ୍କାଘର ସ୍ୱପ୍ନ ଦେଖୁଥିବା ବେଳେ ସଦ୍ୟ ପ୍ରକାଶିତ ଆବାସ ତାଲିକାରୁ ବାଦ୍ ପଡିଛନ୍ତି। ତାଙ୍କର ଜଣେ ଦିବ୍ୟାଙ୍ଗ ଶିଶୁ ମଧ୍ୟ ରହିଛି। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବା ବେଳେ ମଧ୍ୟ ମିଳୁନାହିଁ ସରକାରୀ ଆବାସ। ନିଜର ଆର୍ଥିକ ସ୍ୱଚ୍ଛଳତା ନଥିବା ବେଳେ,ଦାଦନ ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତି। ତେବେ ସରକାରୀ ଘର ଅପେକ୍ଷାରେ ରହିଥିବା ରାଜେନ୍ଦ୍ରଙ୍କ ଆବାସ ତାଲିକାରେ କିନ୍ତୁ ନାଁ ନାହିଁ।

ତେବେ ଏଠାରେ ପ୍ରଶ୍ନ ଉଠୁଛି, ସରକାରୀ ଅଧିକାରୀ, ସରପଞ୍ଚ ତଥା ପ୍ରାଧିକୃତ କର୍ମଚାରୀଙ୍କ ଉପରେ। ଜଣେ ଦାଦନ ଶ୍ରମିକ ଘର ପାଇବାକୁ ଅଯୋଗ୍ୟ ହୋଇଥିବା ବେଳେ ବାଲିକୁଟୀ ପଞ୍ଚାୟତର ବିତ୍ତଶାଳୀ, ସରକାରୀ ଚାକିରିଆ,ଏମିତିକି ଆଗରୁ ଆବାସ ଘର ପାଇଥିବା ପରିବାର ପୁଣି ଘର ପାଇବାକୁ ଯୋଗ୍ୟ ହୋଇ ତାଲିକାରେ ନାଁ ଥିବା ବେଳେ, କିନ୍ତୁ ରାଜେନ୍ଦ୍ରଙ୍କ ନାମ ନାହିଁ। ନିଜର ଦିବ୍ୟାଙ୍ଗ ପିଲା ସହ ପରିବାର ଖରା ବର୍ଷା ଓ ଶୀତ କାକରରେ ଭଙ୍ଗାଘରରେ ଦିନ ବିତେଇବାକୁ ବାଧ୍ୟ ହେଉଛନ୍ତି। ତେବେ ତୁରନ୍ତ ପକ୍କା ଘର ତାଲିକାରେ ନାମ ସଂଯୋଗ ପାଇଁ ପ୍ରଶାସନିକ ଅଧିକାରୀଙ୍କ ଠାରେ ନିବେଦନ କରିଛନ୍ତି ରାଜେନ୍ଦ୍ର।

## ସୁବର୍ଣ୍ଣରେଖାରେ ତୃତୀୟ ବନ୍ୟା



ବାଲିଆପାଳ,୩୧।୮ (ସଂଚାର ବ୍ୟୁରୋ): ରବିବାର ସକାଳ ଠାରୁ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଚଳିତ ବର୍ଷ ସୁବର୍ଣ୍ଣରେଖାରେ ତୃତୀୟ ଥର ପାଇଁ ବନ୍ୟା ଆସିଛି। ଉପର ମୁଣ୍ଡରେ ଲଘୁଚାପ ଜନିତ ବର୍ଷା ହେବାରୁ ଧୀରେ ଧୀରେ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ସନ୍ଧ୍ୟା ସୁଦ୍ଧା ରାଜଘାଟ ଠାରେ ଜଳସ୍ତର ସତର୍କ ସଂକେତ ତଳେ ଅର୍ଥାତ ୮.୯୮ମିଟର ଥିବାବେଳେ ମୁକୁଳା ନଦୀ ବନ୍ଧ ପାଇଁ ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳ ଜଳମଗ୍ନ ହେବାରେ ଲାଗିଛି। ଉପର ମୁଣ୍ଡରେ ଗତ କିଛି ଦିନ ହେବ ଲଗାତାର ଭାବରେ ବର୍ଷା ହେବା ଫଳରେ ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜରୁ ପାଣି ଛଡ଼ାଯାଉଛି। ଫଳରେ ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷତୃତୀୟ ଥର ପାଇଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ବାଲିଆପାଳବ୍ଲକର ତଳିଆ ଅଞ୍ଚଳ ବିଷ୍ଣୁପୁର, ନୟାବାଲି, ଇକଡପାଳ, ରସଲପୁର, ରାଉତ୍ରାପୁର, ଜାମକୁଣ୍ଡା ପଞ୍ଚାୟତର ତାଳପଦା, କୁହୁଡ଼, ଲଖିପାଳ, ପାଳକାମକୁଣ୍ଡା, କାଳରୁଢ ଓ ବାଲିଆପାଳ ପଞ୍ଚାୟତର ଚକବାଲିଆପାଳ, ସୁଙ୍ଗମୁହଁ, କୁଦନାଗସିଂହ, ଆଠବାଟିଆ ମଧୁପୁରା ପଞ୍ଚାୟତର ଚଡବଡ କାଳରୁଢ, ଚୌଧୁରୀକୁଦ, ଅସ୍ତି ପଞ୍ଚାୟତର ପାଳଚକ୍ରଷ୍ଣ ସରଷାବାସିନ୍ଧି, ଚଡଚଡ଼ପାଳ, ସୂର୍ଯ୍ୟପୁର, କଣ୍ଠାଶୀ ନିଖୁରା ପଞ୍ଚାୟତର ପାଳପଡା, ତଡ଼ ପାଳପଡ଼ା ଓ କୁମାରୀ ପଞ୍ଚାୟତର ନୂଆସାହି ପ୍ରଭୃତି ଗ୍ରାମଗୁଡ଼ିକରେ ବନ୍ୟା ଜଳ ପ୍ରବେଶ କରିବାରେ ଲାଗିଛି। ଯାହା ଫଳରେ ତଳିଆ ଅଞ୍ଚଳର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି।

## ୬ରେ କୁଡୁମୀ ସେନାର କଳା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ




ବେତନଟୀ,୩୧।୮ (ସଂଚାର ବ୍ୟୁରୋ): କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ ଙ୍କ ଆହ୍ୱାନ କ୍ରମେ କୁଡୁମୀ ଛାତ୍ର ସେନା ର ଗୌତମ ମହାନ୍ତ ଙ୍କ ନେତୃତ୍ୱ ରେ ପୂର୍ବ ବର୍ଷ ପରି ଏବର୍ଷ ମଧ୍ୟ କଳା ଦିବସ ପାଳନ ପାଇଁ ବେତନଟୀ ର ଡାକ ବଙ୍ଗଳା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି | ଏହି ବୈଠକ ରେ ଆଗାମୀ ସେପ୍ଟେମ୍ବର ୬ ରେ କୁଡୁମୀ ସେନା କିପରି ଦିଲ୍ଲୀ ର ଯନ୍ତର ମନ୍ତର ଠାରେ ଓ ଓଡିଶା ର ସବୁ ଜିଲ୍ଲା ଓ ସଦରମହକୁମା ରେ କଳା ଦିବସ ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା ଏବଂ ଏହି ପରିପେକ୍ଷୀ ରେ ଆଗାମୀ ସେପ୍ଟେମ୍ବର ୨ ରେ ରାଇରଙ୍ଗପୁର ଓ ସେପ୍ଟେମ୍ବର ୫ ରେ ବାରିପଦା ରେ ମସାଲ ସଭାଯାତ୍ରା ର ଆୟୋଜନ ବିଷୟ ରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ କୁଡୁମୀ ଛାତ୍ର ସେନାର ମାନୋଗୋବିନ୍ଦ ମହାନ୍ତ, ଦୀନବନ୍ଧୁ ମହାନ୍ତ, ଭୀଷ୍ମ ମହାନ୍ତ,ଚନ୍ଦନ ମହାନ୍ତ, ମୋନଜ ମହାନ୍ତ, ରାଜେନ୍ଦ୍ର ମହାନ୍ତ, ଦେବବ୍ରତ ମହାନ୍ତ, ଖିରୋଦ ମହାନ୍ତ, ଆକାଶ ମହାନ୍ତ, ଦୈତାରୀ ମହାନ୍ତ ଓ ଚନ୍ଦନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ |

## ଗିରିକାନପଲ୍ଲୀରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

### ୪୫ଟି ସମସ୍ୟାର ଶୁଣାଣି କଲେ ଜିଲ୍ଲାପାଳ




ମାଲକାନଗିରି,୩୧।୮ (ସଂଚାର ବ୍ୟୁରୋ): ଗିରିକାନପଲ୍ଲୀ ଗ୍ରାମପଞ୍ଚାୟତ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ଯୋଗଦେଇ ନିଜ ନିଜର ସମସ୍ୟା ବିଷୟରେ ପ୍ରଶାସନକୁ ଅବଗତ କରାଇଥିଲେ। ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗକୁ ଗମ୍ଭୀରତାର ସହ ଶୁଣିବା ସହିତ ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଏହି ଶିବିରରେ ସମୁଦାୟ ୪୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୦ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୩୫ଟି ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ମୁଖ୍ୟତଃ ପାନୀୟ ଜଳ ଯୋଗାଣ, ନଳକୂପ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଣ, ଗ୍ରାମୀଣ ରାସ୍ତାଘାଟର ନିର୍ମାଣ ଓ ମରାମତି, ବିଦ୍ୟୁତ ସେବାରେ ସଂସ୍କାର, ଲୋ-ଭୋଲଟେଜ୍ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ନୂତନ ରାସନ କାର୍ଡ ପ୍ରଦାନ ଏବଂ ସ୍ଥାନୀୟ ଜମିବାଡ଼ି ବିବାଦ ଭଳି ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ଅଭିଯୋଗ ଆସିଥିଲା।

ଜନସାଧାରଣଙ୍କ ସମସ୍ୟାର ତୃଣମୂଳ ସ୍ତରରେ ସମାଧାନ ଶେଷରେ, ପଞ୍ଜୀକୃତ ହୋଇଥିବା ସମସ୍ତ ଅଭିଯୋଗଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରି ଆକ୍ସନ ଟେକେନ୍ ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## କୁଶଭଦ୍ରାରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ବାଲିଅନ୍ତା,୩୧।୮ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ଚୌଧୁରୀ ଗଡ଼ା ନିକଟସ୍ଥ କୁଶଭଦ୍ରା ନଦୀରେ ଗାଧୋଇବାକୁ ଯାଇ ପାଣି ସ୍ରୋତରେ ଭାସିଯାଇ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ଜିଡିକାଳ ସୁଆଁଲୋ ଗ୍ରାମର ସନ୍ତୋଷ କାଣ୍ଡିଙ୍କ ଏକମାତ୍ର ପୁଅ ୧୫ ବର୍ଷୀୟ ସୌମ୍ୟରଞ୍ଜନ କାଣ୍ଡି। ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ସୌମ୍ୟଙ୍କୁ ପ୍ରଥମେ ଭିଙ୍ଗାରପୁର ସ୍ଥିତ ଏକ ଘରୋଇ ହସ୍ପିଟାଲ ନେଇଥିଲେ। ହେଲେ ଡାକ୍ତର ସେଠାରେ ସୌମ୍ୟଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ ସୌମ୍ୟରଞ୍ଜନ ସ୍ଥାନୀୟ ଭିଙ୍ଗାରପୁର ବକ୍ସେଶ୍ୱର ଉଚ୍ଚ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପାଠ ପଢ଼ୁଥିଲେ। ସୌମ୍ୟରଞ୍ଜନ ଆଜି ବିଦ୍ୟାଳୟକୁ ନଯାଇ ୫ ଜଣ ସାଙ୍ଗଙ୍କ ସହିତ ମିଶି ଭିଙ୍ଗାରପୁର ନଦୀପଠା ଜଙ୍ଗଲରେ ଭୋଜି କରିଥିଲେ। ଭୋଜି ଭକ୍ଷଣ ସରିବା ପରେ ଅପରାହ୍ଣ ପ୍ରାୟ ୨ଟା ସମୟରେ ଅନ୍ୟ ୨ ଜଣ ସାଙ୍ଗଙ୍କ ସହିତ ଭିଙ୍ଗାର ପୁର ନଦୀକୁ ଗାଧୋଇବାକୁ ଯାଇ ବୁଡିଯାଇଥିଲେ। ସାଥୀ ପିଲାମାନଙ୍କ ପାଟି ଶୁଣି ସ୍ଥାନୀୟ ଲୋକ ସୌମ୍ୟରଞ୍ଜନଙ୍କୁ ନଈରୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲ ନେଇଥିଲେ। ଡାକ୍ତର ସୌମ୍ୟଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ନେଇ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ଅନ୍ୟପକ୍ଷରେ ସୌମ୍ୟଙ୍କ ମୃତ୍ୟୁରେ ବାଲିଅନ୍ତା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବନ୍ୟା ପାଣିରେ ଭାସିଗଲେ ଖବରକାଗଜ ବିକ୍ରେତା

ବାରିପଦା,୩୧।୮ (ସଂଚାର ବ୍ୟୁରୋ): ଜଣେ ଖବରକାଗଜ ବିକ୍ରେତା ଖବର କାଗଜ ବିକ୍ରୀ କରିବାକୁ ଯାଇ ବନ୍ୟା ପାଣିରେ ଭାସି ନିଖୋଜ ହୋଇଛନ୍ତି । ଏହିଭଳି ଏକ ଦୁଃଖଦ ଘଟଣା ଘଟିଅଛି ମୟୁରଭଞ୍ଜ ଜିଲ୍ଲା ଗୋରୁମୋହିଷାଣି ଥାନା ଅଞ୍ଚଳରେ। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଳା ବ୍ଲକ ଅଧୀନ ଆମ୍ବଡିହା ଗ୍ରାମର ଶଶିଧର ଗିରି (୬୫) ପ୍ରତିଦିନ ଭଳି ଆଜି ସକାଳୁ ଖବରକାଗଜ ନେଇ ବାହାରିଥିଲେ ବିକ୍ରୀ କରିବାକୁ । ଗୋରୁମୋହିଷାଣି ଥାନା ଅନ୍ତର୍ଗତ ଆମଡାବେଡା- ନୂଆ ଗାଁ ଠାରେ ନଦୀ ର ପ୍ରୋଖର ସ୍ରୋତରେ ଭାସିଯାଇଛନ୍ତି। ଖବର ପାଇ ଅଗ୍ନିଶ୍ରମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଖୋଜା ଖୋଜି କରିଥିବା ଜାରି ରଖିଥିବା ବେଳେ ଅପରାହ୍ନ ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନାହିଁ ।

## ବିଜେପିରେ ଯୋଗଦେଲେ ବିଭିନ୍ନ ଦଳର କର୍ମୀ



ମାଲକାନଗିରି, ୩୧।୮ (ସଂଚାର ବ୍ୟୁରୋ): 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ' ମନ୍ତ୍ରରେ ଅନୁପ୍ରାଣିତ ହୋଇ ଆଜି ମାଲକାନଗିରି ବିଧାୟକ ନରସିଂହ ମାଡକାମୀଙ୍କ ନେତୃତ୍ୱ ଓ ବିକାଶମୁଖୀ ଜନହିତକର କାର୍ଯ୍ୟ ଜିଲ୍ଲାରେ ପ୍ରସଂଶା ସାଉଁଟି ଥିବା ବେଳେ ବିଜେପି ଦଳର ନୀତି, ଆଦର୍ଶ ଓ ବିକାଶ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଆଜି ବିଧାୟକଙ୍କ କାର୍ଯ୍ୟାଳୟ ଠାରେ ବିଭିନ୍ନ ଦଳର ପୁରୁଖା ନେତା ସମୀର ଗାଇନ, ଗଙ୍ଗା ସୋଡ଼ି, ଭୀମସେନ ପଡ଼ିଆମୀ ଓ ମୁକା କବାସୀଙ୍କ ସମେତ ବହୁ ବ୍ୟକ୍ତି ନିଜ ସମର୍ଥକ ଓ ସାଥୀମାନଙ୍କ ସହ ଦଳରେ ସାମିଲ ହୋଇଛନ୍ତି । ଏହି ଅବସରରେ ନୂତନ ଭାବେ ଦଳରେ ଯୋଗଦେଇଥିବା ସମସ୍ତଙ୍କୁ ବିଧାୟକ ଶ୍ରୀ ମାଡକାମୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହ ଦଳର ନୀତି, ଆଦର୍ଶ ଓ ଜନସେବାକୁ ଆହୁରି ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ।

ଏହି ମିଶ୍ରଣ ପର୍ବ ଆଗାମୀ ଦିନରେ ମାଲକାନଗିରି ଜିଲ୍ଲାରେ ବିଜେପିକୁ ଆହୁରି ସୁଦୃଢ଼ କରିବା ସହ ଜିଲ୍ଲାର ସାମଗ୍ରିକ ବିକାଶରେ ବିଶେଷ ସହଯୋଗ କରିବ ବୋଲି ବିଧାୟକ ଶ୍ରୀ ମାଡକାମୀ ପ୍ରକାଶ କରିଛନ୍ତି।

## ଅଲ୍ ଓଡ଼ିଶା ସିଡ୍ୟୁଲ୍ କାଷ୍ଟ୍ ଫେଡେରେସନ୍‌ର ପ୍ରତିଷ୍ଠା ଦିବସ ପାଳିତ



ଭବାନୀପାଟଣା,୩୧।୮ (ସଂଚାର ବ୍ୟୁରୋ): ଅଲ୍ ଓଡିଶା ସିଡୁଲ୍ କାଷ୍ଟ୍ ଫେଡେରେସନ୍ କଳାହାଣ୍ଡି ୩୦ ଅଗଷ୍ଟ ୨୦୨୧ ପ୍ରତିଷ୍ଠା ହୋଇଥିଲା। ପ୍ରତିବର୍ଷ ୩୦ ଅଗଷ୍ଟକୁ ପ୍ରତିଷ୍ଠା ଦିବସ ରୂପେ ପାଳନ କରାଯାଇ ଆସୁଥିବାବେଳେ ଚଳିତ ବର୍ଷ ମଧ୍ୟ ଅଲ୍ ଓଡିଶା ସିଡୁଲ୍ କାଷ୍ଟ୍ ଫେଡେରେସନ୍‌ର ସଭାପତି ଦିଗାମ୍ବର ଲୁହା ଓ ମହାସଚିବ ଯତୀନ୍ଦ୍ର କରଙ୍କ ଆହ୍ୱାନ କ୍ରମେ ଷଷ୍ଠତମ ପ୍ରତିଷ୍ଠା ଦିବସ ଭବାନୀପାଟଣା ସ୍ଥିତ ଆମ୍ଲା ଭବନ ଠାରେ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବା ସହ ମହାସଚିବ ଯତୀନ୍ଦ୍ର କର ପାରମ୍ଭିକ ଫେଡେରେସନ୍‌ର ବିବରଣୀ ସହ ସଭା ପରିଚାଳନ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ଜୟ ପ୍ରକାଶ ଜାଲ ସହ ପରିଚାଳନା କରିଥିଲେ ।

ମୁଖ୍ୟ ଅତିଥି ରୂପେ ଫେଡେରେସନ୍‌ର ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ଭାରତୀ, ସମ୍ମାନିତ ଅତିଥି କାର୍ଯ୍ୟକାରୀ ସଭାପତି ଆଇଜିବି ଦିଗାମ୍ବର ଦୁରିଆ ,ଆଇନ ପରାମର୍ଶ ଦାତା -ଛବି ଲାଲ ନିଆଲ, ସତ୍ନାମି ସମାଜ ର ଜିଲ୍ଲା ସଭାପତି କ୍ଷେତ୍ର ମୋହନ ସେନାପତି, ବରିଷ୍ଠ ଉପ ସଭାପତି ଧବଳେଶ୍ୱର ନାଗ, କାର୍ଯ୍ୟକାରୀ ସଭାପତି କଞ୍ଚେଶ୍ୱରି ବାଗ, ଅଜୟ ଦୀପ, ଅବସର ପ୍ରାପ୍ତ ଶିକ୍ଷ୍ୟା ଅଧିକାରୀ ଗୁଣନିଧି ବାଗ, ସମ୍ପାଦକ ତଥା ଆଇନଜିବି ଖଗେଶ୍ୱର ପାଣିଗ୍ରାହୀ, ବରିଷ୍ଠ ସମାଜସେବୀ -ଦୟାନିଧି ନାଏକ ,କୋଷାଧ୍ୟକ୍ଷ କୌସିକ ଦୁରିଆ,ଭୀମ ଆର୍ମୀ ରଶ୍ମି ରଂଜନ ସୁନା, ଅବସର ପ୍ରାପ୍ତ କୃଷି ଅଧିକାରୀ ଚକ୍ର ଧର ବେଣୁ ପାଣି ମଞ୍ଚାସିନ ଥିଲେ ।

ଉକ୍ତ କାର୍ଯ୍ୟ କ୍ରମରେ ସମାଜର ବରିଷ୍ଠ ଓ ସକ୍ରିୟ ଆମ୍ବେଦକର ବାଦି କାର୍ଯ୍ୟକର୍ତ୍ତା ଯଥା ରାଜେନ୍ଦ୍ର ଭାରତୀ, ରାମ ସ୍ୱାମୀ ନାଏକ୍, ଧବଳେଶ୍ୱର ନାଗ, ଗୁଣ ନିଧି ବାଗ, ଅଭିମନ୍ୟୁ ବିଶି, ପୁରନ୍ଦର କରୁଆଁ, ଜନ୍ମେ ଜୟ କୁମାର (ପୂର୍ବତନ କ୍ୟାପଟେନ), ବନମାଳୀ ବାଗ, ବୈଦ୍ୟନାଥ ନାଏକ, ଢଗ ମାଲିଆ ନାଏକ, ଦୟାନିଧି ନାଏକ, ଯୁଧିଷ୍ଠିର ଭଗତ, ଜୟ ପ୍ରକାଶ ଜାଲ, ଅଭିରାମ ସାଗର, ମୌସିକ ମଙ୍ଗରାଜ, ଶ୍ରୀକାନ୍ତ ଛତ୍ରିଆ, ସମ୍ପତି ବେହେରା, ଅଭିମନ୍ୟୁ ବିଶି ,ଗୁଣନିଧି ବାଗ,ଧୀରେନ୍ଦ୍ର ସୁନାନୀ, ଅଭିଜିତ୍ କର, ରମେଶ ଚନ୍ଦ୍ର ଦୁର୍ଗା, ସମାଜର ବରିଷ୍ଠ ସାମାଜିକ କାର୍ଯ୍ୟକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

ବକ୍ତା ଓ ଅତିଥିମାନେ ମହାସଂଘ ସୁସଂଗଠିତ ସମାଜ ଗଠନ କରିବା ସହ ଶିକ୍ଷା, ସାମାଜିକ, ଅର୍ଥାନିତିକ, ସାମ୍ବିଧାନିକ ଅଧିକାର, ବହୁଜନ ବିଚାରକୁ ପ୍ରନ୍ତ ସ୍ତରରେ ପହଞ୍ଚାଇ ନ୍ୟାୟ, କ୍ଷମତା, ସ୍ୱତନ୍ତ୍ରତା ଓ ବନ୍ଧୁତା ସମାଜ ସ୍ଥାପନ କରି ସମାଜକୁ ମୁଖ୍ୟ ସ୍ରୋତ ରେ ସାମିଲ କରିବା ପାଇଁ ସଂକଳ୍ପ କରିଥିଲେ ।

## ମେଗା ପୋର୍ଟ ଭାବେ ଘୋଷିତ ହେବ ପାରାଦୀପ ବନ୍ଦର

ପାରାଦୀପ,୩୧।୮ (ସଂଚାର ବ୍ୟୁରୋ): ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ପାରାଦୀପ ବନ୍ଦରକୁ ମେଗା ପୋର୍ଟ ଭାବେ ଘୋଷଣା କରାଯିବ। ଏଭଳି ସୂଚନା ଦେଇଛନ୍ତି ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ୍. ହରନାଧ। ଆଜି ତାଙ୍କ ଚାକିରି କାଳର ଶେଷ ଦିନ ହୋଇଥିବା ବେଳେ ସେ ବିଧିବଦ୍ଧ ଭାବେ ଅବସର ଗ୍ରହଣ କରୁଛନ୍ତି। ୨୦୨୧ ମସିହା ଅକ୍ଟୋବର ୨୧ରୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଶ୍ରୀ ହରନାଧଙ୍କ ପାଞ୍ଚବର୍ଷର କାର୍ଯ୍ୟକାଳରେ ପାରାଦୀପ ବନ୍ଦର ଅନେକ ସଫଳତା ହାସଲ କରିଛି। ସର୍ବଭାରତୀୟ ସ୍ତରରେ ପାରାଦୀପ ପୋର୍ଟ ଏକ ନମ୍ବର ବନ୍ଦର ଭାବେ ପରିଗଣିତ ହେବା ତାଙ୍କ କାର୍ଯ୍ୟକାଳର ଏକ ବଡ଼ ସଫଳତା ବୋଲି ସେ ପ୍ରକାଶ କରିଛନ୍ତି।

ନିଜ କାର୍ଯ୍ୟକାଳର ସଫଳତାର ଶ୍ରେୟ ସେ ପାରାଦୀପ ବନ୍ଦରର ସମସ୍ତ କର୍ମଚାରୀ, ବ୍ୟବସାୟିକ ସଂସ୍ଥା ଏବଂ ପାରାଦୀପ ଅଞ୍ଚଳବାସୀଙ୍କୁ ଦେଇଛନ୍ତି। ପାରାଦୀପବାସୀଙ୍କ ସହଯୋଗ ଓ ଭଲପାଇବା ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଆଗାମୀ ଦିନରେ ପାରାଦୀପ ବନ୍ଦରର ବିକାଶକୁ ଆହୁରି ଗତି ଦେବା ପାଇଁ ପାଇପ୍ ଯୋଗେ ଗ୍ୟାସ ଯୋଗାଣ, ବନ୍ଦର ମଧ୍ୟକୁ କ୍ୟାପ୍ ସାଇଜ୍ ଜାହାଜ ପ୍ରବେଶ ଏବଂ ପଣ୍ୟ କାରବାର କ୍ଷମତା ବୃଦ୍ଧି ଭଳି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ହେବ। ଏହି ପଦକ୍ଷେପଗୁଡ଼ିକ ପାରାଦୀପ ପୋର୍ଟକୁ ଆଗାମୀ ଦିନରେ ଆହୁରି ଆଗକୁ ନେବ ବୋଲି ଶ୍ରୀ ହରନାଧ ପ୍ରକାଶ କରିଛନ୍ତି।

## ଭୋଟର ସଂଶୋଧନରେ ଅନିୟମିତତା ନେଇ ବିଡିଓଙ୍କୁ ସ୍ମାରକପତ୍ର



ନିଶ୍ଚିନ୍ତକୋଇଲି,୩୧।୮ (ସଂଚାର ବ୍ୟୁରୋ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକରେ ଭୋଟର ତାଲିକାର ବିଶେଷ ଭାବରେ ଯାଞ୍ଚ ଓ ସଂଶୋଧନରେ ଅନିୟମିତତା ହୋଇଥିବା ନେଇ ଏହାର ପ୍ରତିବାଦରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୱିବେନ୍ଦୁ ଦାସଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସଂଶୋଧନ ଆଳରେ ତାଲିକାରୁ ସାଧାରଣ ଜନତା ଓ ସଂଖ୍ୟାଲଘୁ ସମ୍ପ୍ରଦାୟର କେତେକ ବ୍ୟକ୍ତିମାନଙ୍କ ନାମକୁ ଜାଣିଶୁଣି ମତଦାତା ତାଲିକାରୁ (ଭୋଟର ଲିଷ୍ଟ)ରୁ ବାଦ୍ ଦିଆଯାଇଛି। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ସାଧାରଣ ନାଗରିକଙ୍କ ସାମ୍ବିଧାନିକ ତଥା ଗଣତାନ୍ତ୍ରିକ ଅଧିକାରର ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଛି ବୋଲି ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏହି ତ୍ରୁଟିପୂର୍ଣ୍ଣ ତାଲିକା ପ୍ରସ୍ତୁତ ହୋଇଥିବାରୁ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜନୈତିକ ଚାପର ବଶବର୍ତ୍ତୀ ନହୋଇ ପ୍ରଶାସନିକ ଅଧିକାରୀ ମାନେ ପୁନଃ ତଦନ୍ତ କରି ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ନାଗରିକ ମାନଙ୍କ ନାମ ସଂଯୋଗ କରିବା ପାଇଁ ବିଜୁ ଜନତା ଦଳ ଦାବି ରଖିଛି।

ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡ଼ି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ଜିଲ୍ଲାପରିଷଦ ସଭ୍ୟଙ୍କ ସମେତ ବହୁ ବିଜେଡ଼ି କର୍ମୀ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ସାଧାରଣ ମତଦାତା ଉପସ୍ଥିତ ଥିଲେ।

## ବିକଟାଳ ଶବ୍ଦ କରି ଚାଲୁଥିବା ୮ଟି ବୁଲେଟ ଜବତ

ପଟ୍ଟାମୁଣ୍ଡାଇ,୩୧।୮ (ସଂଚାର ବ୍ୟୁରୋ): ସମ୍ପ୍ରତି ନୂତନ ଭାବେ ପରବର୍ତ୍ତିତ ସାଇ ଲେନସର ଥାଇ ପ୍ରସ୍ତୁତ ବୁଲେଟ ମୋଟର ସାଇକେଲ ଚାଲିବା ବେଳେ ବିକଟାଳ ଶବ୍ଦ କରୁଥିବାରୁ ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଇଛି । ବିଶେଷ କରି ହୃଦ ରୋଗୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏ ସମ୍ପର୍କ ଅଭିଯୋଗ ପାଇଁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ସଜାଗ ହୋଇଛି ।ଆଜି ପଟ୍ଟାମୁଣ୍ଡାଇ ଆଦର୍ଶ ଆଇ ଆଇ ସି ମାନସ ରଞ୍ଜନ ମଲ୍ଲିକ ବାଇକ ତନଖି କରୁଥିବା ବେଳେ ଏଭଳି ବୁଲେଟ ମୋଟର ସାଇକେଲ ତାଙ୍କ ହାବୁଡ଼ରେ ପଡିଥିଲା । ଆଇ ଆଇ ସି ଶ୍ରୀମଲ୍ଲିକ ୮ଟି ବୁଲେଟ ମୋଟର ସାଇକେଲ ଜବତ କରି ଥାନାରେ ଅଟକ ରଖିଛନ୍ତି । ପଟ୍ଟାମୁଣ୍ଡାଇ ଆଇ ଆଇ ସିଙ୍କ ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ସ୍ୱାୟତ୍ତ ଶାସନ ଦିବସ -୨୦୨୬ ପାଳିତ



ନୀଳଗିରି,୩୧।୮ (ସଂଚାର ବ୍ୟୁରୋ): ନିଖିଳ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସର ରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ମହା ଆଡମ୍ବରରେ ସ୍ୱାୟତ୍ତ ଶାସନ ଦିବସପାଳିତ ହୋଇ ଯାଇଛି। ନୀଳଗିରିକୁ ଅଧିକ ସରସସୁନ୍ଦରକରିଗଢ଼ିତୋଳିବାର ଅଭିପ୍ରାୟକୁ ପାଥେୟ କରି ଆଜି ଦିବା ୯ ଘଟିକା ସମୟରେ ନୀଳଗିରି ର ମାନ୍ୟବର ବିଧାୟକଙ୍କ ଉପସ୍ଥିତି ରେ ବହୁ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଉଦ୍ଘାଟନ ଓ ଶିଳାନ୍ୟାସ ହୋଇଥିଲା।ଯାହାର ମୋଟ ଅଟକଳ ମୂଲ୍ୟ ୩କୋଟି୮୫ଲକ୍ଷ ଟଙ୍କା ର ଶୁଭ ଉଦଘାଟନ ଓ ଶିଳାନ୍ୟାସ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ବିଧାୟକଙ୍କ ଉପସ୍ଥିତିରେ ସମ୍ପାଦିତ ହୋଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ର ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ବେହେରା,କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ସମସ୍ତ ପାରିଷଦ ବୃନ୍ଦ, ମଧୁସ୍ମିତାସାମନ୍ତରାୟ, ପ୍ରକଳ୍ପ ପ୍ରଶାସିକା ଆଇଟିଡିଏ, ଉପଜିଲ୍ଲାପାଳ ଶୁଭଶ୍ରୀ ରଥ,ବରିଷ୍ଠ ନାଗରିକ ବୃନ୍ଦଉପସ୍ଥିତଥିଲେଏହିଅବସରରେ ସରକାରଙ୍କ ଯୋଜନାର ସଫଳ ରୂପାୟନ ସ୍ୱରୂପ ହିତାଧୀକାରୀଙ୍କୁ ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସଯୋଜନାରେ ଯଥା ସମୟରେ ଗୃହ କାର୍ଯ୍ୟ ସମାପ୍ତ କରିଥିବା ହିତାଧିକାରୀ ଙ୍କୁ ପ୍ରଧାନମନ୍ତ୍ରୀ - ବନ୍ଧୁ ଯୋଜନା ଅନ୍ତର୍ଗତ ୨୫୦୦୦/- ଟଙ୍କା ସହାୟତା ରାଶି ପ୍ରଦାନକରାଯାଇ ଥିଲା। ନୂତନ ଭାବେ ନିର୍ମିତ ହୋଇଥିବା ଦୋକାନ ଘରର ଚାବି ମଧ୍ୟ ହିତାଧିକାରୀଙ୍କୁ ପ୍ରଦାନ କରା ଯାଇଥିଲା। ମୋଟ ୧୫ ଜଣଙ୍କୁ ବିଭିନ୍ନ ଯୋଜନା ଅନ୍ତର୍ଗତ ଲାଭାଂଶ ପ୍ରଦାନ କରାଯାଇଥିଲା। ୪ ଜଣ କୃତୀ ବ୍ୟକ୍ତିତ୍ୱ ଯଥା - କ୍ରିଡ଼ା, ସ୍ୱଚ୍ଛ ପରିମଳ, ସଫଳ ବୁଲା ବିକାଳୀ, ପିଏମ୍ ଷ୍ଟ୍ରିଷ୍ଟ ଭେଣ୍ଡର ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯିବା ସହିତ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ମହୋଦୟ ଓ ସମସ୍ତ ପାରିଷଦ ବୃନ୍ଦଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା।

### ଆନନ୍ଦପୁର ପୌରପାଳିକା ପାଳିଲା ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ

# ମାଳ ମାଳ ସମସ୍ୟାରେ ଜର୍ଜରିତ ପୌରପାଳିକା




ଆନନ୍ଦପୁର,୩୧।୮ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରପାଳିକାରେ ଆଜି ପାଳିତ ହେଉଛି ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ। ହେଲେ ଏହି ଦିବସରେ ପୌରପାଳିକାର ବିକାଶ ଓ ସହରବାସୀଙ୍କ ସମସ୍ୟାକୁ ନେଇ ଉଠିଛି ଅନେକ ପ୍ରଶ୍ନ। କାରଣ ସହରରେ ଗୋଟିଏ ନୁହେଁ, ମାଳ ମାଳ ସମସ୍ୟା ଲାଗି ରହିଥିବା ଅଭିଯୋଗ ହେଉଛି। ସହରର ରାସ୍ତାଘାଟର ବିକଳ ଚିତ୍ର ହିଁ ବୟାନ କରୁଛି ବିକାଶର ବାସ୍ତବ ସ୍ଥିତି। ଅନେକ ସ୍ଥାନରେ ରାସ୍ତା ଖରାପ ହୋଇଥିବା ବେଳେ ଯାତାୟାତରେ ଲୋକେ ହଇରାଣ ହେଉଛନ୍ତି।

ସେପଟେ ଫକୀରପୁର ଡାକ୍ତରଖାନା ଓ ସହରାଞ୍ଚଳ ଡାକ୍ତରଖାନା ପାଇଁ କୋଠା ନିର୍ମାଣ ହୋଇଥିଲେ ମଧ୍ୟ ତାଲା ଝୁଲୁଥିବା ଅଭିଯୋଗ ହେଉଛି। ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଗଦା ହୋଇ ପଡ଼ି ରହିଥିବା ଏବଂ ନିୟମିତ ସଫେଇ ହେଉନଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ସ୍ୱଚ୍ଛ ସହରର ନାରା ମଧ୍ୟରେ ଏହି ଅଳିଆ ଗଦା କାହାକୁ ଦେଖାଯାଉନି ବୋଲି ପ୍ରଶ୍ନ ଉଠୁଛି। ଆଲୋକୀକରଣ ବ୍ୟବସ୍ଥାକୁ ନେଇ ମଧ୍ୟ ଅସନ୍ତୋଷ ଦେଖାଦେଇଛି। ଆନନ୍ଦପୁର ବଡ଼ଦାଣ୍ଡରେ ହୋଇଥିବା ଆଲୋକୀକରଣ ବ୍ୟବସ୍ଥାରେ ଖର୍ଚ୍ଚ ଓ କାମର ମାନକୁ ନେଇ ଉଠିଛି ପ୍ରଶ୍ନ। ଏହାର ସ୍ୱଚ୍ଛତା ଓ ଖର୍ଚ୍ଚର ସବିଶେଷ ତଥ୍ୟ ସାର୍ବଜନୀନ କରାଯିବ କି ବୋଲି ଦାବି ହେଉଛି।

ସେହିପରି ମୂଲ୍ୟବାନ ସରକାରୀ ଜମିରେ ବିନା ଆବଶ୍ୟକ ଅନୁମତିରେ କମ୍ୟୁନିଟି ହଲ୍ ନିର୍ମାଣ କରାଯାଇ କିଛି ବ୍ୟକ୍ତିଙ୍କୁ ଦିଆଯାଉଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ଦଧିବାମନ ଜୀଉଙ୍କ ମନ୍ଦିର ପରିସରରେ ଥିବା ଲକ୍ଷ୍ମୀ ମନ୍ଦିର ପାଇଁ ଆସିଥିବା ଲକ୍ଷ ଲକ୍ଷ ଟଙ୍କା ଦୀର୍ଘ ଚାରି ବର୍ଷ ଧରି ବ୍ୟବହାର ହୋଇନଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଶବଦାହ ଗୃହ ନିର୍ମାଣ ପାଇଁ ଆସିଥିବା ଅର୍ଥ କେଉଁଠି ଖର୍ଚ୍ଚ ହେଲା ? ପୌରପାଳିକା ଅଧୀନ ଦେବୋତ୍ତର ବିଭାଗର ମନ୍ଦିରଗୁଡ଼ିକର ଉନ୍ନତି ପାଇଁ ଆସିଥିବା ଅର୍ଥର ବିନିଯୋଗ କେଉଁଠି ହେଲା ? ଏସବୁର ହିସାବ ଦେବାକୁ ଦାବି ହେଉଛି। ପାର୍କ ଉନ୍ନତିକରଣ ପାଇଁ ଆସିଥିବା ଅର୍ଥର ବ୍ୟବହାରକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ଅନ୍ୟପଟେ ଛଅଟି ୱାର୍ଡର ଲୋକେ ନିର୍ଭର କରୁଥିବା ବନ୍ଧପୋଖରୀର ପୁନରୁଦ୍ଧାର ନହେବା ଏବଂ ଡ୍ରେନର ନର୍ଦ୍ଦମା ପାଣି ପୋଖରୀକୁ ଛଡ଼ାଯାଉଥିବା ଅଭିଯୋଗ ପରିବେଶ ଓ ସ୍ୱାସ୍ଥ୍ୟକୁ ନେଇ ଚିନ୍ତା ବଢ଼ାଇଛି। ପୌରପାଳିକାର ଜମିକୁ ନେଇ ମଧ୍ୟ ଅଭିଯୋଗ କମ୍ ନୁହେଁ। ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିଙ୍କୁ ପୌରପାଳିକା ଜମି ବ୍ୟବହାର ପାଇଁ ସୁଯୋଗ ଦିଆଯାଉଥିବା ନେଇ ଅଭିଯୋଗ ହୋଇଛି। ଡ୍ରେନରେ ଠିକ୍ ଭାବେ ପାଣି ନିଷ୍କାସନ ନହେବାରୁ ରାସ୍ତା ଖୋଳି ପାଣି ନିଷ୍କାସନ କରିବା ଭଳି ପରିସ୍ଥିତି କାହିଁକି ସୃଷ୍ଟି ହେଉଛି ? ଡ୍ରେନେଜ୍ ବ୍ୟବସ୍ଥାର ସ୍ଥାୟୀ ସମାଧାନ କେବେ ହେବ ?

ତେବେ ଏତେ ସବୁ ସମସ୍ୟା ମଧ୍ୟରେ ଆଉ ଏକ ଘଟଣା ଏବେ ଚର୍ଚ୍ଚାକୁ ଆସିଛି। ରାଜସ୍ୱ ଆଦାୟରେ ଆନନ୍ଦପୁର ପୌରପାଳିକା ରାଜ୍ୟରେ ତୃତୀୟ ସ୍ଥାନ ହାସଲ କରି ୫୦ ଲକ୍ଷ ଟଙ୍କା ପୁରସ୍କାର ପାଇଥିବା କୁହାଯାଉଛି। ଏକପଟେ ରାଜସ୍ୱ ଆଦାୟରେ ପୌରପାଳିକାର ସଫଳତା, ଅନ୍ୟପଟେ ରାସ୍ତା, ସଫେଇ, ଡ୍ରେନେଜ୍, ସ୍ୱାସ୍ଥ୍ୟସେବା, ପାର୍କ, ମନ୍ଦିର ଓ ସରକାରୀ ସମ୍ପତ୍ତିକୁ ନେଇ ଅଭିଯୋଗ, ଏହି ଦୁଇଟି ଚିତ୍ର ମଧ୍ୟରେ ଏବେ ଆନନ୍ଦପୁର ସହରବାସୀ ଉତ୍ତର ଖୋଜୁଛନ୍ତି।




# ପିଲାଙ୍କର ଡାଇରିଆ ପାଇଁ ଉପଚାର



ତହ ତହ ମୁଣ୍ଡ ଉପରେ ଖରା, ତତଲା ଝାଞ୍ଜିରେ ବାହାରକୁ ବାହାରିବା ବେଳକୁ ଦେହ ମୁଣ୍ଡ ପୋଡ଼ି ଦେଲାଭଳି ମନେ ହେଉଛି। ସକାଳ ଆଠଟାରୁ ଏକ ପ୍ରକାର ଓଡ଼ିଶା ଜଳିବା ଆରମ୍ଭ ହୋଇଯାଉଛି। ଭାରତର ସବୁଠୁ ଉତ୍ତପ୍ତ ସହର ଭାବେ ଝାରସୁଗୁଡ଼ା ୪୪.୬ ଡିଗ୍ରୀ ତାପମାତ୍ରାରେ ଗତକାଲି ଅର୍ଥାତ୍ ଅପ୍ରେଲ ୨୩ ତାରିଖରେ ରେକର୍ଡ଼ କରିଛି। କେବଳ ସେତିକି ନୁହେଁ ଓଡ଼ିଶାର ପାଖାପାଖି କୋଡିଏରୁ ଊର୍ଦ୍ଧ୍ୱ ସହରରେ ଦିନର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକକୁ ଡେଉଁଛି। ଖରାବେଳ ସମୟରେ ତାତିର ଏକ ପ୍ରକାର ଭୟଙ୍କର କର୍ଫ୍ୟୁ କବଳକୁ ପୁରା ଓଡ଼ିଶା ଚାଲି ଆସୁଛି। ଦେଶରେ ଉତ୍ତପ୍ତ ସହର ତାଲିକାରେ ପ୍ରଥମ ଦଶ ମଧ୍ୟରେ ଓଡ଼ିଶାର ସ୍ଥାନ ଛଅ ନମ୍ବରରେ ରହିଛି। ରାତିରେ ମଧ୍ୟ ଅନେକ ଜିଲ୍ଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସରକାରୀ ଭାବେ ଅଠରଟି ଜିଲ୍ଲାରେ ୨୩ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି ଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଏ ସବୁ ଭିତରେ ସବୁଠାରୁ ବଡ଼ ଉଦବେଗର ପ୍ରସଙ୍ଗ ହେଉଛି ଯେ ଯେଉଁ ପ୍ରକାର ଗୁଲୁଗୁଳି ଅନୁଭୂତ ହେଉଛି ଏହାର ଭୟାନକ ପ୍ରଭାବ ଛୋଟପିଲା ଓ ବିଶେଷକରି ନବଜାତକଙ୍କ ଉପରେ ପଡୁଛି।

ସବୁ ଠିକ୍ ଚାଲିଥିବ, କିନ୍ତୁ ପିଲା ମାନଙ୍କ ପେଟ ସାମାନ୍ୟ ଗୋଳମାଳ ହୋଇଗଲେ ଆଉ କିଛି ଭଲ ଲାଗିବନି। ଟାଣ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳିରେ ପେଟ ଗୋଳମାଳ ହେବା କିଛି ନୂଆ କଥା ନୁହେଁ। ସମସ୍ୟା ଏହି ସମୟରେ ଡାଇରିଆ ଆଡ଼କୁ ମଧ୍ୟ ଚାଲିଯାଏ। ଯେ କୌଣସି ସମୟରେ ଯିଏ ବି ଏହାର ଶିକାର ହେବାର ଆଶଙ୍କା ରହିଥାଏ। ଖରାରେ ଖାଦ୍ୟ ସଂକ୍ରମଣ ଏବଂ ଅନ୍ୟ ଖାଦ୍ୟଜନିତ ସମସ୍ୟାରୁ ଏପରି ହୋଇପାରେ। ଏଥିରେ ଦିନକୁ ତିନିରୁ ଚାରିଥର ପତଳା ଝାଡ଼ା ହୋଇ କିଛି ଦିନ ଲାଗି ରହିଲେ ଶରୀରରୁ ଜଳୀୟ ଅଂଶ କମିଯାଏ। ଏହାଦ୍ୱାରା ଅବସ୍ଥା ଡିହାଇଡ୍ରେସନରେ ପହଞ୍ଚେ। ଓଜନ କମିଯାଏ। ତଳିପେଟରେ ଯନ୍ତ୍ରଣା, ପେଟ ଫୁଲିବା ଓ ମୁଣ୍ଡ ବୁଲାଇବା ଭଳି ଲକ୍ଷଣ ପ୍ରକାଶ ପାଏ। ସପ୍ତାହେ ଯାଏ ରହିଲେ ଅବସ୍ଥା ସାଂଘାତିକ ହୋଇଯାଏ। ସମ୍ପ୍ରତି ଟାଣ ଖରା ଓ ଅଚାନକ କାଳବୈଶାଖୀ ପିଲା ମାନଙ୍କ ସ୍ୱାସ୍ଥ ଅବସ୍ଥାକୁ ଅଧିକ ବିଗିଡ଼େଇବାର ସମ୍ଭାବନା ଥାଏ।

ପିଲାମାନଙ୍କ ଡାଇରିଆ ପଛରେ ବିଭିନ୍ନ ପ୍ରକାର କାରଣ ରହିଛି। ସେଥିମଧ୍ୟରେ ରହୁଛି ଭାଇରାଲ କିମ୍ବା ବ୍ୟାକ୍ଟେରିଆଲ ସଂକ୍ରମଣ, ଫୁଡ଼ ଇନଟଲେରାନ୍ସ, ଦୂଷିତ ଖାଦ୍ୟ ଓ ପେନିସିଲିନ ଭଳି କିଛି ଔଷଧ, ଇଣ୍ଟେଷ୍ଟିନାଲ ବା ଅନ୍ତ୍ରଜନିତ ରୋଗ, ଇନଫ୍ଲାମେଟୋରୀ ବାୱେଲ ଡିଜିଜ କିମ୍ବା ସେଲିଆକ ଡିଜିଜ। ଷ୍ଟୋମାକ ସର୍ଜରୀ ବା ଗଲ ବ୍ଲାଡ଼ର ବାହାର କରିଦିଆଯିବା ପରେ ଡାଇରିଆରେ କିଛି ବ୍ୟକ୍ତି ପୀଡ଼ିତ ହୁଅନ୍ତି। ଗ୍ୟାସ ସୃଷ୍ଟି କରୁଥିବା ଖାଦ୍ୟ ବ୍ରୋକୋଲି, ଲଙ୍କା, ବିନ, ବେରିଜ, ଚିକେନ, ଶାଗ, କଫି, ଆଲକୋହଲ, କାର୍ବୋନେଟେଡ ଡ୍ରିଙ୍କସ୍ ସହ ରାସ୍ତାକଡ଼ରେ ବିକ୍ରି ହେଉଥିବା ମାଂସ କିମ୍ବା ମାଛ ଖାଇଲେ ଡାଇରିଆ ହେବାର ଆଶଙ୍କା ବେଶୀ।

ତୀବ୍ର ଟାଣ ଖରା, ଗୁଳୁଗୁଳି ଓ ପାଣିପାଗର ଅସ୍ୱାଭାବିକ ଅବସ୍ଥା ସହ ଯଥେଷ୍ଟ ପରିମାଣର ଶରୀରରୁ ଜଳୀୟ ଅଂଶ କମିଗଲେ ପିଲାମାନଙ୍କ ପାଇଁ ବର୍ତ୍ତମାନ ସମୟରେ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇ ପାରେ। ଖରାଦିନେ ସବୁବେଳେ ପିଲାଟି କିପରି ନିର୍ଦ୍ଦିଷ୍ଟ ସମୟ ଅବଧାନରେ ବିଶୋଧିତ ପାଣି ପିଉଛି ସେ ଦିଗକୁ ଦେଖନ୍ତୁ। ବଜାରର ଥଣ୍ଡା ପାନୀୟ, ଥଣ୍ଡା ଖାଦ୍ୟ ଠାରୁ ଯଥା ସମ୍ଭବ ଦୂରେଇ ବରଂ ଘରୋଇ ପ୍ରସ୍ତୁତ ପାନୀୟ ଦିଅନ୍ତୁ। କେତେକ ପିଲାଙ୍କର ଡାଇରିଆ ପ୍ରଭାବରେ ପରିସ୍ରା ଜନିତ ସମସ୍ୟା ମଧ୍ୟ ଦେଖାଯାଏ। ପରିସ୍ରା ଜଳାପୋଡ଼ା ହୁଏ, ଅଳ୍ପ ପରିସ୍ରା ଆସେ ଏବଂ ଅଧିକ କ୍ଷତିକାରକ ହୋଇଥିଲେ ପରିସ୍ରାର ରଙ୍ଗ ତୀବ୍ର ହଳଦିଆ ହୋଇଥାଏ। ତେବେ ଏ ସବୁ କ୍ଷେତ୍ରରେ କୌଣସି ପ୍ରକାର ଭୟଭୀତ ନହୋଇ ସରକାରୀ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଦେଶୀ ଚିକିତ୍ସା, ଗୁଣୀଗାରେଡ଼ି ବିଶ୍ୱାସ ଏ ସବୁ ଆଦୌ ରଖନ୍ତୁ ନାହିଁ। ପିଲାଟିକୁ ଡାଇରିଆ, ଅଂଶୁଘାତ ଯେ କୌଣସି ସମସ୍ୟା ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାର ସୁଯୋଗ ନିଅନ୍ତୁ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର

**ପ୍ରୋବାୟୋଟିକ୍ସ:** ପ୍ରୋବାୟୋଟିକ୍ସରେ ଉପକାରୀ ବ୍ୟାକ୍ଟେରିଆ ରହିଛି। ଲହୁଣୀରେ ଥିବା ଲାକ୍ଟୋବାସିଲସ ଏସିଡୋଫିଲସ ଏବଂ ବିଫିଡୋବ୍ୟାକ୍ଟେରିୟମ ଡାଇରିଆ ଉପଶମ କରିବାରେ ସାହାଯ୍ୟ କରେ।

**କଦଳୀ:** ଡାଇରିଆ ହୋଇଥିଲେ ସୋଡିୟମ ଓ ପଟାସିୟମ ହଜମ କ୍ରିୟା ସ୍ୱାଭାବିକ କରିବାରେ ପ୍ରମୁଖ ଭୂମିକା ନିଭାଏ। ଏଣୁ କଦଳୀ ଖାଇବା ସବୁଠୁ ଭଲ। ଏହା ସହଜରେ ହଜମ ହେବା ସହ ଆବଶ୍ୟକ ସୋଡ଼ିୟମ ଓ ପଟାସିୟମ ଯୋଗାଇ ଦିଏ। ଡାଇରିଆ ପୁରା ଭଲ ହେବାଯାଏ କଦଳୀ ଖାଆନ୍ତୁ।

**ଅଦା:** ପାକସ୍ଥଳୀରେ ସମସ୍ୟା ରହିଥିଲେ ଅଦାରେ ଦୂର ହୋଇଯାଏ। ଅଦା ଚା ଦିନକୁ ଦୁଇ କିମ୍ବା ତିନିଥର ପିଅନ୍ତୁ। ଅଦାରସ ଚାମଚେ ମହୁରେ ମିଶାଇ ଖାଇପାରିବେ।

**ମେଥି:** ଡାଇରିଆ ଚିକିତ୍ସାରେ ଏହା ଲାଗେ। ଏଥିରେ ଅତ୍ୟଧିକ ସୁସିଲେଜ ରହିଛି ଯାହା ଆଣ୍ଟିଡାଇରିଆଲ ଭାବେ କାମ କରେ। ଚାମଚେ ଲହୁଣୀରେ ମେଥି ମିଶାଇ ଖାଆନ୍ତୁ। ସ୍ୱାଦ ଲାଗି ଅଳ୍ପ ଜିରା ପକାଇ ଖାଇପାରିବେ। ଚାମୋମାଇଲ ଟି: ହଜମକ୍ରିୟାର ବିଭିନ୍ନ ଅଂଶକୁ ସହଜରେ ସକ୍ରିୟ ରଖିବାରେ ସାହାଯ୍ୟ କରେ ଚାମୋମାଇଲ ଚା। ଏହାଦ୍ୱାରା ଡାଇରିଆ ଶୀଘ୍ର ଉପଶମ ହୋଇଯାଏ।

**ପାଣି:** ସବୁଠୁଠାରୁ ଗୁରୁତ୍ୱପୂର୍ଣ୍ଣ ପାଣି। ଯେତେ ବେଶୀ ପାଣି ପିଅନ୍ତୁ। ଓରାଲ ପେଡ଼ିଆଟ୍ରିକ୍ସ ହାଇଡ୍ରେସନ ସଲ୍ୟୁସନ ପେଡ଼ିଆଲାଇଟ ପିଲାମାନଙ୍କୁ ଦିଆଯାଏ। ଏଥିରୁ ବି ଅଳ୍ପ ନେଇପାରିବେ।

# ପ୍ରତିଦିନ ସକାଳେ ଖାଆନ୍ତୁ ଅଖରୋଟ



**ପ୍ରତିଦିନ ଅଖରୋଟ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ଲାଭ ମିଳିଥାଏ। କିନ୍ତୁ ଖାଇବା ପୂର୍ବରୁ ଏହାକୁ ଭିଜାଇ ରଖିଲେ ଏହାର ଲାଭ ଆହୁରି ବଢ଼ିଯାଏ। ଭିଜା ଅଖରୋଟ ହଜମ କରିବା ସହଜ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ ହୋଇଥାଏ। ଯାହା ଆମ ଶରୀରକୁ ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। କେହି ମସ୍ତିଷ୍କ ସ୍ୱାସ୍ଥ୍ୟକୁ ବୃଦ୍ଧି କରିବାକୁ ଚାହାଁନ୍ତି କି ହୃଦ୍‌କ୍ରିୟାକୁ ଉନ୍ନତ କରିବାକୁ ଚାହାଁନ୍ତି, ତେବେ ଆସନ୍ତୁ ଜାଣିବା ସକାଳେ ଭିଜା ଅଖରୋଟ ଖାଇବା ଦ୍ୱାରା କ'ଣ ଲାଭ ମିଳିଥାଏ।**

**ମସ୍ତିଷ୍କ ପାଇଁ ଉପକାରୀ:** ଅଖରୋଟକୁ ପ୍ରାୟତଃ "ବ୍ରେନ୍ ଫୁଡ୍" ବୋଲି କୁହାଯାଏ। ଯାହା ଓମେଗା-୩ ଫ୍ୟାଟି ଏସିଡରେ ଭରପୂର। ଭିଜା ଅଖରୋଟ ମସ୍ତିଷ୍କ ବିକାଶ ପାଇଁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ପ୍ରଦାନ କରେ। ଏହା ଏକ ହେଲଦି ଫ୍ୟାଟ୍ ଯାହା ମସ୍ତିଷ୍କ ସ୍ମୃତିଶକ୍ତିକୁ ଉନ୍ନତ କରେ ଏବଂ ସାମଗ୍ରିକ ମାନସିକ ସ୍ପଷ୍ଟତାକୁ ବୃଦ୍ଧି କରେ। ନିୟମିତ ଭାବରେ ସକାଳେ ଭିଜା ଅଖରୋଟ ଖାଇବା ଦ୍ୱାରା ଆପଣଙ୍କୁ ଏହା ସାରା ଦିନ ଆକ୍ଟିଭ ରହିବାରେ ସାହାଯ୍ୟ କରେ।

**ଡାଇବେଟିସ୍:** ଅଖରୋଟ ଇନସୁଲିନ୍ ସମ୍ବେଦନଶୀଳତାକୁ ଉନ୍ନତ କରିବାର କ୍ଷମତା ପାଇଁ ଜଣାଶୁଣା। ଆପଣଙ୍କ ସକାଳର ରୁଟିନରେ ଭିଜା ଅଖରୋଟକୁ ସାମିଲ କରିବା ଦ୍ୱାରା ବ୍ଲଡ୍ ସୁଗାର ଲେବଲ ନିୟନ୍ତ୍ରଣ କରିବାରେ ସାହାଯ୍ୟ ହୋଇପାରେ। ଅଖରୋଟରେ ହେଲଦି ଫ୍ୟାଟ୍, ଫାଇବର ଏବଂ ପ୍ରୋଟିନର ମିଶ୍ରଣ ବ୍ଲଡ୍ ସୁଗାର ସ୍ପାଇକ୍ ହେବାର ସମ୍ଭାବନାକୁ ହ୍ରାସ କରେ ଏବଂ ଗ୍ଲାଇସେମିକ୍ ନିୟନ୍ତ୍ରଣକୁ ଉନ୍ନତ କରେ।

**ହୃଦୟ ପାଇଁ ଲାଭଦାୟକ:** ଭିଜା ଅଖରୋଟ କୋଲେଷ୍ଟ୍ରଲ୍ ଲେବଲ୍ ହ୍ରାସ କରି ହୃଦୟ ସ୍ୱାସ୍ଥ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ଏଥିରେ ପଲିଅନସାଚୁରେଟେଡ୍ ଫ୍ୟାଟ୍, ବିଶେଷକରି ଆଲଫା-ଲିନୋଲେନିକ୍ ଏସିଡ୍ ଭରପୂର ମାତ୍ରାରେ ରହିଛି। ଯାହା ଖରାପ କୋଲେଷ୍ଟ୍ରଲ୍ କମ କରିବା ସହିତ ଭଲ କୋଲେଷ୍ଟ୍ରଲ୍ ବୃଦ୍ଧି କରେ। ଧମନୀରେ ପ୍ଲାକ୍ ଜମାକୁ ରୋକିବା ଏବଂ ହୃଦରୋଗର ଆଶଙ୍କା ହ୍ରାସ କରିବା ପାଇଁ ଏହି ସନ୍ତୁଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

**ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ଧୀର କରେ:** ଅଖରୋଟ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ଯାହା କୋଷଗୁଡ଼ିକୁ କ୍ଷତି ପହଞ୍ଚାଉଥିବା ଫ୍ରି ରାଡିକାଲ୍ସ ସହିତ ଲଢ଼ିଥାଏ ଏବଂ ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ଧୀର କରିଥାଏ। ଭିଜା ଅଖରୋଟର ନିୟମିତ ସେବନ ଫୁଲା ଏବଂ ଅକ୍ସିଡେଟିଭ୍ ଚାପକୁ ହ୍ରାସ କରିପାରେ ଯାହା ଉଭୟ ବାର୍ଦ୍ଧକ୍ୟ ସମ୍ବନ୍ଧୀୟ ରୋଗ ସହିତ ଜଡିତ।

**ପେଟ ପାଇଁ ଲାଭଦାୟକ:** ଭିଜା ହୋଇଥିବା ଅଖରୋଟ କେବଳ ହଜମ କରିବା ସହଜ ନୁହେଁ ବରଂ ଅନ୍ତନଳୀ ସ୍ୱାସ୍ଥ୍ୟରେ ମଧ୍ୟ ଉନ୍ନତି ଆଣିଥାଏ। ଅଖରୋଟ ଫାଇବରର ଏକ ଭଲ ଉତ୍ସ। ଯାହା ପାଚନ କ୍ରିୟାକୁ ସୁସ୍ଥ ରଖେ।

# ଫଳରୁ ଷ୍ଟିକର୍ ଛଡ଼ାଇ ଖାଆନ୍ତୁ

ଖାଦ୍ୟ ଓ ପାନୀୟରେ ଅସାବଧାନତା ଅନେକ ସମୟରେ ମହଙ୍ଗା ପଡ଼ିପାରେ। ନିକଟରେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ଫଳ ଓ ପନିପରିବା ଉପରେ ଷ୍ଟିକର୍ ଲଗାଇବାକୁ ନେଇ ଏକ ଚେତାବନୀ ଜାରି କରିଛନ୍ତି। କହିଛନ୍ତି ଯେ, ଏହି ଷ୍ଟିକର୍‌ଗୁଡ଼ିକର ପଛପଟେ ବ୍ୟବହୃତ ଅଠାଜାତୀୟ ପଦାର୍ଥ ଖାଦ୍ୟ ଉପଯୋଗୀ ନୁହେଁ, ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଆମେ ପ୍ରାୟତଃ ଫଳ ତଥା ପନିପରିବା କିଣିବା ସମୟରେ ସେଥିରେ ଲାଗିଥିବା ଷ୍ଟିକର୍‌ଗୁଡ଼ିକୁ ଅଣଦେଖା କରିଦେଉ। ତେବେ ଏହି ଛୋଟ ଭୁଲ୍ ସମସ୍ୟା ସୃଷ୍ଟି କରିପାରେ। ବିଶେଷଜ୍ଞଙ୍କ ମତରେ, ଷ୍ଟିକର୍‌ଗୁଡ଼ିକରେ ବ୍ୟବହୃତ ଗ୍ଲୁ, କାଳି ଓ ଅନ୍ୟ ରାସାୟନିକ ପଦାର୍ଥ ଶରୀର ପାଇଁ ନିରାପଦ ନୁହେଁ। ତେଣୁ ଖାଇବା ପୂର୍ବରୁ ସେଗୁଡ଼ିକୁ ବାହାର କରିବା ଦରକାର। ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି ଯେ, ଯଦି ଭୁଲ୍‌ବଶତଃ ଏଥିରୁ ଛୋଟ ଖଣ୍ଡଟିଏ ଶରୀର ଭିତରକୁ ଯାଏ, ତେବେ ବିରାଟ କ୍ଷତି କରିପାରେ। ଏହାଦ୍ୱାରା ପେଟ ଖରାପ, ସାମାନ୍ୟ ବାନ୍ତି କିମ୍ବା ପାଚନ ସମସ୍ୟା ଦେଖାଦେଇପାରେ। କେତେକ ସମୟରେ ଶ୍ୱାସରୁଦ୍ଧର ଆଶଙ୍କା ବି ବଢ଼ାଇପାରେ। ତେଣୁ ସତର୍କତା ଅବଲମ୍ବନ କରିବା ଭଲ। ଏହି ବିପଦ ଏଡ଼ାଇବାର ସବୁଠାରୁ ସହଜ ଉପାୟ ହେଉଛି, ଖାଇବା ପୂର୍ବରୁ ଫଳ ଓ ପନିପରିବାକୁ ଭଲ ଭାବେ ଧୋଇ ତା' ଉପରେ ଲାଗିଥିବା ଷ୍ଟିକର୍‌ଗୁଡ଼ିକୁ କାଢ଼ିଦେବା। ଉଷ୍ମ ପାଣିରେ ଅଳ୍ପ ପରିମାଣର କ୍ଲୋରିନ୍ ମିଶାଇ ତାହାକୁ ସଫା କରାଯାଇପାରିବ। ତେବେ ସାବୁନ କିମ୍ବା କୌଣସି ରାସାୟନିକ କ୍ଲିନର୍ ବ୍ୟବହାର କରିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ହୋଇଥାଏ।



# ମୁଣ୍ଡ ବିନ୍ଧା ହେଉଛି କି ?

## ଶରୀରରେ କମି ଯାଇଥିବ ସୋଡିୟମ୍



ଖାଦ୍ୟରେ ସୋଡିୟମ୍‌ର ମାତ୍ରା କମ୍ କରିବା ସ୍ୱାସ୍ଥ୍ୟକର ନିଶ୍ଚୟ। କିନ୍ତୁ ଲଗାତାର ଲୋ ସୋଡିୟମ୍ ଡାଏଟ୍ ନେବା ଶରୀର ପାଇଁ କ୍ଷତିକାରକ ହୋଇପାରେ। ମାଂସପେଶୀର ସକ୍ରିୟତା, ରକ୍ତଚାପ ଓ ଶରୀରରେ ପାଣିର ସନ୍ତୁଳନ ପାଇଁ ସୋଡିୟମ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଧିକାଂଶ ଲୋକଙ୍କୁ ଏକଥା ଜଣା ଯେ ଅଧିକ ଲୁଣ ଶରୀର ପାଇଁ କ୍ଷତିକାରକ। କିନ୍ତୁ ଲଗାତାର ଲୋ ସୋଡିୟମ୍ ଖାଦ୍ୟ ଖାଇବା ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ବିଶେଷକରି ବୟସ୍କ ଲୋକଙ୍କ ପାଇଁ। ଏହି ସମସ୍ୟାକୁ ହାଇପୋନାଟ୍ରେମିଆ କୁହାଯାଏ। ଚାଲନ୍ତୁ ଜାଣିବା କମ୍ ସୋଡିୟମ୍ ଯୋଗୁ ଶରୀରକୁ କେମିତି କ୍ଷତି ପହଞ୍ଚିଥାଏ। ଏହାର ଲକ୍ଷଣ କ'ଣ ଓ କେମିତି କରିପାରିବେ ସନ୍ତୁଳନ ରକ୍ଷା। ମୁଣ୍ଡବିନ୍ଧା, ମାଂସପେଶୀରେ ଯନ୍ତ୍ରଣା ଓ ଭ୍ରମ ସୃଷ୍ଟି ହୋଇଥାଏ।

ଏହାର ସବୁଠାରୁ ବଡ଼ କାରଣ ହେଉଛି ସ୍ୱଳ୍ପ ସମୟ ବ୍ୟବଧାନରେ ଅଧିକ ପାଣି ପିଇବା। ଫଳରେ ରକ୍ତରେ ସୋଡିୟମ୍‌ର ମାତ୍ରା କମ୍ ହୋଇଯାଇଥାଏ। ସେହିପରି ଅଧିକ ପରିଶ୍ରମ ଥିବା ଖେଳର ଖେଳାଳୀମାନଙ୍କଠାରୁ ବାହାରୁଥିବା ଝାଳ ଯୋଗୁ ସେମାନଙ୍କଠାରେ ସୋଡିୟମ୍‌ର ଅଭାବ ଦେଖାଦିଏ। ଏହାବ୍ୟତୀତ ମଧ୍ୟ କେତେକ କ୍ଷେତ୍ରରେ ସୋଡିୟମ୍‌ର ଅଭାବ ଦେଖା ଦେଇଥାଏ। ଯେପରିକି କେତେକ ଔଷଧ, ହାର୍ଟ ଫେଲିୟୋର୍, କିଡ୍‌ନୀ ରୋଗ କିମ୍ବା ଲିଭର୍ ରୋଗ, ମଧୁମେହ, ଲଗାତାର ଡାଇରିଆ ବା ବାନ୍ତି ସମସ୍ୟା, ହର୍‌ମୋନ୍ ଅସନ୍ତୁଳନ ଓ ଅଧିକ ମଦ୍ୟପାନ ଦ୍ୱାରା ସୋଡିୟମ୍‌ର ଅଭାବ ଦେଖା ଦେଇଥାଏ। ଯଦି ହାଇପୋନାଟ୍ରେମିଆ ସମସ୍ୟାକୁ ତୁରନ୍ତ ଡାକ୍ତର ପରାମର୍ଶ ନ କରାଯାଏ, ତେବେ ଏହାର କୁପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ। ଏହା ମୁଖ୍ୟତଃ ମସ୍ତିଷ୍କରେ ଥିବା ସ୍ନାୟୁ କୋଷଗୁଡିକୁ ଜଳଶୁଷ୍କ କରିବା ସହ ନଷ୍ଟ କରିଦେଇଥାଏ। ସ୍ଥିତି ଗମ୍ଭୀର ହୋଇଥିଲେ ସୋଡିୟମ୍ ସ୍ତରକୁ ଧୀରେ ଧୀରେ ବଢାଯାଇଥାଏ। ଶରୀରକୁ ଭଲ ଭାବେ କାମ କରିବା ପାଇଁ ସୋଡିୟମ୍ ଜରୁରି। ସୋଡିୟମ୍‌ର ମୁଖ୍ୟ କାମ ହେଉଛି- ଶରୀରରେ ପାନୀୟର ମାତ୍ରାରେ ସନ୍ତୁଳନ ରକ୍ଷା କରିବା। ସ୍ନାୟୁ ଓ ମାଂସପେଶୀର ସକ୍ରିୟତାରେ ସହଯୋଗ କରିବା ସୋଡିୟମ୍ ସ୍ତରକୁ ସନ୍ତୁଳିତ ରଖିବା ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ପାଣି ପିଅନ୍ତୁ, କିନ୍ତୁ ଥରକେ ଅଧିକ ପାଣି ପିଅନ୍ତୁନି। ସ୍ୱାସ୍ଥ୍ୟକର ଓ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ।

### ସରିଲା ବନ୍ଧ ମରାମତି ହେଲେ ସରୁନି ଦୁଃଖ

# ବନ୍ୟାରେ ପରିବାର ସର୍ବହରା, ମିଳୁନି ସରକାରୀ ସହାୟତା



ଆନନ୍ଦପୁର,୩୧।୮(ସଂଚାର ବ୍ୟୁରୋ): ବୈତରଣୀ ନଦୀର ଆନନ୍ଦପୁର ରିଂ ବନ୍ଧ ଭାଙ୍ଗିବାକୁ ଏକମାସରୁ ଅଧିକ ସମୟ ବିତିଗଲାଣି । ନଦୀବନ୍ଧର ମରାମତି କାମ ପ୍ରାୟ ଶେଷ ହୋଇଛି । ହେଲେ ବନ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କ ଦୁଃଖ ଏବେ ବି ସରିନାହିଁ । କ୍ରମାଗତ ଦୁଇଥର ବନ୍ୟା ପାଣି ଏହି ପରିବାରଗୁଡ଼ିକର ସବୁକିଛି ଛାରଖାର କରିଦେଇଛି । ବନ୍ୟା ମାଡ଼ରେ ଅନେକ ଚାଳଘର ଭୁଶୁଡ଼ି ମାଟିରେ ମିଶିଯାଇଛି। ଘରେ ଥିବା ଚାଉଳ, ଲୁଗାପଟା, ବାସନକୁସନଠାରୁ ଆରମ୍ଭ କରି ବର୍ଷ ବର୍ଷ ଧରି କଷ୍ଟ କରି ସଞ୍ଚୟ କରିଥିବା ଟଙ୍କା ପର୍ଯ୍ୟନ୍ତ ସବୁ ପାଣିରେ ଭାସିଯାଇଛି। ବନ୍ୟା ପରେ ଏବେ ସମ୍ପୂର୍ଣ୍ଣ ସର୍ବହରା ହୋଇପଡ଼ିଛନ୍ତି ଅନେକ ପରିବାର। ମୁଠାଏ ଖାଦ୍ୟ ଏବଂ ମୁଣ୍ଡ ଗୁଞ୍ଜିବାକୁ ଟିକିଏ ଛାତ ଖୋଜୁଥିବା ଏହି ଲୋକଙ୍କ ପାଇଁ ସରକାରୀ ସହାୟତା ଏବେ ବି ଅପେକ୍ଷାରେ । ରାଜ୍ୟ ସରକାର ବନ୍ୟା କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର ସହାୟତା ଯୋଗାଇଦେବା ନେଇ ଘୋଷଣା କରିଛନ୍ତି। କିନ୍ତୁ ଆନନ୍ଦପୁର ପୌରାଞ୍ଚଳର ଏହି କ୍ଷତିଗ୍ରସ୍ତ ପରିବାରଙ୍କ କ୍ଷେତ୍ରରେ ସରକାରୀ ଘୋଷଣା କେବଳ ଘୋଷଣାରେ ସୀମିତ ରହିଥିବା ଅଭିଯୋଗ ହୋଇଛି । କ୍ଷତିଗ୍ରସ୍ତଙ୍କ କହିବା ଅନୁସାରେ, ଏପର୍ଯ୍ୟନ୍ତ ସେମାନଙ୍କୁ ଟଙ୍କାଟିଏ ସରକାରୀ ସହାୟତା ମିଳିନାହିଁ । ଏପରିକି କ୍ଷୟକ୍ଷତିର ଆକଳନ କରିବା ପାଇଁ ମଧ୍ୟ କୌଣସି ସରକାରୀ କର୍ମଚାରୀ କିମ୍ବା ପ୍ରଶାସନିକ ଅଧିକାରୀ ସେମାନଙ୍କ ନିକଟରେ ପହଞ୍ଚିନଥିବା ଅଭିଯୋଗ ରହିଛି । ଫଳରେ ଖାଦ୍ୟ ଓ ଆଶ୍ରୟ ଭଳି ମୌଳିକ ଆବଶ୍ୟକତା ପାଇଁ ସଂଘର୍ଷ କରୁଛନ୍ତି ଏହି ଅସହାୟ ପରିବାର। ବନ୍ୟା ଯନ୍ତ୍ରଣା ପରେ ଏବେ ପ୍ରଶାସନିକ ଉଦାସୀନତା ସେମାନଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି । ବନ୍ଧ ମରାମତି କାମ ପ୍ରାୟ ଶେଷ ହୋଇଥିବା ବେଳେ କ୍ଷତିଗ୍ରସ୍ତଙ୍କ ଜୀବନ କେବେ ସ୍ୱାଭାବିକ ହେବ ଏବଂ ସରକାରୀ ସହାୟତା କେବେ ମିଳିବ, ଏବେ ତାହାକୁ ଅପେକ୍ଷା କରିଛନ୍ତି ଆନନ୍ଦପୁରର ବନ୍ୟା କ୍ଷତିଗ୍ରସ୍ତ ପରିବାର।

## ୬ ମାସର ପାରିଶ୍ରମିକ ଦାବିରେ ଆଶା କର୍ମୀଙ୍କ ଆନ୍ଦୋଳନ

ଖଡ଼ିଆଳ,୩୧।୮(ସଂଚାର ବ୍ୟୁରୋ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ସମସ୍ତ ଆଶା କର୍ମୀଙ୍କ ୬ ମାସର ଆର୍ଥିକ ସହାୟତା ପ୍ରଦାନ ଦାବିରେ ଆନ୍ଦୋଳନ ଆରମ୍ଭ ହୋଇଛି। ଏଥିସହ ସେମାନେ କାର୍ଯ୍ୟବନ୍ଦ ଡାକରା ଦେଇଛନ୍ତି। ଆଶା କର୍ମୀମାନେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଲୋକାଭିମୁଖୀ କରିବା ପାଇଁ ପ୍ରମୁଖ ଓ ପ୍ରାଥମିକ କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ ଦୈନିକ ୨୫୦ ଟଙ୍କା ହିସାବରେ ମାସିକ ୭,୨୫୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ। ତେବେ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ଆଶା କର୍ମୀଙ୍କ ପାଇଁ ଫଣ୍ଡ ଆସି ନଥିବା ଦର୍ଶାଇ ୬ ମାସ ଧରି ଆର୍ଥିକ ସହାୟତା ପ୍ରଦାନରେ ବିଳମ୍ବ ହୋଇଛି। ବର୍ତ୍ତମାନ ନୂତନ ଭାବେ ଯୋଗଦାନ କରିଥିବା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଡିଡି କ୍ଷମତା ପ୍ରଦାନ କରାଯାଇ ନଥିବାରୁ ଆର୍ଥିକ ସହାୟତା ପ୍ରଦାନରେ ଅଧିକ ବିଳମ୍ବ ହୋଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଆର୍ଥିକ କ୍ଷମତା ପ୍ରଦାନ ପାଇଁ ବିଭାଗ ପକ୍ଷରୁ ପତ୍ରାଳାପ କରାଯାଇଛି। ଖୁବ୍‌ଶୀଘ୍ର ଆଶା କର୍ମୀଙ୍କୁ ବକେୟା ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲୀପ କୁମାର ଦୋରା ପ୍ରକାଶ କରିଛନ୍ତି। ଅପରପକ୍ଷେ, ଆସନ୍ତା ନୂଆଁଖାଇ ପର୍ବ ପାଳନ ପୂର୍ବରୁ ୬ ମାସର ବକେୟା ଆର୍ଥିକ ସହାୟତା ପ୍ରଦାନ ନକଲେ ଆଶା କର୍ମୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ତରଭାରେ ଯୁଗ୍ମ ଅଭିଯୋଗ ଶୁଣାଣି



ସୁବର୍ଣ୍ଣପୁର,୩୧।୮(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳୀନ ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଲଳିତା ଲିଲିମା ବାର୍ଲା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୨୩ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଦରଖାସ୍ତ ଥିଲା। ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ତରଭା ତହସିଲଦାର ସୁଶ୍ରୀ ଶ୍ୱେତାଲିନା ମାହାନା ଉପସ୍ଥିତ ଥିଲେ।

## ଆଞ୍ଚଳିକ ଗୁରୁପୂଜନ ପ୍ରସ୍ତୁତି ବୈଠକ

ବୈଶିଙ୍ଗା,୩୧।୮(ସଂଚାର ବ୍ୟୁରୋ): ଆଞ୍ଚଳିକ ଗୁରୁପୂଜନ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। କମିଟିର ସଭାପତି ସମାଜସେବୀ ପ୍ରକାଶ ବେହେରା ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗୋଲକ ବିହାରୀ ନାଏକଙ୍କ ସ୍ମୃତି କମିଟିରେ ପଢ଼ା ସୁବାସିନୀ ନାୟକ ଯୋଗଦାନ କରି ଆଗାମୀ ୨୧ତମ ଗୁରୁପୂଜନ ଉତ୍ସବକୁ ସଫଳ କରିବାକୁ ସମସ୍ତଙ୍କୁ ନିବେଦନ ଜଣାଇଥିଲେ। ଆଗାମୀ ୫ ସେପ୍ଟେମ୍ବର ବଡ଼ସାହି ଓ ବେତନଟୀରେ ସମସ୍ତ ପ୍ରକାରର ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷକ, ଶିକ୍ଷୟିତ୍ରୀଗଣ ଯୋଗଦାନ କରିବାକୁ ସ୍ଥିରୀକୃତ ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, କମିଟିର ସଂଯୋଜକ ତଥା ସଂପାଦକ ଅରୁଣ କୁମାର ଓତା, ପ୍ରାକ୍ତନ ଶିକ୍ଷକ ନେତା ଜୟନ୍ତ କୁମାର ପଟ୍ଟନାୟକ ଓ ସନ୍ତୋଷ କୁମାର ଖଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଦାରିଙ୍ଗବାଡ଼ି ଅଞ୍ଚଳରେ ଲଘୁଚାପଜନିତ ବର୍ଷା ଜାରି

ଦାରିଙ୍ଗବାଡ଼ି,୩୧।୮(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଅଞ୍ଚଳରେ ଗତ କିଛି ଦିନ ହେଲା ଲଘୁଚାପଜନିତ ବର୍ଷା ଲାଗିରହିଛି। ଦିନରାତି ଝିପିଝିପି ବର୍ଷା ହେଉଥିବା ବେଳେ ବେଳେବେଳେ ପ୍ରବଳ ବର୍ଷା ମଧ୍ୟ ହେଉଛି। ଫଳରେ ଜନଜୀବନ

### ଘନ କୁହୁଡ଼ି ସାଙ୍ଗକୁ କୋହଲା ପବନ

ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷା ସାଙ୍ଗକୁ ଜଙ୍ଗଲ ଓ ଘାଟି ଅଞ୍ଚଳରେ ଘନ କୁହୁଡ଼ି ଆଚ୍ଛାଦିତ ହୋଇପଡ଼ୁଥିବାରୁ ଗାଡ଼ିମୋଟର ଯାତାୟାତରେ ବାଧା ସୃଷ୍ଟି ହେଉଛି। ସେହିପରି ଲଗାଣ ବର୍ଷା ଯୋଗୁଁ ଶୀତର ପ୍ରକୋପ ବୃଦ୍ଧି ପାଇଥିବା ବେଳେ କୋହଲା ପବନ ଯୋଗୁଁ ଥଣ୍ଡାର ପ୍ରଭାବ ଆହୁରି ବଢ଼ିଯାଇଛି। ତେବେ ବର୍ଷାକୁ ଖାତିର ନକରି ଲୋକେ ଜରୁରୀ କାର୍ଯ୍ୟରେ ବଜାରକୁ ଆସିବା ସହ କିଣାବିକା କରୁଛନ୍ତି। ବିଶେଷକରି ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ମହିଳାଙ୍କ ଆକାଉଣ୍ଟକୁ ଅର୍ଥରାଶି ଆସିଥିବାରୁ ଟଙ୍କା ଉଠାଣ ପାଇଁ ବ୍ୟାଙ୍କ ସମେତ ବିଭିନ୍ନ କ୍ଷୁଦ୍ର ବ୍ୟାଙ୍କରେ ମହିଳାଙ୍କ ଭିଡ଼ ଦେଖିବାକୁ ମିଳୁଛି। ସେହିପରି ବର୍ଷା ସତ୍ତ୍ୱେ ବଜାରରେ ମଧ୍ୟ ...



ବିଭିନ୍ନ ଦୋକାନରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଲଗାଣ ବର୍ଷା, ଘନ କୁହୁଡ଼ି ଓ କୋହଲା ପବନ ଯୋଗୁଁ ଦାରିଙ୍ଗବାଡ଼ି ଅଞ୍ଚଳର ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି।

## ଯାନ୍ତ୍ରିକ ତ୍ରୁଟି ପାଇଁ ଦୁର୍ଘଟଣାରୁ ବର୍ତ୍ତିଗଲା ଟ୍ରେନ୍

ବୈଶିଙ୍ଗା -୩୧/୮- ରୂପସା ରୁ ବାଙ୍ଗିରିପୋଷି ଡିଏମ୍ୟୁ ଟ୍ରେନ ନଂ, ୬୮୧୨୭ ଟି ରୂପସା ରୁ ସକାଳ ୯.୪୦ ରେ ଛାଡ଼ି ଯୁଗପୁରା ରେ ନିର୍ଦ୍ଧାରିତ ସମୟରେ ନ ପହଞ୍ଚି ୧୦.୨୦ ରେ ଷ୍ଟେସନ ରେ ପହଞ୍ଚିଥିଲା, ଯେତେବେଳେ ଟ୍ରେନଟି ଛାଡ଼ିଲା ହଠାତ୍ ଆଗକୁ ଯାଇ ପାରିନଥିଲା, ଇଞ୍ଜିନ ରୁ ଏକ ଶବ୍ଦ ବାହାରିଲା ଆଉ ଗାଡ଼ିଟି ଆଗକୁ ବଢ଼ିପାରିଲା ନାହିଁ ଏହି ଡିଏମ୍ୟୁ ଟ୍ରେନ ଟି ଏକ ଘଣ୍ଟାରୁ ଊର୍ଦ୍ଧ ଯୁଗପୁରା ରେ ଛିଡ଼ା ହୋଇ ଥିଲା, ଓ ଟ୍ରେନ ପାଇଲଟ୍ କୁ ପଚାରିବାରୁ ଯାନ୍ତ୍ରିକ ତୃଟି ବୋଲି ଦର୍ଶାଇ ଥିଲେ। ପ୍ରାୟ ଏକ ଘଣ୍ଟା ଧରି ଲୋକ ପାଇଲଟ୍



ଙ୍କ ଚେଷ୍ଟା ଏବଂ କଣ୍ଟ୍ରୋଲ ରୁମ ସୂଚନା ପାଇ ସଜାଡ଼ି ହେବା ଦ୍ୱାରା ଟ୍ରେନ ଟି ଆଗକୁ ବଢ଼ିଥିଲା। ଏହି ଟ୍ରେନ ବେତନୋଟି ଓ ବାରିପଦା ଯାଉଥିବାରୁ ଟ୍ରେନ ବହୁତ ଭିଡ଼ ଥିଲା। ଯାତ୍ରୀ ମାନେ ଚିନ୍ତାରେ ପଡ଼ିଯାଇଥିଲେ। ଟ୍ରେନ ପ୍ଲାଟଫର୍ମ ରେ ଛିଡ଼ା ହୋଇଥିବାରୁ ଯାତ୍ରୀ ମାନଙ୍କର କୌଣସି ଅସୁବିଧା ହୋଇ ନଥିଲା। ଷ୍ଟେସନ ପାଖ ଲୋକେ ଯାତ୍ରୀ ଙ୍କୁ ବହୁତ କରିଥିଲେ। ଯାହା ହେଉ ଶେଷରେ ୧୧ ରେ ଛାଡିଥିଲା ଓ ବାରିପଦାରେ ୧୧.୪୬ ରେ ପହଞ୍ଚିଥିଲା। ଯାତ୍ରୀ ମାନେ ବିଳମ୍ବ ରେ ପହଚିଥିବାରୁ ଆମ୍ଭେ ଦୁଃଖିତ ବୋଲି ରେଳବାଇ ପକ୍ଷରୁ କୁହାଯାଇଥିଲା। ଏଥି ସହିତ ରେଳ ମନ୍ତ୍ରଣାଳୟ, ଖଡଗପୁର ଡିଭିଜନ ତରଫରୁ ରୂପସାରୁ ବାରିପଦା ଶାଖା ରେଳପଥକୁ ତ୍ୱରାନିତ ଯାଞ୍ଚ ପାଇଁ ଯାତ୍ରୀ ମାନେ ଅନୁରୋଧ କରିଥିଲେ। ଲୋକ ପାଇଲଟ ଙ୍କୁ ଯାତ୍ରୀମାନେ ପ୍ରଶଂସା କରିଥିଲେ।

### ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

## ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ ଓ ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱ

ସୁବର୍ଣ୍ଣପୁର,୩୧।୮(ସଂଚାର ବ୍ୟୁରୋ): ଜିଲ୍ଲାପାଳ କାର୍ଯ୍ୟାଳୟର ମିନି କନଫରେନ୍ସ ହଲରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜନ କରାଯାଇଛି। ଏହି ବୈଠକରେ ଜିଲ୍ଲାରେ ଆସନ୍ତା ସେପ୍ଟେମ୍ବର ୨୦୨୬ରୁ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରାଯିବ ଏବଂ ସମସ୍ତଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରାଯିବ। ଏହି ସଚେତନତା କାର୍ଯ୍ୟକ୍ରମ ସମସ୍ତ ବ୍ଲାକ୍ ସ୍ପଟ୍‌ଗୁଡ଼ିକରେ ଆୟୋଜନ କରାଯିବ ଏବଂ ନୂତନ ଉପାୟରେ ସଚେତନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ଶିକ୍ଷା ବିଭାଗକୁ ବିଦ୍ୟାଳୟ ଅଞ୍ଚଳ ସୁରକ୍ଷା ପାଇଁ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି



ଗଠନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗତ ଜୁଲାଇ ମାସରେ ୪ଟି ଦୁର୍ଘଟଣା ଘଟିଛି ଏବଂ ୪ ଜଣଙ୍କ ମୃତ୍ୟୁ ଘଟିଛି। ଗତ ମାସରେ ଉଲୁଣ୍ଡାର ମାଟୁପାଲି ପେଟ୍ରୋଲ ପମ୍ପରେ, ବିନିକାର ଜାମଛାପାଲି କଲଭର୍ଟରେ ଏବଂ ଡୁଙ୍ଗୁରିପାଲିର ଶୁଖା ରାସ୍ତା, ଡୁଙ୍ଗୁରିପାଲିର ଇଚ୍ଛାପୁର ରାସ୍ତାର ପାଣି ଟାଙ୍କି ପାଖରେ ଦୁର୍ଘଟଣା ଘଟିଛି। ସେହିପରି ଜୁଲାଇ ମାସରେ ୭୪୩ଟି ଚାଲାଣ କରାଯାଇଛି ଏବଂ ତନ୍ମଧ୍ୟରୁ ୬୨୪ଟି ଚାଲାଣର ପଇସା ସଂଗ୍ରହ ବାକି ରହିଛି। ଗତ ମାସରେ ୫ ଲକ୍ଷ ୯୬ ହଜାର ୭ ଶହ ୮୫ ଟଙ୍କା ଚାଲାଣ ମାଧ୍ୟମରେ ସଂଗ୍ରହ କରାଯାଇଛି। ଜିଲ୍ଲାରେ ହେଲମେଟ୍ ନ ପିନ୍ଧିବା, ଦ୍ରୁତ ଗତିରେ ଗାଡ଼ି ଚଳାଇବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍ ଚଳାଇବା, ସିଟ୍ ବେଲ୍ଟ ନ ପିନ୍ଧିବା, ମାଲ ପରିବହନ ଯାନରେ ଲୋକମାନଙ୍କୁ ନେବା, ମଦ୍ୟପାନ କରି ଗାଡ଼ି ଚଳାଇବା ଆଦି ପାଇଁ ୪୧୨ଟି ଡ୍ରାଇଭିଙ୍ଗ ଲାଇସେନ୍ସ ରଦ୍ଦ କରାଯାଇଛି।

## ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା

ସୁବର୍ଣ୍ଣପୁର,୩୧।୮(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ 'ବ୍ଲକ ସ୍ତରୀୟ ଗୀତା ଆବୃତ୍ତି' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ପ୍ରଧାନ ଆଚାର୍ଯ୍ୟ ବିଭୁତି ଭୂଷଣ ପଣ୍ଡା ଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ପ୍ରାୟ ୪୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଶ୍ରୀମଦ୍ଭଗବତଗୀତାର ଷଷ୍ଠ ଅଧ୍ୟାୟ ଆବୃତ୍ତି କରିଥିଲେ। ପ୍ରତିଯୋଗୀତା ହୋଇଥିବା ଚାରୋଟି ବର୍ଗ ରେ କ' ବିଭାଗରୁ ସାଶ୍ୱତୀ ସମର୍ପିତା, ନିରୁପମା ମହାନନ୍ଦ, ପ୍ରତ୍ୟୁଷ କୁମାର ଜାଲ,



ଖ' ବିଭାଗରୁ ଶ୍ରୀମୟୀ ମେହେର, ସାଇନା ସାହୁ, ରୀତିକା ବିଶ୍ୱାଳ, ଗ' ବିଭାଗରୁ ନିବେଦିତା ସାହୁ, ଗୋପାଳୀ ଭୁଏ, ଶ୍ରଦ୍ଧାଞ୍ଜଳୀ ମେହେର ଓ ଘ' ବିଭାଗରୁ ଶ୍ରୁତି ପଣ୍ଡା, ପ୍ରୀତି ପଣ୍ଡା, ନିରୁପମା ଦାଶ ପୁରସ୍କୃତ ହୋଇ ଆଗାମୀ ଦିନରେ ସୋନପୁର ଶିଶୁ ବିଦ୍ୟା ମନ୍ଦିରରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୁରୁଜୀ ଅଶ୍ୱିନୀ କୁମାର ନାୟକ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ମୁଖ୍ୟ ଅତିଥି ଭାବେ ସତଲମା ଉଚ୍ଚ ବିଦ୍ୟାଳୟ ର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଗୀତାପ୍ରେମୀ ଶ୍ରୀମାନ ଫଗୁନୁ ଚଉଁର ଓ ଭୀମଟିକ୍ରା ଉଚ୍ଚ ବିଦ୍ୟାଳୟ ର ପୂର୍ବତନ ପ୍ରଧାନ ଶିକ୍ଷକ ସୂର୍ଯ୍ୟଭାନୁ ଦାଶ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟ ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡକ୍ଟର ସୁବାସ ଚନ୍ଦ୍ର ପାତ୍ର ଗୀତାର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ ଓ ଉପସ୍ଥିତ ପ୍ରତିଯୋଗୀମାନଙ୍କୁ ପ୍ରତ୍ୟହ ଗୀତା ଅଧ୍ୟୟନ କରିବାକୁ ପ୍ରେରଣା ଦେଇଥିଲେ। ପ୍ରଜ୍ଞାନ ମିଶନର କାର୍ଯ୍ୟକର୍ତ୍ତା ବାଳଗୋପାଳ ଚାନ୍ଦ ପୁରସ୍କାର ବିତରଣରେ ସାହାଯ୍ୟ କରିଥିଲେ।

### କବି ସଙ୍ଗମ ଅନୁଷ୍ଠାନର ରାମଚରିତ ମାନସ ଆଲୋଚନାଚକ୍ର



ବେତନଟୀ,୩୧।୮(ସଂଚାର ବ୍ୟୁରୋ): ଅଖିଳ ଭାରତ ତ୍ରିଭାଷୀ ସାହିତ୍ୟ ଅନୁଷ୍ଠାନ 'କବି ସଙ୍ଗମ' ଆନୁକୂଲ୍ୟରେ ସ୍ଥାନୀୟ ଶାରଦା ଗୁରୁକୁଳ ଶିକ୍ଷାକେନ୍ଦ୍ର ପରିସରରେ ଗୋସ୍ୱାମୀ ତୁଳସୀ ଦାସ କୃତ ରାମଚରିତ ମାନସ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି।ଏଥିରେ ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ଗଣ ଯୋଗଦାନ କରିଥିଲେ। କବିସଂଗମର ସଭାପତି ଆଶୁକବି ବାସୁଦେବ ନାପିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଂପାଦକ ଡଃ ରମାକାନ୍ତ ମହାନ୍ତ ପରିଚାଳନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତିଙ୍କ ପ୍ରାକ୍ କଥନ ପରେ ସଭାରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ତୁଳସୀଦାସ ଙ୍କ ଆଦ୍ୟଜୀବନ ଓ ରାମଚରିତ ମାନସ ରଚନା ସମ୍ବନ୍ଧିତ ବକ୍ତବ୍ୟ ରଖିଥିଲେ।

### ୧୩୭ ଅଭିଯୋଗ ଶୁଣିଲେ ଅଧିକାରୀ

ଦିଗପହଣ୍ଡି,୩୧।୮(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଦିଗପହଣ୍ଡି ରାଜସ୍ୱ ବଙ୍ଗଳା ସଭାଗୃହ ପରିସରରେ ସୋମବାର ଜିଲା ପୋଲିସ ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବିଡ଼ିଓ ଅନାମିକା ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜନଶୁଣାଣିରେ ଗଞ୍ଜାମ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ନାୟକ, ବ୍ରହ୍ମପୁର ଏସ.ପି ଡି. ଶ୍ରବଣା ବିବେକ ଏମ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ପ୍ରମୁଖ ମଞ୍ଚାସିନ ଥିଲେ। ସହରରେ ଟ୍ରାଫିକ ସମସ୍ୟା,ଧାନ ମଣ୍ଡିରେ ଚାଷୀ ପଞ୍ଜିକରଣ ସମସ୍ୟା,ବିଭିନ୍ନ ବିଦ୍ୟାଳୟର ପରିଚାଳନାଗତ ସମସ୍ୟା ସମେତ କୋଟିନଡ଼ା ଗ୍ରାମର ଗାଡ଼ି ଚାଳକ ବାପୁଜୀ ସ୍ୱାଇଁ ହତ୍ୟା ମାମଲା ରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ସମେତ ଦିଗପହଣ୍ଡି ବ୍ଲକ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୧୩୭ ଜଣ ସେମାନଙ୍କ ବ୍ୟକ୍ତିଗତ ଏବଂ ଗ୍ରାମର ସାମୂହିକ ସମସ୍ୟା ପୋଲିସ ପ୍ରଶାସନିକ ଅଧିକାରୀ ବୃନ୍ଦ ଶୁଣିବା ପରେ ଖୁବଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ନିଶାମୁକ୍ତ ଓ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ

କେସିଙ୍ଗା,୩୧।୮(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଆଦର୍ଶ ଥାନା ପକ୍ଷରୁ ଉତ୍‌କେଲା ଫାଣ୍ଡି ଅଧୀନସ୍ଥ କିକିଆ ଗ୍ରାମରେ ନିଶାମୁକ୍ତ ଅଭିଯାନ ଓ ସାଇବର କ୍ରାଇମ୍ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କେସିଙ୍ଗା ଆଦର୍ଶ ଥାନା ଆଇଆଇସି ଜିତେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରାମାଞ୍ଚଳରେ ନିଶାସେବନ ଦୂର କରିବା ସହ ସାଇବର ଠକେଇ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆଇଆଇସି ଜିତେନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନିଶାସେବନ ଯୋଗୁଁ ଗରିବ ପରିବାରଗୁଡ଼ିକରେ ଆର୍ଥିକ ସମସ୍ୟା ସୃଷ୍ଟି ହେବା ସହ ପରିବାର ପ୍ରତିପୋଷଣରେ ବାଧା ଉପୁଜୁଥିବା କୁହାଯାଇଥିଲା। ଏଥିସହ ପିଲାମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବା ସହ ସ୍ୱାସ୍ଥ୍ୟ ଓ ସାମାଜିକ ଜୀବନରେ ମଧ୍ୟ ବିଭିନ୍ନ ସମସ୍ୟା ଦେଖାଦେଉଥିବା ସମ୍ପର୍କରେ ସଚେତନ କରାଯାଇଥିଲା। ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଆଇଆଇସି ବିଶ୍ୱାଳ ମହିଳା, ଯୁବତୀ-ଯୁବକ ଓ ପରିବାରର ମୁରବିମାନଙ୍କୁ ସଚେତନ କରିଥିଲେ। କେସିଙ୍ଗା ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ନିଶା ବିରୋଧରେ ଲୋକଙ୍କୁ ସଚେତନ କରାଯାଉଥିବା ମଧ୍ୟ ସେ କହିଥିଲେ। ଏହା ସହିତ ସାଇବର କ୍ରାଇମ୍ ଓ ଅନଲାଇନ୍ ଠକେଇ ସମ୍ପର୍କରେ ମଧ୍ୟ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା।

## ମେରଦା ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ



ବୈଶିଙ୍ଗା,୩୧।୮(ସଂଚାର ବ୍ୟୁରୋ): ମେରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଳତୀ ହେମ୍ବ୍ରମ ସଭାପତି ଭାବେ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ମନୋରଞ୍ଜନ ଦାସ, କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡ. ମନ୍ଦାକିନୀ ସାହୁ ମୁଖ୍ୟବକ୍ତା ଓ ସରକାରୀ ଉଚ୍ଚ ବିଦ୍ୟାଳୟ ମେରଦାର ହିନ୍ଦୀ ଶିକ୍ଷକ ମନୋଜ କୁମାର ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ସମସ୍ତ ଅତିଥି ସଂସ୍କୃତଭାଷାର ବ୍ୟାବହାରିକ ଦିଗ ସମ୍ପର୍କରେ ସୁନ୍ଦର ତଥ୍ୟ ଉପସ୍ଥାପନ କରିଥିଲେ। ଶ୍ରୀମଦ୍ ଭଗବତ୍ ଗୀତାର ମାହାତ୍ମ୍ୟ, ଲୋକମାନଙ୍କ ଚଳଣିରେ ସଂସ୍କୃତର ବ୍ୟାପକତାକୁ ଅତିଥିଗଣ ନିଖୁଣ ଭାବରେ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପ୍ରିୟନାଥ ପାଣି ବେଦପାଠ, ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଇତ୍ୟବସରରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଗଣ ପ୍ରମାଣପତ୍ର ଓ ଉପହାର ପ୍ରଦାନ କରିଥିଲେ।

## ମାଟିରେ ମିଶିଲା ୩ ମଦ ଆଡ୍ଡା

କାକଟପୁର /ଅସ୍ତରଙ୍ଗ,୩୧।୮(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ରାମଚଣ୍ଡୀ ଆକାଶରେ ସୋମବାର ଗୋଟିଏ ନୂଆ ନାରା ଗୁଞ୍ଜରିତ ହେଉଛି - ମମତା ମାଡାମ ଜିନ୍ଦାବାଦ! ଯେଉଁ ମଦ ମାଫିଆ ସାମ୍ନାରେ ପୁରା ଗାଁ ମୁଣ୍ଡ ନୁଆଁଇ ଦେଇଥିଲା, ଯାହା ଆଗରେ ବଡ ବଡ ଲୋକେ ଚୁପ୍ ଥିଲେ, ସେମାନଙ୍କ ସାମ୍ନାରେ ଜଣେ ମହିଳା ଦୁର୍ଗା ହୋଇ ଛିଡା ହୋଇଛନ୍ତି। ସେ ହେଉଛନ୍ତି ରାମଚଣ୍ଡୀ ଥାନା ଅଧିକାରିଣୀ ମମତା ବିଶ୍ୱାଳ। ସୋମବାର ତାଙ୍କ ନେତୃତ୍ୱରେ ଯାହା ହେଲା, ତାହା ରାମଚଣ୍ଡୀ ଇତିହାସରେ ଲେଖା ହୋଇ ରହିବ। କାହାଣୀ ବହୁତ ଲମ୍ବା। ରାମଚଣ୍ଡୀ ଥାନା ଅଞ୍ଚଳରେ ଶ୍ୟାମସୁନ୍ଦର ସାହୁ, ମମତା ସାହୁ, ଲିଲି ମଲ୍ଲିକ - ଏହି ତିନି ନାଁ ଆତଙ୍କ ସୃଷ୍ଟି କରିଥିଲେ। ଜଣେ ଦୋକାନ ଆଢୁଆଳରେ, ଅନ୍ୟ ଦୁଇ ଜଣ ଘର ଭିତରେ ଦେଶୀ-ବିଦେଶୀ ମଦର ବେଆଇନ ସାମ୍ରାଜ୍ୟ ଚଲାଇଥିଲେ। ତାଙ୍କ ନାମରେ ପୂର୍ବରୁ ଅନେକ ମାମଲା ଥିଲେ ମଧ୍ୟ କେହି ଛୁଇଁ ପାରୁ ନ ଥିଲେ। ଫଳରେ ଗାଁର ଯୁବ ପିଢି ବରବାଦ ହେଉଥିଲା। ପ୍ରତି ଘରେ ମା'ର ଆଖିରେ ଲୁହ। ସ୍ଥାନୀୟ ମହିଳା ଓ ଯୁବକମାନେ ବାରମ୍ବାର ଅଭିଯୋଗ କରୁଥିଲେ। ଶେଷରେ ସବୁ ମା' ମିଶି ମମତା ମାଡାମଙ୍କ ପାଖକୁ ଗଲେ। ମମତା ମାଡାମ କଥା ଦେଲେ - 'ଆପଣ ଚିନ୍ତା କରନ୍ତୁନି, ମୁଁ ଅଛି, ଆପଣଙ୍କ ପୁଅକୁ ମୁଁ ବଞ୍ଚାଇବି।' ଆଉ



ସୋମବାର ମଧ୍ୟାହ୍ନରେ ଇତିହାସ ହୋଇଗଲା! ଗୋପ ତହସିଲଦାର ଜୟ ସୂର୍ଯ୍ୟକାନ୍ତ ଦାଶଙ୍କ ନେତୃତ୍ୱରେ, ଅବକାରୀ ବିଭାଗ ଓ ପୋଲିସ ଫୋର୍ସ ସହ ମମତା ବିଶ୍ୱାଳ ନିଜେ ବୁଲଡୋଜର ଆଗରେ ଠିଆ ହେଲେ। ତିନିଟି ସ୍ଥାନରେ ଏକା ସାଙ୍ଗରେ ଚଢ଼ାଉ। ପ୍ରଥମେ ଶ୍ୟାମସୁନ୍ଦରର ଅବୈଧ ଦୋକାନ ମାଟିରେ ମିଶିଲା, ପରେ ମମତା ଓ ଲିଲିଙ୍କ ମଦ ଗୋଦାମ ଭାଙ୍ଗିଲା। ଘଟଣା ସ୍ଥଳରୁ ବିପୁଳ ଦେଶୀ-ବିଦେଶୀ ମଦ ଜବତ ହେଲା। ସବୁଠୁ ବଡ କଥା ହେଲା, ସେ ଅଫିସରେ ବସି ଅର୍ଡର ଦେଇ ନାହାନ୍ତି। ଖରା, ଧୂଳିରେ ନିଜେ ଠିଆ ହୋଇ ପୁରା ଅପରେସନକୁ ଲିଡ୍ କରିଛନ୍ତି। ପୁରୁଷ ପୋଲିସ ଯେଉଁଠି ପଛ ଘୁଞ୍ଚା ଦେଉଥିଲେ, ସେଠି ମମତା ମାଡାମ ସିଂହନୀ ପରି ଗର୍ଜିଛନ୍ତି। ତେଣୁ ଆଜି ରାମଚଣ୍ଡୀର ପ୍ରତି ମା' କହୁଛି - ମମତା ନୁହେଁ, ସେ ଆମ ଝିଅ, ଆମ ଦୁର୍ଗା।

## ପଞ୍ଚାୟତ ସମିତି ଯୁଗ୍ମ ଅଭିଯୋଗ ଶୁଣାଣି



ବଲାଙ୍ଗୀର,୩୧।୮ (ସଂଚାର ବ୍ୟୁରୋ): ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ଦେଓଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଗୌରଭ୍ ଶିଭାଜୀ ଇସଲୱାର ଏବଂ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଭିନ୍ନ ଗାଁରୁ ଆସିଥିବା ଲୋକମାନେ ନିଜ ନିଜ ସମସ୍ୟା ଉପସ୍ଥାପନ କରିଥିଲେ। ଏହି ଶିବିରରେ ମୋଟ ୨୯ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଛି। ତନ୍ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୨୬ଟି ଏବଂ ସାମୂହିକ ୩ ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ୦୨ ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି।

## ଧାନ ବିକ୍ରି ପଞ୍ଜୀକରଣ ପାଇଁ ପାକ୍ସରେ ଚାଷୀଙ୍କ ଭିଡ଼

ଅମରପାଲି,୩୧।୮(ସଂଚାର ବ୍ୟୁରୋ): ଚାଷ ଓ ଚାଷୀଙ୍କ ଜିଲା ସୁବର୍ଣ୍ଣପୁର। ଜିଲାର ଅଧିକାଂଶ ଧାନ ଚାଷ କରନ୍ତି। ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ଏବେ ଚାଷୀ ପଞ୍ଜୀକରଣ ଯୋରଦାର ଭାବେ ଚାଲିଛି। ଚଳିତବର୍ଷ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ଧାନ କ୍ରୟ ପ୍ରକ୍ରିୟାରୁ ବାଦ ଦିଆଯିବା ପରେ ବ୍ଲକର ସମୁଦାୟ ୧୧ ପ୍ରାଥମିକ କୃଷି ସେବା ସମବାୟ ସମିତି (ପାକ୍ସ) ମାଧ୍ୟମରେ ଧାନ କ୍ରୟ କରାଯିବ। ଏଥିପାଇଁ ବର୍ତ୍ତମାନ ବିଭିନ୍ନ ପାକ୍ସରେ ଚାଷୀଙ୍କ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରାଯାଉଛି। ବ୍ଲକର ହିଲୁଙ୍ଗ, ଉଫୁଲା, ମୁର୍ଷୁଣ୍ଡୀ, ବାଗବର, ଜଟେସିଂହା, ସୁବଳୟା, ପିତାମହୁଲ, ଖଣ୍ଡହତା, କେନଝିରିଆପାଲି, ବହଳପଦର ଓ



ଦୁର୍ଜନତୈଲା ପାକ୍ସରେ ଚାଷୀମାନଙ୍କ ପଞ୍ଜୀକରଣ କାର୍ଯ୍ୟ ଚାଲିଛି। ଗତବର୍ଷ ବ୍ଲକର ଏହି ସମସ୍ତ ପାକ୍ସରେ ୮,୮୯୧ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ଚଳିତବର୍ଷ ରବିବାର ସୁଦ୍ଧା ୧୦, ୫୨୯ ଚାଷୀ ପଞ୍ଜୀକରଣ କରିସାରିଥିବା ଜଣାପଡ଼ିଛି। ଅର୍ଥାତ୍ ଗତବର୍ଷ ତୁଳନାରେ ଚଳିତବର୍ଷ ଏପର୍ଯ୍ୟନ୍ତ ଅଧିକ ସଂଖ୍ୟକ ଚାଷୀ ପଞ୍ଜୀକରଣ କରିଛନ୍ତି। ପାକ୍ସୱାରୀ ପଞ୍ଜୀକରଣ ତଥ୍ୟ ଅନୁସାରେ ହିଲୁଙ୍ଗରେ ୧୨୭୨ ଚାଷୀ, ଉଫୁଲାରେ ୭୨୮ ଚାଷୀ, ମୁର୍ଷୁଣ୍ଡୀରେ ୧୪୧୧ ଚାଷୀ, ବାଗବରରେ ୭୫୪ ଚାଷୀ, ଜଟେସିଂହାରେ ୮୬୧ ଚାଷୀ, ସୁବଳୟାରେ ୬୦୦ ଚାଷୀ, ପିତାମହୁଲରେ ୧୧୧୬ ଚାଷୀ, ଖଣ୍ଡହତାରେ ୧୦୩୨ ଚାଷୀ, କେନଝିରିଆପାଲିରେ ସର୍ବାଧିକ ୧୪୩୪ ଚାଷୀ, ବହଳପଦରରେ ୮୪୯ ଚାଷୀ ଏବଂ ଦୁର୍ଜନତୈଲାରେ ୪୪୨ ଚାଷୀ ପଞ୍ଜୀକରଣ କରିଛନ୍ତି। ତେବେ ପଞ୍ଜୀକରଣ ପ୍ରକ୍ରିୟାରେ ସର୍ଭର ସମସା ଚାଷୀ ଓ ପାକ୍ସ କର୍ମଚାରୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିଲା। ବିଶେଷକରି ଦିନବେଳା ସର୍ଭର ଡାଉନ ରହୁଥିବାରୁ ପଞ୍ଜୀକରଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ଫଳରେ ଅନେକ ପାକ୍ସରେ କର୍ମଚାରୀମାନେ ରାତି ୧ଟାରୁ ୨ଟା ପର୍ଯ୍ୟନ୍ତ ଜାଗି ଚାଷୀଙ୍କ ପଞ୍ଜୀକରଣ କରୁଥିବା ଖବର ମିଳିଥିଲା। ଖଣ୍ଡହତା ଗ୍ରାମର ଚାଷୀ ମଧୁସୂଦନ ମହାକୁର କହିଛନ୍ତି, ପୂର୍ବରୁ ପାକ୍ସ ସମେତ ବିଭିନ୍ନସ୍ଥାନରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ମଧ୍ୟ ଧାନ କ୍ରୟ କରିବା ପାଇଁ ଅନୁମତି ମିଳିଥିଲା।